# ଧରିତ୍ରୀ
DHARITRI

50 Years

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୨୪/୨୦୨୪ (୧୮ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, August 24/2024 | Page 18 | ₹ 7.00

୫୦ଶ ଭାଗ ୨୭୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 270 | ମୂଲ୍ୟ ₹୭/-





**ପ୍ଲାଷ୍ଟିକ ସର୍ଜରୀ କରି ଟ୍ରୋଲ ହେଲେ ଆୟେଶା**

ବଲିଉଡ୍ ଅଭିନେତ୍ରୀ ଆୟେଶା ଟାକିଆ ପ୍ଲାଷ୍ଟିକ ସର୍ଜରୀ କରି ମୁହଁରେ ପରିବର୍ତ୍ତନ ଆଣିଥିବାରୁ ସୋସିଆଲ ମିଡିଆରେ ଟ୍ରୋଲ ହୋଇଛନ୍ତି। **୧୪**

**୧୬** **ପାରାଲିମ୍ପିକ୍ସରେ ଟ୍ରାନ୍ସଜେଣ୍ଡର ଭାଲେଣ୍ଟିନା**

ପ୍ୟାରିସ ପାରାଲିମ୍ପିକ୍ସରେ ପ୍ରଥମ ମହିଳା ଟ୍ରାନ୍ସଜେଣ୍ଡର ଆଥଲେଟ ଭାବେ ଅଂଶଗ୍ରହଣ କରିବେ ଇଟାଲୀର ଭାଲେଣ୍ଟିନା ପେଟ୍ରିଲୋ।






ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କିଭ୍ ଗସ୍ତରେ ଥିବାବେଳେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କିଙ୍କ ସହ ଆଲିଙ୍ଗନ ବେଳର ଦୃଶ୍ୟ। (ରିପୋର୍ଟ: ପୃଷ୍ଠା-୨)

# ସୁଭଦ୍ରା: ବର୍ଷକୁ ୧୦ ହଜାର

**୨୦୨୪ ନିର୍ବାଚନ ବେଳେ ଭାରତୀୟ ଜନତା ପାର୍ଟି (ଭାଜପା) ନିର୍ବାଚନୀ ଇସ୍ତାହାରରେ ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା ବିଷୟରେ ଉଲ୍ଲେଖ କରିଥିଲା। ସରକାର ଗଠନର ୨ ମାସ ପରେ ଶୁକ୍ରବାର ଏ ସଂକ୍ରାନ୍ତ ଷ୍ଟାଣ୍ଡାର୍ଡ ଅପେରେଟିଂ ପ୍ରୋସିଜିଓର (ଏସ୍ଓପି) ଆସିଛି।**

## ଆସିଲା ଏସ୍ଓପି

- ରାଖୀ ପୂର୍ଣ୍ଣିମା, ଅନ୍ତର୍ଜାତୀୟ ମହିଳା ଦିବସରେ ମିଳିବ
- ସ୍ୱଚ୍ଛଳ, ସରକାରୀ ଚାକିରିଆ, ଆୟକରଦାତା ବାଦ୍ ପଡ଼ିବେ

ଭୁବନେଶ୍ୱର,୨୩।୮ (ଅନିଲ ଦାସ)

ରାଜ୍ୟ ସରକାର ସୁଭଦ୍ରା ଯୋଜନାରେ ମହିଳା ହିତାଧିକାରୀଙ୍କୁ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏ ହାତଖର୍ଚ୍ଚ ଯୋଗାଇଦେବେ। ପ୍ରତିବର୍ଷ ରାଖୀ ପୂର୍ଣ୍ଣିମା ଓ ଅନ୍ତର୍ଜାତୀୟ ମହିଳା ଦିବସରେ ୨ଟି କିସ୍ତିରେ ଏହି ଟଙ୍କା ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବ। ସେମାନେ ନିଜ ଇଚ୍ଛାରେ ଏହି ଟଙ୍କା ଖର୍ଚ୍ଚ କରିପାରିବେ। 'ସୁଭଦ୍ରା' ଯୋଜନାର ଗାଇଡ୍‌ଲାଇନକୁ ଗୁରୁବାର ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଏ ନେଇ ବିଧାନସଭାରେ ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ 'ସୁଭଦ୍ରା' ଯୋଜନା ସମ୍ପର୍କରେ ସୂଚନାଦେଇ କହିଛନ୍ତି, ଆର୍ଥିକ ସ୍ୱଚ୍ଛଳ ବର୍ଗର ମହିଳା, ସରକାରୀ ଚାକିରି କରୁଥିବା ମହିଳା ଓ ଆୟକର ପ୍ରଦାନ କରୁଥିବା ମହିଳାମାନଙ୍କୁ ଏହି ଯୋଜନାରୁ ବାଦ୍ ଦିଆଯିବ। ରାଜ୍ୟର ୨୧ ବର୍ଷରୁ ଅଧିକ ଓ ୬୦ବର୍ଷରୁ କମ୍ ସମସ୍ତ ଯୋଗ୍ୟ ମହିଳା ଏହି ଟଙ୍କା ପାଇପାରିବେ। ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ମହିଳା ବର୍ଷକୁ ଏହି ୧୦ହଜାର ଟଙ୍କା ଲେଖାଏ ହାତ ଖର୍ଚ୍ଚ ଚଳିତ ଆର୍ଥିକବର୍ଷରୁ ପାଇବେ। ୫ ବର୍ଷରେ ଜଣେ ଯୋଗ୍ୟ ମହିଳା ହିତାଧିକାରୀ ୫୦ ହଜାର ଟଙ୍କା ପାଇବେ। ସହାୟତା ପ୍ରଦାନରେ ସ୍ୱଚ୍ଛତା ଆଣିବା ପାଇଁ ଆଧାର ପେମେଣ୍ଟ ବ୍ରିଜ୍ ସିଷ୍ଟମ (ଏପିବିଏସ୍) ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର (ଡିବିଟି) ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ। ଏହାସହିତ ହିତାଧିକାରୀମାନଙ୍କୁ 'ସୁଭଦ୍ରା' ଡେବିଟ୍ କାର୍ଡ ମଧ୍ୟ ଦିଆଯିବ। ସେହିପରି ଡିଜିଟାଲ କାରବାରକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତ ଓ ସହରାଞ୍ଚଳରେ ସର୍ବାଧିକ ପରିମାଣର ଡିଜିଟାଲ କାରବାର କରିଥିବା ୧୦୦ ହିତାଧିକାରୀଙ୍କୁ ଚିହ୍ନଟ କରି ଅତିରିକ୍ତ ୫୦୦ଟଙ୍କା ପ୍ରୋତ୍ସାହନ ରାଶି ଦିଆଯିବ।

ଅଗଷ୍ଟ ୨୨ରେ ରାଜ୍ୟ କ୍ୟାବିନେଟ୍ ବୈଠକରେ 'ସୁଭଦ୍ରା' ଯୋଜନାକୁ ଚଳିତ ୨୦୨୪-୨୫ ଆର୍ଥିକବର୍ଷରୁ ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବା ନେଇ ନିଷ୍ପତ୍ତି ହୋଇଛି। ୨୦୨୮-୨୯ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନା ପାଇଁ ମୋଟ ୫୫ ହଜାର ୮୨୫ କୋଟିର ବଜେଟ ଧାର୍ଯ୍ୟ ହୋଇଛି। ଏହି ଯୋଜନାରେ ରାଜ୍ୟର ୧ କୋଟିରୁ ଅଧିକ ମହିଳାଙ୍କ ଜୀବନରେ ପରିବର୍ତ୍ତନ ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାର ଅନ୍ତ୍ୟୋଦୟରେ ବିଶ୍ୱାସ କରନ୍ତି। ଆର୍ଥିକ ସ୍ୱଚ୍ଛଳ ବର୍ଗର ମହିଳା, ସରକାରୀ ଚାକିରି କରୁଥିବା ମହିଳା ଓ ଆୟକର ପ୍ରଦାନ କରୁଥିବା ମହିଳାମାନଙ୍କୁ ଏହି ଯୋଜନାରୁ ବାଦ୍ ଦିଆଯିବ। ସେହିପରି କୌଣସି ଯୋଜନାରେ ଯଦି କେହି ମହିଳା ମାସିକ ୧୫୦୦ଟଙ୍କା ଅବା ତଦୂର୍ଦ୍ଧ୍ୱ ସହାୟତା ଅଥବା ବାର୍ଷିକ ୧୮ହଜାର ଟଙ୍କାରୁ ଅଧିକ ସହାୟତା ରାଶି ପାଉଥିବେ ତା'ହେଲେ ସୁଭଦ୍ରା ଯୋଜନା ପାଇଁ ସେ ଯୋଗ୍ୟ ବିବେଚିତ ହେବେନାହିଁ।

ଏହି ଯୋଜନାରେ ସାମିଲ ହେବା ପାଇଁ ମହିଳାମାନେ ଅଙ୍ଗନୱାଡି କେନ୍ଦ୍ର, ବ୍ଲକ କାର୍ଯ୍ୟାଳୟ, ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ର ଆଦିରେ ମାଗଣାରେ ଉପଲବ୍ଧ ଫର୍ମ ପୂରଣ କରି ଆବେଦନ କରିପାରିବେ। ସୁଭଦ୍ରା ଯୋଜନା ପାଇଁ ଏକ କଲ୍ ସେଣ୍ଟର ମଧ୍ୟ କାର୍ଯ୍ୟକ୍ଷମ ହେବ।

ଏହି ଯୋଜନାକୁ କାର୍ଯ୍ୟକାରୀ ଓ ତଦାରଖ କରିବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ଏକ 'ସୁଭଦ୍ରା ସୋସାଇଟି' ଗଠନ କରାଯିବ। ସୁଭଦ୍ରା ଯୋଜନାର ଶୁଭାରମ୍ଭ ଯଥାଶୀଘ୍ର ☞ପୃଷ୍ଠା-୪

## ମାଟ୍ରିକ୍ ସପ୍ଲିମେଣ୍ଟାରି, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାଫଳ ପ୍ରକାଶିତ

କଟକ,୨୩।୮ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। କୃତକାର୍ଯ୍ୟ ପରୀକ୍ଷାର୍ଥୀଙ୍କ ପାସ୍‌ହାର ୫୫.୪% ହୋଇଛି। ପରୀକ୍ଷାର୍ଥୀମାନେ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରୁ ପରୀକ୍ଷାଫଳ ଡାଉନ୍‌ଲୋଡ୍ କରିପାରିବେ। ରାଜ୍ୟରୁ ମୋଟ୍ ୭୯୬ ଜଣ ଛାତ୍ରୀଛାତ୍ର ☞ପୃଷ୍ଠା-୪

# ଡ୍ୟାନ୍ସ ବାର୍ ବନ୍ଦ ହେବ

## ଆସିବ ନୂଆ ଅବକାରୀ ନୀତି

ଭୁବନେଶ୍ୱର,୨୩।୮ (ଅନିଲ ଦାସ)

ଓଡ଼ିଆ ଅସ୍ମିତାକୁ ଦୃଷ୍ଟିରେ ରଖି ସରକାର ରାଜ୍ୟରେ ଡ୍ୟାନ୍ସ ବାର୍ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ସ୍କୁଲ, କଲେଜ, ମନ୍ଦିର ପାଖରେ ମଦ ଦୋକାନ ରହିବ ନାହିଁ। ଶୁକ୍ରବାର ବିଧାନସଭା ମୁଲତବୀ ଆଲୋଚନାର ଜବାବରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି, ଅନ୍ୟ ରାଜ୍ୟର ଅବକାରୀ ନୀତିର ତର୍ଜମା କରାଯିବ। ଓଡ଼ିଆ ଅସ୍ମିତାକୁ ନେଇ ନୂଆ ଅବକାରୀ ନୀତି ଅଣାଯିବ। ଚୋରା ମଦ କାରବାର ନେଟୱର୍କର ମୂଳୋତ୍ପାଟନ ହେବ। ସରକାରୀ ଜାଗାରେ ବେଆଇନ ମଦଭାଟି ଉପରେ ବୁଲ୍‌ଡୋଜର ଚାଲିବ। ମଦ ମାଫିଆ କାହା ପ୍ରୋତ୍ସାହନରେ ବେଆଇନ କାର୍ଯ୍ୟରେ ଲିପ୍ତ ରହୁଛନ୍ତି, ସେହି ନେଟୱର୍କକୁ ଚୂରମାର କରାଯିବ। ବର୍ଷକ ଭିତରେ ବେଆଇନ ମଦ କାରବାର ବନ୍ଦ କରାଯିବ। ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଅବକାରୀ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

# ଘର ମାଲିକ ଦେଉନାହାନ୍ତି ତଥ୍ୟ

ଭୁବନେଶ୍ୱର,୨୩।୮ (ସତ୍ୟଜିତ୍ ରାଉତ)

ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱରକୁ ନିରାପଦ ସ୍ଥାନ ଭାବେ ବାଛି ନେଇଛନ୍ତି ଅପରାଧୀ। ଏହି ଦୁଇ ସହରରେ ଘର ଭଡ଼ା ନେଇ ଆପରାଧିକ ନେଟ୍‌ୱର୍କ ଚଳାଉଛନ୍ତି। ଏଥିପାଇଁ କମିଶନରେଟ ପୋଲିସ ପରୋକ୍ଷରେ ସୁଯୋଗ ଦେଉଥିବା ଅଭିଯୋଗ ହେଉଛି। ପୋଲିସର ଢିଲାପଣ ପାଇଁ ଘର ମାଲିକ ଭଡ଼ାଟିଆଙ୍କ ତଥ୍ୟ ଦେଉନାହାନ୍ତି। ଅପରାଧୀମାନେ ପରିଚୟ ଲୁଚାଇ ଆଡ୍ଡା ଜମାଉଛନ୍ତି। ଜଣାପଡିବା ବେଳକୁ ନେଡିଗୁଡ଼ କହୁଣିକୁ ବୋହିଯିବା ସ୍ଥିତି ଉପୁଜୁଛି। ନିକଟରେ ଜବତ ହୋଇଥିବା ସନ୍ଦିଗ୍ଧ ସିମ୍‌ବକ୍ସ ମାମଲାରେ ଗିରଫ ବଙ୍ଗୀୟ ଏଜେଣ୍ଟ ରାଜୁ ମଣ୍ଡଳ ଭୁବନେଶ୍ୱର ଓ କଟକରେ ରହି ୧୦ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଆତଙ୍କୀ ନେଟ୍‌ୱର୍କ ଚଳାଉଥିଲେ। ଏହି ନେଟ୍‌ୱର୍କର ମାଷ୍ଟରମାଇଣ୍ଡ୍ କୁହାଯାଉଥିବା ବାଂଲାଦେଶର ଆଶାଦ୍ଦୁର ଜମାନ ମଧ୍ୟ ଓଡ଼ିଶା ଆସି କିଛିଦିନ ରହିଥିଲେ। ହେଲେ ପୋଲିସ ଏହାର ସାମାନ୍ୟତମ ସୁରାକ ପାଇପାରି ନ ଥିଲା। ଏମାନଙ୍କ ଭଳି ବହୁ ଅପରାଧୀ ନିଜ ପରିଚୟ ଲୁଚାଇ ଘରଭଡ଼ା ନେଇ ରହୁଥିଲେ ମଧ୍ୟ ପୋଲିସ ଆଦୌ ମୁଣ୍ଡ ଖେଳାଉନାହିଁ। ତେବେ ସିମ୍‌ବକ୍ସ ର୍‍ୟାକେଟର ଗୁମର ପଦାକୁ ଆସିବା ପରେ କମିଶନରେଟ୍ ପୋଲିସର ଢିଲା ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ସିମ୍ ବକ୍ସ ମିଳିଥିବା ଦୁଇ ଭଡ଼ାଘରର ମାଲିକ ଭଡ଼ାଟିଆଙ୍କ ତଥ୍ୟ ଥାନାକୁ ଦେଇ ନ ଥିଲେ ମଧ୍ୟ ପୋଲିସ ଏଯାଏ ସେମାନଙ୍କ ଉପରେ ପଦକ୍ଷେପ ନେଇନାହିଁ। କମିଶନରେଟ ପୋଲିସର ଏପରି ଆଭିମୁଖ୍ୟ ପାଇଁ କେବଳ ଭୁବନେଶ୍ୱର କି ☞ପୃଷ୍ଠା-୪







**ଆଜିର ସମ୍ପାଦକୀୟ**

ସିବିଆଇରେ ଆଇଆର୍‌ଏସ୍ ଅଧିକାରୀ




ପୁଣେରୁ ଆସିଥିବା ଦୁଇ ପୁରୁଷ ଓ ଜଣେ ମହିଳା ଶ୍ରଦ୍ଧାଳୁ ୨୫ କେ.ଜି. ଓଜନର ସୁନା ଗହଣା ପିନ୍ଧି ଶୁକ୍ରବାର ଆନ୍ଧ୍ରପ୍ରଦେଶ ତିରୁପତିର ତିରୁମାଲା ଭେଙ୍କଟେଶ୍ୱରଙ୍କ ଦର୍ଶନ କରୁଛନ୍ତି।

## ଏୟାର ଇଣ୍ଡିଆକୁ ୯୦ ଲକ୍ଷ ଜରିମାନା

ନୂଆଦିଲ୍ଲୀ,୨୩।୮

ବେସରକାରୀ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଟାଟା ଗ୍ରୁପ୍ ମାଲିକାନାରେ ଥିବା ଏୟାରଇଣ୍ଡିଆ ଉପରେ ୯୦ ଲକ୍ଷ ଟଙ୍କା ଜରିମାନା ଲଗାଇଛି। ଯୋଗ୍ୟତା ନ ଥିବା ପାଇଲଟ ବିମାନ ଉଡ଼ାଉଥିବା ତଦନ୍ତରୁ ଜଣାପଡ଼ିବା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହା ବ୍ୟତୀତ ଏୟାର ଇଣ୍ଡିଆର ନିର୍ଦ୍ଦେଶକ (ଅପରେଶନ୍ସ) ପଙ୍କୁଲ ମାଥୁର ଏବଂ ନିର୍ଦ୍ଦେଶକ (ଟ୍ରେନିଂ) ମନୀଷ ବାସବଦାଙ୍କୁ ଯଥାକ୍ରମେ ୬ ଲକ୍ଷ ଓ ୩ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଏୟାର ଇଣ୍ଡିଆ ଲିଃ ଜଣେ ନନ୍‌ଟ୍ରେନର ଲାଇନ କ୍ୟାପ୍‌ଟେନ ଓ ଜଣେ ନନ୍-ଲାଇନ ରିଲିଜ୍‌ଡ ଫାଷ୍ଟ ଅଫିସରଙ୍କ କମାଣ୍ଡରେ ବିମାନ ଚଳାଉଥିଲା। ଏହା ନିରାପତ୍ତାର ☞ପୃଷ୍ଠା-୪



## ସଂକ୍ଷେପରେ

### ଦିଲ୍ଲୀ ରାସ୍ତାରେ ବର୍ଷାଜଳ: ନାବାଳକ ବୁଡ଼ିଗଲେ

ନୂଆଦିଲ୍ଲୀ,୨୩।୮(ପି.ଟି.)

ଦିଲ୍ଲୀର କେତେକ ଅଞ୍ଚଳରେ ଶୁକ୍ରବାର ପ୍ରବଳ ବର୍ଷା ହୋଇଥିବାବେଳେ ଚାଣକ୍ୟପୁରୀ ଅଞ୍ଚଳରେ ଥିବା ଦି ବ୍ରିଟିଶ ସ୍କୁଲ୍ ନିକଟରେ ରାସ୍ତା ଉପରେ ବର୍ଷାଜଳର ସୁଅ ଛୁଟିଥିଲା। ଏହି ବର୍ଷାଜଳରେ ଜଣେ ୧୫ ବର୍ଷର ବାଳକ ବୁଡ଼ିଯାଇଛନ୍ତି। ମୃତ ସୌରଭ ସ୍ଥାନୀୟ ବିବେକାନନ୍ଦ କ୍ୟାମ୍ପରେ ପରିବାର ସହ ରହୁଥିବଲେ। ସେ କେତେକ ସାଙ୍ଗଙ୍କ ସହ ଜମିରହିଥିବା ପାଣିରେ ଖେଳୁଥିବାବେଳେ ଏକ ଖାଲରେ ଫସିଯାଇଥିଲେ। ପରିବାର ସଦସ୍ୟ ପହଞ୍ଚି ତାଙ୍କୁ ସେଠାରୁ ଉଦ୍ଧାର କରିବା ସହ ହସ୍ପିଟାଲ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

### ୧୩ ଚାଷୀଙ୍କୁ ହତ୍ୟା

ଅବୁଜା,୨୩।୮

ନାଇଜେରିଆର ଉତ୍ତର-କେନ୍ଦ୍ରୀୟ ବିବାଦୀୟ ଅଞ୍ଚଳରେ କେତେଜଣ ସଶସ୍ତ୍ର ବ୍ୟକ୍ତି ୧୩ ଜଣ ଚାଷୀଙ୍କୁ ହତ୍ୟା କରିଛନ୍ତି। ଏହି ହତ୍ୟାକାଣ୍ଡ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ଆକ୍ରମଣକାରୀଙ୍କ ଗତିବିଧି ସମ୍ପର୍କରେ ଚାଷୀମାନେ ଗୋଇନ୍ଦା ସଂସ୍ଥାକୁ ସୂଚନା ଦେଉଥିବାରୁ ସେମାନଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ଜଣେ ସରକାରୀ ଅଧିକାରୀ କହିଛନ୍ତି।

### ସ୍ୱରାଷ୍ଟ୍ର ସଚିବ ଦାୟିତ୍ୱ ନେଲେ ଗୋବିନ୍ଦ ମୋହନ

ନୂଆଦିଲ୍ଲୀ,୨୩।୮(ପି.ଟି.)

ସ୍ୱରାଷ୍ଟ୍ର ସଚିବ ପଦରୁ ଅଜୟ କୁମାର ଭାଲ୍ଲା ଅବସର ନେବା ପରେ ବରିଷ୍ଠ ଆଇଏଏସ୍ ଅଫିସର ଗୋବିନ୍ଦ ମୋହନ ଶୁକ୍ରବାର ନୂଆ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ୧୯୮୯ ବ୍ୟାଚ୍ ସିକିମ୍ କ୍ୟାଡର ଆଇଏଏସ୍ ଅଫିସର ଗୋବିନ୍ଦ ପୂର୍ବରୁ କେନ୍ଦ୍ର ସଂସ୍କୃତି ସଚିବ ଭାବେ କାର୍ଯ୍ୟ କରୁଥିଲେ। ବନାରସ ହିନ୍ଦୁ ୟୁନିଭର୍ସିଟିରୁ ବି.ଟେକ୍ ଏବଂ ଆଇଆଇଏମ୍ ଅହମଦାବାଦରୁ ପିଜି ଡିପ୍ଲୋମା କରିଥିବା ଗୋବିନ୍ଦଙ୍କର ଉଭୟ ସିକିମ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ପଦବୀରେ କାର୍ଯ୍ୟ କରିବାର ବ୍ୟାପକ ଅଭିଜ୍ଞତା ରହିଛି।

### ସ୍କୁଲ ବାଲ୍‌କୋନି ଭୁଶୁଡ଼ି ୪୦ ପିଲା ଆହତ

ବାରବାଙ୍କୀ,୨୩।୮(ପି.ଟି.)

ଉତ୍ତରପ୍ରଦେଶର ବାରବାଙ୍କୀ ଜିଲାରେ ଏକ ସ୍କୁଲର ବାଲ୍‌କୋନି ଶୁକ୍ରବାର ଭୁଶୁଡ଼ି ପଡ଼ିବାରୁ ୪୦ ପିଲା ଆହତ ହୋଇଛନ୍ତି। ସେମାନଙ୍କୁ ଜିଲା ହସ୍ପିଟାଲରେ ଚିକିତ୍ସା କରାଯାଉଥିବାବେଳେ ୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଘରୋଇ ଶିକ୍ଷାନୁଷ୍ଠାନ ଅୱଧ ଏକାଡେମୀ ସ୍କୁଲର ପିଲାମାନେ ସକାଳ ପ୍ରାର୍ଥନାରେ ଯୋଗଦେବା ପାଇଁ ପ୍ରଥମ ମହଲା ବାଲ୍‌କୋନିରେ ଏକାଠି ହୋଇଥିବାବେଳେ ତାହା ଭୁଶୁଡ଼ି ପଡ଼ିଥିଲା। ସେମାନଙ୍କୁ ତୁରନ୍ତ ଜାହାଙ୍ଗୀରାବାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଜିଲା ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଅଧିକାଂଶ ପିଲାଙ୍କୁ ଭଗ୍ନାବଶେଷ ତଳୁ ବାହାର କରାଯାଇଥିଲା।

# ଭାରତ ଆମକୁ ସମର୍ଥନ କରୁ: ଜେଲେନ୍‌ସ୍କି

**ରୁଷିଆ ସହ ଚାଲିଥିବା ଯୁଦ୍ଧର ଅବସାନ ପାଇଁ ଭାରତ ସନ୍ତୁଳିତ ଆଭିମୁଖ୍ୟ ଛାଡ଼ି ଆମକୁ ସମର୍ଥନ କରୁ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ପରେ ଗଣମାଧ୍ୟମକୁ ଜେଲେନ୍‌ସ୍କି କହିଛନ୍ତି, ଜଣେ ବ୍ୟକ୍ତି (ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍) ଏହି ଯୁଦ୍ଧ ଆରମ୍ଭ କରିଥିଲେ। ଭାରତ ପୂର୍ବରୁ ଏହାକୁ ଏକ ସଂଘର୍ଷ ବୋଲି ମନେକରୁଥିଲା। ଏବେ ଏହା ଏକ ବାସ୍ତବ ଯୁଦ୍ଧ ବୋଲି ବୁଝିବା ଆରମ୍ଭ କରିଛି। ଯୁଦ୍ଧ ଶେଷ କରି ଶାନ୍ତି ପ୍ରତିଷ୍ଠା କରିବାରେ ଭାରତ ବଡ଼ ଭୂମିକା ନେଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏଥିସହ ସେ ଖୁବ୍‌ଶୀଘ୍ର ଭାରତ ଗସ୍ତ କରିବାକୁ ଚାହୁଁଥିବା ଜେଲେନ୍‌ସ୍କି କହିଛନ୍ତି। ଏହାର ଉତ୍ତରରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଭାରତ ନିରପେକ୍ଷ ନୁହେଁ। ଆରମ୍ଭରୁ ଆମେ ଶାନ୍ତିର ପକ୍ଷକୁ ବାଛିଛୁ। ଆମେ ବୁଦ୍ଧଙ୍କ ଭୂମିରୁ ଆସିଛୁ, ଯେଉଁଠି ଯୁଦ୍ଧର କୌଣସି ସ୍ଥାନ ନାହିଁ। ସମୟ ନଷ୍ଟ ନ କରି ଆଲୋଚନା ଓ କୂଟନୀତି ଜରିଆରେ ହିଁ ସମାଧାନର ବାଟ ଖୋଜାଯାଉ ବୋଲି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।**



କିଭ୍‌ରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ବିଶ୍ୱକୁ ଶାନ୍ତି ଆଣିବ ଗାନ୍ଧିଜୀଙ୍କ ମାର୍ଗ: ମୋଦି

କିଭ୍,୨୩।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍ ଗସ୍ତକର କିଭ୍‌ରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେବା ସହ ତାଙ୍କ ଚିରନ୍ତନ ଶାନ୍ତି ବାର୍ତ୍ତାର ପ୍ରାସଙ୍ଗିକତା ଓ ମହତ୍ତ୍ୱ ବୁଝାଇଛନ୍ତି।

ରୁଷିଆ-ୟୁକ୍ରେନ୍ ଯୁଦ୍ଧ ୯୧୦ ଦିନରେ ପହଞ୍ଚିଥିବାବେଳେ ପ୍ରଧାନମନ୍ତ୍ରୀ ମୋଦି ପୋଲାଣ୍ଡରୁ ଏକ 'ରେଳ ଫୋର୍ସ ୱାନ୍'ରେ ଟ୍ରେନ୍‌ରେ ୧୦ ଘଣ୍ଟା ଯାତ୍ରାକରି ୟୁକ୍ରେନ୍‌ରେ ପହଞ୍ଚିଥିଲେ। କିଭ୍‌ର ହୟାତ୍ ହୋଟେଲରେ ଭାରତୀୟ ସମୁଦାୟ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଏହା ପରେ ନ୍ୟାଶନାଲ ମ୍ୟୁଜିୟମ୍ ଅଫ୍ ହିଷ୍ଟ୍ରିରେ ଯୁଦ୍ଧରେ ପ୍ରାଣ ହରାଇଥିବା ପିଲାଙ୍କ ସ୍ମୃତିରେ ରଖାଯାଇଥିବା କଣ୍ଢେଇ ପ୍ରଦର୍ଶନୀ ବୁଲି ଦେଖିଥିଲେ।

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ମୋଦିଙ୍କୁ ଆଲିଙ୍ଗନ କରି ତାଙ୍କ ସହ ହାତ ମିଳାଇଥିଲେ। ପ୍ରଦର୍ଶନୀ ଦେଖିବା ପରେ ପ୍ରଧାନମନ୍ତ୍ରୀ ରୁଷିଆ ଆକ୍ରମଣରେ ଛୋଟ ପିଲାଙ୍କ ପ୍ରାଣହାନିକୁ ନେଇ ଶୋକବ୍ୟକ୍ତ କରିଥିଲେ।

ଏହା ପୂର୍ବରୁ ମୋଦି 'ଓଏସିସ୍ ଅଫ୍ ପିସ୍' ପାର୍କରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏକ ସୁସଂହତ ସମାଜ ଗଠନରେ ଗାନ୍ଧିଜୀଙ୍କ ଶାନ୍ତି ବାର୍ତ୍ତାର ସୁଦୂରପ୍ରସାରୀ ପ୍ରଭାବ ଏବଂ ତାଙ୍କ ମାର୍ଗ ଅନୁସରଣ କରି ସାମ୍ପ୍ରତିକ ସମୟରେ ବୈଶ୍ୱିକ ଆହ୍ୱାନଗୁଡ଼ିକର କିପରି ସମାଧାନ କରାଯାଇପାରିବ ତାହା ଉପରେ ମୋଦି ଆଲୋକପାତ କରିଥିଲେ। ମୋଦି କହିଥିଲେ, ବାପୁଙ୍କ ଆଦର୍ଶ ବିଶ୍ୱର ଅନେକ ନିୟୁତ ଲୋକଙ୍କ ପାଇଁ ଆଶାର କିରଣ। ଆମେ ସମସ୍ତେ ଗାନ୍ଧିଜୀ ଦେଖାଇଥିବା ମାନବିକତାର ପଥ ଅନୁସରଣ କରିବା ଉଚିତ। ଏହି ଅବସରରେ ଦୁଇନେତାଙ୍କ ମଧ୍ୟରେ ୟୁକ୍ରେନ୍‌କୁ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବା ଦିଗରେ ଆଲୋଚନା ହୋଇଥିବା ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ୍ସ'ରେ ସୂଚନା ଦିଆଯାଇଛି।

୧୯୯୧ରେ ୟୁକ୍ରେନ୍ ସ୍ୱାଧୀନ ହେବା ପରେ ଉକ୍ତ ପୂର୍ବ ୟୁରୋପୀୟ ଦେଶକୁ ଏହା ହେଉଛି କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଗସ୍ତ। ରୁଷିଆର କୁର୍ସ୍କ ଅଞ୍ଚଳରେ ଅନେକ ହଜାର ୟୁକ୍ରେନୀୟ ସୈନ୍ୟ ପ୍ରବେଶ କରି ଆକ୍ରମଣ ଜାରି ରଖିଥିବାବେଳେ ମୋଦିଙ୍କ ୭ ଘଣ୍ଟିଆ କିଭ୍ ଗସ୍ତକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହାର ୬ ସପ୍ତାହ ପୂର୍ବରୁ ଜୁଲାଇରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ହାଇପ୍ରୋଫାଇଲ ରୁଷିଆ ଗସ୍ତ ଚର୍ଚ୍ଚିତ ହୋଇଥିଲା। ସେତେବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ମୋଦିଙ୍କ ଆଲିଙ୍ଗନକୁ ଜେଲେନ୍‌ସ୍କି ସମାଲୋଚନା କରିଥିଲେ। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ନେତା ବିଶ୍ୱର ସବୁଠୁ ବଡ଼ ହତ୍ୟାକାରୀଙ୍କୁ ଆଲିଙ୍ଗନ କରିବା ଦୁର୍ଭାଗ୍ୟଜନକ ବୋଲି ସେ କହିଥିଲେ। ଗତ ଜୁନ୍‌ରେ ଇଟାଲୀର ଅପୁଲିଆ ସହରରେ ଜି୭ ସମ୍ମିଳନୀରେ ମୋଦି ଓ ଜେଲେନ୍‌ସ୍କି ପରସ୍ପରକୁ ଭେଟିଥିଲେ। ୟୁକ୍ରେନ୍ ସଂଘର୍ଷର ଅବସାନ ପାଇଁ 'ଆଲୋଚନା ଓ କୂଟନୀତି' ଏକମାତ୍ର ମାଧ୍ୟମ ବୋଲି ପ୍ରଧାନମନ୍ତ୍ରୀ ଜି୭ରେ ମତବ୍ୟକ୍ତ କରିବା ସହ କିଭ୍‌କୁ ସବୁ ପ୍ରକାର ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ସେହି ମତକୁ ମୋଦି ସଦ୍ୟ ପୋଲାଣ୍ଡ ଗସ୍ତ ବେଳେ ପ୍ରତିପକ୍ଷ ଡୋନାଲ୍ଡ ଟସ୍କଙ୍କ ଆଗରେ ଦୋହରାଇଥିଲେ।

### ଭାରତ-ୟୁକ୍ରେନ୍ ୪ ଚୁକ୍ତି ସ୍ୱାକ୍ଷରିତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କିଭ୍ ଗସ୍ତ ଅବସରରେ ଭାରତ ଓ ୟୁକ୍ରେନ୍ ମଧ୍ୟରେ ୪ ଐତିହାସିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। କୃଷି, ଖାଦ୍ୟ ଶିଳ୍ପ, ମେଡିସିନ୍, ସଂସ୍କୃତି ଓ ମାନବୀୟ ସହାୟତା ଆଦି କ୍ଷେତ୍ରରେ ଏହି ରାଜିନାମା ହୋଇଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସୂଚନା ଦେଇଛନ୍ତି। ମୋଦି ଓ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କ ସହ ସାକ୍ଷାତ ବେଳେ ସେଠାକାର ସାମରିକ ସ୍ଥିତି ଓ ଶାନ୍ତି ପ୍ରତିଷ୍ଠା ନେଇ ସମ୍ଭାବ୍ୟ ମାର୍ଗ ଉପରେ ଆଲୋଚନା କରିଛନ୍ତି। ଏହା ବ୍ୟତୀତ ଦୁଇନେତାଙ୍କ ମଧ୍ୟରେ ବାଣିଜ୍ୟ, ଆର୍ଥିକ ସହଯୋଗ, ପ୍ରତିରକ୍ଷା ଓ ଶିକ୍ଷା ସମ୍ପର୍କରେ ଆଲୋଚନା ହୋଇଛି। ଏହି ଅବସରରେ ମୋଦି ୟୁକ୍ରେନୀୟ ଅଞ୍ଚଳକୁ ଶାନ୍ତି ଫେରାଇ ଆଣିବା ଦିଗରେ ସବୁ ପ୍ରକାର ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି।

# ଟ୍ୟୁଶନରୁ ଫେରିବାବେଳେ ନାବାଳିକାଙ୍କୁ ଗଣବଳାତ୍କାର



ନାବାଳିକାଙ୍କୁ ଗଣବଳାତ୍କାର ପ୍ରତିବାଦରେ ଗୁଆହାଟୀରେ ମହିଳା ସଙ୍ଗଠନ ପକ୍ଷରୁ ରାସ୍ତାରୋକୋ ଓ ବିକ୍ଷୋଭ କରାଯାଉଛି।

ଗୁଆହାଟୀ,୨୩।୮(ପି.ଟି.)

ଆସାମର ନାଗାଁଓ ଜିଲାରେ ଜଣେ ୧୪ ବର୍ଷୀୟା ବାଳିକାଙ୍କୁ ୩ ଜଣ ଗଣବଳାତ୍କାର କରିଥିବା ଅଭିଯୋଗ ପରେ ଶୁକ୍ରବାର ଜୋର୍‌ଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନାବାଳିକାଙ୍କୁ ନ୍ୟାୟ ଦାବିରେ ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇଥିବାବେଳେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଦୋକାନ ବଜାର ଓ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ବନ୍ଦ ରଖିବା ପାଇଁ ଆହ୍ୱାନ ଦେଇଛନ୍ତି। ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ପ୍ରତିଶ୍ରୁତି ଦେଇଛନ୍ତି।

### ଆସାମରେ ଜୋର୍‌ଦାର ବିକ୍ଷୋଭ

ଦଶମ ଶ୍ରେଣୀରେ ପଢୁଥିବା ନାବାଳିକା ଜଣକ ଗୁରୁବାର ରାତିରେ ଟ୍ୟୁଶନରୁ ସାଇକେଲ ଯୋଗେ ଘରକୁ ଫେରୁଥିବାବେଳେ ୩ ଅଭିଯୁକ୍ତ ମୋଟରସାଇକେଲରେ ଆସି ତାଙ୍କୁ ଘେରିଯାଇଥିଲେ। ସେମାନେ ନାବାଳିକାଙ୍କୁ ମାଡ଼ ମାରିବା ସହ ଗଣବଳାତ୍କାର କରିଥିଲେ ଏବଂ ରାସ୍ତା ପାର୍ଶ୍ୱରେ ତାଙ୍କୁ ଆହତ ତଥା ସଂଜ୍ଞାହୀନ ଅବସ୍ଥାରେ ଛାଡ଼ି ଚାଲିଯାଇଥିଲେ। ସ୍ଥାନୀୟ ଲୋକେ ପୀଡ଼ିତାଙ୍କୁ ଉଦ୍ଧାରକରି ପୋଲିସକୁ ଜଣାଇଥିଲେ। ନାଗାଁଓ ହସ୍ପିଟାଲରେ ତାଙ୍କ ଡାକ୍ତରୀ ମାଇନା କରାଯିବା ସହ ଚିକିତ୍ସା କରାଯାଉଛି। ଧିଙ୍ଗ ଅଞ୍ଚଳର ଉକ୍ତ ହିନ୍ଦୁ ନାବାଳିକାଙ୍କ ପ୍ରତି ଏଭଳି ଜଘନ୍ୟ ଅପରାଧ କରିଥିବା ଦୋଷୀଙ୍କୁ ଛଡ଼ାଯିବ ନାହିଁ। ମୁଖ୍ୟମନ୍ତ୍ରୀ ଘଟଣାସ୍ଥଳକୁ ପୋଲିସ ଡିଜି ଏବଂ ଜଳସମ୍ପଦ ମନ୍ତ୍ରୀ ପିଜୁଶ ହଜାରିକାଙ୍କୁ ପଠାଇ କଠୋର କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଲୋକସଭା ନିର୍ବାଚନ ପରେ ଏକ ନିର୍ଦ୍ଦିଷ୍ଟ ଧର୍ମର ଲୋକେ ଏଭଳି ଅପରାଧ ଘଟାଉଛନ୍ତି। ଗତ ୨ ମାସରେ ମହିଳାମାନଙ୍କ ବିରୋଧରେ ଏଭଳି ୨୨ଟି ଅପରାଧ ଘଟଣା ଘଟିଥିବା ହିମନ୍ତ କହିଛନ୍ତି। ପୋଲିସ ସନ୍ଦେହରେ ଜଣକୁ ଅଟକ ରଖି ପଚରାଉଚରା ଚଳାଇଥିବାବେଳେ ତୁରନ୍ତ ଅପରାଧୀଙ୍କୁ ଗିରଫ କରିବା ପାଇଁ ଦାବି ହୋଇଛି।

### ବଦଲାପୁର ଶିଶୁ ଯୌନ ନିର୍ଯାତନା ମାମଲା

## 'ମହାରାଷ୍ଟ୍ର ବନ୍ଦ'କୁ ମନାକଲେ ହାଇକୋର୍ଟ

ମୁମ୍ବାଇ,୨୩।୮

ମହାରାଷ୍ଟ୍ରର ଠାଣେ ଜିଲା ଅନ୍ତର୍ଗତ ବଦଲାପୁରରେ ଏକ ନର୍ସରି ସ୍କୁଲର ୨ ଶିଶୁକନ୍ୟାଙ୍କୁ ଯୌନ ନିର୍ଯାତନା ଘଟଣାର ପ୍ରତିବାଦରେ ଶନିବାର ମହାରାଷ୍ଟ୍ର ବନ୍ଦ ଡାକରା ଦିଆଯାଇଥିଲା। ବିରୋଧୀ ମେଣ୍ଟ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ଏହି ବନ୍ଦ ଡାକରା ଦେଇଥିଲା। ରାଜନୈତିକ ଦଳଗୁଡ଼ିକ ବନ୍ଦରେ ସାମିଲ ନ ହେବାକୁ ବମ୍ବେ ହାଇକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ବନ୍ଦ ନିଷ୍ପତ୍ତିକୁ ପ୍ରତ୍ୟାହାର କରିନିଆଯାଇଛି।

ଏହା ଏକ ଅଣରାଜନୈତିକ କାର୍ଯ୍ୟକ୍ରମ। ଝିଅମାନଙ୍କ ସୁରକ୍ଷା ପାଇଁ ପ୍ରତ୍ୟେକେ ଏକାଠି ହେବାକୁ ଶିବସେନା(ୟୁବିଟି) ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ଆହ୍ୱାନ ଦେଇଥିଲେ। ଏମ୍‌ଭିଏର ବନ୍ଦ ଡାକରାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ପିଟିଶନ ଦାଏର ହୋଇଥିଲା। ବନ୍ଦ ପାଳନକୁ ରୋକିବା ଦିଗରେ ମହାରାଷ୍ଟ୍ର ସରକାର ସମସ୍ତ ପଦକ୍ଷେପ ନେବାକୁ ମୁଖ୍ୟ ବିଚାରପତି ଡି.କେ. ଉପାଧ୍ୟାୟ ଏବଂ ଜଷ୍ଟିସ ଅମିତ୍ ବୋର୍କାରଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ସ୍କୁଲରେ ଶିଶୁ ଯୌନ ନିର୍ଯାତନାକୁ ନେଇ ଉତ୍ତେଜନା ଲାଗିରହିଥିବାବେଳେ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଏଭଳି ଅପରାଧ ଘଟିଥିବା କମିଟି ରିପୋର୍ଟ ଦେଇଛି। ଅଭିଯୁକ୍ତ ସୁଇପରଙ୍କ ଚରିତ୍ର ସମ୍ପର୍କରେ ଯାଞ୍ଚ କରା ନ ଯାଇ ତାଙ୍କୁ ନିଯୁକ୍ତି ଦିଆଯାଇଥିଲା। ୩ ଓ ୪ ବର୍ଷର ଶିଶୁଙ୍କୁ ଗତ ୧୫ ଦିନ ମଧ୍ୟରେ ଏକାଧିକ ଥର ଯୌନ ନିର୍ଯାତନା ଦିଆଯାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

## ୱକ୍‌ଫ ବିଲ୍‌କୁ ଜେଡିୟୁର ବିରୋଧ

ନୂଆଦିଲ୍ଲୀ,୨୩।୮

କେନ୍ଦ୍ରର ୱକ୍‌ଫ ସଂଶୋଧନ ବିଲ୍‌କୁ ନେଇ ଭାଜପା ସହଯୋଗୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ପ୍ରଶ୍ନ ଉଠାଇଛି। ବିଲ୍‌କୁ ବିପକ୍ଷ ଦଳଗୁଡ଼ିକ ଜୋର୍‌ଦାର ବିରୋଧ କରିଥିବାବେଳେ ଏନ୍‌ଡିଏ ସହଯୋଗୀ ଭାବେ ଏହା ଉପରେ ଚିନ୍ତା ପ୍ରକଟ କରିବାରେ ଜେଡିୟୁ ତୃତୀୟ ଦଳ। ପୂର୍ବରୁ ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ) ବିଲ୍‌କୁ ନେଇ ପ୍ରଶ୍ନ ଉଠାଇଥିବାବେଳେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁଦେଶମ୍ ପାର୍ଟି (ଟିଡିପି) ମଧ୍ୟ ଆପତ୍ତି ଉଠାଇଥିଲା।

ଆସନ୍ତାବର୍ଷ ବିହାର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ସେଠାର ଜନସଂଖ୍ୟାର ୧୮% ମୁସଲମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ପ୍ରସ୍ତାବିତ ଆଇନରେ ଜେଡିୟୁ ପରିବର୍ତ୍ତନ ଚାହୁଁଛି। ତେବେ ଲୋକସଭାରେ ୱକ୍‌ଫ ବିଲ୍ ଉପରେ ଆଲୋଚନା ବେଳେ ଜେଡିୟୁ ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ଏହାର ସମର୍ଥନରେ ବିବୃତି ଦେଇଥିଲେ। ସେବେଠାରୁ ଜେଡିୟୁ ଗୋଷ୍ଠୀ ମଧ୍ୟରେ ମତଭେଦ ଦେଖାଦେଇଥିଲା। ରାଜ୍ୟ ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରୀ ମହମ୍ମଦ ଜାମା ଖାନ୍ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଭେଟି ବିଲ୍‌ର କେତେକ ବ୍ୟବସ୍ଥା ଉପରେ ଆପତ୍ତି ଉଠାଇଥିଲେ। ଜଳସମ୍ପଦ ମନ୍ତ୍ରୀ ବିଜୟ କୁମାର ଚୌଧରୀ ମଧ୍ୟ ମୁସଲମାନ ସମ୍ପ୍ରଦାୟର ଆଶଙ୍କାକୁ ନେଇ ଚିନ୍ତାବ୍ୟକ୍ତ କରିଥିଲେ।

## ଅନିଲ ଅମ୍ବାନୀଙ୍କୁ ୫ ବର୍ଷ ଶେୟାର ବଜାର ମନା

ମୁମ୍ବାଇ,୨୩।୮

ରିଲାଏନ୍ସ ହୋମ୍ ଫାଇନାନ୍ସ ଲିଃ (ଆର୍‌ଏଚ୍‌ଏଫ୍‌ଏଲ୍) କମ୍ପାନୀ ପାଣ୍ଠିକୁ ଅନ୍ୟତ୍ର ଲଗାଇଥିବା ଶିଳ୍ପପତି ଅନିଲ ଅମ୍ବାନୀଙ୍କୁ ଶେୟାର ବଜାର ପ୍ରବେଶ ଉପରେ ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ୫ ବର୍ଷ ପାଇଁ ପ୍ରତିବନ୍ଧକ ଲଗାଇଛି। ଏଥିସହିତ ସେବି ତାଙ୍କୁ ୨୫ କୋଟି ଟଙ୍କା ଜରିମାନା କରିଛି। ତାଙ୍କ ସମେତ ଅନ୍ୟ ୨୪ ଜଣଙ୍କ ଷ୍ଟକ୍ ମାର୍କେଟ ପ୍ରବେଶ ଉପରେ କଟକଣା ଲଗାଯାଇଛି। ସେମାନଙ୍କ ମଧ୍ୟରେ ଆର୍‌ଏଚ୍‌ଏଫ୍‌ଏଲ୍‌ର ଜଣେ ପୂର୍ବତନ ଅଧିକାରୀ ଅଛନ୍ତି। ରିଲାଏନ୍ସ ହୋମ୍ ଫାଇନାନ୍ସକୁ ୬ ମାସ ପାଇଁ ଶେୟାର ବଜାରରୁ ବାଦ୍ ଦିଆଯିବା ସହ ୬ ଲକ୍ଷ ଟଙ୍କା ଜରିମାନା ଲଗାଯାଇଛି।

### ୨୫ କୋଟି ଜରିମାନା କଲା ସେବି



ଅନିଲ ଅମ୍ବାନୀ ଆର୍‌ଏଚ୍‌ଏଫ୍‌ଏଲ୍‌ର ପରିଚାଳନା ଅଧିକାରୀଙ୍କ ସହାୟତାରେ ଜାଲିଆତି ସ୍କିମ୍ ଚଳାଇ ଉକ୍ତ କମ୍ପାନୀର ପାଣ୍ଠିକୁ ବେଆଇନ ଭାବେ ତାଙ୍କ ସହ ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ ସ୍ଥାନାନ୍ତର କରିଥିଲେ।

## ଅନିଶ୍ଚିତତାରେ ସୁନୀତାଙ୍କ ପ୍ରତ୍ୟାବର୍ତ୍ତନ

### ଆଜି ଚୂଡ଼ାନ୍ତ ନିଷ୍ପତ୍ତି ନେବ ନାସା

ୱାଶିଂଟନ୍,୨୩।୮

ଆମେରିକୀୟ ମହାକାଶଚାରୀ ସୁନୀତା ୱିଲିୟମ୍ସ ଏବଂ ତାଙ୍କ ସହଯୋଗୀ ବୁଚ୍ ୱିଲମୋର ଗତ ଜୁନ୍ ୬ରେ ୮ ଦିନ ପାଇଁ ମହାକାଶ ଯାତ୍ରା କରିଥିଲେ। ମହାକାଶଯାନରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଉଭୟେ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ୍ (ଆଇଏସ୍‌ଏସ୍)ରେ ଫସିରହିଛନ୍ତି। ଦୁଇ ମହାକାଶଚାରୀଙ୍କୁ ଆଇଏସ୍‌ଏସ୍‌ରେ ଅନିଶ୍ଚିତତା ଭିତରେ ଆଉ କିଛି ଦିନ ବିତାଇବାକୁ ପଡ଼ିପାରେ ବୋଲି ଆମେରିକୀୟ ମହାକାଶ ସଂସ୍ଥା ନାସା ପକ୍ଷରୁ ଶୁକ୍ରବାର କୁହାଯାଇଛି। ତେବେ ବୋଇଂର ଷ୍ଟାରଲାଇନର୍



ସୁନୀତା ୱିଲିୟମ୍ସ

ସ୍ପେସ୍‌କ୍ରାଫ୍ଟ କିମ୍ବା ସ୍ପେସେକ୍ସର ଡ୍ରାଗନ୍ କ୍ୟାପ୍‌ସୁଲ ଜରିଆରେ ଉଭୟଙ୍କୁ ପୃଥିବୀ ପୃଷ୍ଠକୁ ଫେରାଇ ଆଣିବା ଉପରେ ନାସା ଶନିବାର ଚୂଡ଼ାନ୍ତ ନିଷ୍ପତ୍ତି ନେବ ବୋଲି ଜଣାପଡ଼ିଛି। ନାସା ଆଡ୍‌ମିନିଷ୍ଟ୍ରେଟର ବିଲ୍ ନେଲ୍‌ସନ ଓ ଅନ୍ୟ ଶୀର୍ଷ ଅଧିକାରୀମାନେ ଶନିବାର ଏହା ଉପରେ ହ୍ୟୁଷ୍ଟନ୍‌ରେ ବୈଠକ କରିବେ। ବୈଠକ ପରେ ନିଷ୍ପତ୍ତି ଘୋଷଣା କରାଯିବ।

# ଟ୍ରମ୍ପ୍ ଫେରିଲେ ଭୟଙ୍କର ପରିଣାମ

### ଆମେରିକୀୟଙ୍କୁ ଚେତାଇଲେ ହାରିସ୍

ୱାଶିଂଟନ୍,୨୩।୮

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନଭେମ୍ବର ୫ ନିର୍ବାଚନରେ ପୁଣି ବିଜୟୀ ହୋଇ ହ୍ୱାଇଟ୍ ହାଉସ୍‌କୁ ଫେରିଲେ ଦେଶବାସୀଙ୍କୁ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଉପରାଷ୍ଟ୍ରପତି କମଳା ହାରିସ୍ ଚେତାଇ ଦେଇଛନ୍ତି।

ଶାସକ ଡେମୋକ୍ରାଟିକ୍ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ହାରିସ୍ ପ୍ରେସିଡେନ୍ସିଆଲ ଆକ୍‌ସେପ୍ଟେନ୍ସ ସ୍ପିଚ୍‌ରେ ନିଜକୁ ଜଣେ ଏଭଳି ନେତ୍ରୀ ଭାବେ ଉପସ୍ଥାପିତ



କମଳା ହାରିସ୍

କରିଛନ୍ତି, ଯିଏକି ସମସ୍ତ ଆମେରିକୀୟଙ୍କୁ ସାଙ୍ଗରେ ନେଇ ଏକ ନୂତନ ମାର୍ଗରେ ଦେଶକୁ ଆଗେଇ ନେବେ। କିନ୍ତୁ ତାଙ୍କ ରିପବ୍ଲିକାନ୍ ପ୍ରତିଦ୍ୱନ୍ଦ୍ୱୀ ନିର୍ବାଚନ ଜିତିଲେ ଆମେରିକୀୟମାନେ 'ଅତ୍ୟନ୍ତ ଗମ୍ଭୀର' ପରିଣାମ ଭୋଗିବେ ବୋଲି ସେ ସତର୍କ କରାଇଛନ୍ତି। ଭାରତୀୟ-ଆଫ୍ରିକୀୟ ବଂଶୋଦ୍ଭବ ହାରିସ୍ ଶିକାଗୋରେ ଗୁରୁବାର ରାତିରେ ଆୟୋଜିତ ଡେମୋକ୍ରାଟିକ୍ ନ୍ୟାଶନାଲ କନ୍‌ଭେନ୍ସନରେ ଦଳୀୟ ନାମାଙ୍କନ ଗ୍ରହଣ କରିଛନ୍ତି। ପୂର୍ବତନ ଫାଷ୍ଟ ଲେଡି ହିଲାରି କ୍ଲିଣ୍ଟନ୍‌ଙ୍କ ପରେ ହାରିସ୍ ହେଉଛନ୍ତି ଡେମୋକ୍ରାଟିକ୍ ନାମାଙ୍କନ ଗ୍ରହଣ କରିବାରେ ଦ୍ୱିତୀୟ ମହିଳା। ଏହି ଅବସରରେ ୫୯ ବର୍ଷୀୟା ହାରିସ୍ ମଞ୍ଚାସୀନ ହେବାବେଳକୁ ଷ୍ଟାଣ୍ଡିଂ ଓଭେଶନ୍ ଜରିଆରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ହାରିସ୍‌ଙ୍କ ୪୦ ମିନିଟର ଭାଷଣ ବେଳେ ସମର୍ଥକମାନେ ବାରମ୍ବାର ସ୍ଲୋଗାନ ଦେଇଥିଲେ, ୟେସ୍ ୟୁ କ୍ୟାନ୍!

### 'ଦେଶୀ ପ୍ରେସିଡେଣ୍ଟ' ୱେବ୍‌ସାଇଟ୍ ଲଞ୍ଚ୍

ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କୁ ରାଷ୍ଟ୍ରପତି ଭାବେ ଦେଖିବାକୁ ଚାହୁଁଥିବା ଭାରତୀୟ ବଂଶୋଦ୍ଭବ ଆମେରିକୀୟମାନେ ଏକ ନୂଆ ୱେବ୍‌ସାଇଟ୍ ଲଞ୍ଚ କରିଛନ୍ତି। ୱେବ୍‌ସାଇଟ୍‌ର ନାମ 'ଦେଶୀ ପ୍ରେସିଡେଣ୍ଟ ଡଟ୍ କମ୍' ରହିଥିବାବେଳେ ଏହାର ଟ୍ୟାଗ୍‌ଲାଇନ୍ ରଖାଯାଇଛି 'କମଲା କେ ସାଥ୍'। କମଳାଙ୍କ ମା' ଚେନ୍ନାଇରୁ ଆମେରିକା ଯାଇଥିବାବେଳେ ବାପା ଜାମାଇକାର ଥିଲେ। ତେଣୁ ଆଗାମୀ ଦିନରେ କମଳାଙ୍କ ନେତୃତ୍ୱ ଆମେରିକାକୁ ଏକ ନୂଆ ମାର୍ଗ ଦେଖାଇବ ବୋଲି ଉକ୍ତ ୱେବ୍‌ସାଇଟ୍‌ରେ ଉଲ୍ଲେଖ କରାଯାଇଛି। ଇଣ୍ଡିଆନ୍ ଆମେରିକାନ୍ ଇମ୍ପାକ୍ଟ ଫଣ୍ଡ ପକ୍ଷରୁ କରାଯାଇଥିବା 'ଦେଶୀ ପ୍ରେସିଡେଣ୍ଟ' ପ୍ରୋଜେକ୍ଟ ଇତିମଧ୍ୟରେ ଉପରୋକ୍ତ ସ୍ଲୋଗାନ୍ ଥିବା ଏକ ଟି-ଶାର୍ଟ ପ୍ରସ୍ତୁତ କରିଛି। ସୋସିଆଲ ମିଡିଆରେ ଏହା ବହୁଳ ପ୍ରସାରିତ ହେବାରେ ଲାଗିଛି।

## ୧୪ରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ,୨୩।୮(କାର୍ତ୍ତିକ ସାହୁ): କଟକ ଜିଲା ଆଇନସେବା ପ୍ରାଧିକରଣ ଓ ସମସ୍ତ ତାଲୁକ ଆଇନ୍ ସେବା କମିଟି ପରିସରରେ ଆସନ୍ତା ସେପ୍ଟେମ୍ବର ୧୪ ତାରିଖ ପୂର୍ବାହ୍ଣ ୧୦ଟାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରାଧୀନ ମକଦ୍ଦମା ଆପୋଷ ସହମତିରେ ସମାଧାନ କରାଯାଇପାରିବ। ମୋଟରଯାନଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, ପାରିବାରିକ, ଚେକ୍ ବାଉନ୍ସ, ଦେୱାନୀ ଓ ଫୌଜଦାରି ମାମଲାର ଆପୋଷ ସମାଧାନ ପାଇଁ ଜନସାଧାରଣ ସୁଯୋଗ ନେଇପାରିବେ।

# ଚିକିଟି ମଦମୃତ୍ୟୁ: ବିଧାନସଭାରେ ହଇଚଗୋଳ



ଭୁବନେଶ୍ୱର,୨୩।୮ (ଅନିଲ ଦାସ)

ଚିକିଟି ମଦମୃତ୍ୟୁ ଘଟଣାରେ ବିରୋଧୀ ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିଧାନସଭାରେ ପ୍ରବଳ ହଇଚଗୋଳ କରିଛନ୍ତି। ଏପରି କି ବିଜେଡି ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢ଼ିବାକୁ ଉଦ୍ୟମ କରିଛନ୍ତି। ବିରୋଧୀଙ୍କ ହଇଚଗୋଳ ଯୋଗୁ ପ୍ରଶ୍ନକାଳ ବରବାଦ ହୋଇଯାଇଛି। ବାଚସ୍ପତି ବାଧ ହୋଇ ଗୃହକୁ ୧ ଘଣ୍ଟା ପାଇଁ ମୁଳତବୀ ଘୋଷଣା କରିଛନ୍ତି।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପୂର୍ବାହ୍ଣ ୧୦ଟା ୩୦ ମିନିଟ୍‌ରେ ବାଚସ୍ପତି ସୁରମା ପାଢ଼ୀ ସଭାକାର୍ଯ୍ୟ ଚଳାଇବାକୁ ଗୃହକୁ ପ୍ରବେଶ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଦାବିକରି ହୋହଲ୍ଲା କରିଥିଲେ। ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଆମର ଦାବି... ଆମର ଦାବି...ସ୍ଲୋଗାନ ଦେଇ ଗୃହକୁ କମ୍ପାଇ ଦେଇଥିଲେ। ହଇଚଗୋଳ ମଧ୍ୟରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ପ୍ରଶ୍ନ ନଂ. ୩୦୧ର ଉତ୍ତର ଦେବାକୁ ବାଚସ୍ପତି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ କହିଥିଲେ। ମୂଳ ପ୍ରଶ୍ନକର୍ତ୍ତା ବିଭୂତି ଭୂଷଣ ପ୍ରଧାନ ପର୍ଜଙ୍ଗ ନିର୍ବାଚନମଣ୍ଡଳୀର ବାରିହାପୁରଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ନିବାସ କେବେ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ପଚାରିଥିଲେ। ମନ୍ତ୍ରୀ ଲେଖା ପଢ଼ି ଶୁଣାଇ କହିଥିଲେ, ଆଦର୍ଶ ବିଦ୍ୟାଳୟ ଛାତ୍ରୀନିବାସ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଏହାକୁ କାର୍ଯ୍ୟକ୍ଷମ କରିବାକୁ ସରକାର ବିହିତ ପଦକ୍ଷେପ ନେବେ। ହଇଚଗୋଳ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆଗେଇ ନେବାକୁ ବାଚସ୍ପତି ଚେଷ୍ଟା କରିଥିଲେ। ଏହାପରେ ବାଚସ୍ପତି କ୍ରୀଡ଼ାମନ୍ତ୍ରୀଙ୍କୁ ୩୦୫ ନମ୍ବର ପ୍ରଶ୍ନର ଉତ୍ତର ଦେବାକୁ କହିଥିଲେ। କ୍ରୀଡ଼ାମନ୍ତ୍ରୀ ହଇଚଗୋଳ ମଧ୍ୟରେ ଉତ୍ତର ଦେଉଥିଲେ।

## ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢ଼ିଲେ ବିଜେଡି ସଦସ୍ୟ

ଏହି ସମୟରେ ବିଜେଡି ସଦସ୍ୟ ଯୋଗେଶ ସିଂ, ମାଧବ ଧଡ଼ା ଏବଂ ରୋମାଞ୍ଚ ବିଶ୍ୱାଳ ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଦାବିକରି ବାଚସ୍ପତିଙ୍କ ପୋଡିୟମ୍ ଉପରକୁ ଚଢ଼ିବାକୁ ଉଦ୍ୟମ କରିଥିଲେ। ଏହାକୁ ରୋକିବାକୁ ଯାଇ ବିଧାନସଭାରେ ଉପସ୍ଥିତ ମାର୍ଶାଲଙ୍କ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା। ସେହିପରି ଅନ୍ୟ କେତେ ଜଣ ବିଜେଡି ସଦସ୍ୟ ଶିଡ଼ି ବାଟ ଦେଇ ବାଚସ୍ପତିଙ୍କ ପୋଡିୟମ ଉପରକୁ ଯିବାକୁ ଚେଷ୍ଟା କରିଥିଲେ। ତେବେ ସେଠାରେ ଉପସ୍ଥିତ ମାର୍ଶାଲ ସେମାନଙ୍କୁ ଅଟକାଇ ଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ବାଚସ୍ପତି ଗୃହକୁ ପୂର୍ବାହ୍ଣ ୧୦ଟା ୪୦ ମିଟରୁ ୧୧ଟା ୩୦ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

ଗୃହ ବାହାରେ ବିଜେଡି ବିଧାୟକ ମାଧବ ଧଡ଼ା କହିଛନ୍ତି, ଗଣତାନ୍ତ୍ରିକ ଉପାୟରେ ଆମେ ଗୃହକୁ ବନ୍ଦ କରିବାକୁ ଚାହିଁଥିଲୁ। କିନ୍ତୁ ବାଚସ୍ପତି ଗୃହକୁ ବନ୍ଦ କଲେ ନାହିଁ। ତେଣୁ ଆମେ ଯାହା କରିଛୁ ଗଣତାନ୍ତ୍ରିକ ଭାବେ କରିଛୁ। ସୀମା ବାହାରକୁ ଯାଇ କିଛି କରିନୁ। କାରଣ ଆମ ଦଳ ସବୁବେଳେ ମା'କୁ ସମ୍ମାନ ଦେଇ ଆସୁଛି। ଭାଜପା ସଦସ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ କହିଛନ୍ତି, ବିରୋଧୀ ମହିଳା ବାଚସ୍ପତିଙ୍କୁ ସମ୍ମାନ ଦେବା ଶିଖିନାହାନ୍ତି। ପୋଡିୟମ ଉପରକୁ ଉଠି ବିରୋଧୀ ଦଳର ବିଧାୟକମାନେ ଯେଉଁପରି ଭାବେ ଆଚରଣ ପ୍ରଦର୍ଶନ କଲେ ତାହା ଖୁବ୍ ନିନ୍ଦନୀୟ। ସତ୍ୟର ସାମ୍ନା କରିବାକୁ ବିରୋଧୀ ଡରୁଛନ୍ତି। ୨୪ ବର୍ଷ ଧରି ସେମାନେ ଦୁର୍ନୀତିରେ ଉବୁଟୁବୁ ହେଉଥିଲେ। ଏବେ ପର୍ଦ୍ଦାଫାଶ ହେବା ବେଳକୁ ଆଲୋଚନାକୁ ଡରୁଛନ୍ତି। ଗୃହରେ ହୋହଲ୍ଲା କରୁଛନ୍ତି। ବିରୋଧୀଙ୍କ ଏପରି ଆଚରଣ ଗଣତନ୍ତ୍ରରେ ଆଦୌ ଶୋଭନୀୟ ନୁହେଁ ବୋଲି ସେ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ସବୁ ଜିଲାରେ ମଦବନ୍ୟା ଚାଲିଛି। ଚିକିଟି ମଦମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସରକାରଙ୍କ ନିଦ ତୁରନ୍ତ ନ ଭାଙ୍ଗିଲେ ଆଗାମୀ ଦିନରେ ପରିସ୍ଥିତି ଭୟାବହ ହେବ। ନୈତିକତା ଦୃଷ୍ଟିରୁ ମନ୍ତ୍ରୀ ଇସ୍ତଫା ଦେବା କଥା।

## ଦୁର୍ଘଟଣାରେ ପ୍ରାଣ ହରାଇଲା 'ରାନୀ'



ପରିବାର ଲୋକଙ୍କ ପ୍ରିୟ ଘୋଡ଼ା 'ରାନୀ'।

ମୋରଡ଼ା,୨୩।୮ (ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ଅଞ୍ଚଳରେ 'ରାନୀ' ବେଶ୍ ଜଣାଶୁଣା। ଆଖପାଖ ଗାଁର ଲୋକେ ତାକୁ ବହୁତ ଆଦର ମଧ କରୁଥିଲେ। ରାନୀ କୌଣସି ଛୋଟ ଝିଅର ନାଁ ନୁହେଁ, ସେ ହେଉଛି ଅଶେଷ ମହାନ୍ତଙ୍କ ପୋଷାଘୋଡ଼ା। ସକାଳ ହେବା ମାତ୍ରେ ଛୋଟ ଛୋଟ ପିଲାମାନେ ରାନୀ ସହିତ ଖେଳିବାକୁ ଚାଲିଆସନ୍ତି। ହେଲେ ଶୁକ୍ରବାର ମଧ୍ୟାହ୍ନରେ ଚିତ୍ରଡ଼ା-ଅମର୍ଦ୍ଦା ରାଜ୍ୟ ରାଜପଥର ପୁରୁଣାପାଣି ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ରାନୀର ମୃତ୍ୟୁ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଦୁଃଖର ଛାୟା ଖେଳିଯାଇଛି। ତେବେ ରୀତିନୀତି ଅନୁସାରେ ପରିବାର ଲୋକେ ଉକ୍ତ ଘୋଡ଼ାର ଅନ୍ତିମକ୍ରିୟା ଶେଷ କରିଛନ୍ତି।

## ଏସ୍‌ସିବିରେ ୨ ରୋଗୀଙ୍କୁ ବଳାତ୍କାର ଉଦ୍ୟମ ଘଟଣା

# ଅଭିଯୁକ୍ତ ଡା. ଠାକୁର ଦିଲ୍‌ବାଗ ସିଂ ବହିଷ୍କୃତ

କଟକ,୨୩।୮ (ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ୨ ମହିଳା ରୋଗୀଙ୍କୁ ବଳାତ୍କାର ଉଦ୍ୟମ ଘଟଣାରେ କାର୍ଡିଓଲୋଜି ବିଭାଗର ଡା. ଠାକୁର ଦିଲ୍‌ବାଗ ସିଂଙ୍କୁ ବହିଷ୍କୃତ କରାଯାଇଛି। ଉକ୍ତ ଘଟଣାରେ ଡା. ଠାକୁର ଗିରଫ ହୋଇ ଏବେ ଜେଲ୍‌ରେ ଅଛନ୍ତି। ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ଶୁକ୍ରବାର ମେଡିକାଲ କଲେଜର କାଉନସିଲ ବୈଠକ ଡକାଯାଇଥିଲା। ଏଥିରେ ବହିଷ୍କୃତ ପ୍ରସ୍ତାବ ପାରିତ ହୋଇଛି। ଡା. ଠାକୁରଙ୍କୁ ବହିଷ୍କାର କରିବା ପାଇଁ ପୂର୍ବରୁ ଡିଏମ୍‌ଇଟି ନିର୍ଦ୍ଦେଶ ଦେଇଥିଲେ। ଏହାକୁ ମେଡିକାଲ କର୍ତ୍ତୃପକ୍ଷ କାର୍ଯ୍ୟକାରୀ କରିଥିବା ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ, ଗତ ୯ ତାରିଖରେ ଚିକିତ୍ସା ଆଳରେ ଡା. ଠାକୁର ୨ ଜଣ ମହିଳା ରୋଗୀଙ୍କୁ ବଳାତ୍କାର ଉଦ୍ୟମ କରିଥିବା ନେଇ ମଙ୍ଗଳାବାଗ ଥାନାରେ ଏତଲା ଦିଆଯାଇଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ଡା. ଠାକୁରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୩ ଜଣିଆ ଟିମ୍ ଗଠନ କରାଯାଇଥିଲା। ଡିଏମ୍‌ଇଟି ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର, ଯୁଗ୍ମ ଡିଏମ୍‌ଇଟି ପ୍ରଫେସର ଡା. ରୋମା ରତନ ଏବଂ ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର ଏହି ତଦନ୍ତ କମିଟିରେ ଥିଲେ। ଉକ୍ତ ଟିମ୍ ତଦନ୍ତ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲା।

# ୨୮ରେ ବ୍ୟାଙ୍କ ଧର୍ମଘଟ

ଭୁବନେଶ୍ୱର,୨୩।୮ (ଅନୁରାଧା ମହାରଣା)

ଦେଶର ବୃହତ୍ ବ୍ୟାଙ୍କ କର୍ମଚାରୀ ସଙ୍ଗଠନ ଏଆଇବିଇଏ ଅଗଷ୍ଟ ୨୮ରେ ସର୍ବଭାରତୀୟ ବ୍ୟାଙ୍କ ଧର୍ମଘଟର ଆହ୍ୱାନ ଦେଇଛି। ଦେଶର ସମସ୍ତ ବ୍ୟାଙ୍କରେ ଆନ୍ଦୋଳନ ହେବ ବୋଲି ଏଆଇବିଇଏର ସାଧାରଣ ସମ୍ପାଦକ ସି.ଏଚ୍. ଭେଙ୍କଟାଚଳମ୍ ଜଣାଇଛନ୍ତି। ଧର୍ମଘଟକୁ ସମସ୍ତ ଅଫିସର ଓ କର୍ମଚାରୀ ସଙ୍ଗଠନ ଏଆଇବିଓସି, ଏନ୍‌ସିବିଇ, ଏଆଇବିଓଏ, ବିଇଏଫଆଇ, ଆଇଏନବିଇଏଫ, ଆଇଏନବିଓସି ସମର୍ଥନ ଜଣାଇଛନ୍ତି। ଏଆଇବିଇଏ ଏବଂ ଏହାର ଅନୁବନ୍ଧିତ ସଙ୍ଗଠନ ଉପରେ ରାଜନୈତିକ ଚାପରେ ହେଉଥିବା ଆକ୍ରମଣ ବନ୍ଦ କରିବା ପାଇଁ ସଂଗଠନ ଦାବି କରିଛି। ବ୍ୟାଙ୍କ ଅଫ୍ ଇଣ୍ଡିଆ ଷ୍ଟାଫ୍ ୟୁନିୟନ କେରଳର କର୍ମକର୍ତ୍ତାଙ୍କ ଉପରୁ ପ୍ରତିଶୋଧମୂଳକ ଚାର୍ଜସିଟ୍‌ର ପ୍ରତ୍ୟାହାର ଦାବି ସହ ରାଜନୈତିକ ଉଦ୍ଦେଶ୍ୟ ରଖି ମିଥ୍ୟା ଅଭିଯୋଗରେ ବ୍ୟାଙ୍କ ଅଫ୍ ଇଣ୍ଡିଆରେ କାର୍ଯ୍ୟରତ ୩ଜଣ ପୂର୍ବତନ କାର୍ଗିଲ ଯୋଦ୍ଧାଙ୍କୁ ହଇରାଣ କରାଯାଉଥିବା ସଂଘ ଅଭିଯୋଗ କରିଛି। ବ୍ୟାଙ୍କ୍‌ର ସମ୍ମାନହାନି କରି ଗଣମାଧ୍ୟମରେ ମିଛ ପ୍ରଚାର କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଏହି ଧର୍ମଘଟର ଡାକରା ଦିଆଯାଇଛି। ଏହାକୁ ସଫଳ କରିବା ପାଇଁ ଏଓବିଇଏର ସଭାପତି ସଞ୍ଜିବ ପତି ଓ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ତ୍ରିପାଠୀ ଓଡ଼ିଶାର ବ୍ୟାଙ୍କ କର୍ମଚାରୀମାନଙ୍କୁ ନିବେଦନ କରିଛନ୍ତି।








ଅନୁଗୋଳ ଜିଲା କଣିହାଁ ବ୍ଲକ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀର ରେଙ୍ଗାଳି ଡ୍ୟାମ୍‌ରୁ ଶୁକ୍ରବାର ବର୍ଷର ପ୍ରଥମ ବନ୍ୟା ଜଳ ନିଷ୍କାସନ ଆରମ୍ଭ ହୋଇଛି। ଡ୍ୟାମ୍‌ର ୮ନଂ. ଗେଟ୍ ଖୋଲାଯାଇ ଜଳ ଛଡ଼ାଯାଇଛି।

# ବର୍ଷା ନେଇ ୪ ଜିଲାକୁ ଅରେଞ୍ଜ ୱାର୍ନିଂ

ଭୁବନେଶ୍ୱର, ୨୩।୮ (ଅନୁରାଧା ମହାରଣା)

ମୌସୁମୀ ଟ୍ରଫ୍ ଲାଇନ୍ ଉତ୍ତର-ପୂର୍ବ ବଙ୍ଗୋପସାଗରର ପୂର୍ବ-ଦକ୍ଷିଣାଞ୍ଚଳରେ ସମୁଦ୍ର ପତନଠାରୁ ୦.୯ କି.ମି. ଉପରେ ରହିଛି। ଏହାସହ ଉତ୍ତରପୂର୍ବ ଝାଡ଼ଖଣ୍ଡର ଆଖପାଖ ଅଞ୍ଚଳ ଏବଂ ଉତ୍ତର ପଶ୍ଚିମବଙ୍ଗରେ ଆଉ ଏକ ଲଘୁଚାପ କ୍ଷେତ୍ର ସକ୍ରିୟ ଥିବାବେଳେ ବଙ୍ଗୋପସାଗରର ଉତ୍ତର ଦିଗରେ ସମୁଦ୍ର ପତନଠାରୁ ୫.୮ କିମି ଉର୍ଦ୍ଧ୍ୱରେ ଘୂର୍ଣ୍ଣିବଳୟ ରହିଛି। ଫଳରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ଶନିବାର ସମ୍ବଲପୁର, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ୪ ଜିଲାରେ ଅତିପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସମ୍ପୃକ୍ତ ଜିଲାରେ ୭ରୁ ୨୦ ସେମି ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ବରଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, କଟକ, ସୋନପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର ଓ ନୂଆପଡ଼ା ଆଦି ୧୩ ଜିଲାରେ ପ୍ରବଳ ବର୍ଷା ହୋଇପାରେ। ୭ରୁ ୧୧ ସେମି ପର୍ଯ୍ୟନ୍ତ ବର୍ଷା ଆଶଙ୍କା ଥିବାରୁ ସମ୍ପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ରବିବାର ୭ ଜିଲାକୁ ଅରେଞ୍ଜ ୱାର୍ନିଂ ରହିଥିବାବେଳେ ୧୯ ଜିଲାକୁ ୟେଲୋ ୱାର୍ନିଂ ରହିଛି। ତେବେ ଶୁକ୍ରବାର ବରଗଡ଼ରେ ସର୍ବାଧିକ ୩୬.୦ ମି.ମି. ବର୍ଷା ରେକର୍ଡ କରାଯାଇଥିବାବେଳେ ରାଉରକେଲାରେ ୨୨.୮ ମିମି, ସୋନପୁରରେ ୧୯.୨ ମିମି, ଟିଟିଲାଗଡ଼ରେ ୧୧.୨ ମିମି ଓ ନୟାଗଡ଼ରେ ୧୦.୦୦ ମିମି ବର୍ଷା ସହ ସମଗ୍ର ରାଜ୍ୟରେ ବର୍ଷା ରେକର୍ଡ ହୋଇଛି।

# ସଂଯୁକ୍ତା ପାଇବେ ଫ୍ଲୋରେନ୍ସ ନାଇଟ୍‌ଙ୍ଗେଲ ପୁରସ୍କାର

ମାଲକାନଗିରି, ୨୩।୮ (ଦୁର୍ଯ୍ୟୋଧନ ପାତ୍ର)



ସଂଯୁକ୍ତା ସେଠୀ

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ନର୍ସିଂ ଅଫିସର ଭାବେ କାର୍ଯ୍ୟରତ ସଂଯୁକ୍ତା ସେଠୀ ଫ୍ଲୋରେନ୍ସ ନାଇଟ୍‌ଙ୍ଗେଲ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ସେପ୍ଟେମ୍ବର ୧୧ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ସେ ଏହି ପୁରସ୍କାର ଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଭାରତୀୟ ନର୍ସିଂ ପରିଷଦ ପକ୍ଷରୁ ତାଙ୍କୁ ଏନେଇ ସୂଚନା ଦିଆଯାଇଛି ବୋଲି ସଂଯୁକ୍ତା କହିବା ସହ ଖୁସି ବ୍ୟକ୍ତ କରିଛନ୍ତି। ରୋଗୀ ସେବା କ୍ଷେତ୍ରରେ ସେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ତାଙ୍କୁ ଏହି ପୁରସ୍କାର ପାଇଁ ବିବେଚିତ କରାଯାଇଛି। ସଂଯୁକ୍ତା ହେଉଛନ୍ତି ସାମାଜକ କର୍ମୀ ଉମାକାନ୍ତ ସାହୁଙ୍କ ସ୍ତ୍ରୀ। ସଂଯୁକ୍ତା ଦୀର୍ଘ ବର୍ଷ ଧରି ମାଲକାନଗିରି ଜିଲା ଚିକିତ୍ସାଳୟରେ ନର୍ସିଂ ଅଫିସର ଭାବେ କାର୍ଯ୍ୟକରି ଲୋକପ୍ରିୟ ହେବା ସହ ବେଶ୍ ସୁନାମ ଅର୍ଜନ କରିଛନ୍ତି।




# ଓଡ଼ିଶା ସୀମାନ୍ତ ଗ୍ରାମରେ ଆନ୍ଧ୍ରର ଗ୍ରାମସଭା

ପଟ୍ଟାଙ୍ଗି, ୨୩।୮ (ଶରତ ଧଳ)



କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନରେ ଥିବା କୋଟିଆ ପଞ୍ଚାୟତ ସୀମାନ୍ତ ଗ୍ରାମଗୁଡ଼ିକରେ ଉନ୍ନୟନମୂଳକ କାର୍ଯ୍ୟ ଯଥା ଏମ୍‌ଜିଏନ୍‌ଆରଇଜିଏସ୍ ନିମନ୍ତେ ନିଜ ରାଜ୍ୟର ୨୯ଟି ଗ୍ରାମରେ ଆନ୍ଧ୍ର ପ୍ରଦେଶ ଟିଡିପି ସରକାର ଶୁକ୍ରବାର ଗ୍ରାମସଭା କରିଥିଲା। ଏହା ସହିତ ଓଡ଼ିଶାର ଧୂଳିପଦର, ନେରିଡିବାଲସା, ତଳ ଗଞ୍ଜେଇ ପଦର, ଫଗୁଣସିନେରି ଏବଂ ଫାଟୁସିନେରି ଆଦି ଗ୍ରାମରେ ମଧ ଗ୍ରାମସଭା ସହ ସ୍ୱାସ୍ଥ୍ୟମେଳା କରି ସୀମାନ୍ତବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣାରେ ଔଷଧ ବଣ୍ଟନ କରିଛି।

ଏହି ସମୟରେ ଆନ୍ଧ୍ରର ଉକ୍ତ ଗ୍ରାମସଭାରେ ଓଡ଼ିଶାର ଉପରୋକ୍ତ ୫ ଗ୍ରାମର ଲୋକେ ନିଜ ନିଜ ଅଞ୍ଚଳରେ ରାସ୍ତା ଘାଟଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟ ଜଳ, ଶିକ୍ଷା ଓ ବିଦ୍ୟୁତ୍ ସେବା ସମସ୍ୟା ସମ୍ପର୍କରେ ଦରଖାସ୍ତ ଦେଇ ଟିଡିପି ସରକାର କିପରି ସମସ୍ୟା ସମାଧାନ କରିବ ସେଥିପ୍ରତି ଦୃଷ୍ଟି ଦେବାକୁ ସାଲୁର ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟପକ୍ଷରେ ଆନ୍ଧ୍ର ରାଜ୍ୟର ସରକାରୀ କର୍ମଚାରୀ ଏହିପରି କାର୍ଯ୍ୟକ୍ରମ କରି ଲୋକଙ୍କଠାରୁ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ଦରଖାସ୍ତ ଗ୍ରହଣ କରୁଥିବା ବେଳେ ସେପଟେ ଓଡ଼ିଶାର ପଟ୍ଟାଙ୍ଗି ତହସିଲ କାର୍ଯ୍ୟାଳୟ ପକ୍ଷରୁ ତଳ ଗଞ୍ଜେଇ ପଦରେ ଜଙ୍ଗଲ ଗ୍ରାମକୁ କିପରି ରାଜସ୍ୱ ଗ୍ରାମ କରାଯାଇପାରିବ ସେନେଇ ସ୍ୱତନ୍ତ୍ର ଗ୍ରାମସଭା କରାଯାଇଥିଲା। କିନ୍ତୁ ଆନ୍ଧ୍ର ଓଡ଼ିଶା ସୀମାନ୍ତରେ ପଶି ଏପରି କାର୍ଯ୍ୟକ୍ରମ କରିଥିଲେ ମଧ ତହସିଲ କର୍ମଚାରୀଙ୍କ ଦୃଷ୍ଟିକୁ ଆସି ପାରିନଥିଲା।

ଏ ସମ୍ପର୍କରେ ପଟ୍ଟାଙ୍ଗି

## ପଟ୍ଟାଙ୍ଗି ବ୍ଲକ ପ୍ରଶାସନର ସତର୍କତାକୁ ନେଇ ପ୍ରଶ୍ନ

ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆଙ୍କୁ ଆନ୍ଧ୍ରର ଗ୍ରାମସଭା କାର୍ଯ୍ୟକ୍ରମ ସମ୍ପର୍କରେ ପଚାରିବାରୁ ଆମେ ତଳ ଗଞ୍ଜେଇ ପଦର ଗ୍ରାମରେ ଆମର ସ୍ୱତନ୍ତ୍ର ଗ୍ରାମସଭା କରିବା ସମୟରେ ଆନ୍ଧ୍ରର କେହି ନ ଥିଲେ। କିନ୍ତୁ ଆମେ ଫେରି ଆସିବା ପରେ ସେମାନେ ତାଙ୍କ କାର୍ଯ୍ୟକ୍ରମ କରିଥାଇ ପାରନ୍ତି ବୋଲି ସେ କହିବା ସହ ଆନ୍ଧ୍ରର ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ୨୦୨୪ ନିର୍ବାଚନ ସରିବା ପରେ ଆନ୍ଧ୍ରର ଟିଡିପି ସରକାରଙ୍କ ଅଧିକାରୀ ବା କର୍ମଚାରୀ ଓଡ଼ିଶାର କୋଟିଆ ପଞ୍ଚାୟତରେ ଏହା ଦ୍ୱିତୀୟ ଥର ଅନୁପ୍ରବେଶ କରିଥିବା ଜଣାପଡ଼ିଛି।

# ବଳଦ ଶିଙ୍ଗ ଭୁସିବାରୁ ବୃଦ୍ଧଙ୍କ ଜୀବନ ଗଲା

ରେଢ଼ାଖୋଲ, ୨୩।୮ (ଅଚ୍ୟୁତାନନ୍ଦ ପୁରୋହିତ)

ଗାଁ ଦାଣ୍ଡରେ ୨ଟି ବଳଦ ଲଢ଼େଇ ଲାଗୁଥିବାବେଳେ ଗୋଟିଏ ବଳଦ ଶିଙ୍ଗ ଭୁସି ଦେବାରୁ ଜମ୍ବୁ ସାହୁ ନାମକ ଜଣେ ବୃଦ୍ଧଙ୍କ ଜୀବନ ଚାଲିଯାଇଛି। ଏଭଳି ଏକ ଘଟଣା ଘଟିଛି ସମ୍ବଲପୁର ଜିଲା ରେଢାଖୋଲ ଥାନା ଲାଇଜା ଗ୍ରାମରେ। ଶୁକ୍ରବାର ଜମ୍ବୁ ଗାଁ ଦାଣ୍ଡରେ ଠିଆ ହୋଇଥିବାବେଳେ ନିକଟରେ ୨ଟି ବଳଦ ଲଢ଼େଇ ଲାଗିଥିଲେ। ଗୋଟିଏ ବଳଦ ଜମ୍ବୁ ଆଡ଼କୁ ଦୌଡ଼ି ଆସିଥିଲା। ବଳଦ ଶିଙ୍ଗଟି ଜମ୍ବୁଙ୍କ ଛାତିରେ ଭୁସି ହୋଇ ଯାଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ରେଢାଖୋଲ ଡାକ୍ତରଖାନାକୁ ଆଣିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ରେଢ଼ାଖୋଲ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ରେଢାଖୋଲ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ପ୍ରଫୁଲ୍ଲ ସାମନ୍ତରା ୩ ଘଣ୍ଟା ଅଟକ

ବରଗଡ଼, ୨୩।୮ (ପ୍ରେମାନନ୍ଦ ଖମାରୀ)



ବରଗଡ଼ ଥାନାରେ ପ୍ରଫୁଲ୍ଲ ସାମନ୍ତରା ଏବଂ ଚାଷୀନେତା ଲିଙ୍ଗରାଜ।

ସାମାଜିକ କର୍ମୀ ତଥା ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଶୁକ୍ରବାର ବରଗଡ଼ ଗସ୍ତରେ ଆସିବା ବାଟରେ ପୋଲିସ ତାଙ୍କୁ ଥାନାରେ ୩ଘଣ୍ଟା ଧରି ଅଟକ ରଖିବା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ସାମନ୍ତରା ବରଗଡ଼ ଜିଲା ଭଟଲି ଦଧିବାମନ କଲେଜରେ ଜଳବାୟୁ ପରିବର୍ତ୍ତନ ଓ ଆମର ଭବିଷ୍ୟତ ଶୀର୍ଷକ ପାଠଶାଳାରେ ଯୋଗଦେବାକୁ ପୁରୀ-ଦୁର୍ଗ ଏକ୍ସପ୍ରେସ ଟ୍ରେନରେ ଆସୁଥିଲେ। ଟ୍ରେନରେ ସେ ଶୋଇଥିବାବେଳେ ଭୋର୍ ପ୍ରାୟ ୪ଟା ସମୟରେ ସମ୍ବଲପୁର ରେଳଷ୍ଟେଶନରେ ପୋଲିସ ତାଙ୍କୁ ଉଠାଇ ସେଠାରେ ଓହ୍ଲାଇବାକୁ ବାଧ୍ୟ କରିଥିଲା, ମାତ୍ର ସେ ଓହ୍ଲାଇ ନ ଥିଲେ ଏବଂ ବରଗଡ଼ ରେଳ ଷ୍ଟେଶନ ଅଭିମୁଖେ ଆସିଥିଲେ। ମାତ୍ର ବରଗଡ଼ ରେଳ ଷ୍ଟେଶନରେ ଓହ୍ଲାଇବା ପରେ ସ୍ଥାନୀୟ ପୋଲିସ ସେଠାରୁ ତାଙ୍କୁ ଉଠାଇ ନେଇ ୩ଘଣ୍ଟା ଥାନାରେ ଅଟକ ରଖିଥିଲା ବୋଲି ସାମନ୍ତରା କହିଛନ୍ତି। ଏପରିକି ଚାଷୀନେତା ଲିଙ୍ଗରାଜ ବରଗଡ଼ ଗସ୍ତ ସମ୍ପର୍କରେ କହିବା ସତ୍ତ୍ୱେ ପୋଲିସ ଛାଡ଼ି ନ ଥିଲା ଏବଂ ୩ଘଣ୍ଟା ଅଟକ ରଖିବା ପରେ ତାଙ୍କୁ ଛାଡ଼ିଥିବା ସେ କହିଛନ୍ତି। ବଲାଙ୍ଗୀର ଲୋୟର ସୁକତେଲ ବିସ୍ଥାପିତଙ୍କୁ ଭେଟିବାକୁ ସେ ଯାଉଥିବା ଭାବି ପୋଲିସ ତାଙ୍କୁ ଉଠାଇଥିଲା, ମାତ୍ର ସେ ବଲାଙ୍ଗୀର ଯାଉ ନ ଥିବା କହିବା ଏବଂ ବରଗଡ଼ ରେଳ ଷ୍ଟେଶନରେ ଓହ୍ଲାଇବା ସତ୍ତ୍ୱେ ପୋଲିସ ଅଟକ ରଖିଥିଲା ବୋଲି ସାମନ୍ତରା ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି, ଲୋୟର ସୁକତେଲ ଡ୍ୟାମ୍ ବିସ୍ଥାପିତଙ୍କ ସ୍ଥିତି, ସମସ୍ୟା ଲୋକଲୋଚନକୁ ଆଣିବା ପାଇଁ ବଲାଙ୍ଗୀର ଜିଲା ପ୍ରଶାସନ ଚାହୁଁନାହିଁ। ସେହିପରି ପୂର୍ବ ସରକାରଙ୍କ ଗଣତନ୍ତ୍ର ହତ୍ୟା ଲୀଳା ବନ୍ଦ ରହିବ ନା ଚାଲୁ ରହିବ, ନୂଆ ସରକାର ତାହା ଘୋଷଣା କରନ୍ତୁ। ତାଙ୍କ ଗସ୍ତକୁ ନେଇ ପ୍ରଶାସନର ଏତେ ଭୟ କାହିଁକି ଏବଂ ବିସ୍ଥାପିତଙ୍କୁ ଭେଟିବା କ'ଣ ତାଙ୍କର ଅଧିକାର ନାହିଁ କି ବୋଲି ସାମନ୍ତରା ପ୍ରଶାସନକୁ ପ୍ରଶ୍ନ କରିଛନ୍ତି। ଏହା ସହିତ ଏ ନେଇ ସେ ମୁଖ୍ୟମନ୍ତ୍ରୀଙ୍କୁ ଲେଖି ଜଣାଇବେ ବୋଲି ପ୍ରକାଶ କରିଛନ୍ତି।

# ଜାତୀୟ କିକ୍ ବକ୍ସିଂ ଖେଳାଳିଙ୍କ ମୃତଦେହ ଜବତ



ଅଭିଷେକ ଜାମୁଦା

ବନ୍ଧମୁଣ୍ଡା, ୨୩।୮ (ସୁବ୍ରତ ଦେ)

ସୁନ୍ଦରଗଡ଼ ବନ୍ଧମୁଣ୍ଡା ସି-ସେକ୍ଟରସ୍ଥିତ ଶାରଦାପଲ୍ଲୀ ବସ୍ତିରେ ଜାତୀୟସ୍ତରର କିକ୍ ବକ୍ସିଂ ଖେଳାଳି ଅଭିଷେକ ଜାମୁଦାଙ୍କ ଝୁଲନ୍ତା ମୃତଦେହ ଗୁରୁବାର ପୋଲିସ ଜବତ କରିଛି। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଜାମୁଦା ଆତ୍ମହତ୍ୟା କରିଥିବା ପିତା ବବୁଲ ଜାମୁଦା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ନଂ ୨୨/୨୪ ରୁଜୁ କରି ଏହା ଆତ୍ମହତ୍ୟା କି ନୁହେଁ ସେନେଇ ତଦନ୍ତ କରୁଛି। ଅଭିଷେକଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ କ୍ରୀଡ଼ାପ୍ରେମୀ ରଞ୍ଜିତ କୁଜୁର, ମନୋଜ କୁମାର ପ୍ରଧାନ, ଭୋଲା ଶାମଲ, ଦୀନେଶ କୁମାର, ରତିଆ ଏକ୍କାଙ୍କ ସମେତ ସୁନ୍ଦରଗଡ କିକ୍ ବକ୍ସିଂ ଦଳର ମୁଖ୍ୟ ପ୍ରଶିକ୍ଷକ ବିଚିତ୍ର ନାରାୟଣ ଜେନା, ସଞ୍ଜୀବ ଖେସ, ବିଲ୍ଲୁ ତିର୍କୀ, ରବୀନ୍ଦ୍ର କୁମାର, ଅଶୋକ କୁନଓ୍ୱର, ନିଖିଲ ଯାଇଶାଲଙ୍କ ସମେତ ଅନ୍ୟ କିକ୍ ବକ୍ସିଂ ଖେଳାଳି ସମବେଦନା ଜଣାଇଛନ୍ତି। ୨୦୨୨ରେ ଅଭିଷେକ ଭୁବନେଶ୍ୱରରେ ଆୟୋଜିତ କିକ୍ ବକ୍ସିଂ ଚାମ୍ପିୟନଶିପରେ ରାଜ୍ୟସ୍ତରୀୟ କ୍ରୀଡ଼ାରେ ସିଲଭର୍ ପଦକ ଜିତିଥିଲେ। ପୁଣେରେ ଆୟୋଜିତ ହୋଇଥିବା ଜାତୀୟ କିକ୍ ବକ୍ସିଂ ଚାମ୍ପିୟନଶିପରେ ମଧ ଭାଗ ନେଇଥିଲେ।




# ମୃତ ନିର୍ମାଣ ଶ୍ରମିକଙ୍କ ନାଁରେ କାର୍ଡ ପଞ୍ଜୀକରଣ

ରାୟଗଡ଼ା, ୨୩।୮ (ଆଶିଷ ରଞ୍ଜନ ପଣ୍ଡା)




ମୃତ ଇଙ୍ଗୁ ମାଝି ଓ ପ୍ରମିଳା କୌଶଲିଆଙ୍କ ନିର୍ମାଣ ଶ୍ରମିକ କାର୍ଡ।

ରାୟଗଡ଼ା ଜିଲା ଶ୍ରମ କାର୍ଯ୍ୟାଳୟରେ ପିଛା ଛାଡୁନି ଦୁର୍ନୀତି ଓ କେଲେଙ୍କାରୀ। ନିର୍ମାଣ ଶ୍ରମିକ କାର୍ଡରେ ମୃତ୍ୟୁକାଳୀନ ବୀମା ଅର୍ଥ ହେରଫେର ଘଟଣାରେ ଜିଲା ଶ୍ରମ ଅଧିକାରୀ ଜସ୍ମିନ ଶୁଭଦର୍ଶିନୀ ସାହୁ ନିଲମ୍ବିତ ହୋଇଥିଲେ। ଏବେ ପୁଣି ଏକ ଦୁର୍ନୀତି ସାମ୍ନାକୁ ଆସିଛି। ଜିଲା ଶ୍ରମ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ସହକାରୀ ଶ୍ରମ ଅଧିକାରୀ ମୃତକଙ୍କ ନାଁରେ ନିର୍ମାଣ ଶ୍ରମିକ କାର୍ଡକୁ ଅନୁମୋଦନ କରିଥିବା ଘଟଣା ନଜରକୁ ଆସିଛି। କଲ୍ୟାଣସିଂହପୁର ବ୍ଲକର ଜଣେ ମୃତ ମହିଳା ଓ କାଶୀପୁର ବ୍ଲକ୍‌ର ଜଣେ ମୃତ ପୁରୁଷଙ୍କ ନାଁରେ ନିର୍ମାଣ ଶ୍ରମିକ କାର୍ଡ ପଞ୍ଜୀକରଣ ହୋଇଥିବା ଜଣାପଡ଼ିଛି। କେବଳ ଏହି ୨ ଜଣ ନୁହନ୍ତି, ଏଭଳି ଅନେକ ମୃତକଙ୍କ ନାମରେ ନିର୍ମାଣ ଶ୍ରମିକ କାର୍ଡ ପଞ୍ଜୀକରଣ ହୋଇଥିବା ସନ୍ଦେହ ଘେରକୁ ଆସିଥିବା ନେଇ ସାମାଜିକ କର୍ମୀ ବଳରାମ ପଣ୍ଡା ସୂଚନା ଦେଇଛନ୍ତି।

ଘଟଣାରୁ ପ୍ରକାଶ, କଲ୍ୟାଣସିଂହପୁର ବ୍ଲକ୍ କଦଳୀଗୁଆଁ ଗ୍ରାମର ପ୍ରମିଳା କୌଶଲିଆ ୨୦୨୩ ନଭେମ୍ବର ୧୫ରେ ମୃତ୍ୟୁବରଣ କରିଥିବା ତାଙ୍କ ମୃତ୍ୟୁ ପ୍ରମାଣପତ୍ର ପଞ୍ଜୀକରଣ ସଂଖ୍ୟା ୬୨୮/୨୦୨୩ରେ ଉଲ୍ଲେଖ ରହିଛି। ହେଲେ ଉକ୍ତ ମୃତ ମହିଳାଙ୍କ ନାଁରେ ୨୦୨୩ ଡିସେମ୍ବର ୩୦ରେ ନିର୍ମାଣ ଶ୍ରମିକ କାର୍ଡ ନମ୍ବର(ଓଡିଆର୍‌ଜିଡି ୦୦୧୦୯୪୩୫୯)ରେ ପଞ୍ଜୀକରଣ କରାଯାଇଥିଲା। ଜିଲା ଶ୍ରମ କାର୍ଯ୍ୟାଳୟରେ କାର୍ଯ୍ୟରତ ସହକାରୀ ଶ୍ରମ ଅଧିକାରୀ ସଞ୍ଜୟ କୁମାର ରଇତ କୌଣସି ଅନୁଧ୍ୟାନ ନ କରି ଏହାକୁ ଅନୁମୋଦନ କରିଛନ୍ତି। ସେହିଭଳି କାଶୀପୁର ବ୍ଲକ୍ ପାଞ୍ଚାଲି ଗ୍ରାମର ଇଙ୍ଗୁ ମାଝିଙ୍କର ୨୦୨୩ଅକ୍ଟୋବର ୧୫ରେ ମୃତ୍ୟୁ ହୋଇଥିବା ବେଳେ ୨୦୨୩ ଅକ୍ଟୋବର ୧୭ରେ ତାଙ୍କ ନାଁରେ ନିର୍ମାଣ ଶ୍ରମିକ କାର୍ଡ ନଂ.(ଓଡିଆର୍‌ଜିଡି ୦୦୧୦୯୫୨୬୨) ପଞ୍ଜୀକରଣ ହୋଇଛି। ଇଙ୍ଗୁଙ୍କ ମୃତ୍ୟୁ ପ୍ରମାଣପତ୍ର ପଞ୍ଜୀକରଣ ସଂଖ୍ୟା ୯୬୨/୨୦୨୩କୁ ଦେଖିଲେ ସହଜେ ଏହା ଅନୁମେୟ। ତେବେ ଏହି ଦୁଇଟି ନିର୍ମାଣ ଶ୍ରମିକ କାର୍ଡ ଆବେଦନ ପରେ ସହକାରୀ ଶ୍ରମ ଅଧିକାରୀ ରଇତ କେଉଁ ଆଧାରରେ ତଦନ୍ତକରି ଅନୁମୋଦନ କରିଛନ୍ତି ତାହା ତଦନ୍ତ ସାପେକ୍ଷ। ଏ ସମ୍ପର୍କରେ ସହକାରୀ ଶ୍ରମ ଅଧିକାରୀ ସଞ୍ଜୟ ରଇତଙ୍କୁ ପଚାରିବାରୁ ଏହା ଟ୍ରେଡ୍ ୟୁନିୟନ କର୍ମକର୍ତ୍ତାମାନେ ପଞ୍ଜୀକରଣ ପାଇଁ ଆବେଦନ କରିଥିଲେ। ତେଣୁ ତାହାକୁ ଅନୁମୋଦନ ଦିଆଯାଇଛି। ତେବେ ଟ୍ରେଡ୍ ୟୁନିୟନ ଆବେଦନ କରାଇଲେ ଏହାର ତଦନ୍ତ ନ କରିବା ପାଇଁ କୌଣସି ନିୟମ ଅଛି କି ପଚାରିବାରୁ ସେଭଳି କିଛି ନ ଥିବା କହିଥିଲେ। ଜିଲା ଶ୍ରମ ଅଧିକାରୀ ଗୋପାଳ ମଙ୍ଗରାଜଙ୍କୁ ପଚାରିବାରୁ ଏ ନେଇ ଯାଞ୍ଚ ଚାଲିଛି ବୋଲି କହିଛନ୍ତି। ଜିଲା ଶ୍ରମ ଅଧିକାରୀ ମୃତ୍ୟୁକାଳୀନ ବୀମାରାଶି ହେରଫେର ଘଟଣାରେ ନିଲମ୍ବିତ ହେବା ସହ ଜିଲା ଶ୍ରମ ବିଭାଗ ତାଙ୍କ ନାଁରେ ଥାନାରେ ମାମଲା ରୁଜୁ କରିଛି। ତେବେ ମୃତ୍ୟୁ ପରେ ନିର୍ମାଣ ଶ୍ରମିକ କାର୍ଡ ପଞ୍ଜୀକରଣ ହୋଇଥିବା ଘଟଣାରେ ଥାନାରେ କାହିଁକି ମାମଲା ରୁଜୁ କରୁନାହିଁ ଶ୍ରମ ବିଭାଗ। ତେଣୁ ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟିଦେଇ ଏହାର ନିରପେକ୍ଷ ତଦନ୍ତକଲେ ଏହି ଦୁର୍ନୀତିରେ ଲିପ୍ତ ରହିଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଅସଲ ମୁଖା ଖୋଲିଯିବ ବୋଲି ସାମାଜିକ କର୍ମୀ ବଳରାମ ପଣ୍ଡା କହିଛନ୍ତି।

# ସିବିଆଇରେ ଆଇଆର୍‌ଏସ୍ ଅଧିକାରୀ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ରେ ଅନ୍ତର୍ଭୁକ୍ତ କରିବା ପାଇଁ ନିକଟରେ ସରକାର ନେଇଥିବା ପଦକ୍ଷେପ ଭାରତୀୟ ପୋଲିସ ସେବା(ଆଇପିଏସ୍) ର୍‍ୟାଙ୍କଗୁଡ଼ିକରେ ଅସନ୍ତୋଷ ସୃଷ୍ଟି କରିଛି। ତେବେ, ଏଭଳି ପରିବର୍ତ୍ତନର ଲକ୍ଷ୍ୟ ହେଉଛି ଆର୍ଥିକ ଠକେଇ ମାମଲାଗୁଡ଼ିକର ସମାଧାନ ପାଇଁ ଦକ୍ଷ ତଥା ଅଭିଜ୍ଞ ଆଇଆର୍‌ଏସ୍ ଅଧିକାରୀଙ୍କ ସହାୟତା ନେବା। ସମ୍ପ୍ରତି କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ୫ଜଣ ଆଇଆର୍‌ଏସ୍ ଅଧିକାରୀଙ୍କୁ ସିବିଆଇରେ ପୋଲିସ ଅଧୀକ୍ଷକ (ଏସ୍‌ପି) ପଦରେ ନିଯୁକ୍ତ କରିଛି। ୨୦୧୪ ଏବଂ ୨୦୧୬ ବ୍ୟାଚ୍‌ର ଏହି ଅଧିକାରୀମାନେ ୫ବର୍ଷ କାର୍ଯ୍ୟ କରିବେ ବୋଲି ଆଶା କରାଯାଉଛି। ଏଭଳି ନିଯୁକ୍ତିକୁ ନେଇ ସରକାରଙ୍କ ଯୁକ୍ତି ହେଉଛି, ଅର୍ଥନୈତିକ ଅପରାଧ ବଢ଼ୁଥିବାରୁ ସିବିଆଇ ପାଇଁ ଆର୍ଥିକ ବିଷୟଗୁଡ଼ିକରେ ଗଭୀର ଜ୍ଞାନ ଥିବା କର୍ମଚାରୀ ଦରକାର ଏବଂ ଜଟିଳ ଟିକସ ଓ ଆର୍ଥିକ ସମସ୍ୟାକୁ ନିୟନ୍ତ୍ରଣ କରୁଥିବା ଆଇଆର୍‌ଏସ୍ ଅଧିକାରୀମାନେ ଏହି ଆହ୍ୱାନ ପାଇଁ ଉପଯୁକ୍ତ । ତେବେ ପୂର୍ବରୁ ସିବିଆଇରେ ଡେପୁଟି ଇନ୍ସପେକ୍ଟର ଜେନେରାଲ(ଡିଆଇଜି) ଭାବରେ କାର୍ଯ୍ୟ କରୁଥିବା ୨୦୧୭ ବ୍ୟାଚ୍‌ର ଆଇଆର୍‌ଏସ୍ ଅଧିକାରୀ ବିଜେନ୍ଦ୍ର କୁମାରଙ୍କ କାର୍ଯ୍ୟକାଳ ଆଉ ୧ ବର୍ଷ ବୃଦ୍ଧି କରାଯାଇଥିଲା। ଏହା ସହ ସିବିଆଇର କାର୍ଯ୍ୟରେ ଆଇଆର୍‌ଏସ୍ ବିଶେଷଜ୍ଞଙ୍କୁ ସମ୍ମିଳିତ କରିବା ପାଇଁ ସରକାରଙ୍କ ଉଦ୍ଦେଶ୍ୟକୁ ଏହି ପଦକ୍ଷେପ ସୂଚିତ କରୁଛି। ଏହି ନିଷ୍ପତ୍ତିକୁ ତଥାପି ଆଇପିଏସ୍ ଲବି ଗ୍ରହଣ କରିପାରିନାହିଁ ଏବଂ ଏହାକୁ ସେମାନଙ୍କ ଅଧିକାର କ୍ଷେତ୍ରରେ ଏକ ଜବରଦଖଲ ବୋଲି ବିଚାରକରେ। ବିଶେଷ ସୂତ୍ରରୁ ଶୁଣିବାକୁ ମିଳୁଛି ଯେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଓ ସିରିୟସ ଫ୍ରଡ୍ ଇନ୍‌ଭେଷ୍ଟିଗେଶନ ଅଫିସ୍(ଏସ୍‌ଏଫ୍‌ଆଇଓ) ପାଦ ଥାପି ସାରିଥିବା ଆଇଆର୍‌ଏସ୍ ବର୍ତ୍ତମାନ ସିବିଆଇରେ ପ୍ରବେଶ କରୁଛି।

### ଚାପରେ ସରକାର

ଯୁଗ୍ମ ସଚିବ, ନିର୍ଦ୍ଦେଶକ ଏବଂ ଉପ ସଚିବ ସ୍ତରରେ ୪୫ ଅଧିକାରୀଙ୍କ ଲାଟେରାଲ ଏଣ୍ଟ୍ରି (ଘରୋଇ କ୍ଷେତ୍ରରୁ ବିଶେଷଜ୍ଞଙ୍କୁ ଆଣି ସରକାରୀ ପଦବୀରେ ନିଯୁକ୍ତି ଦେବା) ପାଇଁ ବିଜ୍ଞାପନ ବାତିଲ କରିବାକୁ କେନ୍ଦ୍ରର ନିଷ୍ପତ୍ତି ମିଳିତ ସରକାରରେ ଚିନ୍ତାର ବିଷୟ ହୋଇଛି। ଜନତା ଦଳ (ୟୁନାଇଟେଡ୍) ଏବଂ ଲୋକ ଜନଶକ୍ତି ପାର୍ଟି ଭଳି ସହଯୋଗୀ ଦଳ ଏବଂ ବିରୋଧୀ ଦଳର ଚାପରେ ସରକାର ଏହି ବିଜ୍ଞାପନ ପ୍ରତ୍ୟାହାର କରିବାକୁ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି)କୁ କହିଛନ୍ତି। ସଂରକ୍ଷଣ ନୀତିକୁ ନେଇ ରହିଥିବା ସମସ୍ୟା ଏବଂ ସାମାଜିକ ସମାନତାକୁ ସୁନିଶ୍ଚିତ କରିବାକୁ ଏହି ପଦକ୍ଷେପ ନିଆଯାଇଥିଲା। ମୋଦି ସରକାରଙ୍କ ଦ୍ୱାରା ୨୦୧୮ରେ ଆରମ୍ଭ ହୋଇଥିଲା ଲାଟେରାଲ ଏଣ୍ଟ୍ରି ସ୍କିମ୍ । ତେବେ ଏହି ପଦକ୍ଷେପ ବିଶେଷକରି ଏସ୍‌ସି, ଏସ୍‌ଟି ଏବଂ ଓବିସି ବର୍ଗ ପାଇଁ ସଂରକ୍ଷଣ ଅଭାବକୁ ନେଇ ବଡ଼ ଆହ୍ୱାନର ସମ୍ମୁଖୀନ ହୋଇଛି। ଏହି ପ୍ରସଙ୍ଗକୁ ବିରୋଧୀ ଦଳ ନୁହେଁ, ବରଂ ଏନ୍‌ଡିଏ ଭିତରେ ମଧ୍ୟ ସମାଲୋଚନା କରାଯାଇଛି। ୨୦୧୯ରେ ପ୍ରଥମେ ଲାଟେରାଲ ଏଣ୍ଟ୍ରିରେ ନିଯୁକ୍ତ ବିଶେଷଜ୍ଞମାନଙ୍କ ମଧ୍ୟରୁ ଅନେକ ପଦବୀ ଛାଡ଼ି ଦେଇଥିଲେ, ଯାହା ଏହି ଯୋଜନାର କାର୍ଯ୍ୟକାରିତା ଉପରେ ସନ୍ଦେହ ସୃଷ୍ଟି କରୁଛି। ଏହିସବୁ ଅସୁବିଧା ଓ ଯୋଜନାର ଭବିଷ୍ୟତ ଅନିଶ୍ଚିତ ଥିବା ସତ୍ତ୍ୱେ ଲାଟେରାଲ ଏଣ୍ଟ୍ରିରେ ନିଯୁକ୍ତି ପାଇଥିବା ୫ଜଣ ଏବେ ଅଛନ୍ତି। ଏକ ମିଳିତ ସରକାରରେ ସଂସ୍କାର ଆଣିବାବେଳେ ସହଯୋଗୀଙ୍କ ଦାବିଗୁଡ଼ିକରେ ସମନ୍ୱୟ ରକ୍ଷା କରିବା ଏକ କଷ୍ଟସାଧ୍ୟ କାର୍ଯ୍ୟ। ତେବେ ମୋଦି ସରକାର ଚାପରେ ରହୁଥିବା ସାମ୍ପ୍ରତିକ ଘଟଣାଗୁଡ଼ିକରୁ ଜଣାପଡ଼େ।

### ତେଲଙ୍ଗାନା ଡିଜିପିଙ୍କ ଆଦେଶ

ତେଲଙ୍ଗାନା ଡିଜିପିଙ୍କ କାର୍ଯ୍ୟାଳୟର ଏକ ଆଦେଶକୁ ନେଇ ଏବେ ବିଭିନ୍ନ କ୍ୟାଡରଙ୍କ ମଧ୍ୟରେ ସମାଲୋଚନା ଜୋର ଧରିଛି। ଏବେ ଆୱେଟିଂ ପୋଷ୍ଟିଂ ଅର୍ଡର-ଏପିଓ ( ଛୁଟି କିମ୍ବା କେନ୍ଦ୍ରୀୟ ଡେପୁଟେଶନରୁ ଫେରିବା ପରେ ଅଧିକାରୀଙ୍କୁ ଉପଯୁକ୍ତ ନିଯୁକ୍ତି ପାଇଁ ଅପେକ୍ଷା କରିବାକୁ ପଡ଼େ କାରଣ ରାଜ୍ୟ ସରକାର ଏଥିପାଇଁ ସମୟ ନେଇଥାନ୍ତି) ଥିବା ପ୍ରାୟ ୧୬ ଜଣ ଆଇପିଏସ୍ ଅଧିକାରୀଙ୍କୁ ପ୍ରତ୍ୟେକ ଦିନ ଅପେକ୍ଷା କକ୍ଷରେ ଥିବା ଏକ ଉପସ୍ଥାନ ରେଜିଷ୍ଟରରେ ପ୍ରବେଶ ଓ ପ୍ରସ୍ଥାନ ସୂଚିତ କରିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି। ଏଥିରେ ମଧ୍ୟ ସୂଚିତ କରାଯାଇଛି ଯେ, ଡିଜିପିଙ୍କଠାରୁ ଯେକୌଣସି ଜରୁରୀ କାର୍ଯ୍ୟ ପାଇଁ ସେମାନେ ପ୍ରସ୍ତୁତ ରହିବା ଆବଶ୍ୟକ। ବିଶେଷକରି ଅନ୍ୟ ରାଜ୍ୟରୁ ଆସିଥିବା ଆଇପିଏସ୍ ଅଧିକାରୀମାନେ ଏହି ଆଦେଶକୁ ନେଇ ଆଶ୍ଚର୍ଯ୍ୟପ୍ରକଟ କରିବା ସହ ଏହାକୁ ଅସ୍ୱୀକାର କରିଛନ୍ତି। ଅନେକେ ଏହାକୁ ସମ୍ପୃକ୍ତ ଅଧିକାରୀଙ୍କ ମନୋବଳ ଏବଂ ସମ୍ମାନ ପାଇଁ ମଧ୍ୟ କ୍ଷତିକାରକ ବୋଲି ବିବେଚନା କରନ୍ତି। ସେମାନେ କହିଛନ୍ତି , ନିୟମ ମାନିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଅତ୍ୟଧିକ ଅମଲାତାନ୍ତ୍ରିକ ପଦକ୍ଷେପ ଜଟିଳ ପରିସ୍ଥିତିରେ ସମସ୍ୟା ସମାଧାନରେ ବାଧା ସୃଷ୍ଟି କରିପାରେ। ଏହି ନୂତନ ଆଦେଶ ବିଶ୍ୱାସର ଅଭାବକୁ ସୂଚାଏ, ଯାହା ପୋଲିସର ସୁଗମ କାର୍ଯ୍ୟଧାରାକୁ କ୍ଷୁଣ୍ଣ କରିପାରେ। ତଥାପି, ମନେହେଉଛି, ବ୍ୟବହାରିକ ସମସ୍ୟା ହେତୁ ରାଜ୍ୟ ଡିଜିପି ଏହି ନିର୍ଦ୍ଦେଶ ଜାରି କରିବାକୁ ବାଧ୍ୟ ହୋଇଥିଲେ। ରିପୋର୍ଟରୁ ଜଣାପଡ଼ିଛି, ଅନେକ ଏପିଓ ଅଧିକାରୀ ସେମାନଙ୍କର ନିର୍ଦ୍ଧାରିତ ମୁଖ୍ୟାଳୟ ପରିବର୍ତ୍ତେ ହାଇଦ୍ରାବାଦରେ ରହୁଥିଲେ, ଯାହା ଦ୍ୱାରା ଡ୍ୟୁଟି ପାଇଁ ସେମାନଙ୍କ ଉପଲବ୍ଧତାରେ ସମସ୍ୟା ରହିଥିଲା। କେତେକେ ବିଶ୍ୱାସ କରନ୍ତି ଯେ, ବିଜୟୱାଡାର ଆଇପିଏସ୍ ଗେଷ୍ଟ ହାଉସରେ ଅଧିକାରୀମାନଙ୍କୁ ରହିବାକୁ ପରାମର୍ଶ ଦିଆଯାଇପାରିଥାନ୍ତା। ତେବେ ଗ୍ରହଣ କରାଯାଇଥିବା ପନ୍ଥାକୁ ନେଇ ବଡ଼ ଧରଣର ସମାଲୋଚନା ଚାଲିଛି।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | | | 6 | | 1 |
| 5 | | | 4 | 1 | | | | |
| | | | | | 2 | | 8 | |
| | | | 2 | | | | | 9 |
| 6 | 4 | | | | | | 2 | 8 |
| 9 | 5 | | | | | 1 | | |
| | | | | | | 7 | | |
| | | 7 | | | 5 | | 3 | |
| | 9 | | | 8 | 4 | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 5 | 3 | 7 | 9 | 6 | 8 | 1 |
| 6 | 7 | 1 | 2 | 8 | 5 | 4 | 9 | 3 |
| 8 | 9 | 3 | 4 | 1 | 6 | 7 | 2 | 5 |
| 9 | 4 | 8 | 6 | 5 | 7 | 1 | 3 | 2 |
| 5 | 6 | 2 | 8 | 3 | 1 | 9 | 4 | 7 |
| 3 | 1 | 7 | 9 | 2 | 4 | 5 | 6 | 8 |
| 1 | 8 | 4 | 7 | 9 | 2 | 3 | 5 | 6 |
| 2 | 5 | 6 | 1 | 4 | 3 | 8 | 7 | 9 |
| 7 | 3 | 9 | 5 | 6 | 8 | 2 | 1 | 4 |

ଗତକାଲିର ଉତ୍ତର

# ସ୍ୱଜନଙ୍କ ସଂହାର କାହିଁକି



**ଡ. ସତ୍ୟ ନାରାୟଣ ମିଶ୍ର**

ବସୁଧୈବ କୁଟୁମ୍ବକମ୍ ଜୀବନଶୈଳୀରେ ରହିବା ପାଇଁ ପ୍ରୟାସ କରୁଥିବା ଏକବିଂଶ ଶତାବ୍ଦୀର ମଣିଷ ଦ୍ୱାପର ଯୁଗରେ ମହାଭାରତର ଅନେକ ଦୃଷ୍ଟାନ୍ତକୁ ନେଇ ଜୀବନ ଅତିବାହିତ କରିବା ପାଇଁ ଚେଷ୍ଟା କରୁଛି। ତଥାପି ନିଜ ସୁରକ୍ଷା ପାଇଁ ଆର୍ତ୍ତନାଦ କରୁଛି। ମଣିଷ ମଣିଷକୁ ଭରସା କରିବାରେ ଉତ୍କଣ୍ଠା ପ୍ରକାଶ କରିପାରୁନାହିଁ। କାରଣ ମଣିଷ ନିଜେ ଅନେକ ବିଭେଦ ସୃଷ୍ଟିକରି ବିବାଦ ମଧ୍ୟରେ ନିଜର ସ୍ଥିତିକୁ ନିଜେ ଖୋଜିବୁଲୁଛି। ପ୍ରଶ୍ନ ପଚାରୁଛି ଅନେକଙ୍କୁ, ହେଲେ ଉତ୍ତର ଦେବା ପାଇଁ ସ୍ୱୟଂ ପ୍ରଶ୍ନକର୍ତ୍ତା ମଧ୍ୟ ନିରୁପାୟ।

ମଣିଷ ସମାଜରେ ବିଶେଷତଃ ଦୁଇ ପ୍ରକାରର ସମ୍ବନ୍ଧ ପରିଲକ୍ଷିତ ହୋଇଥାଏ, ଗୋଟିଏ ଥାଏ ସ୍ୱଜନ ଓ ଅନ୍ୟଟି ଥାଏ ପରଜନ। ତେବେ ସ୍ୱଜନ ଓ ପରଜନର ସଂଜ୍ଞାକୁ ବିଶ୍ଳେଷଣ କଲେ ଅନେକ ମଧ୍ୟରୁ ଗୋଟିଏ ସାରାଂଶ ମିଳେ ଯେ ସ୍ୱଜନ ହେଉଛନ୍ତି ନିଜର ଆତ୍ମୀୟସ୍ୱଜନ, ଜ୍ଞାତିକୁଟୁମ୍ବ, ବନ୍ଧୁବାନ୍ଧବ ଓ ନିଜର ପ୍ରିୟଜନ। ଏମାନଙ୍କୁ ଅତି ନିକଟରୁ ମଣିଷ ଜାଣିଥାଏ ଓ ଏମାନଙ୍କ ସହ ଜୀବନର ସହଭାଗିତାରେ ଲିପ୍ତ ଥାଏ। ସମଭାବରେ ଅନ୍ୟ ଯେତେସବୁ ଲୋକ ଦୃଶ୍ୟମାନ ହୋଇଥାନ୍ତି ସେମାନେ ପରଜନ। ତେବେ ଭାରତୀୟ ସଂସ୍କୃତି, ପରମ୍ପରା ଓ ଜ୍ଞାନକୁ ଅବଲୋକନ କଲେ ପ୍ରତୀୟମାନ ହୋଇଥାଏ ଯେ ବସୁଧୈବ କୁଟୁମ୍ବକମ୍ ବା ସମଗ୍ର ପୃଥିବୀ ହେଉଛି ଏକ କୁଟୁମ୍ବ ଅର୍ଥାତ୍ ସମସ୍ତେ ହେଉଛନ୍ତି ସ୍ୱଜନ ବା ନିଜ ଲୋକ। ତେଣୁ ବର୍ତ୍ତମାନ ମଣିଷ ମଣିଷକୁ କୌଣସି କାରଣରୁ ହତ୍ୟା କରୁଛି। ତାହା ଯୁଦ୍ଧ ଦ୍ୱାରା ହୋଇଥାଉ ବା ଆତଙ୍କବାଦୀ ଷଡ଼ଯନ୍ତ୍ର ଦ୍ୱାରା ହୋଇଥାଉ ବା କୌଣସି ତ୍ରୁଟି ଦ୍ୱାରା ହୋଇଥାଉ ବା ପ୍ରତିଶୋଧ ପାଇଁ ହୋଇଥାଉ। ମହାଭାରତର ମହାଯୁଦ୍ଧ ଦ୍ୱାରରେ ଅର୍ଜୁନଙ୍କୁ ଭଗବାନ୍ ଶ୍ରୀକୃଷ୍ଣ ଅନେକ ବୁଝାଇଥିଲେ ଯୁଦ୍ଧ କରିବା ପାଇଁ, ଯେଉଁଥିରେ ନିହିତ ଥିଲା ଧର୍ମ ଓ ଶାନ୍ତି ପ୍ରତିଷ୍ଠାର ଉଦ୍ଦେଶ୍ୟ। ତେବେ ଅର୍ଜୁନଙ୍କ ଜ୍ଞାନ ଦୁଇ ସମ୍ପର୍କୀୟ ଭାଇ କୌରବ ଓ ପାଣ୍ଡବଙ୍କ ମଧ୍ୟରେ ଏକ ନିର୍ଣ୍ଣାୟକ ଯୁଦ୍ଧ। କୁରୁକ୍ଷେତ୍ରର ଯୁଦ୍ଧକ୍ଷେତ୍ରରେ ସ୍ୱଜନ ଓ ପରଜନର ନିର୍ଣ୍ଣୟ ସହିତ ବିବେକର ବିଚାର ନିହିତ ଥିଲା। ଏଭଳି ଯୁଦ୍ଧର କାରଣଗୁଡ଼ିକର ଏକ ବିସ୍ତୃତ ବିବରଣୀ ଭଗବଦ୍ ଗୀତାରେ ବର୍ଣ୍ଣନା କରାଯାଇଛି, ଯାହା ଭଗବାନ୍ ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ ମଧ୍ୟରେ ବାର୍ତ୍ତାଳାପ। ଉକ୍ତ କଥୋପକଥନରେ ଗୋଟିଏ ଶୀର୍ଷକ ଥିଲା- ଅର୍ଜୁନ ଯୁଦ୍ଧ କରିବେ କି ନାହିଁ ଓ ଯଦି କରିବେ ତ କାହାକୁ ମାରିବେ। କାରଣ ମହାଭାରତ ଯୁଦ୍ଧରେ ଉଭୟ ପକ୍ଷ ହେଉଛନ୍ତି ଭାଇ। ଏଠାରେ



ଶ୍ରୀକୃଷ୍ଣ ଗୁରୁ ଭାବରେ ଅର୍ଜୁନଙ୍କୁ ଧର୍ମର ରକ୍ଷାନିମିତ୍ତ ଜ୍ଞାନ ପ୍ରଦାନକରି ଅନେକ କଥା ବୁଝାଇଛନ୍ତି ଏବଂ ସ୍ୱଜନ ଓ ପରଜନର ସଂଜ୍ଞାକୁ ବିଶଦ ଭାବେ ବର୍ଣ୍ଣନା କରି ସାମୂହିକ ସ୍ୱାର୍ଥନିମିତ୍ତ ବ୍ୟକ୍ତିଗତ ସ୍ୱାର୍ଥକୁ ବଳିଦେବାକୁ ପରାମର୍ଶ ଦେଇଛନ୍ତି, ଯାହା ହେଉଛି ଏକବିଂଶ ଶତାବ୍ଦୀର ମଣିଷର ଆବଶ୍ୟକତା।

ମହାଭାରତ ଯୁଦ୍ଧରେ ଅର୍ଜୁନ ବାରମ୍ବାର ନିଜ ସମ୍ପର୍କୀୟଙ୍କୁ ହତ୍ୟା କରିବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। କୃଷ୍ଣଙ୍କୁ ଅର୍ଜୁନ କହିଛନ୍ତି, ଯଦିଓ କୌରବମାନେ ପାଣ୍ଡବଙ୍କ ଉପରେ ଆକ୍ରମଣ କରିବାକୁ ଇଚ୍ଛୁକ, ତଥାପି ସ୍ୱଜନ ମାମୁ, ଧୃତରାଷ୍ଟ୍ରଙ୍କ ପୁଅମାନଙ୍କୁ ହତ୍ୟା କରିବା ପାପ ହେବ ବୋଲି ଅର୍ଜୁନ ଅନୁଭବ କରିଥିଲେ। ଅର୍ଜୁନ କହିଛନ୍ତି, ସମ୍ପର୍କୀୟ ତଥା ସମ୍ପର୍କୀୟଙ୍କୁ ହତ୍ୟା କରିବା ଠିକ୍ ନୁହେଁ, ଏପରି କାର୍ଯ୍ୟକରି ମଣିଷ ଖୁସି ହୋଇପାରେନା। ଅନେକ ପରିସ୍ଥିତିରେ କାହାର ଜୀବନ ନେବା ଏକ ଗୁରୁତର ପାପ ବୋଲି ବିବେଚନା କରାଯାଏ ତଥା ଦୋଷ ଓ ଅନୁତାପ ସୃଷ୍ଟିକରେ। ଶାସ୍ତ୍ରରେ ନିର୍ଦ୍ଦେଶ ରହିଛି , ଚରମ ପରିସ୍ଥିତିରେ ସମ୍ପୂର୍ଣ୍ଣ ଆବଶ୍ୟକ ନ ହେବା ପର୍ଯ୍ୟନ୍ତ କୌଣସି ଜୀବକୁ ହତ୍ୟା କରିବା ଅନୁଚିତ। ହିଂସା ଏକ ପାପ ଓ ଅହିଂସା ଏକ ଉତ୍ତମ ଗୁଣ। ଅର୍ଜୁନଙ୍କ କ୍ଷେତ୍ରରେ ଯଦିଓ ଶତ୍ରୁର ଭୁଲ୍ କାର୍ଯ୍ୟ କ୍ଷମାଯୋଗ୍ୟ ନୁହେଁ, ସେ ଏହାକୁ ଅନୈତିକ ବୋଲି ଭାବି ସେମାନଙ୍କୁ ହତ୍ୟା କରିବାକୁ ରାଜି ନ ଥିଲେ। ଯଦିଓ ଋଷି ବଶିଷ୍ଠଙ୍କ ସ୍ମୃତି ଅନୁଯାୟୀ, ଛଅଟି ପରିସ୍ଥିତିରେ ମଣିଷ ହତ୍ୟା କରିବା ଗ୍ରହଣୀୟ ଯଥା ଶତ୍ରୁମାନଙ୍କଠାରୁ ନିଜକୁ ରକ୍ଷା କରିବା ପାଇଁ, ବ୍ୟକ୍ତିର ସମ୍ପତ୍ତିରେ ନିଆଁ ଲଗାଇ ସେମାନଙ୍କୁ ବିଷ ଦେବା ପାଇଁ ଚେଷ୍ଟା କରିଥିଲେ, ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିଥିଲେ, ବ୍ୟକ୍ତିର ସମ୍ପତ୍ତି ଲୁଟି ନେଇଥିଲେ, ମହିଳାମାନଙ୍କୁ ଅପହରଣ କରିଥିଲେ କିମ୍ବା ଅପମାନିତ କରିଥିଲେ ଏବଂ ସେମାନଙ୍କ ରାଜ୍ୟ ଦଖଲ କରିଥିଲେ। ଏପରିକି ମନୁ ସ୍ମୃତି ଉଲ୍ଲେଖ କରିଛନ୍ତି ଯେ, ଯଦି ଆତ୍ମରକ୍ଷା ପାଇଁ କେହି ଆକ୍ରମଣକାରୀଙ୍କୁ ହତ୍ୟାକରେ ତେବେ ଏହା ପାପ ବୋଲି ବିବେଚନା କରାଯାଏ ନାହିଁ। ତେଣୁ ଅର୍ଜୁନ ଅତ୍ୟନ୍ତ ମ୍ରିୟମାଣ ହୋଇ ଶ୍ରୀକୃଷ୍ଣଙ୍କୁ ପ୍ରଶ୍ନ ଛଳରେ ନିବେଦନ କରିଛନ୍ତି ଯେ 'ସ୍ୱଜନଂ ହି କଥଂ ହତ୍ୟା' ଅର୍ଥାତ୍ ନିଜର ସ୍ୱଜନମାନଙ୍କୁ ସାମାନ୍ୟ ସ୍ୱାର୍ଥ ବା ରାଜ୍ୟ ଆଦି ପାଇଁ କିପରି ହତ୍ୟା କରିବି। ଅତଏବ ଅର୍ଜୁନ ଏଠାରେ ଏକ ବିଶ୍ୱଭ୍ରାତୃତ୍ୱର ସନ୍ଦେଶ ପ୍ରତିପାଦନ କରିଛନ୍ତି ଯେ ବସୁଧୈବ କୁଟୁମ୍ବକମ୍‌ର ବିଚାରଧାରା ଓ ମାର୍ମିକ ଚିନ୍ତନକୁ ସେ ଉକ୍ତ ସମୟରେ ଅତି ସୁନ୍ଦର ଭାବରେ ଅବତାରଣା କରିଛନ୍ତି।

ସ୍ୱାର୍ଥକୁ ତ୍ୟାଗକରି ସାମୂହିକ ଉନ୍ନତି ବା ଜାତିର ଉନ୍ନତି ପାଇଁ ନିଜକୁ ଅତି ଗୌଣ ମନେକରି ଶ୍ରୀକୃଷ୍ଣଙ୍କର ଶରଣାପନ୍ନ ହୋଇଛନ୍ତି। ମାତ୍ର ବର୍ତ୍ତମାନର ମଣିଷ ଅନେକ ଜ୍ଞାନକୌଶଳ, ମାରଣାସ୍ତ୍ର, କ୍ଷେପଣାସ୍ତ୍ର ସୃଷ୍ଟି କରୁଛି କେବଳ ନିଜକୁ ବା ସ୍ୱଜନଙ୍କୁ ନିହତ କରିବା ପାଇଁ। ଆଜି ସମାଜରେ ଆତଙ୍କବାଦୀ, ସନ୍ତ୍ରାସବାଦୀ, ବିଚ୍ଛିନ୍ନତାବାଦୀ, ଦେଶଦ୍ରୋହୀମାନେ ନିରୀହ ଜନସାଧାରଣଙ୍କୁ ଅତି ନିର୍ମମ ଭାବେ ହତ୍ୟା କରୁଛନ୍ତି ଓ ସାମାନ୍ୟ ସ୍ୱାର୍ଥ ପାଇଁ ମଣିଷ ସ୍ୱଜନର ହତ୍ୟା କରୁଛନ୍ତି।

ମଣିଷ କେବଳ କଥାରେ ବସୁଧା ଏକ ପରିବାର ବୋଲି ବିବେଚନା କରୁଛି। ମାତ୍ର କାର୍ଯ୍ୟରେ ତାହା ପ୍ରତିପାଦନ ନ କରି ଅନେକ ଷଡ଼ଯନ୍ତ୍ରରେ ମଣିଷ ମଣିଷକୁ ହତ୍ୟାକରି ସ୍ୱାର୍ଥ ସିଦ୍ଧିକରି ନିଜକୁ ଗର୍ବାନ୍ୱିତ ମନେକରୁଛି। କୌଣସି ସ୍ଥାନରେ ଯଦି କୌଣସି ଆତଙ୍କବାଦୀ ଗୋଷ୍ଠୀ ବା ବ୍ୟକ୍ତି କୌଣସି ନରସଂହାର ବା କ୍ଷୟକ୍ଷତି କରିଥାନ୍ତି ତେବେ ସେମାନେ ଦାବିକରି ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥା'ନ୍ତି। ଜଣେ ନିରୀହ ବ୍ୟକ୍ତିଙ୍କୁ ହତ୍ୟା କରିବା ଏକ ଅନୈତିକ କାର୍ଯ୍ୟ ଓ ଜଣେ ନିରୀହ ବ୍ୟକ୍ତିଙ୍କ ଜୀବନକୁ ଅନ୍ୟ ନିରୀହ ଲୋକଙ୍କ ଜୀବନ ସହ ତୁଳନା କରିବା ମଧ୍ୟ ଅସମ୍ଭବ। ଜୀବନ ଭଗବାନ୍‌ଙ୍କ ଉପହାର ଓ ଏହା ସମାନ ଭାବରେ ମୂଲ୍ୟବାନ୍ ଯେ ଏହା ଜଣେ ବ୍ୟକ୍ତିର ଜୀବନ କିମ୍ବା ଏକରୁ ଅଧିକ ମୂଲ୍ୟବାନ୍। ସମ୍ପ୍ରତି ପ୍ରଯୁକ୍ତିବିଦ୍ୟାରେ ଯେତେବେଳେ ମଣିଷ ବିଶ୍ୱକୁ ନିଜର ନିୟନ୍ତ୍ରଣରେ ରଖିବା ପାଇଁ ପ୍ରୟାସ କରୁଛି, ସେତେବେଳେ ନିଜ ଦ୍ୱାରା ସୃଷ୍ଟି ହୋଇଥିବା ସମାଜକୁ ସ୍ୱଜନ ବୋଲି ସମ୍ବୋଧନ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହିଁ । ଯଦି ସ୍ୱଜନ ବୋଲି ସମସ୍ତେ ସମସ୍ତଙ୍କୁ ଭାବୁଥାନ୍ତେ ତେବେ ପ୍ରତିଦିନ ନରସଂହାରର ଦୃଶ୍ୟ ଏ ମଣିଷ ସମାଜକୁ ଦେଖିବାକୁ ପଡ଼ି ନ ଥାନ୍ତା। ସେତେବେଳେ ଅର୍ଜୁନ ଯୁଦ୍ଧ ନ କରିବା ପାଇଁ ଯେଉଁ ଯୁକ୍ତି କରିଥିଲେ ତାହା ଥିଲା ବାସ୍ତବଧର୍ମୀ ଚିନ୍ତାଧାରା ଓ ଏକ ଆବେଗର ଇସ୍ତାହାର। ଧର୍ମକୁ ସନ୍ତୁଳିତ କରିବା ପାଇଁ ତାହା ଅନିବାର୍ଯ୍ୟ ଥିଲା। ମାତ୍ର ଯେଉଁ ଧର୍ମର ସ୍ଥାପନା ପାଇଁ ଉକ୍ତ ସମୟରେ ଯୁଦ୍ଧ ଅବଶ୍ୟମ୍ଭାବୀ ଥିଲା, ବର୍ତ୍ତମାନ ଅମାନୁଷିକ ନିରୀହ ନରସଂହାରକୁ ପ୍ରତିରୋଧ କରିବା ପାଇଁ ଆବଶ୍ୟକ ହୋଇପଡ଼ିଛି 'ସ୍ୱଜନଂ ହି କଥଂ ହତ୍ୟା'।

**ସହାୟକ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଭାରତ ସରକାର , ମଧୁସୂଦନ ନଗର, ଭୁବନେଶ୍ୱର**
**ମୋ: ୯୯୩୭୩୪୫୯୦୦**

# କେବେ ଫେରିବେ ସୁନୀତା



**ପ୍ର. ରମେଶ ଚନ୍ଦ୍ର ପରିଡ଼ା**

ଭୂପୃଷ୍ଠଠାରୁ ୪୦୦ କିଲୋମିଟର ଊର୍ଦ୍ଧ୍ୱରେ ପୃଥିବୀ କକ୍ଷରେ ଅବସ୍ଥାପିତ ହୋଇଛି ଆନ୍ତର୍ଜାତିକ ସହଯୋଗିତା ଏବଂ ସହଭାଗିତାରେ ନିର୍ମିତ 'ଆନ୍ତର୍ଜାତିକ ମହାକାଶ କେନ୍ଦ୍ର'। ବିଭିନ୍ନ ଦେଶର ବିଶେଷକରି ଏହାର ନିର୍ମାଣରେ ମୁଖ୍ୟଭାଗ ନେଇଥିବା ଆମେରିକା ଏବଂ ରୁଷିଆର ମହାକାଶଚାରୀମାନେ ସେଠାକୁ ନିୟମିତ ଯାତାୟାତ କରି ମହାକାଶ ସମ୍ପର୍କିତ ଗବେଷଣାମାନ କରିଆସୁଛନ୍ତି। ଏପରିକି ଭାରତ ମଧ୍ୟ ସ୍ୱାଧୀନ ଭାବେ ସେଠାକୁ ଖୁବ୍‌ଶୀଘ୍ର ଲୋକ ପଠାଇବାର ଯୋଜନା ଏବେ ଚୂଡ଼ାନ୍ତ ସ୍ତରରେ ରହିଛି।

ଗତ ଜୁନ୍ ୫ ତାରିଖରେ ଆମେରିକା ସେଠାକୁ ବୋଇଂ କମ୍ପାନୀ ନିର୍ମିତ ଷ୍ଟାର୍‌ଲାଇନ୍‌ର ଯାନରେ ପ୍ରେରଣ କରିଥିଲା ଭାରତୀୟ ବଂଶୋଦ୍ଭବ ଆମେରିକୀୟ ସୁନୀତା ଉଇଲିୟମ୍‌ସ ଏବଂ ବୁଚ୍ ଉଇଲମୋରେଙ୍କୁ। ଏହାଥିଲା ଏକ ସାଧାରଣ ଯାତ୍ରା ଏବଂ ମହାକାଶଚାରୀମାନେ ସେଠାରେ ମାତ୍ର ୮ଦିନ ରହି କେତେକ ପରୀକ୍ଷା ନିରୀକ୍ଷା କରିବା ଲାଗି ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଯାନଟି ସେଠାରେ ପହଞ୍ଚିଲା ପରେ ତହିଁରେ ପରିଲକ୍ଷିତ ହୋଇଥିଲା କେତେକ ତ୍ରୁଟି। ଏହାର ୪ଟି ନୋଦକ (ଥ୍ରଷ୍ଟର) ଠିକ୍ ରୂପେ କାମ କଲାନି, ତହିଁରୁ ହିଲିୟମ୍ ନିର୍ଗତ ହେବାକୁ ଲାଗିଲା ଏବଂ ତାହା ଅତ୍ୟଧିକ ଉତ୍ତପ୍ତ ହୋଇଗଲା। କେଉଁ କାରଣରୁ ଏପରି ଘଟିଲା ସେ କଥା ଆଜି ପର୍ଯ୍ୟନ୍ତ ଠିକ୍ ରୂପେ ନିର୍ଦ୍ଧାରିତ ହୋଇପାରି ନାହିଁ। ତେବେ ସେଥିପାଇଁ ସୁନୀତା ଏବଂ ବୁଚ୍ ପ୍ରାୟ ୨ ମାସରୁ ଊର୍ଦ୍ଧ୍ୱ ସମୟ ଧରି ସେଠାରେ ଅଟକ ହୋଇ ରହିଛନ୍ତି। କେବେ ଓ କିପରି ସେମାନେ ଫେରିବେ ତାହା ନିର୍ଦ୍ଦିଷ୍ଟ ଭାବେ ସ୍ଥିର ହୋଇପାରୁନାହିଁ। ସେଥିପାଇଁ ଆମେରିକାର ମହାକାଶ ସଂସ୍ଥା 'ନ୍ୟାଶନାଲ ଏରୋନଟିକ୍ସ ଏବଂ ସ୍ପେସ୍ ଆଡ୍‌ମିନିଷ୍ଟ୍ରେଶନ' ବା 'ନାସା'ର ବୈଜ୍ଞାନିକମାନେ ନାନାଦି ବିକଳ୍ପ କଥା ମଧ୍ୟ ଚିନ୍ତା କରିବାକୁ ଲାଗିଲେଣି। ତନ୍ମଧ୍ୟରୁ ପ୍ରଧାନଟି ବୋଇଂର ଷ୍ଟାର୍‌ଲାଇନର୍ ବଦଳରେ ଏହାର ପ୍ରତିଦ୍ୱନ୍ଦ୍ୱୀ 'ସ୍ପେସ୍‌ଏକ୍ସ୍' (ଏଲନ୍‌ମସ୍କ) ସେଠାକୁ ପ୍ରେରିତ ହେବାକୁ ଥିବା 'କ୍ରିଉ ଡ୍ରାଗୋନ୍' ଯାନର ସେଥିପାଇଁ ବିନିଯୋଗ।

ଏହି ସମ୍ଭାବ୍ୟ ଯୋଜନା ଅନୁସାରେ ଏଥିରେ 'ଆନ୍ତର୍ଜାତିକ ମହାକାଶ କେନ୍ଦ୍ର'କୁ ପ୍ରେରିତ ହେବେ ୪ଜଣ ପରିବର୍ତ୍ତେ ଦୁଇଜଣ ମହାକାଶଚାରୀ ଏବଂ ତାହା ଫେରିବ ସେମାନଙ୍କ ସହିତ ସୁନୀତା ଏବଂ ବୁଚ୍‌ଙ୍କୁ ନେଇ। ତେବେ ଏଥିପାଇଁ ଫେବୃୟାରୀ ୨୦୨୫ ପର୍ଯ୍ୟନ୍ତ ବିଳମ୍ବ ହେବାର ସମ୍ଭାବନା ରହିଛି। ଏପରିସ୍ଥଳେ ସେ ଦୁହିଁଙ୍କୁ ସେଠାରେ ସେ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ ଏବଂ ଏହି ଦୀର୍ଘକାଳୀନ ରହଣି ତାଙ୍କ ଶାରୀରିକ ଏବଂ ମାନସିକ ଅବସ୍ଥା ଉପରେ ଯେଉଁ ନାନାଦି ନକାରାତ୍ମକ ପ୍ରଭାବ ପକାଇପାରେ ବୋଲି ମନେ କରାଯାଏ, ସେଗୁଡ଼ିକ ମଧ୍ୟରେ ରହିଛି ନିମ୍ନୋକ୍ତ କେତୋଟି।

'ଆନ୍ତର୍ଜାତିକ ମହାକାଶ କେନ୍ଦ୍ର' ଏକ ୧୫୦ ହଜାର ନିୟୁତ ଡଲାରରେ ନିର୍ମିତ ଅତ୍ୟାଧୁନିକ ଉଡ଼ନ୍ତା ବ୍ୟବସ୍ଥା। ଏଥିରେ ମହାକାଶଚାରୀମାନେ ରହିବା, ବ୍ୟାୟାମ କରିବା, ବୈଜ୍ଞାନିକ ପରୀକ୍ଷା କରିବା ତଥା ପ୍ରାୟତଃ ସାଧାରଣ ଜୀବନଯାପନ କରିବାର ଅନ୍ୟାନ୍ୟ ବନ୍ଦୋବସ୍ତମାନ ଅଛି। ପୁନଶ୍ଚ ଯାତ୍ରୀବିହୀନ ଯାନ ସାହାଯ୍ୟରେ ସେଠାକୁ ଖାଦ୍ୟ,ପାନୀୟ ଏବଂ ଅନ୍ୟ ସମସ୍ତ ଆବଶ୍ୟକ ପଦାର୍ଥ ଯୋଗାଇ ଦିଆଯାଇ ପାରୁଛି। ତଥାପି ତନ୍ମଧ୍ୟରେ ଦୀର୍ଘକାଳ ଅତିବାହିତ କରିବା ନାନା ଦୃଷ୍ଟିରୁ ଆହ୍ୱାନମୂଳକ। କାରଣ ଏହି ମହାକାଶ କେନ୍ଦ୍ରଟି ପୃଥିବୀକୁ ପ୍ରଦକ୍ଷିଣ କଲାବେଳେ ସ୍ଥାନେ ସ୍ଥାନେ ପୃଥିବୀପୃଷ୍ଠଠାରୁ ୩୦ ଗୁଣ ଅଧିକ ବିକିରଣ ମଧ୍ୟ ଦେଇ ଗତି କରିବାକୁ ପଡ଼ିଥାଏ। ଗଣନାନୁସାରେ ଏଥିମଧ୍ୟରେ ମହାକାଶଚାରୀମାନଙ୍କୁ ୫୦ରୁ ୨୦ ହଜାର ମିଲି ସିଭର୍ଟ ସ୍ତରର ବିକିରଣର ସମ୍ମୁଖୀନ ହେବାକୁ ପଡ଼େ। ଆମ ଛାତିରେ କରାଯାଉଥିବା ଏକ୍ସ-ରେ ରୁ ନିର୍ଗତ ବିକିରଣର ୩ଗୁଣ ହେଲା ୧ ସିଭର୍ଟ। ଦୀର୍ଘକାଳ ଧରି ଏହାର ସମ୍ମୁଖୀନ ହୋଇ ରହିଲେ କର୍କଟରୋଗ, ତନ୍ତୁକ୍ଷୟ, ସ୍ନାୟୁବ୍ୟବସ୍ଥା କ୍ଷତିଗ୍ରସ୍ତ ହେବା ଆଦିର ତାହା କାରଣ ହୋଇପାରେ। ପୁନଶ୍ଚ ଏହା ରକ୍ତର ଲିମ୍ଫୋସାଇଟ୍‌ସ୍‌କୁ କ୍ଷତିଗ୍ରସ୍ତ କରିବାରୁ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ହ୍ରାସ ପାଏ।

ମହାକାଶ କେନ୍ଦ୍ରର ଶୂନ୍ୟ-ମହାକର୍ଷଣ ମଧ୍ୟରେ ସାଧାରଣତଃ ମାସକୁ ପ୍ରାୟ ୧.୮% ହାରରେ ଅସ୍ଥିତନ୍ତୁର କ୍ଷୟ ଘଟିଥାଏ। ଅତଏବ ଦୀର୍ଘଦିନ ଧରି ସେଠାରେ ରହିଲେ କାର୍ଯ୍ୟ କରିବାର ସାମର୍ଥ୍ୟ ହ୍ରାସ, ହାଡ଼ପାପରା ହେବା ଏବଂ କ୍ଷତହେବାର ସମ୍ଭାବନା ବୃଦ୍ଧିପାଏ। ପୁନଶ୍ଚ ଏହା ମଧ୍ୟ ହୃଦ୍-ଧମନୀ ରୋଗର କାରଣ ହୋଇପାରେ। ଏହାବ୍ୟତୀତ ଶରୀର ମଧ୍ୟରେ ତରଳ ପଦାର୍ଥର ପୁନଃ ଆବଣ୍ଟନ ହୁଏ। ତାହା ତା'ର ଉପରିଭାଗରେ ଅଧିକ ହୁଏ। ଫଳରେ କଥା କହିବା, ମୋଟର ନିୟନ୍ତ୍ରଣ, ସ୍ୱାଦ ଓ ଗନ୍ଧବାରିବା କ୍ଷମତା ହ୍ରାସ ପାଏ ଏବଂ ଶରୀର ଭାରସାମ୍ୟରେ ପରିବର୍ତ୍ତନ ଆସେ। ଅନ୍ୟପକ୍ଷରେ ସେଠାରୁ ଫେରିବାକୁ ନେଇ ଅନିଶ୍ଚିତତା ଦେଖାଦେଲେ ତଦ୍ୱାରା ମାନସିକ ଚାପ ବୃଦ୍ଧିପାଏ, ଯାହାକି ସ୍ମୃତିହୀନତା, ଯୁକ୍ତିଯୁକ୍ତ ଭାବେ ଚିନ୍ତା କରିବାରେ ଅକ୍ଷମତା ସହିତ ଉଚ୍ଚରକ୍ତଚାପ, ମଧୁମେହ ଆଦିର ସମ୍ଭାବନା ବୃଦ୍ଧିପ୍ରାପ୍ତ ହୁଏ।

ମହାକାଶଯୁଗର ଆଦ୍ୟଭାଗରେ ତଦନାନ୍ତିନ ସୋଭିଏଟ୍ ୟୁନିୟନର ମୀର୍ ମହାକାଶ କେନ୍ଦ୍ରରେ ଅବସ୍ଥାପିତ ଭ୍ୟାଲେରୀ ପୋଲିଆକେଭଙ୍କୁ ତହିଁରେ ସୁଦୀର୍ଘ ୪୩୭ ଦିନ ଅତିବାହିତ କରିବାକୁ ପଡ଼ିଥିଲା। ତାଙ୍କଠାରେ ଏସବୁ ଲକ୍ଷଣ ଦେଖାଯାଇଥିବାର ଅନେକେ ଅନୁମାନ କରନ୍ତି। ତେବେ କମ୍ୟୁନିଷ୍ଟ ଶାସନର ଲୌହ ପରଦା ଭେଦି ତାହାର ପ୍ରକୃତ ତଥ୍ୟ ବାହାରକୁ ଆସି ପାରି ନ ଥିଲା। ବରଂ ସେ ଭୂପୃଷ୍ଠରେ ଅବତରଣ କଲାପରେ କ୍ୟାପସୁଲ ମଧ୍ୟରୁ ବାହାରି କିଛିବାଟ ଚାଲି ଚାଲି ଯାଇ ତାଙ୍କ ଚେୟାର ଉପରେ ବସିଥିଲେ।



ବର୍ତ୍ତମାନ ସୁନୀତା ଓ ବୁଚ୍‌ଙ୍କୁ ଯେ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ କେତେଦିନ ରହିବାକୁ ହେବ ତାହା ନିର୍ଦ୍ଦିଷ୍ଟ ରୂପେ ଜଣାପଡ଼ିନାହିଁ। ଯଦି ଷ୍ଟାରଲାଇନରକୁ ପୁନଃ କାର୍ଯ୍ୟକ୍ଷମ କରିବାରେ ବୋଇଂର ଇଞ୍ଜିନିୟର ସକ୍ଷମ ହୁଅନ୍ତି ତା'ହେଲେ ଚଳିତ ଅଗଷ୍ଟ ମାସ ଶେଷ ବେଳକୁ ସେମାନେ ଫେରିଆସିପାରନ୍ତି। ଏହା ଏତେଟା ସମ୍ଭବପର ମନେ ହେଉନାହିଁ। ଅତଏବ ଏଥିପାଇଁ ରୁଷିଆର ମହାକାଶ ସଂସ୍ଥାକୁ ସାହାଯ୍ୟ ମଗାଯାଇପାରେ। ତେବେ ଆମେରିକା ସେଥିଲାଗି କୁଣ୍ଠା ପ୍ରକାଶ କରୁଥିବାର ମନେହୁଏ। ଏପରିସ୍ଥଳେ ଏହାର ସବୁଠାରୁ ସମ୍ଭାବ୍ୟ ବିକଳ୍ପ ହେଲା ସ୍ପେସ୍‌ଏକ୍ସର 'ଡ୍ରାଗନ୍‌କ୍ରିଉ' ମହାକାଶଯାନ ଏବଂ ସେଥିପାଇଁ ଅପେକ୍ଷା କରିବାକୁ ହେବ ଆହୁରି ୭/୮ ମାସ। ଅତଏବ ସେମାନଙ୍କୁ ତଥା ସେମାନଙ୍କ ପରିବାରବର୍ଗ ଓ ଶୁଭେଚ୍ଛୁମାନଙ୍କୁ ସେ ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ହେବ। ଇତିମଧ୍ୟରେ ସୁନୀତା ଏବଂ ତାଙ୍କ ସହକର୍ମୀ ବୁଚ୍ ଅନ୍ୟାନ୍ୟ ଦୈନନ୍ଦିନ କାର୍ଯ୍ୟ କରିବା, ବ୍ୟାୟାମ କରିବା ଏବଂ ବୈଜ୍ଞାନିକ ଗବେଷଣାମାନ କରିବାରେ ସମୟ ଅତିବାହିତ କରୁଛନ୍ତି।

**ଉଷା ନିବାସ, ୧୨୪/୨୪୪୫ ଖଣ୍ଡଗିରି ବିହାର, ଭୁବନେଶ୍ୱର**
**ମୋ: ୯୯୩୭୩୦୧୪୬୦**

## ଏଇ ଭାରତରେ

ଜୈବିକ କୃଷି ସମ୍ପର୍କିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇ ତାମିଲନାଡୁର ସଲାଇ ଅରୁଣଙ୍କ ଜୀବନର ମୋଡ଼ ବଦଳି ଯାଇଛି। ଅରୁଣଙ୍କ ବୟସ ଏବେ ୩୨। ସେ ମଙ୍ଗଲମ ନାମକ ଏକ ଛୋଟ ଗାଁରେ ରହୁଛନ୍ତି। ଏହି କୃଷି ପାଇଁ ସେ ଦେଶର ବିଭିନ୍ନ ଅଞ୍ଚଳର ଦେଶୀ ବିହନ ସଂଗ୍ରହ କରି ଏକ ସିଡ୍ ବ୍ୟାଙ୍କ କରିଛନ୍ତି। କାର୍‌ପାଗାଥାରୁ ନାମରେ ଜଣାଶୁଣା ସିଡ୍ ବ୍ୟାଙ୍କକୁ ୩୦୦ ଟଙ୍କାରେ ଆରମ୍ଭ କରିଥିଲେ। ପରେ ଚାଷରୁ ଯାହା ଆୟ କରନ୍ତି ତାହାକୁ ବିହନ ସଂଗ୍ରହ କରିବାରେ ବ୍ୟୟ କରି ଏବେ ୩୦୦ରୁ ଅଧିକ ପ୍ରକାର ଫଳ ଓ ପରିବା ଦେଶୀ ବିହନ ଏହି ବ୍ୟାଙ୍କରେ ରଖିଛନ୍ତି। ଏଥି ମଧ୍ୟରେ ରହିଛି ୧୦ପ୍ରକାର ବିନ୍ସ, ୨୦ ପ୍ରକାର ଟମାଟୋ,୧୦ ପ୍ରକାର ଲଙ୍କା ଓ ୧୦ ପ୍ରକାର ଜହ୍ନି ସମେତ ଅନ୍ୟ ସବୁ ଫଳ ଓ ପରିବା ବିହନ। ଏଗୁଡ଼ିକୁ ସଂଗ୍ରହ କରିବା ଲାଗି ଅରୁଣ ଦେଶରେ ୮୦ ହଜାର କିଲୋମିଟର ଭ୍ରମଣ କରିଛନ୍ତି ଓ ୫୦୦୦ କୃଷକଙ୍କୁ ସାକ୍ଷତ କରିଛନ୍ତି। ଅରୁଣ ୨୦୧୧ରେ ଜୈବିକ କୃଷି ଉପରେ ପ୍ରଶିକ୍ଷଣ ନେଇ ଏହି ଚାଷ ସମ୍ପର୍କରେ ଅନ୍ୟ ଚାଷୀମାନଙ୍କୁ ପ୍ରଶିକ୍ଷଣ ଦେଉଥିଲେ। ହେଲେ ସେମାନଙ୍କ ପାଖରେ ଦେଶୀ ବିହନ ଅଭାବକୁ ଦେଖି ଅରୁଣ ଦେଶର ବିଭିନ୍ନ ସ୍ଥାନରୁ ତାହାକୁ ସଂଗ୍ରହ କରି ଆରମ୍ଭ କରିଥିଲେ। ସିଡ୍ ବ୍ୟାଙ୍କରୁ କୃଷକମାନଙ୍କୁ ବିହନ ଦେଇ ସେ ଜୈବିକ କୃଷିକୁ ଆଗକୁ ନେଇପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୪ ଅଗଷ୍ଟ ୧୯୭୫**

- ରାଜ୍ୟର ବିଭିନ୍ନ ନଦୀରେ ବନ୍ୟାଜଳ ଆସିବା ଫଳରେ ୧୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୩ ଜଣ ନିଖୋଜ।
- ରାଷ୍ଟ୍ରପତି ହାଫେଜ ଓ ରାଜା ହୁସେନଙ୍କ ନେତୃତ୍ୱରେ ସିରିଆ-ଜୋର୍ଡାନ ମିଳିତ କମାଣ୍ଡ ଗଠନ।
- ଗ୍ରୀସ୍‌ର ପୂର୍ବତନ ରାଷ୍ଟ୍ରପତି ଜର୍ଜ ପାପାଡେଫୋଲସ ଏବଂ ଅନ୍ୟ ୨ ନେତାଙ୍କୁ ଏଥେନ୍ସର ଏକ ସ୍ୱତନ୍ତ୍ର ଅଦାଲତରେ ଦେଶଦ୍ରୋହ ଓ ରାଜଦ୍ରୋହ ଅଭିଯୋଗରେ ମୃତ୍ୟୁଦଣ୍ଡ ଆଦେଶ ଦିଆଯାଇଛି।

## ଚିରନ୍ତନୀ

ନିମେଷେ କେତେ ରୂପ ଫୁଟଇ ନୟନେ
ସେ ଆଖି ଦିଏ ଦେଖା ନିଶୀଥ-ଶୟନେ
ରୂପର ଉପାସନା ରଚଇ ମାନସେ
ସ୍ୱପନ ଧନ ତାହା ନୁହଇ ଆନ ସେ
ଦୂରର ତାରା ସମ ଦିଶଇ ଚେତନେ
ନିମେଷେ ଯେତେ ରୂପ ଫୁଟଇ ନୟନେ।
-(ସୁଦୂର ଗାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମହାନଦୀରେ ସେତୁ କରାଯାଉ

ମହାଶୟ,

କଟକ ସଦର ଆୟତପୁର ନିକଟସ୍ଥ ନାଗେଶ୍ୱରନାଥ ନିକଟରେ ମହାନଦୀ ଉପରେ ନୂତନ ସେତୁ ନିର୍ମାଣ କରାଯାଉ। ଏହିଠାରୁ ଘାଟଡଙ୍ଗାରେ ପାରି ହୋଇ ନଦୀ ଅତିକ୍ରମ କରାଯାଉଥିଲା। ତାହା ବାରଗୋଡ଼ିଆ, ଆତୋଡ଼ା ବହୁଗ୍ରାମ ଓ ପାଗାହାଟ ପର୍ଯ୍ୟନ୍ତ ଯୋଗାଯୋଗ ହେବା ସାଲେପୁର ତଥା କେନ୍ଦ୍ରାପଡ଼ାକୁ ସଂଯୋଗ ସ୍ଥାପନ ହୋଇପାରନ୍ତା। ବାଣିଜ୍ୟ-ବ୍ୟବସାୟ ଦିଗରେ ଅଧିକ ସୁଗମ ହୁଅନ୍ତା। କଟକରୁ କିମ୍ବା ପାରାଦୀପରୁ ଦୀର୍ଘ ପଥ ଦେଇ ବୁଲି ଯିବାକୁ ପଡ଼ନ୍ତା ନାହିଁ । ସମୟ ଓ ବ୍ୟୟସାପେକ୍ଷରୁ ମୁକ୍ତି ମିଳନ୍ତା। ଏହା ମଧ୍ୟ ଆଞ୍ଚଳିକ ବିକାଶରେ ସହାୟକ ହୋଇପାରନ୍ତା।

**-ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରାଜ୍ୟରେ ନିର୍ମାଣ ହେବ ଶୀତଳଭଣ୍ଡାର: କନକବର୍ଦ୍ଧନ



ଆଇସିଏଆର ଆଞ୍ଚଳିକ କମିଟି-୨ ବୈଠକରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**କଟକ,୨୩।୮ (କାର୍ତ୍ତିକ ସାହୁ)**

ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ନୂଆଦିଲ୍ଲୀ ଦ୍ୱାରା କଟକସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍‌ଆର୍‌ଆର୍‌ଆଇ) ଠାରେ ଆଇସିଆର୍ ଆଞ୍ଚଳିକ କମିଟି-୨ର ୨୭ତମ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ସମ୍ମାନିତ ଅତିଥି ଭାବେ ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଭାଗୀରଥ ଚୌଧୁରୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ମୁଖ୍ୟ ଅତିଥି ସିଂଦେଓ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାର ନିୟମିତ ଭାବେ ଜଳବାୟୁ ସମ୍ବନ୍ଧୀୟ ଫସଲ ସମସ୍ୟା ଉପରେ ଆଲୋଚନା ଏବଂ କାର୍ଯ୍ୟଯୋଜନା ପ୍ରସ୍ତୁତ କରୁଛନ୍ତି। କୃଷକଙ୍କ ଅଗ୍ରଗତି ପାଇଁ ଏହିପରି ସଫଳ ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶା ସରକାର ବର୍ତ୍ତମାନ ସାରା ରାଜ୍ୟରେ ଶୀତଳଭଣ୍ଡାର ନିର୍ମାଣ କରିବାକୁ ଯୋଜନା କରୁଛନ୍ତି। ଏହା ଚାଷୀଙ୍କୁ ଅଭାବୀ ବିକ୍ରି ଆଶଙ୍କା ଦୂର କରିବାରେ ସାହାଯ୍ୟ କରିବ। ଏଥିସହ ଏକକାଳୀନ ଉନ୍ନତମାନର ଫସଲ ସଂରକ୍ଷଣ ପାଇଁ ନିଶ୍ଚିତ କରିବ। କୃଷିଶିଳ୍ପରେ ପୁଞ୍ଜି ବିନିଯୋଗ ବୃଦ୍ଧି ପାଇଁ ସରକାର ଅନେକ ଉଦ୍ୟମ କରୁଛନ୍ତି। ପାଣିର ସଦୁପଯୋଗ କରିବା, ଫଳାଫଳର ମୂଲ୍ୟାଙ୍କନ କରିବା ଏବଂ ଆବଶ୍ୟକ ଅନୁଯାୟୀ ରଣନୀତି ସଂଶୋଧନ କଲେ କୃଷିକ୍ଷେତ୍ରରେ ପୁଞ୍ଜି ବିନିଯୋଗରୁ ସର୍ବାଧିକ ସମ୍ଭାବ୍ୟ ମିଳିବ। ସେହିପରି ସମ୍ମାନିତ ଅତିଥି କେନ୍ଦ୍ରମନ୍ତ୍ରୀ ଚୌଧୁରୀ କହିଛନ୍ତି, ଜଳବାୟୁ ପରିବର୍ତ୍ତନ, ବନ୍ୟା, ମରୁଡ଼ି, ଘୂର୍ଣ୍ଣିବଳୟ,

**ଏନ୍‌ଆର୍‌ଆର୍‌ଆଇରେ ଆଇସିଏଆର ଆଞ୍ଚଳିକ କମିଟି-୨ ବୈଠକ**

ଅତ୍ୟଧିକ ଗରମ ଲହରି, କୀଟ ଏବଂ ରୋଗ ସଂକ୍ରମଣ ଯୋଗୁ କୃଷକମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏସବୁ ବର୍ତ୍ତମାନ କୃଷି ଉତ୍ପାଦନକୁ ପ୍ରଭାବିତ କରୁଛି। ଏହାର ମୁକାବିଲା ପାଇଁ ବୈଜ୍ଞାନିକ ଗବେଷଣାକୁ ପ୍ରାଥମିକତା ଦେବା ନିତ୍ୟାନ୍ତ ଆବଶ୍ୟକ। କ୍ଷୁଦ୍ର ଏବଂ ଭୂମିହୀନ ଚାଷୀଙ୍କ ଏକୀକରଣ ଭାବରେ କୃଷକ ଉତ୍ପାଦକ ସଙ୍ଗଠନ ବଜାର ସଂଯୋଗ ବୃଦ୍ଧି କରିବାରେ ସାହାଯ୍ୟ କରିଛି ତଥା କୃଷକଙ୍କ ଆୟ ଏବଂ ଆର୍ଥିକ ସ୍ଥିତିକୁ ସ୍ୱଚ୍ଛଳ ମଧ୍ୟ କରିଛି।

ଭାରତୀୟ କୃଷି ଅନୁସନ୍ଧାନ ଓ ଶିକ୍ଷା ବିଭାଗର ସଚିବ ଏବଂ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ମହାନିର୍ଦ୍ଦେଶକ ଡକ୍ଟର ହିମାଂଶୁ ପାଠକ ବୈଠକରେ ଅଧ୍ୟକ୍ଷତା କରି କୃଷକଙ୍କ ସମସ୍ୟା ସମାଧାନ ପାଇଁ ଗବେଷଣା ପ୍ରତିଷ୍ଠାନ ଏବଂ ବିକାଶ ବିଭାଗ ମଧ୍ୟରେ ଉପଯୁକ୍ତ ଯୋଗାଯୋଗ ଏବଂ ପାରସ୍ପରିକ ସମ୍ପର୍କର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କୃଷି ସମ୍ବନ୍ଧୀୟ କେତେକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ପରିଷଦର ଫସଲ ବିଜ୍ଞାନ ବିଭାଗର ଉପମହାନିର୍ଦ୍ଦେଶକ ଡକ୍ଟର ତିଳକ ରାଜଶର୍ମା ସ୍ୱାଗତ ଭାଷଣ ଦେଇଥିଲେ। ଜାତୀୟ କୃଷି ଅର୍ଥନୀତି ଏବଂ ନୀତି ଅନୁସନ୍ଧାନ ପ୍ରତିଷ୍ଠାନ, ନୂଆଦିଲ୍ଲୀର ନିର୍ଦ୍ଦେଶକ ଡ. ପି. ଏସ୍. ବିର୍ଥାଲ ବୈଠକ ସମ୍ପର୍କରେ ସୂଚନା ଦେଇଥିଲେ। ଏନ୍‌ଆର୍‌ଆର୍‌ଆଇର ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ଜିଲାପାଳଙ୍କୁ ଏନ୍‌ଏଚ୍‌ଆରସିଙ୍କ ନୋଟିସ

### ପୋଖରୀରେ ବୁଡ଼ି ୩ ଶିଶୁ ମୃତ୍ୟୁ ଘଟଣା

**କେନ୍ଦୁଝର,୨୩।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଓ କଟକ ଜିଲାପାଳଙ୍କୁ ୨ ପୃଥକ ମାନବାଧିକାର ଉଲ୍ଲଂଘନ ମାମଲାରେ ଜାତୀୟ ମାନବାଧିକାର କମିଶନ ନୋଟିସ କରିଛନ୍ତି। ୬ ସପ୍ତାହ ମଧ୍ୟରେ ସମସ୍ତ ତଥ୍ୟ ଦେବାକୁ ଏନ୍‌ଏଚ୍‌ଆରସି କହିଛନ୍ତି। ଏହାର କପି ଓଡ଼ିଶା ଚିଫ୍ ସେକ୍ରେଟାରିଙ୍କୁ ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ସୋସୋ ଥାନା ଅନ୍ତର୍ଗତ ପଡ଼ିଆରିପଲି ଗ୍ରାମରେ ୩୦ ଏପ୍ରିଲ ୨୦୨୪ ସକାଳେ ଅଙ୍ଗନୱାଡ଼ିକୁ ୩ ଶିଶୁ ପଢ଼ିବାକୁ ଯାଇଥିଲେ। ନିକଟସ୍ଥ ଗାଡ଼ିଆକୁ ଶୌଚ ହେବାକୁ ଯାଇଥିବା ବେଳେ ଗୋଡ଼ ଖସିଯାଇଥିଲା। ଗାଡ଼ିଆରେ ବୁଡ଼ି ୩ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଘଟଣାରେ ମାନବାଧିକାର କର୍ମୀ ତଥା ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ରାଧାକାନ୍ତ ତ୍ରିପାଠୀଙ୍କ ଅଭିଯୋଗକ୍ରମେ ଜାତୀୟ ମାନବାଧିକାର କମିଶନ କେନ୍ଦୁଝର ଜିଲାପାଳଙ୍କୁ ନୋଟିସ କରିଛନ୍ତି। ସେହିପରି ୧୧ ସେପ୍ଟେମ୍ବର ୨୦୨୩ରେ କଟକ ଜିଲା ବାଙ୍କୀ ଅଞ୍ଚଳର ବିଲିପଦା ୨ ନମ୍ବର ଅଙ୍ଗନୱାଡି କେନ୍ଦ୍ରରେ ଜଣେ ଅଙ୍ଗନୱାଡି ସହାୟିକା ସୁଲୋଚନା ସ୍ୱାଇଁ କାମ କରୁଥିବା ବେଳେ ସାପ କାମୁଡ଼ାରେ ସେ ମୃତ୍ୟୁବରଣ କରିଥିଲେ। ଅସୁରକ୍ଷିତ ପରିବେଶରେ ଅଙ୍ଗନୱାଡ଼ି ଚାଲୁଥିବାରୁ ଏଭଳି ଅଘଟଣ ଘଟିଲା। ଏଣୁ ଉଭୟ ଘଟଣାରେ ରିପୋର୍ଟ ତଲବ କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବରିଷ୍ଠ ଆଇନଜୀବୀ କମିଶନଙ୍କୁ ନିବେଦନ କରିଥିଲେ। କମିଶନ ଉଭୟ ଜିଲାର ଜିଲାପାଳଙ୍କୁ ନୋଟିସ କରି କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାହାର ସବିଶେଷ ତଥ୍ୟ ମାଗିଛନ୍ତି। ଛଅ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କମିଶନ ନୋଟିସରେ ଦର୍ଶାଇଛନ୍ତି।

## ବାଲେଶ୍ୱର ହାଇଜେନିକ୍ ଫିଶ୍ ମାର୍କେଟର ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ



ଜିଲାପାଳଙ୍କ ସହ ଆଲୋଚନାରତ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ।

**ବାଲେଶ୍ୱର,୨୩।୮ (ବାଞ୍ଛାନିଧି ଦେ)**

ବାଲେଶ୍ୱର ଏକ ମତ୍ସ୍ୟଜୀବୀ ବହୁଳ ଜିଲା ହୋଇଥିବାରୁ ଏକ ହାଇଜେନିକ୍ ଫିଶ୍ ମାର୍କେଟର ଆବଶ୍ୟକତା ଅନୁଭବ କରି ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ତଥା ବର୍ତ୍ତମାନର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବସ୍ତା ଥାନା ବାହାର୍ଦ୍ଧାଠାରେ ଏକ ହାଇଜେନିକ୍ ଫିଶ୍ ମାର୍କେଟ ପାଇଁ ଅର୍ଥ ମଞ୍ଜୁର କରାଇଥିଲେ। ଫିଶ୍ ମାର୍କେଟ ପାଇଁ ଜମି ଅଧିଗ୍ରହଣ ଓ ଖୁବ୍‌ଶୀଘ୍ର ଏହାର ଶିଳାନ୍ୟାସ (ଆଭାସୀ ମାଧ୍ୟମରେ) ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କରାଇବା ପାଇଁ ଶୁକ୍ରବାର ଏମ୍‌ପି ଷଡ଼ଙ୍ଗୀ, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସହିତ ଆଲୋଚନା କରିଛନ୍ତି। ୭୮.୨୫ କୋଟି ଟଙ୍କା ବ୍ୟୟରେ ଏହି ହାଇଜେନିକ୍ ଫିଶ୍ ମାର୍କେଟରେ ମତ୍ସ୍ୟଜୀବୀ ଓ ବ୍ୟବସାୟୀଙ୍କ ପାଇଁ ଅନେକ ପ୍ରକାର ସୁବିଧା ସୁଯୋଗ ଉପଲବ୍ଧ ହେବ। ଉଲ୍ଲେଖଯୋଗ୍ୟ, ଏହି ପ୍ରକଳ୍ପ ଲାଗି ୫ ବର୍ଷ ଧରି ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ତତ୍କାଳୀନ ବିଜେଡି ସରକାର ଜମି ଅଧିଗ୍ରହଣରେ ଟାଳଟୁଳ ନୀତି ଅବଲମ୍ବନ କରିଥିବାରୁ ଯୋଜନା ଫଳପ୍ରଦ ହୋଇପାରି ନ ଥିଲା। ସେହିପରି ଜମି ସମସ୍ୟା ଯୋଗୁ ୨୦୧୯-୨୦୨୪ ମଧ୍ୟରେ ଅନେକ ପ୍ରକଳ୍ପ କାମ ଅଟକି ରହିଛି ବୋଲି ଏମ୍‌ପି ସୂଚନା ଦେଇଛନ୍ତି। ଏଥିସହିତ ଜିଲାର ଅନ୍ୟାନ୍ୟ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିବା ଏମ୍‌ପି ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

## ସୁଭଦ୍ରା ଯୋଜନା ବିଷୟରେ ବୁଝି କାର୍ଯ୍ୟକାରୀ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୩।୮ (ସୁନିତ୍ ମିଶ୍ର)**

ସୁଭଦ୍ରା ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ସମସ୍ତ ଜିଲାପାଳ ଆଭାସି ମାଧ୍ୟମରେ ବୈଠକରେ ଯୋଗଦେଇଛନ୍ତି। ଏ ସମ୍ପର୍କରେ ପ୍ରଥମେ ଭଲଭାବେ ବୁଝି କାର୍ଯ୍ୟକାରିତା ନେଇ ଉନ୍ନୟନ କମିଶନର ବୈଠକରେ ଜିଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି। ହିତାଧିକାରୀମାନେ ଯେପରି ଠିକ୍ ସୂଚନା ପାଇବେ ଏବଂ ଆବେଦନ କରିପାରିବେ, ସେଥିପାଇଁ ସମସ୍ତ ଆବଶ୍ୟକ ବ୍ୟବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ ଉପରେ ଉନ୍ନୟନ କମିଶନର ଗୁରୁତ୍ୱ ଦେଇଛନ୍ତି। ହିତାକାରୀମାନଙ୍କ ଏକ ଡାଟାବେସ୍ ପ୍ରସ୍ତୁତ କରାଯାଉଛି। ଯେପରି ଏହି ଯୋଜନା ଅଧୀନରେ ଆସୁଥିବା କୌଣସି ହିତାଧିକାରୀ ସୁବିଧାରୁ ବାଦ୍ ନ ପଡ଼ିବେ, ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ଯୋଜନାର କାର୍ଯ୍ୟକାରିତା ପାଇଁ ଜିଲାପାଳମାନେ ନିଜେ କାର୍ଯ୍ୟ ତଦାରଖ କରିବା ସହ ଅତିରିକ୍ତ ଜିଲାପାଳ ବା ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲା ପରିଷଦଙ୍କୁ ବରିଷ୍ଠ ଅଧିକାରୀ ଭାବେ ମନୋନୀତ କରିବେ। ଯେଉଁସବୁ ସ୍ଥାନରେ ଯୋଜନା କାର୍ଯ୍ୟକାରିତା ବେଳେ ହିତାଧିକାରୀମାନଙ୍କ ଅସୁବିଧା ଦୃଷ୍ଟିକୁ ଆସିବ, ଆବଶ୍ୟକ ସୂଚନା ପ୍ରଦାନ କରିବାକୁ ଜିଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି।

## ମାଓବାଦୀଙ୍କ ନାଁରେ ଟଙ୍କା ଆଦାୟ, ଜଣେ ଗିରଫ

**ମାଲକାନଗିରି, ୨୩।୮ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲାର ବିଭିନ୍ନ ବ୍ୟବସାୟ ସଂସ୍ଥାର ମାଲିକମାନଙ୍କୁ ମାଓବାଦୀ ଭୟ ଦେଖାଇ ଟଙ୍କା ଆଦାୟ କରୁଥିବା ଜଣେ ବ୍ୟକ୍ତିଙ୍କୁ ମାଲକାନଗିରି ପୋଲିସ ଶୁକ୍ରବାର ଗିରଫ କରିଛି। ଏ ସମ୍ପର୍କରେ ଏସ୍‌ଡିପିଓ ସଚିନ ପଟେଲ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। କୋରୁକୋଣ୍ଡା ବ୍ଲକ୍ ତୁମୁସାପାଲ୍ଲୀ ପଞ୍ଚାୟତ ଏମ୍‌ଭି ୧୦୦ ଗ୍ରାମର ଅନିଲ ବର୍କନ୍ଦାଜଙ୍କୁ ଏପ୍ରିଲ ୪ରେ ଜଣେ ବ୍ୟକ୍ତି ହ୍ୱାଟ୍ସଆପ୍‌ରେ ଫୋନ୍‌କରି ନିଜକୁ ମାଓବାଦୀ ବୋଲି କହିବା ସହ ତାଙ୍କ ନାମ ଆର୍. ରାଜେଶ୍ୱର ତାରାଇ ପରିଚୟ ଦେଇ ୫ ହଜାର ଟଙ୍କା ପଠାଇବାକୁ ଧମକ ଦେଇଥିଲେ। ଯଦି ଟଙ୍କା ନ ପଠାଇବ ତୁମକୁ ହତ୍ୟା କରାଯିବ ବୋଲି ମଧ୍ୟ ଚେତାବନୀ ଦେଇଥିଲେ। ପୁନର୍ବାର ଅଗଷ୍ଟ ୯ରେ ଅନ୍ୟ ଏକ ନମ୍ବରରେ ଅନିଲଙ୍କୁ ଫୋନ୍‌କରି ୨ ହଜାର ଟଙ୍କା ପଠାଇବାକୁ କହିଥିଲେ। ଉକ୍ତ ଦିନ ଅନିଲ ମାଲକାନଗିରି ଥାନାରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିବା ସହ ଅଭିଯୁକ୍ତଙ୍କ ଦୁଇଟି ଫୋନ୍ ନମ୍ବର ମଧ୍ୟ ଦେଇଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ କରିବା ସହ ଉକ୍ତ ଫୋନ୍ ନମ୍ବରରେ ଗୁଗଲ ସର୍ଚ୍ଚ କରିଥିଲା। ଏହି ତଦନ୍ତରେ ମାଲକାନଗିରି ଜିଲାର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନଠାରୁ ବ୍ୟକ୍ତି ଜଣକ ଲକ୍ଷାଧିକ ଟଙ୍କା ମାଓବାଦୀଙ୍କ ନାମରେ ନେଇଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ଉକ୍ତ ବ୍ୟକ୍ତି ଖୋର୍ଦ୍ଧା ଜିଲାରେ ଥିବା ଜାଣି ସେଠାରୁ ତାଙ୍କୁ ଗିରଫ କରି ଆଣିଥିଲା। ପଚରା ଉଚୁରା କରିବାରୁ ତାଙ୍କ ନାଁ ସନ୍ତୋଷ କୁମାର ମହାନ୍ତି, ଘର ପୁରୀ ଜିଲା ରଘୁନାଥପୁର ଗ୍ରାମରେ ବୋଲି ଜଣାପଡ଼ିଥିଲା। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଏସ୍‌ଡିପିଓ ପଟେଲ ସୂଚନା ଦେଇଛନ୍ତି।

## ବାଲ୍ୟବିବାହ ରୋକିବାରେ ଶିଶୁ ସୁରକ୍ଷା ବିଭାଗ ବିଫଳ, ନାବାଳିକା ଗର୍ଭବତୀ

**ମାଲକାନଗିର, ୨୩।୮ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲାରେ ବାଲ୍ୟବିବାହ ରୋକିବାରେ ଜିଲା ଶିଶୁ ସୁରକ୍ଷା ବିଭାଗ ବିଫଳ ହୋଇଛି। ଜିଲା ସଦର ମହକୁମାରେ ଜଣେ ୧୭ ବର୍ଷୀୟା ବାଳିକା ୭ ମାସର ଗର୍ଭବତୀ ହୋଇଥିବା ଦେଖିବାକୁ ମିଳିଛି। ପଦ୍ମଗିରି ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ନାବାଳିକା ଝିଅ ଝରାପାଲ୍ଲୀ ଅଞ୍ଚଳର ଏକ ସରକାରୀ ଉଚ୍ଚ ବିଦ୍ୟାଳୟରେ ପଢୁଥିଲେ। ତାଙ୍କୁ ୧୭ ବର୍ଷ। ମାଲକାନଗିରି ସଦର ମହକୁମା ପାତ୍ରଗୁଡ଼ା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ସହ ବିବାହ ହୋଇଛି। ବର୍ତ୍ତମାନ ସମ୍ପୃକ୍ତ ନାବାଳିକା ୭ ମାସର ଗର୍ଭବତୀ ଥିବା ପାତ୍ରଗୁଡ଼ା ଅଙ୍ଗନୱାଡି କର୍ମୀ ନମିତା ଦାସ ସୂଚନା ଦେଇଛନ୍ତି। ତାଙ୍କ କହିବା ଅନୁସାରେ ଏହି ଅନୈତିକ ବିବାହ ଗୁପ୍ତଭାବେ କରାଯାଇଛି। ଏ ସମ୍ପର୍କରେ ଜିଲା ପ୍ରଶାସନ ନିକଟରେ କୌଣସି ସୂଚନା ନ ଥିଲା। ସମ୍ପୃକ୍ତ ନାବାଳିକା ଗର୍ଭବତୀ ହେବା ପରେ ଅଙ୍ଗନୱାଡି ରେଜିଷ୍ଟରରେ ନାମ ପଞ୍ଜୀକରଣକରି ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ଜଣାଇଥିଲେ।

## ଛାତ୍ରୀନିବାସ ଅନ୍ତେବାସୀଙ୍କୁ ମାଡ଼

### ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ବାରିପଦା, ୨୩।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଯଶିପୁର ବ୍ଲକ ଅଧୀନ ଅଙ୍ଗାରପଦା ବାଳିକା ଆବାସିକ ଉଚ୍ଚ ବିଦ୍ୟାଳୟରେ ଅନ୍ତେବାସୀଙ୍କୁ ଜଣେ ଶିକ୍ଷୟିତ୍ରୀ ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଛି। ଆଦିବାସୀ ଛାତ୍ର ସଂଗଠନ ମାସା ଆର୍ମୀ ପକ୍ଷରୁ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୨୪ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସଂଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତବାନୀ ଦେଇଛି। ସୂଚନାଯୋଗ୍ୟ, ଛାତ୍ରୀନିବାସରେ ଅନେକ ଖଡ଼ିଆ ଓ ମାଙ୍କିଡିଆ ଜନଜାତିର ଛାତ୍ରୀ ରହିଛନ୍ତି। ସେମାନଙ୍କୁ ପେଟପୂରା ଖାଇବାକୁ ଦିଆଯାଉନାହିଁ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ। ଏନେଇ ଛାତ୍ରୀନିବାସ ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀଙ୍କୁ ପ୍ରଧାନ ଶିକ୍ଷକ ପଚାରି ବୁଝିବା ସହ ତାଗିଦା କରିଥିଲେ। ପରେ ଶିକ୍ଷୟିତ୍ରୀ ଜଣକ ଅଭିଯୋଗ କରିଥିବା ୧୪ ଅନ୍ତେବାସୀଙ୍କୁ ବେତ ବାଡ଼ିରେ ପ୍ରବଳ ମାଡ଼ ମାରିଥିବା ନେଇ ଅଭିଭାବକମାନେ ଜାଣିବାକୁ ପାଇଥିଲେ। ଏଥିରେ ଉଦ୍‌ବେଗ କରି ମାସା ଆର୍ମୀ ସଂଗଠନର କର୍ମକର୍ତ୍ତାମାନେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।





CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

GRAPHIC DESIGNER
for BALASORE
- Knowlege in Photoshop & coreldraw is essential
- Salary 15,000/- to 20,000/- depending on the efficiency.

Please Mail to or WhatsApp to
designerbls2024@gmail.com
9040506792

ଡ୍ରାଇଭର ଆବଶ୍ୟକ
ଦରମା: ୧୯,୦୦୦/-
ଫୋନ୍ ନଂ: 9861925500
(ଯୋଗାଯୋଗ ସମୟ ୧୦ଟା ସକାଳ)

ଆବଶ୍ୟକ
ଟେଲିକଲର୍ 5
ଫିଲ୍ଡ ଏକ୍‌ଜିକ୍ୟୁଟିଭ୍ 5
ବିଡିଏମ୍ 5
କମ୍ପ୍ୟୁଟର ଅପରେଟର 5
< ସବୁ ପଦବୀ ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ >
< ଉଭୟ ପୁରୁଷ ଓ ମହିଳା ପ୍ରାର୍ଥୀ ଆବେଦନ କରିପାରିବେ >
ସାକ୍ଷାତକାର ତାରିଖ: 18 ଅଗଷ୍ଟରୁ 27 ଅଗଷ୍ଟ
ଯୋଗାଯୋଗ ନଂ.- 7008039082 | ଇମେଲ୍ ଆଇଡି- ambitionconsultancy2024@gmail.com
ଠିକଣା: ପ୍ଲଟ୍ ନଂ.191, ଖାରବେଳ ନଗର, ୟୁନିଟ୍-3 (ଜିବିପି ବିଜ୍‌ନେସ୍ ସେଣ୍ଟର, 4ର୍ଥ ମହଲା), ପୋଷ୍ଟ ଅଫିସ୍- ଖାରବେଳ ନଗର, ଭୁବନେଶ୍ୱର, ଓଡ଼ିଶା

WE ARE HIRING !!! at VLCC Bhubaneswar
Applications invited for the following post having experience of minimum 3 (three) years in similar reputed Beauty Care Institutions / Shops)
1. Centre Manager – 1 No
2. Doctor Dermatology – 1 No
3. Sales Manager / Asst. Manager – 1 No
4. Slimming Head – 1 No
5. Dietician – 1 No
6. Female Slimming therapist – 2 Nos
7. Male Slimming therapist – 1 No
8. Female Beauty Therapist – 1 No
9. Unisex Hair dresser – 4 Nos
10. Bridal make up beautician – 1 No
11. Ayurveda Therapist – 1 No

Send your Resume within 15 days to :
khirodsamal1986@gmail.com

IFFCO
पूर्णतः सहकारी स्वामित्व
Wholly owned by Cooperatives
Indian Farmers Fertiliser Cooperative Limited
Paradeep Unit
Advertisement No. PDP/HR/App/2024 Date: 21.08.2024
Requirement of Act Apprentices for IFFCO, Paradeep Unit
Indian Farmers Fertiliser Cooperative Limited, Paradeep Unit, District - Jagatsinghpur (Odisha) invites applications for the post of Act Apprentices from candidates possessing Diploma (Chemical)/ Diploma (Mechanical)/ Diploma (Electrical) /Diploma (Instrumentation)/ Diploma (Civil)/ B.Sc. (PCM) / ITI (Fitter)/ ITI (Machinist)/ ITI (Welder) / ITI (Electrician)/ ITI (Instrument Mechanic)/ ITI (Tuner)/ ITI(Mechanic Motor Vehicle)/ ITI (Draughtsman Mechanical)/ ITI (Draughtsman Civil)/ ITI (Computer Operator and Programming Assistant)/ ITI (Refrigeration & AC).
How to apply:
For details of advertisement and required qualification, age, apprenticeship, categories, emoluments, other eligibility criteria of the above mentioned post and how to apply etc. visit our website www.iffco.in and go to careers and click on requirement of Act Apprentice for IFFCO, Paradeep Unit and apply online or at www.iffcoyuva.in. The online application form may also be directly accessed on https://appspd.iffco.coop/trms/candidate/.
It is mandatory to submit an online application form.
Important Dates for candidates:
Date of opening of online application: 22.08.2024, 10.30 hrs
Date of closing of online application: 10.09.2024, 23.59 hrs
For queries / clarification:
Contact No: 06722-22 / 4716 / 4758/4761

JOB VACANCY

| Sr. No. | Post | Qualification | Sex | Experience | Nos | Salary |
|---|---|---|---|---|---|---|
| 1 | General Manager | Graduate | M | 3 years | 2 | 25,000 or above |
| 2 | Manager cum Cashier (Restaurant) | Graduate | M | 1 year | 2 | 15,000 |
| 3 | Stock Incharge | Tally | M/F | 1 year / Fresher | 1 | 13,000 |
| 4 | Office Staff | PGDCA / Tally | F | 1 year / Fresher | 4 | 12,000 |
| 5 | Caretaker | | M | | 4 | 10,000 |

Cont. Details : KM Convention (Wedding Hall), Tankapani Road, Bhubaneswar
Send Your resume by mail or Whatsapp :-
Mail Id : khatamitha717@gmail.com, Whatsapp no - 7735888881
Cont. No. - 7735888881, 8249579908 (Cont. between 11.30 AM to 5.30 PM)

## ସଂକ୍ଷେପରେ

# ଆଜି ଓୟୁଏଟି ପ୍ରତିଷ୍ଠା ଦିବସ

### ନବନିର୍ମିତ ପ୍ରେକ୍ଷାଳୟ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୮(ଅସମାପିକା ସାହୁ)- ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ଶନିବାର ପ୍ରତିଷ୍ଠା ଦିବସ ପାଳନ କରିବ। ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ନବନିର୍ମିତ ପ୍ରେକ୍ଷାଳୟକୁ ଉଦ୍‌ଘାଟନ କରିବେ। ୫ଏକର ଜମିରେ ପ୍ରାୟ ୬୦କୋଟି ଟଙ୍କା ବ୍ୟୟରେ ଏହାକୁ ନିର୍ମାଣ କରାଯାଇଛି। ୧,୦୦୮ଆସନ ବିଶିଷ୍ଟ ଏହି ପ୍ରେକ୍ଷାଳୟକୁ 'କୃଷି ଶିକ୍ଷା ସଦନ' ଭାବେ ନାମକରଣ କରାଯାଇଛି। ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, କୃଷକମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି। ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଓ ଶୈକ୍ଷିକ ପରିବେଶକୁ ଅଧିକ ସୁଦୃଢ଼ କରିବା ପାଇଁ ରୋଡମ୍ୟାପ ପ୍ରସ୍ତୁତ କରାଯାଇଥିବା ଶୁକ୍ରବାର ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁଳପତି ପ୍ରଫେସର ପ୍ରଭାତ ରାଉଳ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଚଳିତ ବର୍ଷ ଶେଷସୁଦ୍ଧା ସମସ୍ତ କ୍ୟାମ୍ପସରେ ୱାଇଫାଇ ଲଗାଯିବ। ସେହିପରି କୃଷି ଓ କୃଷକଙ୍କ ବିକାଶ ପାଇଁ ୨୫ଟି କିସମକୁ ବିକଶିତ କରିବା, ବନ୍ୟପ୍ରାଣୀ ପାଠ୍ୟକ୍ରମ ଆରମ୍ଭ କରିବା, ଉତ୍କର୍ଷ ଶିକ୍ଷାଦାନ ପାଇଁ ବିଶେଷଜ୍ଞମାନେ ପଢ଼ାଇବାର ବ୍ୟବସ୍ଥା କରିବା ଆଦି ଯୋଜନା କରାଯାଇଛି। ମୟୂରଭଞ୍ଜର ସବାଇ ଘାସ ସମେତ ଆହୁରି ଅନେକ ପଦାର୍ଥକୁ ଜିଆଇ ମାନ୍ୟତା ପ୍ରଦାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ସେ କହିଛନ୍ତି। ସେହିଭଳି ଆସନ୍ତା ଅକ୍ଟୋବରରେ ଓୟୁଏଟିର ୪୦ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଓୟୁଏଟି ପକ୍ଷରୁ ରାଷ୍ଟ୍ରପତିଙ୍କୁ ନିମନ୍ତ୍ରଣ ଦିଆଯାଇଥିବା କୁଳପତି ସୂଚନା ଦେଇଛନ୍ତି।

## ବିପୁଳ ମଦ ଜବତ: ୨ ମହିଳାଙ୍କ ସମେତ ୨୦ ଗିରଫ

ଭୁବନେଶ୍ୱର,୨୩।୮(ସୂର୍ଯ୍ୟକାନ୍ତ ବେହେରା) – ବେଆଇନ ନିଶା କାରବାର ରୋକିବାକୁ ରାଜଧାନୀରେ ଜୋର୍‌ଦାର ଚଢ଼ାଉ କରାଯାଉଛି। ସେଫ୍ ସିଟି ଡ୍ରାଇଭ ଅଭିଯାନରେ ଭୁବନେଶ୍ୱର କମିଶନରେଟ ପୋଲିସ ଗୁରୁବାର ରାତିରେ ୨୪ଟି ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣର ମଦ ଜବତ କରିଛି। ଏଥିମଧ୍ୟରେ ୯୭୫ ଲିଟର ଦେଶୀ ମଦ, ୨୨ ଲିଟର ବିଦେଶୀ ମଦ ଓ ୫୦୦ ଲିଟର ମହୁଆ ୱାସ ରହିଛି। ଏହାସହ ୨ ଜଣ ମହିଳାଙ୍କ ସମେତ ମୋଟ ୨୦ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ୧୮ ଥାନା ଅଞ୍ଚଳରେ ରାତି ଅଧିଆ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା କୁହାଯାଇଛି।

# ଛାତ୍ର ସଂସଦ ନିର୍ବାଚନ ଦାବି ତେଜିଲା

ଭୁବନେଶ୍ୱର, ୨୩।୮(ଅସମାପିକା ସାହୁ)

## ଏବିଭିପି ପରେ ଏଆଇଏସ୍‌ଏଫ୍‌ର ଆନ୍ଦୋଳନ ଡାକରା

ଏବର୍ଷ ନୁହେଁ, ଆସନ୍ତା ବର୍ଷ ଛାତ୍ର ସଂସଦ ନିର୍ବାଚନ ହେବ ବୋଲି ଆଇନ ମନ୍ତ୍ରୀ କହିବା ପରେ ରାଜ୍ୟରେ ଛାତ୍ର ସଙ୍ଗଠନଗୁଡ଼ିକ ଏହା ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ଦାବି କରି ଗୁରୁବାରଠାରୁ ଏବିଭିପି ପକ୍ଷରୁ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଦସ୍ତଖତ ଅଭିଯାନ ସହ ପ୍ରତିବାଦ ଆରମ୍ଭ ହୋଇଥିବାବେଳେ ଶନିବାର ଅଖିଳ ଭାରତ ଛାତ୍ର ସଙ୍ଗଠନ(ଏଆଇଏସ୍‌ଏଫ୍) ପକ୍ଷରୁ ପ୍ରତିବାଦ ଦିବସ ପାଳନ କରିବା ପାଇଁ ଡାକରା ଦିଆଯାଇଛି। ଚଳିତବର୍ଷ ନିର୍ବାଚନ କରିବା ପାଇଁ ଏଆଇଏସ୍‌ଏଫ୍ ପକ୍ଷରୁ ଶନିବାର ସାରା ଓଡ଼ିଶାର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ପ୍ଲାକାର୍ଡ ପ୍ରଦର୍ଶନ କରାଯିବ ବୋଲି ସଂଘ ରାଜ୍ୟ ସଭାପତି ସଂଘମିତ୍ରା ଜେନା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଯେଉଁ ଭାଜପା ଦଳ ବିରୋଧୀ ଦଳରେ ଥିବାବେଳେ ଛାତ୍ର ନିର୍ବାଚନ କରିବା ପାଇଁ ଆମ ସହିତ ସ୍ୱର ମିଶାଇ ଦାବି କରୁଥିଲେ, ସେମାନେ କ୍ଷମତାସୀନ ହେବା ପରେ ନିଜ କଥାରୁ ଓହରୁଛନ୍ତି। ତାହା ଗ୍ରହଣୀୟ ନୁହେଁ। ତେବେ ଏ ପର୍ଯ୍ୟନ୍ତ ଛାତ୍ର ସଂସଦ ନିର୍ବାଚନ ନେଇ ଶିକ୍ଷାମନ୍ତ୍ରୀ କାହିଁକି ଚୁପ୍ ବସିଛନ୍ତି, ତାହା ଆମକୁ ବ୍ୟଥିତ କରିଛି। ସରକାର ଜାଣିଶୁଣି ଚଳିତବର୍ଷ ନିର୍ବାଚନ ନ କରିବା ପାଇଁ ଯୋଜନା କରୁଛନ୍ତି। ତେଣୁ ଆମେ ପ୍ରତି ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରୁଛୁ, ସେମାନେ ନିର୍ବାଚନ କରିବା ଦାବିରେ ନିଜ କଲେଜ ହେଉ କିମ୍ବା ବିଶ୍ୱବିଦ୍ୟାଳୟରେ ସମସ୍ୟା ଓ ଦାବି ଲେଖି ପ୍ଲାକାର୍ଡ ଧରି ପ୍ରତିବାଦ କରନ୍ତୁ ବୋଲି ସେ କହିଛନ୍ତି। ସେପଟେ ଏବିଭିପି ପକ୍ଷରୁ ଶୁକ୍ରବାର ମଧ୍ୟ ରାଜ୍ୟର ବିଭିନ୍ନ ମହାବିଦ୍ୟଳୟ ଓ ବିଶ୍ୱବିଦ୍ୟାଳୟ ଫାଟକ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ସରକାର ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନକୁ ଉଚ୍ଚ ଶିକ୍ଷା ବିଭାଗ କ୍ୟାଲେଣ୍ଡରରେ ଯୋଡ଼ିବାକୁ ଦାବି କରାଯାଇଛି। ଏଥିସହ ଏହି ଦାବିରେ ଦସ୍ତଖତ ଅଭିଯାନ ମଧ୍ୟ ଚାଲିଛି। ଫକୀର ମୋହନ ବିଶ୍ୱବିଦ୍ୟାଳୟ, ଧାମନଗର ମହାବିଦ୍ୟାଳୟ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଫୁଲବାଣୀ, ସ୍ୱୟଂଶାସିତ ମହାବିଦ୍ୟାଳୟ ରାଉରକେଲା, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରସ୍ଥିତ ଦେବରାୟ କଲେଜ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ଗୋପାଳପୁର କଲେଜ, ବିନାୟକ ଆଚାର୍ଯ୍ୟ କଲେଜ, ରାଇରଙ୍ଗପୁର କଲେଜ, ଡିଡି ବିଶ୍ୱବିଦ୍ୟାଳୟ, ବାରିପଦା କଲେଜ, ମାଣିକେଶରୀ ବିଶ୍ୱବିଦ୍ୟାଳୟ ଆଦି ସହ ଅନ୍ୟ ମହାବିଦ୍ୟାଳୟରେ ମଧ୍ୟ ଦସ୍ତଖତ ଅଭିଯାନ ଓ ବିକ୍ଷୋଭ ପ୍ରଦର୍ଶନ ହୋଇଛି। ଏହି ଅଭିଯାନ ରାଜ୍ୟରେ ଜାରି ରହିବ ବୋଲି ଏବିଭିପି ପକ୍ଷରୁ କୁହାଯାଇଛି।



୧୦ ଦଫା ଦାବି ନେଇ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ: ମନୋରଞ୍ଜନ ମିଶ୍ର)

# ନର୍ସିଂ କର୍ମଚାରୀଙ୍କ ବିକ୍ଷୋଭ, ୨୭ରୁ ସିରିଞ୍ଜ ଛାଡ

ଭୁବନେଶ୍ୱର,୨୩।୮(ଅନୁରାଧା ମହାରଣା)

ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ୧୦ ଦଫା ଦାବି ନେଇ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୨୭ ତାରିଖ ମଧ୍ୟରେ ଦାବି ପୂରଣ ନ ହେଲେ ହସ୍ପିଟାଲରେ ତାଲା ବନ୍ଦ କରି ସିରିଞ୍ଜ ଛାଡ଼ ଆନ୍ଦୋଳନକୁ ଓହ୍ଲାଇବେ ନର୍ସିଂ କର୍ମଚାରୀ। ୨୦୧୩ ନଭେମ୍ବର ୧୨ ପୂର୍ବରୁ ନିଯୁକ୍ତି ପାଇଥିବା ନର୍ସିଂ ଅଫିସରଙ୍କର ୬ବର୍ଷ ଚୁକ୍ତିଭିତ୍ତିକ ଅବଧିକୁ ମୂଳ ଚାକିରିରେ ମିଶାଇ ପଦୋନ୍ନତି ଏବଂ ସମସ୍ତ ଆର୍ଥିକ ସୁବିଧା ଯୋଗାଇ ଦେବାକୁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି। ଏହାସହ ଯୋଗ୍ୟ ନର୍ସିଂ ଅଫିସରଙ୍କୁ ବରିଷ୍ଠତା ଭିତ୍ତିରେ ସିନିୟର ନର୍ସିଂ ଅଫିସର ପଦବୀରେ ତୁରନ୍ତ ପଦୋନ୍ନତି, ସହକାରୀ ନର୍ସିଂ ଅଧୀକ୍ଷକ ପଦବୀକୁ ପଦୋନ୍ନତି ପାଇଁ ସ୍ଥିରୀକୃତ ଅବଧିକୁ କମ୍ କରି ୧୬ ବର୍ଷରୁ ଅଧିକ ସମୟ ଧରି ସେବା ଯୋଗାଇ ଆସୁଥିବା ବରିଷ୍ଠ ନର୍ସିଂ ଅଫିସରଙ୍କର ଏକ ସମୟରେ ୨ଟି ପଦୋନ୍ନତି କରିବାକୁ ଦାବି କରାଯାଇଛି।

## ବନମାଳୀପୁର ଡିଗ୍ରୀ କଲେଜରେ ଜାତୀୟ ମହାକାଶ ଦିବସ

ବାଲିପାଟଣା,୨୩।୮(ଅଭିମନ୍ୟୁ ନାୟକ)

ବନମାଳୀପୁର ଡିଗ୍ରୀ କଲେଜରେ ଜାତୀୟ ମହାକାଶ ଦିବସ ଅବସରରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ.ମୁରଲୀଧର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ସବୁଜ ବାହିନୀର ଅଧ୍ୟକ୍ଷ ସହଦେବ ମଲ୍ଲିକ ଯୋଗଦେଇଥିଲେ। ଅଧ୍ୟାପକ ସନ୍ତୋଷ କୁମାର ଦାଶ, ଅଧ୍ୟାପକ ଡ.ମନୋଜ କୁମାର ସାହୁ, ଅଧ୍ୟାପକ ଉମେଶ ଚନ୍ଦ୍ର ନାୟକ, ଜାତୀୟ ସେବା ଯୋଜନା ଅଧିକାରୀ ମହାମାୟା ମହାପାତ୍ର ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। କବିତା, ଆର୍ଟ ଏବଂ ଭାଷଣ ପ୍ରତିଯୋଗିତାରେ ସୁନିତା ବେହେରା, ଦୀପ୍ତିରାଣୀ ସାହୁ ଓ ସନ୍ଧ୍ୟାରାଣୀ ସାହୁ ପୁରସ୍କୃତ ହୋଇଥିଲେ। ଏହି ଆଲୋଚନାଚକ୍ର ଓଡ଼ିଶା ସବୁଜ ବାହିନୀ ଏବଂ ବନମାଳୀପୁର ଡିଗ୍ରୀ କଲେଜର ମିଳିତ ଆନୁକୂଲ୍ୟରେ ହୋଇଥିବା ବେଳେ ଚାରା ଲଗାଇ ଯତ୍ନ ନେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ।

## ରକେଟ ଉତ୍‌କ୍ଷେପଣ ପ୍ରଦର୍ଶନୀ ଉଦ୍‌ଘାଟିତ



ଜାତୀୟ ମହାକାଶ ଦିବସ ପାଳନ ଅବସରରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୨୩।୮(ଅସମାପିକା ସାହୁ)

### ଓର୍‌ସାକରେ ଜାତୀୟ ମହାକାଶ ଦିବସ

ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ର (ଓର୍‌ସାକ)ରେ ଶନିବାର ଜାତୀୟ ମହାକାଶ ଦିବସ ପାଳିତ ହୋଇଯାଇଛି। ବିଜ୍ଞାନ ଓ ବୈଷୟିକ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓର୍‌ସାକର ବିଭିନ୍ନ ଭୂମିକା ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ ମହାକାଶ ଦିବସର ଶୀର୍ଷକ 'ଚନ୍ଦ୍ରକୁ ଛୁଇଁବାବେଳେ ଜୀବନକୁ ଛୁଇଁବା: ଭାରତର ମହାକାଶ ଗାଥା' ଉପରେ ଆଲୋକପାତ କରିଥିଲେ। ଭୁବନେଶ୍ୱରର କେତେକ ସରକାରୀ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀଛାତ୍ର ମହାକାଶ ବିଜ୍ଞାନ ସମ୍ବନ୍ଧୀୟ କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବାବେଳେ ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରଯାଇଥିଲା। ଓର୍‌ସାକର ମୁଖ୍ୟ କାର୍ଯ୍ୟନିର୍ବାହୀ ରଶ୍ମିତା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଆଇଆଇଟି ଭୁବନେଶ୍ୱରର ସହକାରୀ ପ୍ରଫେସର ଡ. ଦେବଦତ୍ତ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଓର୍‌ସାକର ପ୍ରଶାସନିକ ଅଧିକାରୀ ସୋଫି ସାଇନିକା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଓର୍‌ସାକ ପରିସରରେ ଚାରା ରୋପଣ କରିବା ସହ ରକେଟ ଉତ୍‌କ୍ଷେପଣ ସଂକ୍ରାନ୍ତ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ସୂଚନାଯୋଗ୍ୟ, ଚନ୍ଦ୍ରଯାନ-୩ ମିଶନର ଉଲ୍ଲେଖନୀୟ ସଫଳତାକୁ ପାଳନ କରିବା ପାଇଁ ଭାରତ ସରକାର ଅଗଷ୍ଟ ୨୩କୁ ଜାତୀୟ ମହାକାଶ ଦିବସ ରୂପେ ଘୋଷଣା କରିଛନ୍ତି। ମହାକାଶ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଯୁବପିଢ଼ିଙ୍କୁ ସାମିଲ କରିବାକୁ ପ୍ରେରଣା ଦେବା ହେଉଛି ଏହି ଦିବସର ଲକ୍ଷ୍ୟ।

## ସାମ୍ବାଦିକଙ୍କ ସ୍ୱାସ୍ଥ୍ୟବୀମା ନବୀକରଣ ନେଇ ରାଜ୍ୟପାଳଙ୍କୁ ଭେଟିଲେ ପ୍ରତିନିଧି ଦଳ


ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟୁଛନ୍ତି ୧୦ ଜଣିଆ ପ୍ରତିନିଧି ଦଳ।

ଭୁବନେଶ୍ୱର,୨୩।୮ (ଅନୁରାଧା ମହାରଣା)

ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ପାଇଁ ଲାଗୁ ହୋଇଥିବା ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର ନବୀକରଣ କରିବା ପାଇଁ ରାଜ୍ୟପାଳ ରଘୁବର ଦାସ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଆଲୋଚନା କରିବେ। ରାଜ୍ୟରୁ ପ୍ରକାଶ ପାଉଥିବା ସାପ୍ତାହିକ, ପାକ୍ଷିକ, ମାସିକ ଖବରକାଗଜଗୁଡ଼ିକର ସମସ୍ୟା ସମ୍ପର୍କରେ ଶୁକ୍ରବାର ରାଜଭବନରେ ଏକ ୧୦ ଜଣିଆ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ଅବସରରେ ରାଜ୍ୟପାଳ ଏହି ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ଚଳିତ ମାସ ୩୧ ତାରିଖରେ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମାର ଅବଧି ଶେଷ ହେଉଛି। ୨୦୧୮ରୁ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ଓ ସେମାନଙ୍କ ପରିବାର ପାଇଁ ସରକାର ୫ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟବୀମା ଯୋଗାଇ ଦେଉଛନ୍ତି। ଏହି ଯୋଜନାରେ ବାପା ଓ ମାଆଙ୍କୁ ସାମିଲ୍ କରିବାକୁ ମଧ୍ୟ କୁହାଯାଇଛି। ଏହି ସ୍ୱାସ୍ଥ୍ୟବୀମା ଦ୍ୱାରା ରାଜ୍ୟର ୮୭୧୭ଜଣ କାର୍ଯ୍ୟରତ ସାମ୍ବାଦିକ ଓ ତାଙ୍କ ପରିବାର ଉପକୃତ ହେଉଛନ୍ତି।

## ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ଜାତୀୟ ମହାକାଶ ଦିବସ

# ଛାତ୍ରୀଛାତ୍ରଙ୍କ ବୈଜ୍ଞାନିକ ଦକ୍ଷତା ବିକାଶକୁ ଗୁରୁତ୍ୱ

ଭୁବନେଶ୍ୱର,୨୩।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଭୁବନେଶ୍ୱରଠାରେ ଶୁକ୍ରବାର ଜାତୀୟ ମହାକାଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଟେଲିସ୍କୋପ ମେକିଂ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। କସ୍ମୋଲୋଜିଷ୍ଟ ତଥା ପେସିଫ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ କସ୍ମୋଲୋଜି ଆଣ୍ଡ୍ ସେଲଫୋଲୋଜିର ନିର୍ଦ୍ଦେଶକ ପ୍ରଫେସର ଡ. ଶିବେଶ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କସମିକ୍ କ୍ୟୁରୋସିଟି ଆଷ୍ଟ୍ରୋନୋମି, ଟେଲିସ୍କୋପ୍ ଆଣ୍ଡ୍ ଡେଭଲପିଙ୍ଗ୍ ସାଇଣ୍ଟିଫିକ୍ ଟେମ୍ପର ଉପରେ ଡ. ଶିବେଶ କୁମାର ବ୍ରହ୍ମାଣ୍ଡ ଏବଂ ଏହାର ବିଶାଳ ସ୍ପେକ୍ଟ୍ରମ୍ ତଥା ତାରକାଗୁଡିକର ଗଠନ ବିଷୟରେ କହିଥିଲେ। ବ୍ଲାକ ହୋଲ୍ ଉପରେ ଛାତ୍ରୀଛାତ୍ରଙ୍କ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଥିଲେ। ବ୍ରହ୍ମାଣ୍ଡର ବିବର୍ତ୍ତନ, ସୌର ଗଠନ ପ୍ରଣାଳୀ ଆଦି ମହାକାଶ ଅନୁସନ୍ଧାନ ପାଇଁ କିପରି ଯୁବ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଜ୍ଞାନିକ ସ୍ୱଭାବର ବିକାଶ ହୋଇପାରିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ପ୍ରକଳ୍ପ ସଂଯୋଜକ କପିଲ ଜୈନ ଆଗାମୀ ଦିନରେ ମହାକାଶ ଯାତ୍ରା, ସ୍ପେସ୍ ଯାନ, ସ୍ପେସ୍ ଷ୍ଟେଶନ, ଯୋଗାଯୋଗ ଆଦି ସମେତ ମହାକାଶ କ୍ଷେତ୍ରରେ ବିକାଶ ବିଷୟରେ ଛାତ୍ରମାନଙ୍କୁ ଉତ୍ସାହିତ କରିବା ପାଇଁ ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି କହିଥିଲେ। ଶିକ୍ଷା ଅଧିକାରୀ ହିମାଂଶୁ ଶେଖର ଶତପଥୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ମଦର ପବ୍ଲିକ ସ୍କୁଲ ୟୁନିଟ-୧ ଏବଂ ୟୁନିଭର୍ସିଟି ହାଇସ୍କୁଲ ବାଣୀବିହାରର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।




# ଭାରତର ଚନ୍ଦ୍ର ଅଭିଯାନ ସର୍ବଦା ପ୍ରଶଂସନୀୟ

ଭୁବନେଶ୍ୱର,୨୩।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ 'ଜାତୀୟ ମହାକାଶ ଦିବସ' ଶୁକ୍ରବାର ପାଳିତ ହୋଇଯାଇଛି। ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଲମ୍ବୋଦର ପ୍ରସାଦ ସିଂ କହିଲେ, ଚନ୍ଦ୍ର ସବୁବେଳେ ଦେଶ ବିଦେଶର ସୃଜନଶୀଳ ସ୍ରଷ୍ଟାଙ୍କ ସହ ଗବେଷଣାପ୍ରିୟ ବିଜ୍ଞାନୀମାନଙ୍କୁ ଆକୃଷ୍ଟ କରିଆସିଛି। ଭାରତର ଚନ୍ଦ୍ର ଅଭିଯାନ ସହ ମହାକାଶ ଗବେଷଣା ସର୍ବଦା ପ୍ରଶଂସନୀୟ। ଅନ୍ୟତମ ବକ୍ତା ଭାବେ ବିଶିଷ୍ଟ ପରିବେଶ ବିଜ୍ଞାନୀ ଡ. ଜୟକୃଷ୍ଣ ପାଣିଗ୍ରାହୀ ସବୁଜିମା ଭରା ଏହି ସୁନ୍ଦର ଧରଣୀକୁ ଆମେ କିଭଳି କ୍ଷତାକ୍ତ ଓ ନଷ୍ଟ କରୁଛେ ତା'ର ଦୃଷ୍ଟାନ୍ତ ଦେଇ ମା'ଙ୍କ ନାମରେ ଗଛଟିଏ ଲଗାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସାକାର କରିବାକୁ ନିବେଦନ କରିଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ଡିନ୍ ପ୍ରଫେସର ମାନସୀ ଗୋସ୍ୱାମୀ ଓ ପୁରାତନ ଛାତ୍ର ସଂଘ ସଭାପତି ଡ. ହାଡିବନ୍ଧୁ ପଟ୍ଟନାୟକ ଭାରତୀୟ ମହାକାଶ ଦିବସ ପାଳନ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଏନ୍‌ସିଇଆର୍‌ଟି ପକ୍ଷରୁ ଭାରତର ଚନ୍ଦ୍ର ଅଭିଯାନ ଉପରେ ନିର୍ମିତ ଏକ ବୃତ୍ତଚିତ୍ର ପ୍ରଦର୍ଶନ ହେବାସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ମହାକାଶ ସମ୍ବନ୍ଧୀୟ ଚିତ୍ରାଙ୍କନ ଓ କୁଇଜର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଡ. କଳିଙ୍ଗ କେତକୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।



ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଜାତୀୟ ମହାକାଶ ଦିବସ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

# ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ତୁରନ୍ତ ବିତାଡ଼ିତ କରାଯାଉ

ଭୁବନେଶ୍ୱର,୨୩।୮(ଅନୁରାଧା ମହାରଣା)


ସମାବେଶ ଅବସରରେ ଲୋୟର ପିଏମ୍‌ଜିରେ ଭାରତ ରକ୍ଷା ମଞ୍ଚ ପକ୍ଷରୁ ଦାବି କରାଯାଉଛି। (ଫଟୋ: ମନୋରଞ୍ଜନ ମିଶ୍ର)

ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରଦେଶରେ ରୋହିଙ୍ଗ୍ୟା ଓ ବାଲାଂଦେଶୀ ମୁସଲମାନମାନେ ବିଭିନ୍ନ ଆଳରେ ଆସି ବେଆଇନ ଭାବେ ସ୍ଥାୟୀ ବସବାସ କରୁଛନ୍ତି। ସେମାନେ ଦିନରେ ଫେରିବାଲା ଓ ଅନ୍ୟାନ୍ୟ ବେପାର କରିବା ସହ ରାତିରେ ଚୋରି, ତସ୍କରି, ଡକାୟତି ଭଳି ବହୁ ଜଘନ୍ୟ ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ହେଉଛନ୍ତି। ଏମାନଙ୍କୁ ତୁରନ୍ତ ଚିହ୍ନଟ କରି ରାଜ୍ୟ ତଥା ଦେଶରୁ ବିତାଡିତ କରିବା ଲାଗି ଭାରତ ରକ୍ଷା ମଞ୍ଚ ଦାବି ଉଠାଇଛି। ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ଅବସରରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଲୋୟର ପିଏମଜିରେ ମଞ୍ଚ ପକ୍ଷରୁ ବଡ଼ ସମାବେଶ କରାଯାଇଥିଲା। ମଞ୍ଚର ରାଷ୍ଟ୍ରୀୟ ମହାସଚିବ ଡାକ୍ତର ଅଶୋକ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଆୟୋଜିତ ସମାବେଶରେ ବକ୍ତାମାନେ କହିଥିଲେ, ଅନୁପ୍ରବେଶକାରୀ ଚଞ୍ଚକତା ଉପାୟରେ କିଛି ନେତା, ସ୍ଥାନୀୟ ଦଲାଲଙ୍କୁ ଲାଞ୍ଚ ଦେଇ ଭୋଟର କାର୍ଡ ଓ ଆଧାର କାର୍ଡ ହାସଲ କରୁଛନ୍ତି। ଏହାପରେ ସେମାନେ ଭାରତୀୟ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ରାଶନ ସାମଗ୍ରୀ, ଆବାସ ଗୃହଠାରୁ ଆରମ୍ଭ କରି ସମସ୍ତ ସରକାରୀ ସୁବିଧା ହଡ଼ପ କରୁଛନ୍ତି। ତେଣୁ ଏମାନଙ୍କୁ ଅବିଳମ୍ବେ ଚିହ୍ନଟ କରି ସେମାନଙ୍କ ଦେଶକୁ ପଠାଇଦେବା ଲାଗି ସରକାର ଦୃଢ଼ ପଦକ୍ଷେପ ନିଅନ୍ତୁ। ମଞ୍ଚ ପ୍ରତିଷ୍ଠାତା ଓ ରାଷ୍ଟ୍ରୀୟ ସଂଯୋଜକ ସୂର୍ଯ୍ୟକାନ୍ତ କଲକର କହିଲେ, ଭାରତର କେରଳ ଓ ପଶ୍ଚିମବଙ୍ଗ ଭଳି କେତେକ ପ୍ରଦେଶରେ ବର୍ତ୍ତମାନ ହିନ୍ଦୁମାନେ ଅସୁରକ୍ଷିତ ହୋଇପଡିଛନ୍ତି। ହିନ୍ଦୁଙ୍କ ଉପରେ ଆକ୍ରମଣ ହେଲେ ମଧ୍ୟ ରାଜନୈତିକ ଦୃଷ୍ଟିରୁ କେତେକ ଦଳ ଆଦୌ ପାଟି ଖୋଲୁନାହାନ୍ତି । ଭାରତକୁ ତୁରନ୍ତ ହିନ୍ଦୁ ରାଷ୍ଟ୍ରଭାବେ ଘୋଷଣା କରିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ଡାକ୍ତର ଅଶୋକ ଆଚାର୍ଯ୍ୟ କହିଲେ, ଭୁବନେଶ୍ୱରରେ ବର୍ତ୍ତମାନ ୫୦ରୁ ୬୦ ହଜାର ରୋହିଙ୍ଗ୍ୟା ଓ ବାଂଲାଦେଶୀ ମୁସଲମାନ ରହୁଛନ୍ତି। ଏହାଛଡା ସାରା ରାଜ୍ୟରେ ଏହି ଦୁଇ ବର୍ଗର ପ୍ରାୟ ୪ରୁ ୫ ଲକ୍ଷ ଲୋକ ବସବାସ କରୁଛନ୍ତି। ଏମାନଙ୍କୁ ଚିହ୍ନଟ ଓ ଦେଶାନ୍ତର ପାଇଁ ତୁରନ୍ତ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ସେଲ ଗଠନ କରନ୍ତୁ। ଏଥିସହ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ସମସ୍ତ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସେ ଦାବି କରିଥିଲେ।

# ଏଥର ୪୫ ଫୁଟର ନଟରାଜ ଏଲ୍ଇଡି ଗେଟ୍

**ଜଟଣୀ ଥାନା ଛକ ବ୍ୟବସାୟୀ ସଂଘ ପୂଜା କମିଟି**

- ପୂଜା ପାଇବେ ୧୨ ଫୁଟ ଉଚ୍ଚର ଗଜାନନ
- ପ୍ରଥମଦିନ ଓ ବିସର୍ଜନର ଭୋଗ ଥାନାରୁ ଆସିଥାଏ

ଜଟଣୀ,୨୩।୮ (ରବୀନ୍ଦ୍ରନାଥ ମହାକୁଡ଼)




ଗଣେଶ ପୂଜା ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଜଟଣୀ ସହର। ଏଥିପାଇଁ ବିଭିନ୍ନ ବ୍ୟବସାୟୀ ସଂଘ, ସାହିବସ୍ତି ଓ କ୍ଲବ ପକ୍ଷରୁ ଧୁମ୍‌ଧାମ୍‌ରେ ଗଣେଶ ପୂଜା ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସମସ୍ତେ ନିଜ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଜଟଣୀ ଥାନା ଛକ ବ୍ୟବସାୟୀ ସଂଘ ମଧ୍ୟ ଜୋର୍‌ଦାର ପ୍ରସ୍ତୁତି ଚଳାଇଛି।

ପ୍ରାୟ ୫୧ବର୍ଷ ପୂର୍ବେ ଥାନା ଛକଠାରେ ଗଣେଶ ପୂଜା ଆରମ୍ଭ ହୋଇଥିଲା। ସ୍ୱର୍ଗତ ଝୁଲୁ ସୁନ୍ଦରାୟ, ସ୍ୱର୍ଗତ ଗଙ୍ଗାଧର କବିରାଜ, ସ୍ୱର୍ଗତ ପ୍ରଫୁଲ୍ଲ ସାହୁ, ସ୍ୱର୍ଗତ ଭାବଗ୍ରାହୀ ପାହାଡ଼ସିଂ, ସ୍ୱର୍ଗତ ବୁଦ୍ଧିରାମ ଅଗ୍ରୱାଲ, ସ୍ୱର୍ଗତ ଅଜିତ ଖାଁ, ଗୋକୁଳ ସାହୁ, ମହେଶ କାଛୁଓ୍ୱାଲ, କାଶୀନାଥ ନାୟକଙ୍କ ସମେତ କେତେଜଣ ବ୍ୟବସାୟୀ ଏଠାରେ ପୂଜା ଆରମ୍ଭ କରିଥିବା ଲୋକମତରୁ ଜଣାଯାଏ। ବର୍ତ୍ତମାନ ଅନନ୍ତ ଶତପଥୀ, ରୋହତାଶ ଅଗ୍ରୱାଲ, ପ୍ରଶାନ୍ତ ପଣ୍ଡା, ଡା.ସଞ୍ଜୟ ଦାସ, ମହେନ୍ଦ୍ର ସାମନ୍ତରାୟ, ପ୍ରଣୟ ପଟ୍ଟନାୟକ, ଜିତେନ୍ଦ୍ର ପଟ୍ଟନାୟକଙ୍କ ସମେତ କେତେଜଣ ବ୍ୟବସାୟୀ ପୂଜାକୁ ଆକର୍ଷଣୀୟ କରିବା ପାଇଁ ପ୍ରତି ବର୍ଷ କିଛି ନୂଆ କରିବା ପାଇଁ ଚେଷ୍ଟା କରୁଛନ୍ତି। ଚଳିତ ବର୍ଷ ପୂଜାରେ ୬ରୁ ୮ଲକ୍ଷ ଟଙ୍କା ଖର୍ଚ୍ଚ ହେବା ନେଇ ସଂଘ ପକ୍ଷରୁ ଆକଳନ କରାଯାଇଛି। ମଣ୍ଡପରେ ୧୨ଫୁଟ ଉଚ୍ଚର ଗଜାନନଙ୍କ ସହିତ ମାତା ଲକ୍ଷ୍ମୀ ଏବଂ ସରସ୍ୱତୀ ପୂଜା ପାଇବେ। ଏଥର ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ଦୁଇଟି ୪୫ଫୁଟର ଦକ୍ଷିଣ ଭାରତର ନଟରାଜ ଏଲ୍ଇଡି ଗେଟ୍ ସ୍ଥାନ ପାଇବ। ଠାକୁରଙ୍କ ନିକଟରେ ୧୧ଦିନ ବ୍ୟାପୀ ବିଭିନ୍ନ ପ୍ରକାର ସୁସ୍ୱାଦୁ ଭୋଗ ଲାଗି ହୋଇଥାଏ। ବିଶେଷକରି ଚୁଡ଼ା ଘଷା, ଲଡୁ, ଛେନାଝିଲି, ଛେନାପୋଡ଼, ଜିଲାପି, ଛେନା ଖଇ ଯାହାକୁ କମିଟି ଏବଂ କେତେଜଣ ମାନସିକଧାରୀ ଦେଇଥାନ୍ତି। ସେହିପରି ପ୍ରଥମ ଏବଂ ଶେଷ ଦିବସର ଭୋଗ ଜଟଣୀ ଥାନା ପକ୍ଷରୁ ଦିଆଯାଇଥାଏ। ଭସାଣି ଦିନ କମିଟି ପକ୍ଷରୁ ଖେଚୁଡ଼ି ଭୋଗ ବଣ୍ଟନ କରାଯାଇଥାଏ। ତେବେ ପୂଜା ସମୟରେ ଏଠାରେ ଯାତ୍ରା ମଞ୍ଚସ୍ଥ କରାଯାଉଥିବାରୁ ଭିଡ଼ ଜମିଥାଏ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଥାନ୍ତି।

**ଏମାନେ ଯାହା କୁହନ୍ତି...**



"ପୂର୍ବ ବର୍ଷମାନଙ୍କ ତୁଳନାରେ ବର୍ତ୍ତମାନ ପୂଜା ଏବଂ ସାଜସଜ୍ଜାର ମାନ ବଢ଼ିଛି। ପୂଜାର ସାଜସଜ୍ଜା ବାବଦ ଖର୍ଚ୍ଚ ବ୍ୟବସାୟୀ ଭାଇଙ୍କୁ ନେଇ ହିଁ କରାଯାଇଥାଏ। ବ୍ୟବସାୟୀଙ୍କ ଅର୍ଥରେ ସମସ୍ତ କାର୍ଯ୍ୟ ହେଉଛି। ସମସ୍ତଙ୍କ ସହଯୋଗରେ ପ୍ରତି ବର୍ଷ ପୂଜା ଶାନ୍ତିଶୃଙ୍ଖଳାରେ ପାଳନ ହୋଇଥାଏ। ଏଥର ବି ଶାନ୍ତିଶୃଙ୍ଖଳାରେ ପୂଜା ହେବ।

**ରୋହତାଶ ଅଗ୍ରୱାଲ, ସଭାପତି, ଥାନା ଛକ ବ୍ୟବସାୟୀ ସଂଘ**



"ବ୍ୟବସାୟୀଙ୍କ ବ୍ୟବସାୟ କମିବାରୁ ଅର୍ଥ ଅଭାବ ଦେଖାଦେଉଛି। ତେବେ ପୂଜା ପାଇଁ ସମସ୍ତ ବ୍ୟବସାୟୀଙ୍କ ମଧ୍ୟରେ ଉତ୍ସାହ ରହିଛି। ଚଳିତ ବର୍ଷ ୬ରୁ ୮ଲକ୍ଷ ଟଙ୍କା ଖର୍ଚ୍ଚ ହେବା ନେଇ ଆକଳନ କରାଯାଇଛି। ଶାନ୍ତିଶୃଙ୍ଖଳା ଏବଂ ଟ୍ରାଫିକ ବ୍ୟବସ୍ଥା ପାଇଁ କମିଶନରେଟ ପୋଲିସ ସହିତ କମିଟି ପକ୍ଷରୁ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ଭସାଣି ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟ, ଘଣ୍ଟଘଣ୍ଟାରେ ପ୍ରଭୁ ଗଜାନନଙ୍କୁ ମେଲାଣି ଦିଆଯିବ ବୋଲି ସ୍ଥିର ହୋଇଛି।

**–ଅନନ୍ତ ଶତପଥୀ, ସମ୍ପାଦକ, ଥାନା ଛକ ବ୍ୟବସାୟୀ ସଂଘ**

# ନାବାଳକ ସମେତ ୪ ଧରାପଡ଼ିଲେ

**ଖଣି ସର୍ଭେ ବେଳେ ଅଧିକାରୀଙ୍କୁ ଆକ୍ରମଣ ଘଟଣା**

ନିରାକାରପୁର,୨୩।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଥାନା ଅଧୀନ ବଡ଼ପୋଖରିଆରେ ଗୁରୁବାର ଖଣି ସର୍ଭେ ବେଳେ ଖଣି ଅଧିକାରୀ ଜଗନ ବେହେରାଙ୍କ ସମେତ ଏକ ପ୍ରତିନିଧି ଟିମ୍‌କୁ ମାଫିଆମାନେ ମରଣାନ୍ତକ ଆକ୍ରମଣ କରିବା ସହ ଗାଡ଼ି ଭଙ୍ଗାରୁଜା କରିଥିଲେ। ଏନେଇ ଖଣି ଅଧିକାରୀ ବେହେରାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୧୭/୨୪) ରୁଜୁକରି ତଦନ୍ତ ଚଳାଇ ଜଣେ ନାବାଳକଙ୍କୁ ଧରିଥିବା ବେଳେ ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଡ଼ପୋଖରିଆର ବିକ୍ରମ ସାମନ୍ତରାୟ(୨୮), ସୁନୀଲ ଉତ୍ତରକବାଟ(୨୦) ଏବଂ ହରିପୁର ମାଝିସାହିର ନରେନ୍ଦ୍ର ପ୍ରଧାନ। ତେବେ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି।

ଖୋର୍ଦ୍ଧା ଜିଲା ଖଣି ବିଭାଗ ପକ୍ଷରୁ ନୂତନ ଖଣି ନିଲାମ ପାଇଁ ଜିଲାର ବିଭିନ୍ନ ସ୍ଥାନରେ ନୂତନ ଖଣି ପାଇଁ ସର୍ଭେ କରାଯାଉଛି। ଏହି ଟିମ୍‌ରେ ଖଣି ଅଧିକାରୀ ବେହେରାଙ୍କ ସମେତ ଏସିଏଫ୍ ସୁଶାନ୍ତ ବନ୍ଧ, ସହ ପରିବେଶ ବିଜ୍ଞାନୀ ସ୍ମୃତି ରଞ୍ଜନ ପ୍ରଧାନ, ଭୂତତ୍ତ୍ୱ ବିଜ୍ଞାନୀ ସୁଶାନ୍ତ ବେହେରା, ରାଜସ୍ୱ ବିଭାଗ ସୁପରଭାଇଜର ଟୁଟୁ ସ୍ୱାଇଁ ଓ ସର୍ଭେୟର ମାନସ ମହାନ୍ତ ପ୍ରମୁଖ ବିଭିନ୍ନ ସ୍ଥାନକୁ ଯାଇ ସର୍ଭେ କରୁଛନ୍ତି। ଗୁରୁବାର ଟାଙ୍ଗୀ ତହସିଲ ଅନ୍ତର୍ଗତ ରାମଚନ୍ଦ୍ରପୁରରେ ସର୍ଭେ ସାରି ଅପରାହ୍ନ ୩ଟାରେ ବଡ଼ପୋଖରିଆ ଅଞ୍ଚଳରେ ସର୍ଭେ କରି ଫେରୁଥିବାବେଳେ କେତେଜଣ ବ୍ୟକ୍ତି ସେମାନଙ୍କୁ ମାଡ଼ ମାରିବା ସହ ଗାଡ଼ି ଭଙ୍ଗାରୁଜା କରିଥିଲେ ବୋଲି ଖଣି ଅଧିକାରୀ ବେହେରା ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଛି।

# ମୂର୍ତ୍ତି ଗଢ଼ିଲେ ଚଳେ ମଦନଙ୍କ ପରିବାର



**ସରକାରୀ ପ୍ରୋତ୍ସାହନ ପାଇଁ ନିବେଦନ**

ବେଗୁନିଆ,୨୩।୮ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ଅନ୍ତର୍ଗତ ଛତ୍ରପଡ଼ା ଗ୍ରାମର ମଦନ ମାନସିଂହ। ବୟସ ୬୦ ଛୁଇଁଲାଣି। ଅସୁସ୍ଥତା ଯୋଗୁ ଅଣ୍ଟା ନଇଁଗଲାଣି। ପରିବାର ପ୍ରତିପୋଷଣ ଆଶାରେ ଛାଡ଼ି ନାହାନ୍ତି ବେଉସା। ମୂର୍ତ୍ତି କାରିଗର ଭାବେ ଦିଲ୍ଲୀ ପରେ ଏବେ ପଲ୍ଲୀରେ ସେ ନାଁ କମେଇବାରେ ଲାଗି ପଡିଛନ୍ତି।

ପ୍ରକାଶ ଯେ, ୫ଜଣ ସଦସ୍ୟଙ୍କୁ ନେଇ ମଦନଙ୍କ ପରିବାର। ଚାଳ ଘରେ ବିତୁଛି ତାଙ୍କର ଜୀବନ। ଯୁବାବସ୍ଥାରେ ମଦନ ପରିବାର ପ୍ରତିପୋଷଣ ପାଇଁ ଦିଲ୍ଲୀ ଯାଇଥିଲେ। ସେଠାରେ ମାଟିରେ ମୂର୍ତ୍ତି ଗଢ଼ି ନାଁ କମାଇଥିଲେ। ତେବେ ଦେହ ଖରାପ ହେବାରୁ ସେ ଗ୍ରାମକୁ ପଳାଇଆସିଲେ। ମାଟିରେ ଭଳିକି ଭଳି ମୂର୍ତ୍ତି ଗଢୁଛନ୍ତି। ଘରକରଣା ମାଟିପାତ୍ର ଗଢ଼ିବା ସହ ଶ୍ରୀଗଣେଶ, ମା'ମଙ୍ଗଳା, ଗଜଲକ୍ଷ୍ମୀ, ଦୁର୍ଗାଙ୍କ ମୂର୍ତ୍ତି ଗଢ଼ି ଜୀବିକା ନିର୍ବାହ କରୁଛନ୍ତି। ମୂର୍ତ୍ତି ୫୦ଟଙ୍କାରୁ ୨୦ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଛନ୍ତି। ଯେତିକି ରୋଜଗାର କରୁଛନ୍ତି ପରିବାରର ୫ଜଣ ସଦସ୍ୟ ବର୍ଷତମାମ ଚଳୁଛନ୍ତି। ସ୍ୱଳ୍ପ ରୋଜଗାର ଯୋଗୁ ଛାତଘର କରିବାକୁ ସକ୍ଷମ ହୋଇପାରୁ ନାହାନ୍ତି। ପରିବାର ପ୍ରତିପୋଷଣ ଚିନ୍ତାରେ ବୟସ ହାରମାନିଛି ବୋଲି ମଦନ କହିଛନ୍ତି। ତାଙ୍କ ପାଇଁ ସରକାରଙ୍କ ପ୍ରୋତ୍ସାହନ ସାତସପନ ପାଲଟିଛି। କେବଳ ରାଶନ ଚାଉଳ ମିଳୁଛି। କାରିଗରମାନଙ୍କ ପାଇଁ ସରକାରଙ୍କ ଯୋଜନା ରହିଥିଲେ ମଧ୍ୟ ଆବେଦନ କରି ବିଫଳ ହୋଇଛନ୍ତି। ଏନେଇ ବିଡିଓ ଲକ୍ଷ୍ମୀଧର ସାହୁ କହିଛନ୍ତି, ଅନୁଧ୍ୟାନ କରାଯାଇ ସରକାରୀ ନିୟମ ଅନୁସାରେ ସହାୟତା ଯୋଗାଇ ଦିଆଯିବ।

# ଚିଲିକା ମତ୍ସ୍ୟଜୀବୀ ମହାସଂଘର କାର୍ଯ୍ୟକାରିଣୀ ବୈଠକ

ଟାଙ୍ଗୀ,୨୩।୮ (ରଘୁନାଥ ସାହୁ)

ଚିଲିକା ମତ୍ସ୍ୟଜୀବୀ ମହାସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚିଲିକା ବ୍ଲକ ସୋରଣ ମାନସିଂହପୁର ଗ୍ରାମ ଯୋଗମାୟା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ପଞ୍ଚାୟତର ମତ୍ସ୍ୟଜୀବୀ ଗ୍ରାମବାସୀଙ୍କୁ ନେଇ ଆଲୋଚନା ହୋଇଥିଲା। ମାନସିଂହପୁର ଗ୍ରାମର ସଭାପତି ତପନ ବେହେରାଙ୍କ ସମେତ ଗ୍ରାମବାସୀ ପ୍ରମୋଦ ବେହେରା, ପ୍ରସନ୍ନ ମହାନ୍ତି, ରଶ୍ମିକାନ୍ତ ବେହେରା, ଗଦେଇ ବେହେରା, ସଚ୍ଚିଦାନନ୍ଦ ବେହେରା ଉପସ୍ଥିତ ଥିଲେ। ମତ୍ସ୍ୟଜୀବୀ ମହାସଂଘ ସଭାପତି ଶ୍ୟାମ ସୁନ୍ଦର ବେହେରା, ସମ୍ପାଦକ କାଳନ୍ଦୀ ବେହେରା ଆଲୋଚନା କରିଥିଲେ। ଚିଲିକା ପାଇଁ ଅତ୍ୟାବଶ୍ୟକ ଓ ଐତିହାସିକ ପଦକ୍ଷେପ ନିଆଯିବ। ପୁରୀ, ଗଞ୍ଜାମ ଓ ଖୋର୍ଦ୍ଧା ଜିଲାର ୧୪୫ ଖଣ୍ଡ ମତ୍ସ୍ୟଜୀବୀ ଗ୍ରାମର ୪ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଜୀବିକା ହରାଇଛନ୍ତି। ଫଳରେ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ସମଗ୍ର ଚିଲିକା ମାଫିଆଙ୍କ ଦ୍ୱାରା କବଳିତ। ୨୦୧୭/୧୮ ମସିହାରୁ ମତ୍ସ୍ୟ ସୌରତଗୁଡ଼ିକ ଲିଜ୍ ନ ଦେବାରୁ ଚିଲିକା ଉପରେ ଥିବା ଅଧିକାରକୁ ଛଡାଇ ନିଆଯାଉଛି। ଚିଲିକାରୁ ମସାରି ଜାଲ, କେରଳି ଜିରୋ ଜାଲ, ଛୋଟ ଛୋଟ ଜାଆଁଳ ଧରିବା, ଆଲମି ଜାଲ, ବେଆଇନ ଚିଙ୍ଗୁଡ଼ି ଘେରି ବନ୍ଦ କରିବା ନେଇ ଆଲୋଚନା ହୋଇଛି।

# ଉତ୍ତମ ବ୍ୟବହାର, ସୁରକ୍ଷା ମିଳିଲେ ଚିଲିକାକୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଡଙ୍ଗା ମାଲିକମାନେ।

**ଭାରତ ପର୍ଯ୍ୟଟନ ବିଭାଗ ପକ୍ଷରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ**

ବାଲୁଗାଁ,୨୩।୮ (ସଂଗ୍ରାମ ପାଇକରାୟ)

ଭାରତ ପର୍ଯ୍ୟଟନ ବିଭାଗ ପକ୍ଷରୁ ଶୁକ୍ରବାର ବାଲୁଗାଁ ଅଶୋକନଗର ସ୍ଥିତ ବଣିକ ସଂଘ ସଭାଗୃହରେ ଡଙ୍ଗା ଚାଳକ ଓ ମାଲିକମାନଙ୍କୁ ନେଇ ଦକ୍ଷତାଭିତ୍ତିକ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡଙ୍ଗା ଚାଳକମାନେ ପ୍ରଶାସନିକ ନିର୍ଦ୍ଦେଶାବଳୀକୁ ପାଳନ କରିବା ସହ ପର୍ଯ୍ୟଟକଙ୍କୁ ଉତ୍ତମ ବ୍ୟବହାର ଓ ସୁରକ୍ଷା ଦିଗରେ ସଚେତନ ହୋଇପାରିଲେ ଚିଲିକାରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି କୁହାଯାଇଛି।

ପର୍ଯ୍ୟଟନ ବିଭାଗର ସୂଚନା ଅଧିକାରୀ ଜଗନ୍ନାଥ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଣବ ପ୍ରକାଶ, ସହ ନିର୍ଦ୍ଦେଶକ ରଶ୍ମିସୋନିଆ ତିର୍କୀ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟର ଅଧ୍ୟାପକ ପ୍ରମଥଧୀପ୍ କର ପ୍ରମୁଖ ଯୋଗଦେଇ ଉପସ୍ଥିତ ଡଙ୍ଗା ମାଲିକଙ୍କୁ ବିଭିନ୍ନ ଦକ୍ଷତା ବିକାଶ ଉପରେ ସଚେତନମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। ଡଙ୍ଗା ଚାଳକମାନେ ପରିଷ୍କାର ରହି ଉତ୍ତମ ବ୍ୟବହାର ସହ ପର୍ଯ୍ୟଟକଙ୍କୁ ଆତିଥ୍ୟ ସତ୍କାର କରିବା ଜରୁରୀ। ଡଙ୍ଗାକୁ ପରିଷ୍କାର ରଖିବା ସହ ଲାଇଫ୍ ଜ୍ୟାକେଟ୍, ଲାଇଫ ବୟ, ଫାଷ୍ଟଏଡ୍ ବକ୍ସ, ଅଗ୍ନି ନିରାପତ୍ତା ଯନ୍ତ୍ର, ଡଷ୍ଟବିନ୍ ସମେତ ଡଙ୍ଗାର ପଞ୍ଜୀକରଣ ପତ୍ର, ବୀମାକରଣ ଏବଂ ଫିଟନେସ୍ ଉପରେ ଗୁରୁତ୍ୱ ଦେବା ପାଇଁ ଅନୁରୋଧ କରାଯାଇଥିଲା। ସେହିପରି ୧୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କୁ ଡଙ୍ଗାରେ ପରିବହନ କରିବାକୁ ବାରଣ କରାଯାଇଛି। ଦୁର୍ଘଟଣା ସମୟରେ ଯାତ୍ରୀଙ୍କ ସୁରକ୍ଷା ପାଇଁ ସ୍ଥାନୀୟ ପୋଲିସ, ଡାକ୍ତରଖାନା, ଅଗ୍ନିଶମ ବାହିନୀ ବିଭାଗକୁ ଯୋଗାଯୋଗ ନିମନ୍ତେ ଫୋନ୍ ନମ୍ବର ଡଙ୍ଗାରେ ଏକ ଫଳକ ମାଧ୍ୟମରେ ଦର୍ଶାଇବା ପାଇଁ ପରାମର୍ଶ ଦିଆଯାଇଛି। ପର୍ଯ୍ୟଟକଙ୍କୁ ଆର୍ଥିକ ଶୋଷଣରୁ ଦୂରେଇ ରହି ସେମାନଙ୍କ ପ୍ରତି ସେବା ମନୋବୃତ୍ତି ରଖିଲେ ଆଗାମୀ ଦିନରେ ଚିଲିକା ପରିଭ୍ରମଣରେ ପର୍ଯ୍ୟଟକ ଅଧିକରୁ ଅଧିକ ଆକୃଷ୍ଟ ହେବେ ବୋଲି ମତପ୍ରକାଶ ପାଇଛି। ଏହି ଅବସରରେ ବାଲୁଗାଁ ସ୍ଥିତ ମା'କାଳିଜାଇ ବୋଟ ଆସୋସିଏଶନର ସମ୍ପାଦକ କୃଷ୍ଣଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଯୋଗଦେଇଥିବା ୫୦ରୁ ଊର୍ଦ୍ଧ୍ୱ ଡଙ୍ଗା ମାଲିକଙ୍କୁ ଦକ୍ଷତା ବିକାଶଭିତ୍ତିକ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ସ୍ଥାନୀୟ ଆମ ଭାଷା ସୁରକ୍ଷା ଅନୁଷ୍ଠାନର ସମ୍ପାଦକ ସୁଶାନ୍ତ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଦେଇଥିଲେ।

# ଗଣେଶ ପୂଜା ପ୍ରସ୍ତୁତି ବୈଠକ

ଝାଁଳା,୨୩।୮ (ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ପରିସରରେ ଗଣେଶ ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ କୃପାସିନ୍ଧୁ ବରାଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଝାଁଳା, ମୁଣ୍ଡୁହାଣ, ଗଙ୍ଗପଡ଼ା, ମଦନପୁର, କାଶିପୁର, ଅରିଶଳ, କାଇମାଟିଆ ଆଦି ଅଞ୍ଚଳର ପ୍ରାୟ ୪୦ପୂଜା କମିଟି କର୍ମକର୍ତ୍ତା ଯୋଗଦେଇଥିଲେ। ପୂଜା ଓ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳା ସହ ସମାପନ କରିବାକୁ ଥାନା ଅଧିକାରୀ ଗୁରୁତ୍ୱ ଦେଇଥିଲେ। ଭସାଣିରେ ଡିଜେକୁ ବାରଣ କରାଯାଇଥିବା ବେଳେ ପାରମ୍ପରିକ ବାଜା ଓ ନାଚ ଉପରେ କଟକଣା ନାହିଁ ବୋଲି ସୂଚନା ଦିଆଯାଇଛି। ବାଧ୍ୟତାମୂଳକ ଚାନ୍ଦା ଆଦାୟକୁ ବାରଣ କରାଯିବା ସହ ନିଶାମୁକ୍ତ ଭସାଣି କରିବାକୁ କମିଟି କର୍ମକର୍ତ୍ତାଙ୍କୁ ପରାମର୍ଶ ଦିଆଯାଇଛି। ସମସ୍ତ ମଣ୍ଡପରେ ସିସି କ୍ୟାମେରା ଲଗାଇବା ପାଇଁ କୁହାଯାଇଛି। ବୈଠକରେ ସମସ୍ତ ପୂଜା କମିଟିର ସଭାପତି ଓ ସମ୍ପାଦକମାନଙ୍କ ସହ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଅନ୍ତ୍ୟୋଦୟ ଯୋଜନାରେ ସାମିଲ ପାଇଁ ଜିଲାପାଳଙ୍କୁ ନିବେଦନ

ବେଗୁନିଆ,୨୩।୮ (ସନ୍ଧ୍ୟାରାଣୀ ମିଶ୍ର)


ବନିତା

ବେଗୁନିଆ ବ୍ଲକ କଣ୍ଟାବାଡ଼ ଗ୍ରାମର ସ୍ୱର୍ଗତ ସଚ୍ଚିଦାନନ୍ଦ ବ୍ରହ୍ମାଙ୍କ ଦିବ୍ୟାଙ୍ଗ ଝିଅ ବନିତା (୪୧)। ସେ ବାମନ ହୋଇଥିବାରୁ କେବଳ ଭତ୍ତା ଟଙ୍କାରେ ମାସେ ଚଳିବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ପିଲାଦିନରୁ ମା'ବାପାଙ୍କୁ ସେ ହରାଇଛନ୍ତି। ବଡ ଭାଇ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଅର୍ଥ ଅଭାବରୁ ଚିକିତ୍ସା ପାଇ ନ ପାରି ଦୁଃଖର ସହ କାଳାତିପାତ କରୁଥିବା ବେଳେ ବନିତା ଏବେ ଘରର ସମସ୍ତ ଭାର ବହନ କରୁଛନ୍ତି। ଅର୍ଥାଭାବ ଯୋଗୁ ଘର ମରାମତି କରିପାରୁ ନାହାନ୍ତି। ଭତ୍ତା ଟଙ୍କାରେ ଗୁଜୁରାଣ ମେଣ୍ଟାଉଥିବାରୁ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ଗତ ୧୨ ତାରିଖରେ ବେଗୁନିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମରେ ବନିତା ପହଞ୍ଚି ତାଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରିବା ପାଇଁ ଜିଲାପାଳଙ୍କୁ ଲିଖିତ ଭାବେ ନିବେଦନ କରିଛନ୍ତି।

# ଜାତୀୟ ମହାକାଶ ଦିବସ ପାଳିତ

ବୋଲଗଡ଼,୨୩।୮ (ଦେବବ୍ରତ ହୋତା)

ରାଜ୍ୟ ପ୍ରକଳ୍ପ ଅତିରିକ୍ତ ନିର୍ଦ୍ଦେଶକ ସନାତନ ପଣ୍ଡା ଏବଂ ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇଙ୍କ ନିର୍ଦ୍ଦେଶକ୍ରମେ ସଂପୁର ସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜାତୀୟ ମହାକାଶ ଦିବସ ପାଳିତ ହୋଇଯାଇଛି। ବିଜ୍ଞାନ ଶିକ୍ଷୟିତ୍ରୀ ଶୁଭଶ୍ରୀ ଧଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ପୌରୋହିତ୍ୟ ଏବଂ ଶିକ୍ଷକ ବିଶ୍ୱଜିତ ସରୋଜ କୁମାର ସଂଯୋଜନା କରିଥିଲେ। ବିଦ୍ୟାର୍ଥୀମାନଙ୍କ ମଧ୍ୟରେ 'ଚନ୍ଦ୍ର ପୃଷ୍ଠରେ ଭାରତ' ପ୍ରସଙ୍ଗ ଉପରେ ବକ୍ତୃତା, 'ଚନ୍ଦ୍ରର ସ୍ପର୍ଶରେ ଜୀବନର ସ୍ପର୍ଶ' ପ୍ରସଙ୍ଗ ଉପରେ ପ୍ରବନ୍ଧ, ମହାକାଶ ଗବେଷଣା ସମ୍ବନ୍ଧୀୟ ସାଧାରଣ ଜ୍ଞାନ ଏବଂ ଚନ୍ଦ୍ରୟାନ-୩ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ୫୪ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପ୍ରଧାନ, ନମିତା ସାହୁ, ଶ୍ରୋତାଲିନି ସାହୁ, ସୌଦାମିନୀ ପରିଡ଼ା, ଶିକ୍ଷକ ଅଂଶୁମାନ ଧଳ ବିଚାରକଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ବକ୍ତୃତାରେ ଶୁଭଙ୍କର ପୃଷ୍ଟି, ଜାଗୃତି ପ୍ରଭା ସାହୁ, ବର୍ଷାସୋନୀ ବେହେରା, ପ୍ରବନ୍ଧରେ ଭବସ୍ମିତା ମଙ୍ଗରାଜ, ଓମ୍ ପ୍ରକାଶ ନାୟକ, ବର୍ଷା ପ୍ରିୟଦର୍ଶିନୀ ବେହେରା, ସାଧାରଣ ଜ୍ଞାନରେ ରାକେଶ କୁମାର ସାହୁ, ସୂର୍ଯ୍ୟ ପ୍ରସାଦ ବେହେରା, ଶୁଭମ ଭବ ରାଉତ ଓ ଚିତ୍ରାଙ୍କନରେ ରୋଜାଲିନ ଓଝା, ମଧୁସ୍ମିତା ସାହୁ ଏବଂ ଆରାଧ୍ୟା ଦାଶ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଛନ୍ତି। ପ୍ରଧାନ ଶିକ୍ଷକ ସ୍ୱାଇଁ ମହାକାଶ ଗବେଷଣାରେ ଇସ୍ରୋ କଳ୍ପନାକୁ ବାସ୍ତବ ରୂପରେ ପରିଣତ କରିଥିବା ବେଳେ ଇସ୍ରୋ ପ୍ରତିଷ୍ଠାତା ବିକ୍ରମ ସାରାଭାଇ, ରକେଟ ମ୍ୟାନ ଅଫ ଇଣ୍ଡିଆ କେ. ସିଭାନ, ରକେଟ ଓମ୍ୟାନ ଅଫ ଇଣ୍ଡିଆ ରିତୁ କାରିଧାଲ, ମିଶାଇଲ ମ୍ୟାନ ଅଫ ଇଣ୍ଡିଆ ଏପିଜେ ଅବଦୁଲ କଲାମଙ୍କ ସମେତ ପ୍ରମୁଖ ବୈଜ୍ଞାନିକମାନଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ସୌଦାମନୀ ସୁବୁଦ୍ଧି, ଶିବ ପ୍ରଧାନ, ସ୍ନେହଲତା ପାଇକରାୟ ଓ ସସ୍ମିତ କେଦାର କର ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକ ଧନ୍ୟବାଦ ଦେଇଥିଲେ।



ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରଏବଂ ଅନ୍ୟମାନେ।

# ଉଡୁଛି ଚିରାଫଟା ତ୍ରିରଙ୍ଗା

ଖୋର୍ଦ୍ଧା,୨୩।୮ (ପ୍ରଭାତ ପାଣିଗ୍ରାହୀ)

ସ୍ୱାଧୀନତାର ୭୮ବର୍ଷ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଅଗଷ୍ଟ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ହର୍ ଘର୍ ତ୍ରିରଙ୍ଗା ବାର୍ତ୍ତା ଦେଇଥିଲେ। ଦେଶବାସୀ ଆନନ୍ଦ ଉଲ୍ଲାସର ସହ ଏହି ଅଭିଯାନରେ ସାମିଲ ହୋଇଥିଲେ। ସମସ୍ତଙ୍କ ଘରଛାତ, ଦୋକାନ, ବଜାର, ବ୍ୟବସାୟିକ ପ୍ରତିଷ୍ଠାନ ସବୁଠି ତ୍ରିରଙ୍ଗା ଉଡ଼ିଥିଲା। ତେବେ ଏହି ଅଭିଯାନକୁ ଏକ ସପ୍ତାହ ବିତିଯାଇଥିଲେ ମଧ୍ୟ ଲୋକେ ଲଗାଇଥିବା ତ୍ରିରଙ୍ଗା ବାହାର କରିବାକୁ ଭୁଲି ଯାଇଛନ୍ତି। ଫଳରେ ତ୍ରିରଙ୍ଗା କେଉଁଠି ତଳକୁ ନଇଁଗଲାଣି ତ କେଉଁଠି ଚିରିଫାଟି ଗଲାଣି, ଆଉ କେଉଁଠି ଦିନରାତି ଛାତ, ଦୋକାନ ଘର, ଗଛ, ଆଜ୍‌ବେଷ୍ଟସରେ ଉଡୁଥିବା ବେଳେ ଖୋର୍ଦ୍ଧାର ପୁରୁଣା ବସ୍‌ଷ୍ଟାଣ୍ଡ, ଟ୍ରାଫିକ ଛକ, ମାରୱାଡି ପଟି, ମୁକୁନ୍ଦପ୍ରସାଦ, ଟ୍ରାଫିକ ଛକଠାରୁ ନୂଆ ବସଷ୍ଟାଣ୍ଡ, ପଲ୍ଲା ଛକ, ନୟାଗଡ ରୋଡ୍ ଆଦି ଅଞ୍ଚଳରେ ଦେଖିବାକୁ ମିଳିଛି। ସେହିପରି ବାଇକ୍, ଘରୋଇ ବସ୍, ଅଟୋ, ଚାରିଚକିଆ ଯାନରେ ଚିରାଫଟା ତ୍ରିରଙ୍ଗା ଥିଲେ ମଧ୍ୟ ମାଲିକ କିମ୍ବା ଡ୍ରାଇଭରମାନେ ବାହାର କରିବାକୁ ଆଗ୍ରହ ଦେଖାଉନାହାନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତ୍ରିରଙ୍ଗା ଉଡ଼ାଇବା ପାଇଁ ନିର୍ଦ୍ଦିଷ୍ଟ ଆଇନ ରହିଛି। ଚିରାଫଟା ଉଡ଼ିବା କିମ୍ବା ରାସ୍ତାଘାଟ, ପରିତ୍ୟକ୍ତ ସ୍ଥାନରେ ମଧ୍ୟ ପକାଇବା ଦଣ୍ଡନୀୟ ଅପରାଧ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।


ତ୍ରିରଙ୍ଗା ତଳମୁହାଁ ହୋଇ ରହିଛି ।

**ଏମାନେ ଯାହା କୁହନ୍ତି...**

"ତ୍ରିରଙ୍ଗା ହେଉଛି ଦେଶର ଗର୍ବ ଓ ଗୌରବ। ଏହାକୁ ଅପମାନ, ଅସମ୍ମାନ ଅବସ୍ଥାରେ ଉଡ଼ାଇବା ଏକ ଧର୍ତ୍ତବ୍ୟ ଅପରାଧ। ତ୍ରିରଙ୍ଗାକୁ ଅସମ୍ମାନ କରୁଥିବା ବ୍ୟକ୍ତିଙ୍କୁ ଭାରତୀୟ ଆଇନ ଅନୁଯାୟୀ ୩ବର୍ଷ ପର୍ଯ୍ୟନ୍ତ ଦଣ୍ଡ ବିଧାନ ରହିଛି। ତେବେ ଏହି ଆଇନକୁ କଡାକଡି କରାଯାଉ ନ ଥିବାରୁ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି।

ଲୋତକବିନ୍ଦୁ ପଟ୍ଟନାୟକ, ଆଇନଜୀବୀ

"ଭାରତବର୍ଷର ଜଣେ ସଚେତନ ନାଗରିକ ଭାବେ ତ୍ରିରଙ୍ଗାକୁ ଯଥୋଚିତ ସମ୍ମାନ ଦେବା ପ୍ରତ୍ୟେକଙ୍କ ଉତ୍ତରଦାୟିତ୍ୱ। ହର୍ ଘର୍ ତ୍ରିରଙ୍ଗା ଏକ ଅଭିଯାନ ଥିଲା। ଏହି ଅଭିଯାନ ସରିଗଲା, ପରେ ଜଣେ ଦାୟିତ୍ୱସମ୍ପନ୍ନ ନାଗରିକ ଭାବେ ତ୍ରିରଙ୍ଗାକୁ ଓହ୍ଲାଇ ଏହାକୁ ଠିକ୍ ସ୍ଥାନରେ ରଖିବା ଉଚିତ। ଏଥିଲାଗି ସମସ୍ତଙ୍କ ଦାୟିତ୍ୱ ରହିଛି।

**–ସୁଶାନ୍ତ ମୋହନ ପଟ୍ଟନାୟକ, ସାମାଜିକ କର୍ମୀ**

"ଏଭଳି ସ୍ଥିତି କେବଳ ଖୋର୍ଦ୍ଧାରେ ନୁହେଁ, ଅନେକ ସ୍ଥାନରେ ରହିଛି। ପ୍ରଧାନମନ୍ତ୍ରୀ ଯେଉଁଭଳି ହର୍ ଘର୍ ତ୍ରିରଙ୍ଗାର ନାରା ଦେଇଥିଲେ, ସେଭଳି ଏବେ ତ୍ରିରଙ୍ଗାକୁ ସମ୍ମାନ ପୂର୍ବକ ଓହ୍ଲାଇ ଯଥୋଚିତ ସ୍ଥାନରେ ରଖିବା ପାଇଁ ପୁଣି ଆହ୍ୱାନ ଦିଅନ୍ତୁ। ତ୍ରିରଙ୍ଗାକୁ ଅପମାନ ସମଗ୍ର ଦେଶବାସୀଙ୍କୁ ଅପମାନ ସଦୃଶ।

**–ଶିଶିର ପରିଡ଼ା, ପିସିସି ସଭ୍ୟ**

"ତ୍ରିରଙ୍ଗାକୁ କେଉଁ ସ୍ଥାନରେ ଉଡ଼ାଇପାରିବେ, କିପରି ଉଡ଼ାଇବେ, ସେଥିଲାଗି ଗାଇଡ୍‌ଲାଇନ ରହିଛି। ତ୍ରିରଙ୍ଗାକୁ କିଭଳି ସମ୍ମାନ ଦିଆଯିବା ଉଚିତ, ଊଣାଅଧିକେ ଏହାକୁ ଠିକ୍ ଭାବେ ଜାଣନ୍ତି ନାହିଁ। ଏଥିପ୍ରତି ସଚେତନତା କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି। ତ୍ରିରଙ୍ଗାକୁ ଅସମ୍ମାନ, ଦେଶକୁ ଅସମ୍ମାନ ସହ ସମାନ। ତ୍ରିରଙ୍ଗାକୁ ସମ୍ମାନ ଦେବା ସମସ୍ତଙ୍କ ଉତ୍ତରଦାୟିତ୍ୱ।

**–ଲଳିତ ମୋହନ ମହାପାତ୍ର, ସାମ୍ବାଦିକ**

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୩।୮।୨୦୨୪

**୩୭୫,୫୬୭ ଟଙ୍କା**

## ସଂକ୍ଷେପରେ

### ନିମାପଡ଼ାରେ ବାଘ ଆତଙ୍କ

ନିମାପଡ଼ା,୨୩।୮ (ରଞ୍ଜନ ପଟ୍ଟନାୟକ/ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାରେ ବାଘ ବୁଲୁଥିବା ନେଇ ଚର୍ଚ୍ଚା ହେବାରୁ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଶୁକ୍ରବାର ଅପରାହ୍ନ ୪ଟାରେ ନିମାପଡ଼ା ବ୍ଲକ ଅଧୀନ ବଡ଼ମାଛପୁର ପଞ୍ଚାୟତର ଫାଳୋ ଓ ବଡ଼ମାଛପୁର ଗ୍ରାମ ନିକଟ କାଞ୍ଜିଆକୁଣ୍ଡ ଗୋଚର ପଡ଼ିଆରେ ୨ଟି ଅଜଣା ଜନ୍ତୁ ବୁଲୁଥିବା ଲୋକେ ଦେଖିଥିଲେ। ସେମାନେ ଜନ୍ତୁ ଦୁଇଟିକୁ ଚିହ୍ନି ନ ପାରି ବାଘ ବୋଲି ସନ୍ଦେହ କରି ଅନ୍ୟମାନଙ୍କୁ ଜଣାଇଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। ବାଘ ବୁଲୁଥିବା ଶୁଣିବାକୁ ମିଳୁଥିବାରୁ ଭୟ ଲାଗୁଛି, ତେଣୁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ପ୍ରତାପ ପରିଡ଼ା, ଅନୁପ ପରିଡ଼ା, ଧିବର ଜେନା ଓ ବଳରାମ ସାହୁ ପ୍ରମୁଖ ଗ୍ରାମବାସୀ ଦାବି କରିଥିଲେ। ପରେ ସୂଚନା ପାଇ ନିମାପଡ଼ା ପୋଲିସ ଏବଂ ଜଙ୍ଗଲ ବିଭାଗ କର୍ମଚାରୀ ପହଞ୍ଚି ଜନ୍ତୁ ଦୁଇଟିକୁ ଖୋଜାଖୋଜି କରିଥିଲେ। ପାଦ ଚିହ୍ନରୁ ତାହା ବିରଳ ପ୍ରଜାତିର ଜଙ୍ଗଲୀ ବିଲେଇ ବା ଫିସିଂ କ୍ୟାଟ୍ ବୋଲି ଜଙ୍ଗଲ ବିଭାଗ କର୍ମଚାରୀ ଚିହ୍ନଟ କରିଥିଲେ। ଏମାନଙ୍କ ସ୍ୱଭାବ ଶାନ୍ତ। ଏମାନେ କେବେ ମଣିଷ କିମ୍ବା ଅନ୍ୟ କାହାକୁ ଆକ୍ରମଣ କରନ୍ତି ନାହିଁ, ସାଧାରଣତଃ ନଦୀ ନିକଟରେ ଥିବା ବୁଦୁବୁଦିଆ ଜଙ୍ଗଲ ଓ କିଆବୁଦାରେ ପରିବାର ସହ ଆଶ୍ରୟ ନେଇଥାଆନ୍ତି। ମାଛ ଓ କୀଟପତଙ୍ଗ ଏମାନଙ୍କ ମୁଖ୍ୟ ଆହାର ବୋଲି ନିମାପଡ଼ା ଜଙ୍ଗଲ ଅଧିକାରୀ ପ୍ରଦୀପ ପାଣିଗ୍ରାହୀ କହିଛନ୍ତି।

### ଡକାୟତି ଯୋଜନା ପଣ୍ଡ: ୫ ଗିରଫ

ପୁରୀ,୨୩।୮ (ଅଜିତ୍ କୁମାର ମହାନ୍ତି)

ମାଟାମଠ ନିକଟ କାଜୁ ଜଙ୍ଗଲରେ ବସି ଡକାୟତି ନିମନ୍ତେ ଯୋଜନା କରୁଥିବା ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ୫ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ଟାଉନ ଥାନା ଅନ୍ତର୍ଗତ ଦୋଳମଣ୍ଡପ ସାହିର ରାଜକିଶୋର ନାୟକ, ବାସେଳି ସାହି ଥାନା ଅନ୍ତର୍ଗତ ମାର୍କଣ୍ଡେୟ ପୋଖରୀ ଅଞ୍ଚଳର କାହ୍ନୁ ସାହୁ, ସମୁଦ୍ରକୂଳ ଥାନା ଅନ୍ତର୍ଗତ ଜଗନ୍ନାଥ କଲୋନୀର ରାଜା ନାୟକ, ଜାଲି ସାହିର ସୁନିଲ ଜାଲି ଏବଂ ତାଳବଣିଆ ଥାନା ଅଧୀନ ନୃସିଂହ ବଲ୍ଲଭ ପାଟଣାର ମୁନା ବେହେରା। ଏମାନଙ୍କ ନିକଟରୁ ଦୁଇଟି ଆଇରନ ଖଣ୍ଡା, ଦୁଇଟି ଲୁହାରଡ, ଗୋଟିଏ ଲୁହା ଚାପଡ, ଲଙ୍କାଗୁଣ୍ଡ, ବିୟର ବୋତଲ ଏବଂ ଦିଆସିଲ ଜବତ ହୋଇଛି। ଏନେଇ ପୋଲିସ ଏକ କେସ୍ (ନଂ. ୧୬୨/୨୪) ରୁଜୁ କରିଛି।

# ୩ ବର୍ଷ ପରେ ବି କାର୍ଯ୍ୟକ୍ଷମ ହୋଇପାରିନି ଧନୁଆଁ ସେତୁ

ନିମାପଡ଼ା,୨୩।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ନିମାପଡ଼ା-ପିପିଲି ମୁଖ୍ୟ ପୂର୍ତ୍ତ ସଡ଼କର ଭୁଆଁ ଛକଠାରେ ଧନୁଆଁ ନଦୀ ଉପରେ ପକ୍କା ସେତୁ ୫ କୋଟି ୬୧ ଲକ୍ଷ ୭୦ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଛି। ଇତିମଧ୍ୟରେ ଏହି ନବ ନିର୍ମିତ ସେତୁ ନିର୍ମାଣକୁ ଦୀର୍ଘ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ କି ସାଧାରଣ ଲୋକଙ୍କ ହିତରେ ଲାଗିପାରି ନାହିଁ। ଏହି ସେତୁଟି କାହିଁକି, କ'ଣ ପାଇଁ କାର୍ଯ୍ୟକ୍ଷମ ହୋଇପାରୁନି ତାହା ସାଧାରଣରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେତୁଟି ଦୀର୍ଘ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟକ୍ଷମ ହୋଇ ନ ପାରି ପଡ଼ି ରହିଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଆଗକୁ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ଆଶଙ୍କା ରହିଥିବାବେଳେ ଯଦି ଖୁବ୍‌ଶୀଘ୍ର ଏହି ସେତୁ କାର୍ଯ୍ୟକ୍ଷମ ନ ହୁଏ, ତେବେ ନିକଟରେ ଥିବା ପୁରୁଣା ବ୍ରିଜ୍‌ଟି ଧନୁଆଁ ବନ୍ୟାପାଣିରେ ବୁଡ଼ିଯିବ। ଫଳରେ ନିମାପଡ଼ା-ପିପିଲି ମୁଖ୍ୟରାସ୍ତାରେ କିଛି ଦିନ ଧରି ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ଗମନାଗମନ ବହୁଳ ଭାବେ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ବିଗତ ଦିନରେ ଦୀର୍ଘ ବର୍ଷ ଧରି ଧନୁଆଁ ନଦୀରେ ବନ୍ୟାର ବିଭୀଷିକା ଯୋଗୁ ନଦୀ ଉପରେ ଥିବା ପୁରୁଣା ବ୍ରିଜ୍‌ଟି ବନ୍ୟାପାଣିରେ ବୁଡ଼ି ଯାଇ ନିମାପଡ଼ା-ପିପିଲି ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ଯାତାୟାତ କିଛି ଦିନ ଧରି ଠପ୍ ହୋଇପଡ଼େ। ଏବେ ବନ୍ୟାବେଳେ ସେଭଳି କିଛି ଅସୁବିଧା ନ ହେବା ଦୃଷ୍ଟିରୁ ଧନୁଆଁ ନଦୀ ଉପରେ ୬୧ ମିଟର ଲମ୍ବ, ସାଢ଼େ ୧୨ ମିଟର ଚଉଡ଼ା ବିଶିଷ୍ଟ ନୂତନ ପକ୍କା ସେତୁ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମିତ ହୋଇଛି। ହେଲେ ଅଦ୍ୟାବଧି ଏହି ନୂତନ ସେତୁଟି କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏବେ ବି ଭଗ୍ନ, ଜରାଜୀର୍ଣ୍ଣ ପୁରାତନ ସେତୁ ଉପରେ ବିପଦସଙ୍କୁଳ ଅବସ୍ଥାରେ ଦୈନିକ ଶହ ଶହ ଯାନବାହନ ପୁରୀ, କଟକ, ଭୁବନେଶ୍ୱର, ପିପିଲି, ନିମାପଡ଼ା, କୋଣାର୍କ, କାକଟପୁର, ଅସ୍ତରଙ୍ଗ ଆଦି ଅଞ୍ଚଳକୁ ଯାତାୟାତ କରୁଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ କୁଶାଳ ହେମ୍ବ୍ରମ ଓ ସହକାରୀ ଯନ୍ତ୍ରୀ ଶକ୍ତିବ୍ରତ ଜେନାଙ୍କୁ ପଚାରିବାରେ, ବ୍ରିଜ୍ ପାଖରେ ଥିବା ଆପ୍ରୋଚ୍ ରୋଡ଼ର ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସମ୍ପର୍କରେ ପୁରୀ ଜିଲାପାଳ, ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀଙ୍କୁ ବାରମ୍ବାର ଅବଗତ କରାଯାଇଛି। ରାଜସ୍ୱ ବିଭାଗ ପକ୍ଷରୁ ଜମି ଅଧିଗ୍ରହଣ କ୍ଷେତ୍ରରେ ଅହେତୁକ ବିଳମ୍ବ ଯୋଗୁ ଆପ୍ରୋଚ ରୋଡ଼ ନିର୍ମାଣ, ନୂତନ ସେତୁଟି କାର୍ଯ୍ୟକ୍ଷମ ହେବାରେ ଅନ୍ତରାୟ ସୃଷ୍ଟି ହୋଇଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ହେମ୍ବ୍ରମ, ସହକାରୀ ଯନ୍ତ୍ରୀ ଜେନା କହିଛନ୍ତି। ଖୋଦ ସ୍ଥାନୀୟ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏ ଦିଗରେ ଦୃଷ୍ଟି ଦେଇ ନବନିର୍ମିତ ଧନୁଆଁ ସେତୁ କାର୍ଯ୍ୟକ୍ଷମ ଦିଗରେ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



କାର୍ଯ୍ୟକ୍ଷମ ହୋଇ ନ ପାରି ପଡ଼ି ରହିଥିବା ନବନିର୍ମିତ ଧନୁଆଁ ସେତୁ।

# ଚାଉଳ ଫିଙ୍ଗାଯିବା ଘଟଣା ନିନ୍ଦନୀୟ: ପ୍ରଭାତୀ

ଗୋପ,୨୩।୮ (ଭାରତୀ ଭୂଷଣ ଉପାଧ୍ୟାୟ)

କେନାଲରେ ଚାଉଳ ଫିଙ୍ଗିଦିଆଯିବା ଘଟଣା ଅତ୍ୟନ୍ତ ଦୁଃଖଦାୟକ, ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ ବୋଲି ଶୁକ୍ରବାର ନିମାପଡ଼ା ଗସ୍ତରେ ଆସିଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। କିନ୍ତୁ କାହିଁକି ଏ ସଂକ୍ରାନ୍ତରେ ତଦନ୍ତ ହେଉନାହିଁ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ପଚାରିବାରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ନୀରବତା ଅବଲମ୍ବନ କରି ଚାଲିଯାଇଥିଲେ।

ପ୍ରକାଶ ଯେ, ଗତ ୨୧ ତାରିଖ ମଧ୍ୟାହ୍ନରେ ଗୋପ ବ୍ଲକ ଅନ୍ତର୍ଗତ ବାୟାକୁଦା ଗ୍ରାମ ନିକଟସ୍ଥ ଗୋପ ବ୍ରାଞ୍ଚ କେନାଲରେ ଏକ ମିନିଟ୍ରକ ଯୋଗେ କୁଇଣ୍ଟାଲ କୁଇଣ୍ଟାଲ ଚାଉଳ ପାଣିକୁ ଫିଙ୍ଗାଯାଇଥିବାବେଳେ ଆଉ ଗୋଟିଏ ଚାଉଳ ଭର୍ତ୍ତି ମିନିଟ୍ରକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଏହି ଚାଉଳ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅର୍ପଣ ଚାଉଳ ବୋଲି କେତେଜଣ କହୁଥିବାବେଳେ ଅନ୍ୟ କେତେଜଣ ବିକ୍ରି ଲାଗି ରଖାଯାଇଥିବା ବିପିଏଲ ଚାଉଳ ବୋଲି କହିଥିଲେ। ଗୋପ ବ୍ଲକ ଅଞ୍ଚଳ ଲାଗି ଦାୟିତ୍ୱରେ ଥିବା ହୋଲସେଲର ବିଭିନ୍ନ ସମୟରେ ଡିଲରମାନଙ୍କୁ ବସ୍ତାରୁ ଚାଉଳ କାଢ଼ି ଦେବା ନେଇ ଅଭିଯୋଗ ହେଉଥିଲା। ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବସ୍ତାରେ ୫୨ କେଜି ଚାଉଳ ଆସୁଥିବାବେଳେ ଡିଲରମାନଙ୍କୁ ୪୫ କିମ୍ବା ୪୬ କେଜି ଦିଆଯାଉଥିବା ଅଭିଯୋଗ ହେଉଛି। ଉପରୋକ୍ତ ଘଟଣାରେ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଘୁଷୁରି ଖାଇଲେ ଫିଙ୍ଗାଯାଇଥିବା ଚାଉଳ



ଗୋପ,୨୩।୮ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବାୟାକୁଦା ନିକଟ ବ୍ରାଞ୍ଚ କେନାଲରେ ଚାଉଳ ଫିଙ୍ଗାଯିବା ଘଟଣା ନେଇ ଶୁକ୍ରବାର ସକାଳେ ଏକ ଦୃଶ୍ୟ ଲୋକଙ୍କ ମନକୁ ଆନ୍ଦୋଳିତ କରିଛି। କେନାଲ ନିକଟରେ ପଡ଼ିରହିଥିବା କିଛି ଚାଉଳକୁ ଘୁଷୁରି ଖାଉଥିବା ଦେଖିବାକୁ ମିଳିଛି। ଏହା ଜଗନ୍ନାଥପ୍ରେମୀଙ୍କୁ ବ୍ୟଥିତ କରିଛି। କେନାଲ ପାଣିରେ ପଡ଼ିରହିଥିବା ଚାଉଳରୁ ଦୁର୍ଗନ୍ଧ ବାହାରୁଛି। ତେଣୁ ଲୋକେ ସେହି ରାସ୍ତା ଦେଇ ଯା ଆସ କରିପାରୁନାହାନ୍ତି। ଏହି ଚାଉଳ ଫିଙ୍ଗିବା ଘଟଣାକୁ ପ୍ରଶାସନ ଚାପି ଦେବାକୁ ଉଦ୍ୟମ କରୁଥିବା ସାଧାରଣରେ ଅଭିଯୋଗ ହୋଇଛି। ଚାଉଳ ଘୁଷୁରି ଖାଇବାକୁ ନେଇ ସ୍ଥାନୀୟ ଅଞ୍ଚଳର ପୂଜକ ସନ୍ତୋଷ କୁମାର ମହାପାତ୍ର କହିଛନ୍ତି, ଅର୍ପଣ ଚାଉଳ ଆଦାୟ ସମୟରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତମାନେ ଚାଉଳ, ନଡ଼ିଆ ସହିତ ଆଉ କିଛି ଜିନିଷ ଦାନ କରିଥିଲେ। ମାତ୍ର ଜଗନ୍ନାଥଙ୍କ ନାମରେ ଯାଇଥିବା ଚାଉଳକୁ ପାଣିରେ ଫିଙ୍ଗିବା ଓ ପରେ ଘୁଷୁରି ଖାଇବା ପ୍ରତ୍ୟେକ ଓଡ଼ିଆଙ୍କ ଲାଗି ଶକ୍ତ ଆଘାତ ସଦୃଶ ବୋଲି ସେ କହିଥିଲେ।

# କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ ପକ୍ଷରୁ ଶୋଭାଯାତ୍ରା




ପୁରୀ,୨୩।୮ (ଅଜିତ୍ କୁମାର ମହାନ୍ତି)

କୋଲକାତା ଡାକ୍ତରୀ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟରେ ପୁରୀ-କୋଣାର୍କ ବେଳାଭୂମି ମାର୍ଗସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନସେସ୍ ପକ୍ଷରୁ ଶୁକ୍ରବାର ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ କର୍ମଚାରୀ ସାମିଲ ଥିଲେ। ଗୁଣ୍ଡିଚା ମନ୍ଦିରଠାରୁ ବାହାରି ବଳଗଣ୍ଡି ଛକ ପର୍ଯ୍ୟନ୍ତ ଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏବଂ ଚେୟାରପର୍ସନ ଅନିମା ଦାଶ ଓ ସମ୍ପାଦକ ଇଂ.ରୋଜା ପ୍ରିୟଦର୍ଶୀଙ୍କ ଉପସ୍ଥିତିରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନେ ବିଭିନ୍ନ ପୋଷ୍ଟର ଓ ବ୍ୟାନର ମାଧ୍ୟମରେ ହତ୍ୟାକାରୀଙ୍କୁ ଉପଯୁକ୍ତ ଦଣ୍ଡବିଧାନ କରିବା ସହିତ ସମ୍ପୃକ୍ତ ଡାକ୍ତରୀ ଛାତ୍ରୀ ଓ ତାଙ୍କ ପରିବାରକୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ଦାବି କରାଯାଇଥିଲା। ଶୋଭାଯାତ୍ରାକୁ ଉପାଧ୍ୟକ୍ଷ ଡ. ସଞ୍ଜୟ କୁମାର ନାୟକ, ଅଧ୍ୟାପିକା ସୁନୀତା ମିଶ୍ର, ସଞ୍ଚୟିତା ମଣ୍ଡଳ, ଅନୁପ କୁମାର ପାତ୍ର, ଅଧ୍ୟାପକ ଚିନ୍ମୟ କେଶରୀ ସାହୁ, ଜସଶ୍ରୀ ରାୟ, ତୃପ୍ତିରଞ୍ଜନ ପାଢ଼ୀ, ସିଦ୍ଧେଶ୍ୱର ପାଟଯୋଶୀ, ଅସିତ୍ କୁମାର ଷଡଙ୍ଗୀ ଏବଂ ଅଫିସ୍ ପରିଚାଳକ ସରୋଜ ବିହାରୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଜଙ୍ଗଲରୁ ଗଳିତ ମୃତଦେହ ଜବତ

କୋଣାର୍କ,୨୩।୮ (ଜ୍ୟୋତିରାଜ ମହାନ୍ତି)

କୋଣାର୍କ ହେଲିପ୍ୟାଡ୍ ନିକଟ ଜଙ୍ଗଲରୁ ଏକ ଗଳିତ ମୃତଦେହକୁ ଶୁକ୍ରବାର କୋଣାର୍କ ପୋଲିସ ଜବତ କରିଛି। କୋଣାର୍କ ମାଉସୀମା ସାହିର ଟହଲି ସ୍ୱାଇଁ (୬୨) ଗତ ୨୧ତାରିଖରୁ ନିଖୋଜ ଥିଲେ। ଜଙ୍ଗଲରୁ ଜାଳ ସଂଗ୍ରହ କରିବାକୁ ଆସି ସେ ଆଉ ଘରକୁ ଫେରି ନ ଥିଲେ। ହେଲିପ୍ୟାଡ ନିକଟ ଜଙ୍ଗଲରେ ଗଳିତ ମୃତଦେହ ପଡ଼ିଥିବା ପ୍ରଚାରିତ ହୋଇଥିଲା। ଖବରପାଇ କୋଣାର୍କ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଏହାକୁ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଯାଇଥିବା ବେଳେ ଏକ ଅପମୃତ୍ୟୁ ମାମଲା (ନଂ. ୧୦/୨୪) ରୁଜୁ ହୋଇଥିବା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି।

## ମଧୁବନ ଗ୍ରାମରେ ତାଳମଞ୍ଜି ରୋପଣ

ସାକ୍ଷୀଗୋପାଳ,୨୩।୮ (ଭରତ ରାଉତ)

ଅନେକ ସମୟରେ ବଜ୍ରପାତ ଯୋଗୁ ଜନଜୀବନ କ୍ଷତି ହେଉଛି। ଚାଷୀ ହୁଅନ୍ତୁ ବା ଛାତ୍ରୀଛାତ୍ର, କାଳବୈଶାଖୀ ସମୟରେ ବଜ୍ରପାତର ଶିକାର ହୋଇ ଅକାଳରେ ଜୀବନ ଚାଲିଯାଉଛି। ସେହିପରି ବନ୍ୟପ୍ରାଣୀ କିମ୍ବା ଗୃହପାଳିତ ପ୍ରାଣୀଙ୍କୁ ମଧ୍ୟ ସମଦଶା ଭୋଗିବାକୁ ପଡୁଛି। ତାଳଗଛ ସୃଷ୍ଟି ହେଲେ ବଜ୍ରପାତର କ୍ଷୟକ୍ଷତିକୁ ରୋକିବାରେ ସହାୟତା କରିବ। ଏହି ମହତ ବିଚାରକୁ ଆଧାର କରି ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ମଧୁବନ ପଞ୍ଚାୟତ ଡାହାଣ ଗ୍ରାମର ଯୁବଗୋଷ୍ଠୀଙ୍କ ଦ୍ୱାରା ରାସ୍ତାର ଉଭୟ ପାର୍ଶ୍ୱ, ବିଲ, ନାଳ, ନଈପଠା, ଗାଁ ଗହୀର ପାର୍ଶ୍ୱରେ ତାଳମଞ୍ଜି ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଧୁବନ ପଞ୍ଚାୟତରେ ୪୦୦ରୁ ଊର୍ଦ୍ଧ୍ୱ ତାଳମଞ୍ଜି ଲଗାଯାଇଥିବା ସରପଞ୍ଚଙ୍କ ପ୍ରତିନିଧି ବିପିନ ପରିଡ଼ା କହିଛନ୍ତି। ତାଙ୍କ ନେତୃତ୍ୱରେ ହରିହର ସ୍ୱାଇଁ, ଅଜୟ କୁମାର ବରାଳ, ମଳୟ ରଞ୍ଜନ ପରିଡା, ରଞ୍ଜିତ ସ୍ୱାଇଁ, ବିକ୍ରମ କୁମାର ପରିଡ଼ା, ସୁଧିର ପରିଡ଼ା, ଅରୁ ବେହେରା, ରବିନ୍ଦ୍ର ଭୋଇ, ରମେଶ ମଲ୍ଲିକ ମଞ୍ଜି ଲଗାଇବା କାର୍ଯ୍ୟରେ ସହଯୋଗ କରିଥିଲେ।

# କବାଡ଼ିଆ ଗୋଦାମରେ ଅଗ୍ନିକାଣ୍ଡ

ପୁରୀ,୨୩।୮ (ଅଜିତ୍ କୁମାର ମହାନ୍ତି)

ପୁରୀ କୁମ୍ଭାରପଡ଼ା ଥାନା ନିକଟ ଅଠରନଳାସ୍ଥିତ ଏକ କବାଡ଼ଆ ଗୋଦାମରେ ଶୁକ୍ରବାର ନିଆଁଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଖବର ପାଇ ଘଟଣାସ୍ଥଳରେ ୫ଟି ଦମକଳ ସହ ୨୫ଜଣ ଅଗ୍ନିଶମ କର୍ମଚାରୀ ଏବଂ ବିଭାଗୀୟ ଡିଏସ୍‌ପି ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲେ। କେଉଁ କାରଣରୁ ନିଆଁ ଲାଗିଲା ସେନେଇ ତଦନ୍ତ ଚାଲିଥିବା ବେଳେ ସିଗାରେଟ କିମ୍ବା ଦୀପ ନିଆଁରୁ ଏଭଳି ଘଟିଥିବା ଅନୁମାନ କରାଯାଉଛି। ସୂଚନା ଅନୁଯାୟୀ, ସକାଳେ ଆଠରନଳା ନିକଟରେ ଥିବା ବୈଦ୍ୟନାଥ ମନ୍ଦିର ପଛପଟେ ଏକ କବାଡ଼ିଆ ଗୋଦାମରେ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସମଗ୍ର ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ପ୍ରାୟ ଏକ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ଏଥିଯୋଗୁ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକେ ଯାତାୟାତ ନେଇ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଗୋଦାମ ମାଲିକ ପ୍ରକାଶ ଜୟସିଂହଙ୍କ କହିବାନୁଯାୟୀ, ଗୋଦାମ ପଛପାର୍ଶ୍ୱରେ ପ୍ଲାଷ୍ଟିକ ଗଦା ହୋଇ ରହିଥିବାବେଳେ ସେଥିରେ ହଠାତ୍ ନିଆଁ ଲାଗିଥିଲା। ପ୍ରାୟ ୧ ଲକ୍ଷ ଟଙ୍କାର ପ୍ଲାଷ୍ଟିକ ପୋଡ଼ି ନଷ୍ଟ ହୋଇଯାଇଛି।



# ଓଷ୍ଟା ବ୍ଲକ୍‌ସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ



ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।

ଅସ୍ତରଙ୍ଗ/କାକଟପୁର, ୨୩।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଲବଣ ସତ୍ୟାଗ୍ରହ ସ୍ୱାମୀଜୀ ପୂର୍ଣ୍ଣାନନ୍ଦ ବିଦ୍ୟାପୀଠ କୁହୁଡ଼ିଠାରେ ଓଡିଶା ମାଧ୍ୟମିକ ସ୍କୁଲ ସଂଗଠନ (ଓଷ୍ଟା)ର ବ୍ଲକସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ ଜିଲା ସଭାପତି ବିଜୟ କୁମାର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରିଣୀ ସଭାପତି ପବିତ୍ର ମୋହନ ଦାଶ, ସମ୍ପାଦକ ବିଭୁଦତ୍ତ ନାୟକ, ଯୁଗ୍ମ ସମ୍ପାଦକ ତରୁଣ କୁମାର ନାୟକ ଓ ଅସ୍ତରଙ୍ଗ ପ୍ରାକ୍ତନ ସଭାପତି ଦିଲୀପ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇ ଶପଥ ପାଠ କରିଥିଲେ। ନୂତନ କର୍ମକର୍ତ୍ତା ଭାବେ ସଭାପତି ପ୍ରିୟବ୍ରତ ପରିଡା, ଉପସଭାନେତ୍ରୀ ଲଳିତା ପାତ୍ର, ଉପସଭାପତି ଦେଶବନ୍ଧୁ ନାୟକ, ଶରତ ଚନ୍ଦ୍ର ବିଶ୍ୱାଳ, ସମ୍ପାଦକ ସନ୍ତୋଷ କୁମାର ଦାଶ, ଯୁଗ୍ମ ସମ୍ପାଦକ ଦିଲୀପ କୁମାର ସ୍ୱାଇଁ, ଭାସ୍କର ନାୟକ, ଯୁଗ୍ମସମ୍ପାଦିକା କବିତା ନାୟକ, ଜିଲାପରିଷଦ ସଭ୍ୟ ଛବିଳ ମୋହନ ମଲ୍ଲ, ସଞ୍ଜୟ କୁମାର ବେହେରା, ସାକୀର ଅଲ୍ଲୀ ଖାଁ, ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ କୁମାର ପାଳ ଓ ସୁଧାକର ତ୍ରିପାଠୀ ମନୋନୀତ ହୋଇଥିଲେ। ନୂତନ କର୍ମକର୍ତ୍ତାଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

**ନୂତନ କର୍ମକର୍ତ୍ତା ଚୟନ**

# ଏନ୍‌ଏସିରେ ଉନ୍ନୟନ କାର୍ଯ୍ୟରେ ଅନିୟମିତତା

**ପ୍ରତିବାଦରେ କଳାବ୍ୟାଜ୍ ପିନ୍ଧିବେ ସାମ୍ବାଦିକ**

କୋଣାର୍କ,୨୩।୮ (ଜ୍ୟୋତିରାଜ ମହାନ୍ତି)

ମା' ଭଗବତୀଙ୍କ ପୀଠରେ ଶୁକ୍ରବାର କୋଣାର୍କ ପ୍ରେସ୍ କ୍ଲବ ଏବଂ କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ପେଷାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଉପଦେଷ୍ଟା ସଞ୍ଜୟ ପତି, ମାନସ ରଞ୍ଜନ ପାତ୍ର, ଜ୍ୟୋତିରାଜ ମହାନ୍ତି, ଧନଞ୍ଜୟ ବେହେରା, ମନୋରଞ୍ଜନ ପଣ୍ଡା, ବିଚିତ୍ର ଓଝା, ଦିପ୍ତି ରଞ୍ଜନ ପାତ୍ର ପ୍ରମୁଖ ଯୋଗଦେଇଥିଲେ। କୋଣାର୍କ ଏନ୍‌ଏସିରେ ୩ଟି ପ୍ରବେଶପଥ ତୋରଣ ଲଗାଇବା ନିମନ୍ତେ ପ୍ରାୟ ଏକ କୋଟି ଟଙ୍କା, ଡିଜିଟାଲ ଏଲ୍‌ଇଡି ବିଜ୍ଞାପନ ବୋର୍ଡ ନିମନ୍ତେ ୯୭ ଲକ୍ଷ ଟଙ୍କା, ତ୍ରିରଙ୍ଗା ଫ୍ଲେକ୍ସିବୁଲ ଏଲ୍‌ଇଡି ଲାଇଟ୍ ନିମନ୍ତେ ପ୍ରାୟ ୧୫ଲକ୍ଷ ଟଙ୍କା, ମୁକ୍ତା ଯୋଜନା, ରାସ୍ତା ନିର୍ମାଣ ଆଦି ଉନ୍ନୟନମୂଳକ କାର୍ଯ୍ୟରେ କୋଟି କୋଟି ଟଙ୍କାର ଘୋଟାଲା ହୋଇଥିବା ଅଭିଯୋଗ ହୋଇଛି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ତରବରିଆ ଭାବରେ ବିନା ଟେଣ୍ଡରରେ ଗୋଟିଏ ନିର୍ଦ୍ଦିଷ୍ଟ ଘରୋଇ ସଂସ୍ଥାକୁ ଅନୁକମ୍ପା ଦେଖାଇ କୋଟି କୋଟି ଟଙ୍କାର ଏକାଧିକ କାମ ଦିଆଯାଇ ଅର୍ଥ ହରିଲୁଟ ହୋଇଥିବା ଏନ୍‌ଏସିର ୫ନମ୍ବର ୱାର୍ଡ କାଉନସିଲର ଇଂ. ନିହାର ରଞ୍ଜନ ବେଉରା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ ଦାବିରେ ଅଗଷ୍ଟ ୩୧ ତାରିଖ ସ୍ୱାୟତ୍ତଶାସନ ଦିବସରେ କୋଣାର୍କ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତ ଗଣମାଧ୍ୟମ ପ୍ରତିନିଧି କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଇବା ପାଇଁ ନିଷ୍ପତ୍ତି ହୋଇଛି।



ବୈଠକରେ ଉପସ୍ଥିତ ଖବରଦାତାମାନେ।

# 'ଦାରିଦ୍ର୍ୟ ହିଁ ଶିଶୁ ଶ୍ରମିକଙ୍କୁ ଜନ୍ମ ଦେଉଛି'

**ଶିଶୁ ସୁରକ୍ଷା, ଅଧିକାର ଉପରେ ଗୁରୁତ୍ୱ**

ଅସ୍ତରଙ୍ଗ,୨୩।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଶିଶୁମାନେ ହିଁ ଦେଶ ତଥା ବିଶ୍ୱର ଭବିଷ୍ୟତ। ଏଣୁ ଏମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବା ଆମର କର୍ତ୍ତବ୍ୟ। ଏହାକୁ ଦୃଷ୍ଟିରେ ରଖି ଅସ୍ତରଙ୍ଗ ବ୍ଲକ ସଭାଗୃହରେ ବ୍ଲକ ଉପାଧ୍ୟକ୍ଷ ଦୁର୍ଜୟ ମିଶ୍ରଙ୍କ ସଭାପତିତ୍ୱରେ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶିଶୁ ସୁରକ୍ଷା ସମ୍ପର୍କିତ ଆଇନ ଅଧିକାରୀ ସନ୍ତୋଷ କୁମାର ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ରୋଜାଲିନ ପାତ୍ର, ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ସାଧାରଣ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ବାସନ୍ତୀଲତା ଦେଇ, ମିଶନଶକ୍ତି ସଂଯୋଜିକା ନିବେଦିତା ଦୀକ୍ଷିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିଶୁର ବଞ୍ଚିବାର ଅଧିକାର, ଶିକ୍ଷା ଅଧିକାର, ନିଜ ମତାମତ ପ୍ରକାଶ କରିବାର ଅଧିକାର, ନିରାପତ୍ତା ଅଧିକାର ଉପରେ ଅତିଥିମାନେ ଆଲୋକପାତ କରିବା ସହ ତାକୁ ଏକ ଉତ୍ତମ ନାଗରିକ ରୂପେ ଗଢି ତୋଳିବା ପାଇଁ କି ପଦକ୍ଷେପ ନିଆଯାଇ ପାରିବ ସେ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ସଂପ୍ରତି ଶିଶୁ ଶ୍ରମିକଙ୍କ ଉପରେ ହେଉଥିବା ନିର୍ଯାତନା ଓ ବାଲ୍ୟ ବିବାହ ବିରୋଧରେ ସଚେତନତା ସୃଷ୍ଟି କରିବାର ସମୟ। ଶିଶୁ ଶ୍ରମିକ ନିରୋଧ ଆଇନ ଥାଇ ମଧ୍ୟ ଆମ ଦେଶରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ଚିନ୍ତାଜନକ ସ୍ଥିତିରେ ରହିଛି। ଆଇନକୁ ଉଲ୍ଲଂଘନ କରି ଶିଶୁ ଶ୍ରମିକଙ୍କୁ ବିଭିନ୍ନ କ୍ଷେତ୍ରରେ ନିୟୋଜିତ କରାଯାଉଛି। ଫଳରେ ସେମାନେ ଶୋଷଣ ଓ ନିର୍ଯାତନାର ଶିକାର ହେଉଛନ୍ତି। ସେମାନଙ୍କୁ ବାହାରକୁ ଚାଲାଣ କରାଯାଉଛି। ଦାରିଦ୍ର୍ୟ ହିଁ ଶିଶୁ ଶ୍ରମିକମାନଙ୍କୁ ଜନ୍ମ ଦେଉଛି। ଅର୍ଥାତ ଦାରିଦ୍ର୍ୟ ଦୂର ନ ହେଲେ କୌଣସି ଆଇନ କିମ୍ବା ଯୋଜନାରୁ ସୁଫଳ ମିଳିବ ନାହିଁ। ଦାରିଦ୍ର୍ୟ ଯୋଗୁ ଅନେକ ଶିଶୁ ଅଧାରୁ ପାଠ ଛାଡ଼ି ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ତେଣୁ ଏହା ଉପରେ ବିଶେଷ ଗୁରୁତ୍ୱ ଦେବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସୁପରଭାଇଜର ନିବେଦିତା ସେନାପତି, ଲକ୍ଷ୍ମୀ ନାୟକ, ଲକ୍ଷ୍ମୀପ୍ରିୟା ମହାନ୍ତି, ଗୁଣମଣି ଜେନା ଏବଂ ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ଥିଲେ।




'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### କପଡ଼ା ଦୋକାନରୁ ଟଙ୍କା ଲୁଟ୍, ଯୁବକ ଗିରଫ

କଟକ,୨୩।୮ (କାର୍ତ୍ତିକ ସାହୁ)

କପଡ଼ା ଦୋକାନରୁ ଟଙ୍କା ଲୁଟ୍ ଅଭିଯୋଗରେ କ୍ୟାଣ୍ଟନମେଣ୍ଟ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବାଦାମବାଡ଼ି ଥାନା ଅନ୍ତର୍ଗତ ଅରୁଣୋଦୟ ମାର୍କେଟ ଅଞ୍ଚଳର ପିସି ସରକାର ଲେନ୍‌ରେ ରହୁଥିବା ତୁଷାର ମହାନ୍ତି(୩୦)। ତାଙ୍କ ନିକଟରୁ ପୋଲିସ ଏକ ବାଇକ ଜବତ କରିଛି।

ସୂଚନା ଅନୁସାରେ, କ୍ୟାଣ୍ଟନମେଣ୍ଟ ଅଞ୍ଚଳର ଏକ କପଡା ଦୋକାନରେ ଗତ ୨୨ ତାରିଖ ଅପରାହ୍ନରେ ତୁଷାର ପହଞ୍ଚିଥିଲେ। ସେଠାରେ ଜଣେ ସେଲ୍ସ ଗର୍ଲଙ୍କୁ ୫୦୦ ଟଙ୍କିଆ ନୋଟ୍ ବଦଳରେ ୧୦୦ ଟଙ୍କିଆ ଦେବାକୁ କହିଥିଲେ। ତୁଷାରଙ୍କ କହିବା ମୁତାବକ ସେଲ୍ସ ଗର୍ଲ ତାଙ୍କୁ ୭୦୦୦ ଟଙ୍କା ଦେଇଥିଲେ। ମାତ୍ର ତୁଷାର ସେଠାରୁ ଟଙ୍କା ନେଇ ଖସି ପଳାଇଥିଲେ। ଏଭଳି କାଣ୍ଡ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଥିଲା। ଦୋକାନ ମାଲିକ ଇତିଶ୍ରୀ ମହାନ୍ତି ଏନେଇ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ପୋଲିସ ସିସିଟିଭି କ୍ୟାମେରା ଫୁଟେଜ୍ ଆଧାରରେ ତୁଷାରଙ୍କୁ ଚିହ୍ନଟ କରିଥିଲା। ଅରୁଣୋଦୟ ନଗର ପିସି ସରକାର ଲେନ୍‌ସ୍ଥିତ ତାଙ୍କ ଘରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।

### ହାଇକୋର୍ଟରୁ ଖଲାସ ହେଲେ ଆଜୀବନ କାରାଦଣ୍ଡ ଅଭିଯୁକ୍ତ

କଟକ,୨୩।୮ (କାର୍ତ୍ତିକ ସାହୁ)

ଏକ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଆଦେଶ ପାଇଥିବା ଜଣେ ଅଭିଯୁକ୍ତ ହାଇକୋର୍ଟରୁ ଖଲାସ ହୋଇଛନ୍ତି। ବାରିପଦା ଅତିରିକ୍ତ ଦୌରାଜଜ୍ ପ୍ରଦାନ କରିଥିବା ଆଜୀବନ କାରାଦଣ୍ଡାଦେଶ ବିରୋଧରେ ଅଭିଯୁକ୍ତ ତଥା ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ମାମଲାର ବିବରଣୀ ଅନୁଯାୟୀ, ୨୦୨୦ ଜାନୁଆରୀ ୧୭ରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମୟୁରଭଞ୍ଜର ବୈଁଶିଙ୍ଗା ଅଞ୍ଚଳର ରାଧାକୃଷ୍ଣ ବାରିକ ଓ ଶରତ ବାରିକଙ୍କ ଉପରେ ଆକ୍ରମଣ ହୋଇଥିଲା। ଏଥିରେ ରାଧାକୃଷ୍ଣଙ୍କ ମୃତ୍ୟୁ ଘଟିଥିବାବେଳେ ଶରତ ଗୁରୁତର ହୋଇଥିଲେ। ଏ ନେଇ ବୈଁଶିଙ୍ଗା ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ଶ୍ୟାମସୁନ୍ଦର ବାରିକଙ୍କୁ ଗିରଫ କରିଥିଲା। ବାରିପଦା ଅତିରିକ୍ତ ଦୌରାଜଜ୍ ଅଭିଯୁକ୍ତ ଶ୍ୟାମସୁନ୍ଦରଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ଭୋଗିବା ନିମନ୍ତେ ଆଦେଶ ଦେଇଥିଲେ। ନିମ୍ନ ଅଦାଲତର ଏହି ରାୟ ବିରୋଧରେ ଶ୍ୟାମସୁନ୍ଦର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ଗତ ଜୁଲାଇ ୨ରେ ନିମ୍ନ ଅଦାଲତଙ୍କ ରାୟକୁ ସ୍ଥଗିତ ରଖିଥିଲେ। ଅପରପକ୍ଷରେ ଦୋଷ ପ୍ରମାଣିତ ହୋଇପାରି ନ ଥିବାରୁ ହାଇକୋର୍ଟ ଆବେଦନକାରୀଙ୍କୁ ଖଲାସ କରିବାକୁ ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶଶିଭୂଷଣ ଦାସ ମାମଲା ପରିଚାଳନା କରୁଥିଲେ।

# ବିକୃତ ଗଣେଶ ମୂର୍ତ୍ତି ତିଆରିକଲେ କାର୍ଯ୍ୟାନୁଷ୍ଠାନ

ଫୁଲନଖରା,୨୩।୮ (ସତ୍ୟରଞ୍ଜନ ଦାସମହାପାତ୍ର)



ବୈଠକରେ ଏସିପି ଉମାକାନ୍ତ ପ୍ରଧାନଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ।

**ଗଣେଶ ପୂଜା ପ୍ରସ୍ତୁତି ବୈଠକ**
- ବିସର୍ଜନବେଳେ ମାଦକ ଦ୍ରବ୍ୟ, ବାଣ ଫୁଟା ମନା
- ମଣ୍ଡପରେ ଅଗ୍ନି ନିର୍ବାପକ ବ୍ୟବସ୍ଥା, ସିସିଟିଭି ଲଗାଯିବ

ଆସନ୍ତା ସେପ୍ଟେମ୍ବର ୭ରେ ଗଣେଶ ପୂଜା। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ କଟକ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀସ୍ଥିତ ମା’ ଧାକୁଲେଇ ପୀଠରେ ଶୁକ୍ରବାର କମିଶନରେଟ୍ ପୋଲିସ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଟକ ସଦର ଥାନା ଆଇଆଇସି ଜଗନ୍ନାଥ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଟକ ଜୋନ୍-୪ ଏସିପି ଉମାକାନ୍ତ ପ୍ରଧାନ ଯୋଗଦେଇ କହିଛନ୍ତି, ଚଳିତବର୍ଷ ମଣ୍ଡପରେ ବିକୃତ ଗଣେଶ ମୂର୍ତ୍ତି ପୂଜା ପାଇବ ନାହିଁ। ଯଦି କୌଣସି ଶିଳ୍ପୀ ବିକୃତ ଗଣେଶ ମୂର୍ତ୍ତି ତିଆରି କରନ୍ତି ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହିତ ୬୫ ଡେସିବଲ ଶବ୍ଦରେ ସାଉଣ୍ଡବକ୍ସ ବଜାଇବା, ଜୋରଜବରଦସ୍ତ ଚାନ୍ଦା ଆଦାୟ କରାଯାଇପାରିବ ନାହିଁ। ପୂଜା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ କର୍ମକର୍ତ୍ତାମାନେ ଡିସିପିଙ୍କଠାରୁ ଅନୁମତି ଆଣି ରାତି ୧୦ଟା ମଧ୍ୟରେ କାର୍ଯ୍ୟକ୍ରମ ଶେଷ କରିବେ। ଚଳିତବର୍ଷ ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ସେପ୍ଟେମ୍ବର ୧୫, ୨୨ ଓ ୨୯ ତାରିଖ ଧାର୍ଯ୍ୟ କରାଯାଇଛି। ଉକ୍ତ ଦିବସର ସକାଳ ୭ଟାରୁ ରାତି ୧୦ଟା ମଧ୍ୟରେ ମୂର୍ତ୍ତି ବିସର୍ଜନ କରାଯିବ। ପ୍ରତ୍ୟେକ ପୂଜା ମଣ୍ଡପରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ସହ ସିସିଟିଭି କ୍ୟାମେରା ଲଗାଇବାକୁ କର୍ମକର୍ତ୍ତାମାନଙ୍କୁ ଅନୁରୋଧ କରାଯାଇଛି। ବିସର୍ଜନ ସମୟରେ ମାଦକ ଦ୍ରବ୍ୟ ଓ ବାଣ ଫୁଟାଇବାକୁ ନିଷେଧ କରାଯାଇଛି।

କଟକ ସଦର ଓ ୪୨ ମୌଜା ଥାନା ସହାୟତାରେ ଅନୁଷ୍ଠିତ ବୈଠକରେ ୪୨ ମୌଜା ଥାନା ଆଇଆଇସି ଗିରିଶ ଚନ୍ଦ୍ର ମହାରଣା, କଟକ ସଦର ଥାନା ଅତିରିକ୍ତ ଆଇଆଇସି ରାମହରି ସେଠୀ, କଟକ-ଭୁବନେଶ୍ୱର ଟ୍ୱିନ୍ ସିଟି ପ୍ରେସ୍‌କ୍ଲବ୍ ସଭାପତି ଅମିତ୍ ପରିଜା, କାର୍ଯ୍ୟକରୀ ସଭାପତି ଚିନ୍ମୟ ରଞ୍ଜନ ମହାରଣା, କଟକ ସଦର ପ୍ରେସ୍‌କ୍ଲବ୍ ସଭାପତି ସୁରେନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ଲଳିତ ଦାଶ, ପ୍ରତାପ ନଗରୀ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ପ୍ରମୋଦ କୁମାର ସ୍ୱାଇଁ, ବିକ୍ରମ ଶତପଥୀ, ରଞ୍ଜିତ୍ ସ୍ୱାଇଁଙ୍କ ସମେତ କଟକ ସଦର ଓ ୪୨ ମୌଜା ଥାନା ଅଞ୍ଚଳରେ ଥିବା ୧୧୦ଟି ଗଣେଶ ପୂଜା ମଣ୍ଡପର କର୍ମକର୍ତ୍ତା ଯୋଗଦେଇଥିଲେ। କଟକ ସଦର ଥାନା ଏସ୍‌ଆଇ ପ୍ରଶାନ୍ତ ସାସମଲ,ଏଏସ୍‌ଆଇ ଦାଶରଥି ଦଳାଇ, ଯତୀନ ପରିଡା, ବୀରେନ୍ଦ୍ର ତରାଇ ଓ ବିଚିତ୍ରାନନ୍ଦ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ହଜାରେ ଲୋକଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା

କଟକ,୨୩।୮ (ଶିଳ୍ପା ପ୍ରିୟଦର୍ଶିନୀ)

**ଖାନ୍‌ନଗର ଜୁନିୟର ବିଘ୍ନେଶ୍ୱର କ୍ଲବ୍**

ଖାନ୍‌ନଗର ଜୁନିୟର ବିଘ୍ନେଶ୍ୱର କ୍ଲବ୍ ପକ୍ଷରୁ ୧୯୭୬ରୁ ଗଣେଶ ପୂଜା ପାଳନ କରାଯାଉଛି। ଚଳିତବର୍ଷ ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଯୁବପିଢ଼ିଙ୍କୁ ଏକଜୁଟ୍ କରିବା ଉଦ୍ଦେଶ୍ୟରେ ଏହି କ୍ଲବ୍ ଗଢି ଉଠିଥିଲା। ଏହି କ୍ଲବ୍‌ରେ ସଭାପତି ମିଟୁ ସାହୁ ଓ ସମ୍ପାଦକ ଶୁଭମ୍ ସାହୁଙ୍କ ସମେତ ୪୦ ଜଣ ସଦସ୍ୟ ଅଛନ୍ତି। ଏ ନେଇ ଶୁଭମ୍ କହିଛନ୍ତି, ଚଳିତବର୍ଷ ୮ଫୁଟ୍ ଉଚ୍ଚତାର ଗଣେଶ ମୂର୍ତ୍ତି ପୂଜା କରାଯିବ। ପ୍ରଥମଥର ନୂଆସାହି ଅଞ୍ଚଳକୁ ଫୁଲରେ ସଜାଯିବ। ଏଥିପାଇଁ କୋଲକାତା କାରିଗରଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥିସହ ଆଲୋକମାଳାରେ ସମଗ୍ର ଅଞ୍ଚଳକୁ ସଜ୍ଜିତ କରାଯିବ। ଏଥର ୩ ଲକ୍ଷ ୩୮ ହଜାର ଟଙ୍କାର ପୂଜା ବଜେଟ୍ ରହିଛି। ପୂଜାରେ ୧ହଜାର ଲୋକଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯିବ। ସେହିପରି ଦୃଷ୍ଟିହୀନ ଆଶ୍ରମରେ ଖାଦ୍ୟ ବଣ୍ଟନ, କ୍ଲବ୍‌ଠାରେ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ରକ୍ତଦାନ ଶିବିରର ଆୟୋଜନ କରାଯିବ। ୧୮ ତାରିଖରେ କ୍ଲବ୍‌ରେ ଅନନ୍ତବ୍ରତ ପୂଜା, ୨୧ ତାରିଖ ସନ୍ଧ୍ୟାରେ ଆଳତି କରାଯିବ ଓ ୨୨ ତାରିଖ ଭସାଣ ଶୋଭାଯାତ୍ରାରେ କେନ୍ଦ୍ରାପଡ଼ାର ଆର୍‌ଏସ୍ ମ୍ୟୁଜିକାଲ ବ୍ୟାଣ୍ଡ ସହ ଷ୍ଟ୍ୟାରୋ ରୋଡ୍ ଶୋ’ କରାଯିବ।





କୋଲକାତାର ଆର୍.ଜି. କର ମେଡିକାଲ କଲେଜ୍ ଆଣ୍ଡ ହସ୍ପିଟାଲରେ ପିଜି ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ନ୍ୟାୟ ପ୍ରଦାନ ଓ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ଶୁକ୍ରବାର କଟକ ବାରବାଟୀ ଷ୍ଟାଡିୟମ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ବାହାରିଥିବା ଶୋଭାଯାତ୍ରା।

## ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ଚୌଦ୍ୱାର,୨୩।୮ (ଆଶୁତୋଷ ଦାସ)

ଚୌଦ୍ୱାରସ୍ଥିତ ଆର୍ ଆଣ୍ଡ ବି ବିଭାଗକୁ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ତଥ୍ୟ ସୂଚନା ଅଧିକାର ଆଇନ୍(ଆର୍‌ଟିଆଇ) ମାଧ୍ୟମରେ ମଗାଯାଉଥିଲେ ମଧ୍ୟ ତାହା ହସ୍ତଗତ ହେଉ ନ ଥିବା ଅଭିଯୋଗ ହୋଇଛି। ଏନେଇ ସୂଚନା ଅଧିକାର ଅଭିଯାନର କର୍ମୀମାନେ ଶୁକ୍ରବାର ଆର୍ ଆଣ୍ଡ ବି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସେମାନଙ୍କ କହିବାନୁଯାୟୀ, ବିଭିନ୍ନ ସମୟରେ ଅନେକ ତଥ୍ୟ ଉକ୍ତ ବିଭାଗକୁ ଆର୍‌ଟିଆଇରେ ମଗାଯାଉଛି। ହେଲେ ବିଭାଗୀୟ କାର୍ଯ୍ୟାଳୟ ପକ୍ଷରୁ ତଥ୍ୟ ଦିଆଯାଉନାହିଁ। ଫଳରେ ଅସନ୍ତୋଷ ବ୍ୟକ୍ତ କରି କର୍ମୀମାନେ ଧାରଣାରେ ବସିଥିଲେ। ଆର୍ ଆଣ୍ଡ ବି ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଅଜିତ୍ ରାୟ ପହଞ୍ଚି ଧାରଣାରତ କର୍ମୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୧୦ଦିନ ଭିତରେ ସମସ୍ତ ତଥ୍ୟ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନା ଅଧିକାର କର୍ମୀ ଶ୍ରୀକାନ୍ତ ପାକଳ, ମନୋଜ ସାହୁ, ଭୀମସେନ ବିଶ୍ୱାଳ, ରମେଶ ନାୟକ, ପ୍ରଭାନନ୍ଦ ସାହୁ, ପ୍ରତାପ ଜେନା, ଜୟନ୍ତ ବେହେରା, କେଶବ ବେହେରା, ଅଶୋକ ମଲ୍ଲିକ, ପ୍ରତାପ ମହାନ୍ତି, ମନୋରଞ୍ଜନ ଜେନା ପ୍ରମୁଖ ଧାରଣାରେ ଯୋଗଦେଇଥିଲେ।



ସୂଚନା ଅଧିକାର ଅଭିଯାନର କର୍ମୀମାନେ ଧାରଣାରେ ବସିଛନ୍ତି।

## ନର୍ସିଂହୋମ୍ ମାଲିକଙ୍କ ଧମକ, ଥାନାରେ ଏତଲା

କଟକ,୨୩।୮ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଏସ୍‌ସିବି ମେଡିକାଲ ନିକଟରେ ଥିବା ଏକ ଘରୋଇ ନର୍ସିଂହୋମ୍ ମାଲିକ ଜଣେ ମହିଳାଙ୍କୁ ଧମକ ଦେଇଥିବା ନେଇ ଶୁକ୍ରବାର ମଙ୍ଗଳାବାଗ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, ବାଙ୍କୀ ଗଧୁରୀପଡାର ରେବତୀ ସାହୁଙ୍କ ପୁଅ ମନୋଜ କୁମାର ସାହୁ ମୂତ୍ରରୋଗରେ ପୀଡିତ ଥିଲେ। ଗୁରୁବାର ଚିକିତ୍ସା ପାଇଁ ସେ ଏସ୍‌ସିବି ମେଡିକାଲର ୟୁରୋଲୋଜି ଓପିଡିକୁ ଆସିଥିଲେ। ସେଠାରେ ଥିବା ଜଣେ ଡାକ୍ତର ତାଙ୍କୁ ଏକ ଫୋନ୍ ନମ୍ବର ଦେଇ ନର୍ସିଂହୋମ୍‌କୁ ପଠାଇଥିଲେ। ନିକଟସ୍ଥ ଏକ ନର୍ସିଂହୋମ୍‌ରେ ୫ ହଜାର ଟଙ୍କାରେ ସମ୍ପୂର୍ଣ୍ଣ ଚିକିତ୍ସା ହୋଇପାରିବ ବୋଲି କହିଥିଲେ। ପରେ ମନୋଜ ସେଠାକୁ ଯାଇଥିଲେ। ସେଠାରେ ତାଙ୍କ ଶରୀରରେ ଏକ ପରିସ୍ରା ପାଇପ ଲଗାଇ ଦିଆଯାଇ ଅଧିକ ୨୪୦୦ ଟଙ୍କା ଦାବି କରାଯାଇଥିଲା। ଉକ୍ତ ଟଙ୍କା ଦେବାକୁ ରେବତୀ ମନା କରିବାରୁ ନର୍ସିଂହୋମ୍ କର୍ତ୍ତୃପକ୍ଷ ତାଙ୍କୁ ଧମକ ଦେଇଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳାବାଗ ଥାନା ଅଧିକାରୀ ଉମାକାନ୍ତ ସାହୁ କହିଛନ୍ତି, ଅଭିଯୋଗ ହେବା ପରେ ଷ୍ଟେଶନ ଡାଏରୀ କରାଯାଇ ପ୍ରାଥମିକ ତଦନ୍ତ ଚାଲିଛି।

## ପୋଲିସ ଚଢ଼ାଉ, ୧୪ ନିଶା ବ୍ୟବସାୟୀ ଗିରଫ

କଟକ,୨୩।୮ (କାର୍ତ୍ତିକ ସାହୁ)

କଟକ କମିଶନରେଟ ପୋଲିସ ପକ୍ଷରୁ ନିରାପଦ ସହର ଅଭିଯାନ ଜରିଆରେ ସହରର ବିଭିନ୍ନ ଅଞ୍ଚଳର ଚୋରା ମଦ ଆଡ୍ଡାରେ ଚଢ଼ଉ କରାଯାଇଛି। ଏହି ଚଢ଼ଉରେ ଜଣେ ମହିଳାଙ୍କ ସମେତ ମୋଟ୍ ୧୪ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ୧୨.୨ ଲିଟର୍ ଆପ୍ସାଫର୍ଟି ଓ ୮୦ ଲିଟର ଦେଶୀମଦ ଜବତ ହୋଇଛି। ପୋଲିସ କମିଶନର ସଞ୍ଜୀବ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଚୌଦ୍ୱାର, ମାଲଗୋଦାମ, ଜଗତପୁର, କ୍ୟାଣ୍ଟନମେଣ୍ଟ, ମର୍କତନଗର, ବାରଙ୍ଗ, କଟକ ସଦର, ପୁରୀଘାଟ, ମଧୁପାଟଣା ଓ ସିଆରଆରଆଇ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇଛି।

## ଚଢ଼ା ଦରରେ କିରୋସିନ ବିକ୍ରି ଅଭିଯୋଗ: ରିଟେଲରଙ୍କ ଷ୍ଟକ୍ ଯାଞ୍ଚ

କଟକ ସଦର,୨୩।୮ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ବାରଦା ପଞ୍ଚାୟତର ୨ଜଣ ରିଟେଲରଙ୍କ ଦୋକାନ ଉପରେ ଗୁରୁବାର ଓ ଶୁକ୍ରବାର ଯୋଗାଣ ବିଭାଗର ଚଢାଉ କରିଥିଲା। କାରଣ ଉଭୟ ରିଟେଲର ସରକାରୀ ଦରଠାରୁ ଅଧିକ ଦରରେ କିରୋସିନ ବିକ୍ରି କରିଥିବା ଅଭିଯୋଗ ହୋଇଥିଲା। ଚଢାଉବେଳେ କୌଣସି ଜଣେ ବ୍ୟକ୍ତି ଅଧିକ ଦରରେ କିରୋସିନ ବିକ୍ରି ହେବା କଥା କହିବା ପାଇଁ ଆସି ନ ଥିଲେ। ଅନ୍ୟପକ୍ଷରେ କାର୍ଡ ପିଛା ୫୦୦ ଗ୍ରାମ୍ କିରୋସିନ ୩୨ ଟଙ୍କା ୫୦ ପଇସାରେ ନେବା ପାଇଁ ଲୋକଙ୍କ ମଧ୍ୟରେ ସେତେଟା ଆଗ୍ରହ ପ୍ରକାଶ ପାଉନାହିଁ। ତେଣୁ ନିର୍ଦ୍ଧାରିତ ମାସିକିଆ କୋଟା ଉଠାଇବା ପାଇଁ ରିଟେଲର ମାନେ ସାହସ କରିପାରୁନାହାନ୍ତି। ଅନ୍ୟପକ୍ଷରେ ଚାଉଳ ଯୋଗାଣବେଳେ ରିଟେଲରମାନେ ଓଜନରେ ଠକାମି ଓ ରିଟେଲର ପଏଣ୍ଟକୁ କିରୋସିନ ଆସୁ ନ ଥିବାରୁ ଅଧିକାଂଶ ସମୟରେ କଟକରୁ ସାମଗ୍ରୀ ଆଣିବାକୁ ପଡୁଛି। ଚଢ଼ାଉବେଳେ ରିଟେଲର କୈଳାସ ଚନ୍ଦ୍ର ଦାସଙ୍କର ଅନିୟମିତତା ବାହାରି ନ ଥିବାବେଳେ ଅନ୍ୟ ଜଣେ ରିଟେଲର ମନୋରଞ୍ଜନ ସାହୁଙ୍କର କିଛି ମାତ୍ରାରେ ଅନିୟମିତତା ଥିବା ଜଣାପଡ଼ିଛି। ଚୂଡ଼ାନ୍ତ ରିପୋର୍ଟ କଟକ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି ବୋଲି କଟକ ସଦର ବ୍ଲକ ଯୋଗାଣ ନିରୀକ୍ଷକ ନୀହାର ରଞ୍ଜନ ସ୍ୱାଇଁ କହିଛନ୍ତି।

## ଗହୀରରେ ଜମି ରହିଛି ବର୍ଷାପାଣି

କଟକ ସଦର,୨୩।୮ (ସୁଶାନ୍ତ କୁମାର ଜେନା)

**ଫସଲ ନଷ୍ଟ ଆଶଙ୍କା**


ନିମେଇସାପୁର ଅଞ୍ଚଳର ଗହୀରରେ ବର୍ଷାପାଣି।

ଲଗାଣ ବର୍ଷା ଯୋଗୁ କଟକ ସଦର ବ୍ଲକ ଅନ୍ତର୍ଗତ ନିମେଇସାପୁର ଅଞ୍ଚଳର ଗହୀର ପାଣିରେ ବୁଡ଼ି ରହିଛି। ଫଳରେ ୨୦୦ ହେକ୍ଟରରୁ ଊର୍ଦ୍ଧ୍ୱ ଧାନ ଫସଲ ନଷ୍ଟ ହେବା ଆଶଙ୍କା ପ୍ରକାଶ ପାଇଛି। କାରଣ କେନାଲରେ ପାଣି ନ ଥିବାରୁ ଚାଷୀମାନେ ବିଳମ୍ବରେ ଧାନତଳି ରୋଇଥିଲେ। ଉକ୍ତ ଗହୀରର ଜଳ ନିଷ୍କାସନ ନାଳି ଚଳିତବର୍ଷ ଠିକ୍ ଭାବେ ସଫା କରାଯାଇ ନ ଥିବାରୁ ନିମେଇସାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ତ୍ରିଲୋଚନ ସ୍ୱାଇଁ ଜଳସମ୍ପଦ ବିଭାଗ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ବିଶେଷକରି ନିମେଇସାପୁର, ନୂଆକୋରୁଆଁ, ଦୀଘି, ଆୟଉପୁର, କେଶପୁର ରାଜସ୍ୱ ଗ୍ରାମର ବର୍ଷାପାଣି କନ୍ଦରପୁର ଥାନା ନିକଟ ସାଇଫନ ବାଟେ ହଂସୁଆ ନଦୀକୁ ନିଷ୍କାସିତ ହୋଇଥାଏ। ମାତ୍ର ଥାନା ନିକଟରେ ଥିବା ସାଇଫନ ସଫା କରାଯାଇ ନ ଥିବାରୁ ଏହାର ପ୍ରତିବାଦରେ ରାସ୍ତାରୋକ କରାଯିବ ବୋଲି ସ୍ୱାଇଁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କଟକ ଡ୍ରେନେଜ୍ ଡିଭିଜନର କନିଷ୍ଠଯନ୍ତ୍ରୀ ସୌଭାଗ୍ୟ କୁମାର ବେହେରା କହିଛନ୍ତି, ଖୁବ୍‌ଶୀଘ୍ର ଡ୍ରେନ୍‌ରୁ ଦଳ ସଫା କରାଯିବ।



କଟକ ଶତାବ୍ଦୀ ଭବନରେ କବି ରାଜେନ୍ଦ୍ର କୁମାର ପ୍ରଧାନଙ୍କ ରଚିତ ଶାଶ୍ୱତ ଓଡ଼ିଆ ବ୍ୟାକରଣ ଗ୍ରନ୍ଥକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।


କଟକ ସିଡିଏ ଡିଏଭି ପବ୍ଲିକ ସ୍କୁଲରେ ଅନୁଷ୍ଠିତ ଚକ୍ଷୁ ପରୀକ୍ଷା ଶିବିର।

**କେଜ୍‌ରିୱାଲଙ୍କ ଆବେଦନର ଶୁଣାଣି ୫କୁ ଘୁଞ୍ଚିଲା**

ଅବକାରୀ ନୀତି ଦୁର୍ନୀତି ମାମଲାରେ ସିବିଆଇର ଗିରଫଦାରିକୁ ଚ୍ୟାଲେଞ୍ଜ କରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କରିଥିବା ଜାମିନ ଆବେଦନର ଶୁଣାଣିକୁ ସୁପ୍ରିମକୋର୍ଟ ସେପ୍ଟେମ୍ବର ୫କୁ ଘୁଞ୍ଚାଇ ଦେଇଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଉଜ୍ଜଳ ଭୂୟାଁ ସିବିଆଇକୁ କାଉଣ୍ଟର ଆଫିଡେଭିଟ୍ ଦାଖଲ ଲାଗି ଅନୁମତି ଦେବା ସହ କେଜ୍‌ରିୱାଲଙ୍କୁ ଜବାବ ଦାଖଲ ପାଇଁ ୨ ଦିନ ସମୟ ଦେଇଛନ୍ତି।

# ଆର୍.ଜି. କର: ସିବିଆଇ କରିବ ଆର୍ଥିକ ଅନିୟମିତତା ତଦନ୍ତ

**କୋଲକାତା, ୨୩।୮**

ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ବିବାଦରେ ଛନ୍ଦି ହୋଇଥିବା କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ଗୁରୁତର ଆର୍ଥିକ ଅନିୟମିତତା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଗଠନ କରିଥିଲେ। ତେବେ କୋଲକାତା ହାଇକୋର୍ଟ ଶୁକ୍ରବାର ଉକ୍ତ ଆର୍ଥିକ ଅନିୟମିତତାର ତଦନ୍ତ ଦାୟିତ୍ୱ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କଲେଜର ପୂର୍ବତନ ପ୍ରିନ୍ସିପାଲ ସନ୍ଦିପ ଘୋଷଙ୍କ ସମୟରେ ହୋଇଥିବା ଆର୍ଥିକ ହେରଫେରର ତଦନ୍ତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା କରାଇବାକୁ ପୂର୍ବତନ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଖତର ଅଲି ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ସିବିଆଇକୁ ୩ ସପ୍ତାହ ମଧ୍ୟରେ ତଦନ୍ତର ଅଗ୍ରଗତି ରିପୋର୍ଟ ଦାଖଲ କରିବାକୁ ଜଷ୍ଟିସ୍ ରାଜର୍ଷି ଭରଦ୍ୱାଜ ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବର ୧୭ରେ ହେବାକୁ ଥିବା ଶୁଣାଣି ବେଳେ ଅଦାଲତ ରିପୋର୍ଟର ସମୀକ୍ଷା କରିବେ।

## ଅନେକଙ୍କୁ ବଞ୍ଚାଇବା ପାଇଁ ପୁଅକୁ ଫସାଯାଇଛି: ଅଭିଯୁକ୍ତଙ୍କ ମା'


ଅଭିଯୁକ୍ତ ସଞ୍ଜୟ ରାୟ

କୋଲକାତାସ୍ଥିତ ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ୩୧ ବର୍ଷୀୟା ପିଜି ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ମାମଲାର ଅଭିଯୁକ୍ତ ସଞ୍ଜୟ ରାୟଙ୍କ ବିରୋଧରେ ଆସିଥିବା ସବୁ ଅଭିଯୋଗକୁ ତାଙ୍କ ମା' ମାଳତି ଖଣ୍ଡନ କରିଛନ୍ତି। ମାଳତି କହିଛନ୍ତି, ଏହି ଅପରାଧରେ ଅନେକ ଲୋକଙ୍କ ସମ୍ପୃକ୍ତି ରହିଛି। ସେମାନଙ୍କୁ ବଞ୍ଚାଇବା ପାଇଁ ତାଙ୍କ ପୁଅଙ୍କୁ ଏଥିରେ ଫସାଇଦିଆଯାଇଛି। ଘଟଣା ପାଇଁ ଯେଉଁମାନେ ଦାୟୀ ଶେଷରେ ସେମାନେ ସମସ୍ତେ ଦଣ୍ଡିତ ହେବେ। ସିଭିକ୍ ଭୋଲୁଣ୍ଟିଅର୍ ସଞ୍ଜୟ ଉକ୍ତ ସରକାରୀ ହସ୍ପିଟାଲକୁ ନିୟମିତ ଭାବେ ଯାଉଥିଲେ। ସଞ୍ଜୟ ଏକମାତ୍ର ବ୍ୟକ୍ତି ଯିଏକି ବର୍ବର ଅପରାଧ ଘଟାଇଥିବା ବିଷୟ ସ୍ୱୀକାର କରିବା ସହ ଗିରଫ ହୋଇଛନ୍ତି। ପୀଡ଼ିତାଙ୍କ ବାପା ମଧ୍ୟ ଏହି ମାମଲାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରିଛନ୍ତି। ଅନ୍ୟମାନଙ୍କୁ ଘଣ୍ଟ ଘୋଡ଼ାଇବା ପାଇଁ କେବଳ ସଞ୍ଜୟଙ୍କୁ ଧରାଯାଇଥିବା ସେ କହିଛନ୍ତି।

# ଇନ୍ଦିରାଙ୍କ ମୁକ୍ତି ପାଇଁ 'ବିମାନ ଅପହରଣ' କରିଥିବା ଭୋଲାନାଥଙ୍କ ପରଲୋକ

**ଲକ୍ଷ୍ନୌ, ୨୩।୮**


ଭୋଲାନାଥ ପାଣ୍ଡେ


ଇନ୍ଦିରା ଗାନ୍ଧୀ

ଉତ୍ତରପ୍ରଦେଶର ବରିଷ୍ଠ କଂଗ୍ରେସ ନେତା ଭୋଲାନାଥ ପାଣ୍ଡେଙ୍କର ଶୁକ୍ରବାର ୭୧ ବର୍ଷ ବୟସରେ ପରଲୋକ ହୋଇଛି। ଦୋଆପା (ବର୍ତ୍ତମାନ ବୈରିଆ) ବିଧାନସଭା ନିର୍ବାଚନ ମଣ୍ଡଳୀରୁ ସେ ୨ ଥର ନିର୍ବାଚିତ ହୋଇଥିଲେ। ଭୋଲାନାଥ ନିଜ ରାଜନୈତିକ କ୍ୟାରିୟରକୁ ନେଇ ଯେତିକି ଜଣାଶୁଣା ନ ଥିଲେ, ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପ୍ରତି ତାଙ୍କ ଆନୁଗତ୍ୟ ପାଇଁ ତା'ଠୁ ଅଧିକ ଚର୍ଚ୍ଚିତ ଥିଲେ। ଇନ୍ଦିରା ୧୯୭୫ ଜୁନ୍ ୨୫ରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଜାରି କରିଥିଲେ। ଏମର୍ଜେନ୍ସି ପରେ ଦୁର୍ନୀତି ଅଭିଯୋଗରେ ଗିରଫ କରି ଇନ୍ଦିରାଙ୍କୁ ତିହାର ଜେଲ ପଠାଇଦିଆଯାଇଥିଲା। ତାଙ୍କୁ ମୁକ୍ତ କରିବା ପାଇଁ ଭୋଲାନାଥ ଅଭିନବ ଉପାୟ ଆପଣାଇ ସମସ୍ତଙ୍କୁ ଚକିତ କରିଦେଇଥିଲେ। ୧୯୭୮ ଡିସେମ୍ବର ୨୦ରେ କଲିକତାରୁ ଦିଲ୍ଲୀ ଅଭିମୁଖେ ଆସୁଥିବା ଇଣ୍ଡିଆନ ଏୟାରଲାଇନ୍ସ ବିମାନ ଆଇସି-୪୧୦ ଅପରାହ୍ନ ୫ଟା ୪୫ରେ ଲକ୍ଷ୍ନୌରେ ଅବତରଣ କରିଥିଲା। ଦିଲ୍ଲୀ ପହଞ୍ଚିବା ପାଇଁ ୧୫ ମିନିଟ ବାକି ଥିବାବେଳେ ସେଥିରେ ଯାତ୍ରା କରୁଥିବା ଭୋଲାନାଥ ଏକ ଖେଳନା ବନ୍ଧୁକ ଧରି ଫ୍ଲାଇଟ୍ ଅପହରଣ ନାଟକ ରଚିଥିଲେ। ଏଥିରେ ତାଙ୍କ ସହ ଯୁବକଂଗ୍ରେସର ଦେବେନ୍ଦ୍ର ପାଣ୍ଡେ ସାମିଲ ଥିଲେ। ଉଭୟେ କକ୍‌ପିଟ୍‌ରେ ପ୍ରବେଶ କରିବା ପରେ କ୍ୟାପ୍‌ଟେନ୍‌ଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ଫଳରେ ବିମାନଟି ଅପହରଣ ହୋଇଯାଇଛି, ଏବଂ ଦିଲ୍ଲୀ ପରିବର୍ତ୍ତେ ପାଟନାରେ ଏହା ଅବତରଣ କରିବ ବୋଲି ପାଇଲଟ ଘୋଷଣା କରିବାକୁ ବାଧ୍ୟ ହୋଇଥିଲେ। ଏହାର କିଛି ସମୟ ପରେ ଫ୍ଲାଇଟ୍ କ୍ୟାପ୍‌ଟେନ ଏମ୍.ଏନ୍. ଭଟ୍ଟିୱାଲା ପୁଣି ଘୋଷଣା କଲେ ବିମାନ ବାରାଣସୀ ଅଭିମୁଖେ ଯାତ୍ରା କରିବ। ତେବେ ଉଭୟ ନିଜକୁ ଅହିଂସାବାଦୀ ଦର୍ଶାଇ ଯାତ୍ରୀମାନଙ୍କ କ୍ଷତି କରିବାକୁ ଚାହୁଁନ ଥିବା କହିଥିଲେ। ପାଇଲଟ ସେମାନଙ୍କ ଉଦ୍ଦେଶ୍ୟ ପଚାରିବାରୁ ଭୋଲାନାଥ ଇନ୍ଦିରାଙ୍କ ମୁକ୍ତି ଦାବି କରିଥିଲେ। ଇନ୍ଦିରାଙ୍କୁ ଜେଲରୁ ମୁକୁଳାଇବା ସହ ତାଙ୍କ ପୁଅ ସଞ୍ଜୟ ଗାନ୍ଧୀଙ୍କ ବିରୋଧରେ ଥିବା ସମସ୍ତ ମାମଲା ବନ୍ଦ କରିବା ପାଇଁ ଭୋଲାନାଥ ସର୍ତ୍ତ ରଖିଥିଲେ। ବିମାନଟି ବାରାଣସୀରେ ଅବତରଣ କରିବା ପରେ ଭୋଲାନାଥ ଓ ଦେବେନ୍ଦ୍ର ଉତ୍ତରପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାମନରେଶ ଯାଦବଙ୍କୁ ଭେଟିଥିଲେ। ସେତେବେଳେ କ୍ଷମତାସୀନ ଜନତା ପାର୍ଟିରେ ଅନ୍ୟତମ ବରିଷ୍ଠ ନେତା ଥିଲେ ରାମନରେଶ। ଅନେକ ଘଣ୍ଟାର ଆଲୋଚନା ଏବଂ ଇନ୍ଦିରାଙ୍କୁ ମୁକ୍ତ କରାଯିବା ପ୍ରତିଶ୍ରୁତି ପରେ ବିମାନ ଉଡ଼ାଣ ପାଇଁ ଅନୁମତି ଦେଇ ଭୋଲାନାଥ ଓ ଦେବେନ୍ଦ୍ର ଆତ୍ମସମର୍ପଣ କରିଥିଲେ। ଡିସେମ୍ବର ୨୬ ରାତିରେ ଇନ୍ଦିରା ଜେଲରୁ ମୁକୁଳିଥିଲେ। ୧୯୮୦ରେ ସେ କ୍ଷମତାକୁ ଫେରିବା ପରେ ଦୁହିଁଙ୍କ ବିରୋଧରେ ରୁଜୁ ମାମଲାକୁ ବନ୍ଦ କରିଦିଆଯାଇଥିଲା। ଇନ୍ଦିରାଙ୍କ ପ୍ରତି ଆନୁଗତ୍ୟ ପାଇଁ ଉଭୟଙ୍କୁ କଂଗ୍ରେସ ଦଳ ଟିକେଟ ଦେଇ ପୁରସ୍କୃତ କରିଥିଲା। ପରବର୍ତ୍ତୀ ସମୟରେ ଏକ ସାକ୍ଷାତ୍କାରରେ ଭୋଲାନାଥ କହିଥିଲେ, ଇନ୍ଦିରାଙ୍କ ମୁକ୍ତି ପାଇଁ ଜନତା ପାର୍ଟି ସରକାର ଉପରେ ଚାପ ସୃଷ୍ଟି କରିବା ଏହି ଅପହରଣ ନାଟକର ଉଦ୍ଦେଶ୍ୟ ଥିଲା।

## ମେଡିକାଲ କଲେଜ ସମାବର୍ତ୍ତନ ଉତ୍ସବ ପୋଷାକ ବଦଳିବ



**ନୂଆଦିଲ୍ଲୀ, ୨୩।୮**

ଏମ୍ସ ସମେତ ଦେଶର ସମସ୍ତ ମେଡିକାଲ ଶିକ୍ଷାନୁଷ୍ଠାନ ଏବଂ କେନ୍ଦ୍ର ସରକାରଙ୍କ ଅଧୀନ ହସ୍ପିଟାଲଗୁଡ଼ିକରେ ସମାବର୍ତ୍ତନ ଉତ୍ସବ ପାଳନ ବେଳେ ଡାକ୍ତରୀ ଛାତ୍ରୀଛାତ୍ର ପିନ୍ଧି ଆସୁଥିବା ପୁରୁଣାକାଳିଆ କଳା ରଙ୍ଗର ଗାଉନ୍ ଓ ଟୋପି ଉପରେ କଟକଣା ଲାଗିବାକୁ ଯାଉଛି। ବ୍ଲାକ୍ ଗାଉନ୍ ପରିବର୍ତ୍ତେ ପାରମ୍ପରିକ ଭାରତୀୟ ପୋଷାକ ପିନ୍ଧି ଆସିବା ପାଇଁ ଛାତ୍ରୀଛାତ୍ରଙ୍କୁ ନିର୍ଦ୍ଦେଶ ଦେବା ସକାଶେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଉପରୋକ୍ତ ଅନୁଷ୍ଠାନଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ତେବେ ଡ୍ରେସ୍ କୋଡ୍‌ରେ ଏଭଳି ପରିବର୍ତ୍ତନର ଏହା ପ୍ରଥମ ଘଟଣା ନୁହେଁ। ୨୦୧୫ରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଦେଶର ସମସ୍ତ ସରକାରୀ ଓ ଘରୋଇ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ସମାବର୍ତ୍ତନ ଉତ୍ସବ ବେଳେ ପାରମ୍ପରିକ ପୋଷାକ ପିନ୍ଧି ଆସିବାକୁ ନିର୍ଦ୍ଦେଶ ଦେଇଥିଲା। ସେବେଠୁ ବିଭିନ୍ନ ସମୟରେ ସେଥିରେ ପରିବର୍ତ୍ତନ ଅଣାଯାଉଛି। କେନ୍ଦ୍ରର ଏହି ନିଷ୍ପତ୍ତିକୁ କେତେଜଣ ଡାକ୍ତର ପ୍ରଶଂସା କରିଥିବାବେଳେ ସ୍ୱାସ୍ଥ୍ୟ ସମ୍ପର୍କିତ ବଡ଼ ସମସ୍ୟାରୁ ଧ୍ୟାନ ହଟାଇବା ପାଇଁ ଏଭଳି ଉଦ୍ୟମ କରୁଥିବା ଆଉ ଗୋଟିଏ ଗୋଷ୍ଠୀ ସମାଲୋଚନା କରିଛନ୍ତି।

## ୧୫୬ ଔଷଧକୁ ନିଷେଧ କଲା କେନ୍ଦ୍ର

**ନୂଆଦିଲ୍ଲୀ, ୨୩।୮**

ଜର, ଥଣ୍ଡା, ଆଲର୍ଜି ଚିକିତ୍ସା ପାଇଁ ବ୍ୟବହୃତ ୧୫୬ଟି ଫିକ୍ସଡ୍ ଡୋଜ୍ କମ୍ବିନେଶନ (ଏଫ୍‌ଡିସି) ଔଷଧକୁ ଶୁକ୍ରବାର କେନ୍ଦ୍ର ସରକାର ନିଷିଦ୍ଧ ଘୋଷଣା କରିଛନ୍ତି। ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି ଜଣାପଡ଼ିବା ପରେ ଏଗୁଡ଼ିକର ପ୍ରସ୍ତୁତି ଓ ବିକ୍ରି ଉପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କଟକଣା ଲଗାଇଥିବା ଜଣାପଡ଼ିଛି।

ଏଫ୍‌ଡିସି ଔଷଧ ୨ କିମ୍ବା ତଦୂର୍ଦ୍ଧ୍ୱ ଔଷଧୀୟ ଉପାଦାନର ନିର୍ଦ୍ଧାରିତ ଅନୁପାତର ସମ୍ମିଶ୍ରଣରେ ପ୍ରସ୍ତୁତ କରାଯାଇଥାଏ। ଏହାକୁ କକ୍‌ଟେଲ ଡ୍ରଗ୍ସ ମଧ୍ୟ କୁହାଯାଏ। ଡ୍ରଗ୍ସ ଟେକ୍‌ନିକାଲ ଆଡଭାଇଜରି ବୋର୍ଡ (ଡିଟିଏବି) ଏବଂ ଏକ ବିଶେଷଜ୍ଞ କମିଟି ଏହି କମ୍ବିନେଶନଗୁଡ଼ିକରେ ହାନିକାରକ ପଦାର୍ଥ ଥିବା ଜାଣିବାକୁ ପାଇ ନିଷିଦ୍ଧ ଘୋଷଣା କରିବା ପାଇଁ ସୁପାରିସ କରିଥିଲେ। ବିଶେଷଜ୍ଞଙ୍କ ସୁପାରିସକୁ ଅନୁଧ୍ୟାନ କରିବା ପରେ ଏହି ନିଷ୍ପତ୍ତି ନିଆଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ ଜାରି ଗେଜେଟ ବିଜ୍ଞପ୍ତିରେ କୁହାଯାଇଛି।

# ନଦୀକୁ ବସ୍ ଖସି ୨୭ ଭାରତୀୟଙ୍କ ମୃତ୍ୟୁ



**କାଠମାଣ୍ଡୁ, ୨୩।୮ (ପି.ଟି.)**

ଏକ ଭାରତୀୟ ପର୍ଯ୍ୟଟକ ବସ୍ ଶୁକ୍ରବାର ନେପାଳର ମାର୍ସ୍ୟାଙ୍ଗଡ଼ି ନଦୀକୁ ଖସିପଡ଼ିବାରୁ ଅନ୍ୟୂନ ୨୭ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୬ ଜଣ ଆହତ ହୋଇଛନ୍ତି। ଉତ୍ତରପ୍ରଦେଶ ଗୋରଖପୁରର ଏହି ବସ୍ ପୋଖରାରୁ ପର୍ଯ୍ୟଟକମାନଙ୍କୁ ନେଇ ନେପାଳ ରାଜଧାନୀ କାଠମାଣ୍ଡୁକୁ ଯାଉଥିବାବେଳେ ତନାହୁନ୍ ଜିଲାର ଆଇନା ପାହାରା ନିକଟ ରାଜପଥରୁ ୧୫୦ ମିଟର ତଳେ ପ୍ରବାହିତ ହେଉଥିବା ନଦୀଗର୍ଭକୁ ଖସିପଡ଼ିଥିଲା। ବସ୍‌ରେ ୨ ଡ୍ରାଇଭରଙ୍କ ସମେତ ୪୩ ଜଣ ଥିଲେ।

ସୂଚନାଯୋଗ୍ୟ, ମହାରାଷ୍ଟ୍ରରୁ ୩ଟି ବସ୍‌ରେ ୧୦୪ ଜଣ ପର୍ଯ୍ୟଟକ ୧୦ ଦିନିଆ ନେପାଳ ପରିଦର୍ଶନରେ ଯାଇଥିବାବେଳେ ଶୁକ୍ରବାର ଦୁର୍ଘଟଣାଗ୍ରସ୍ତ ବସ୍ ସେଥିରୁ ଅନ୍ୟତମ। ସେମାନେ ମହାରାଷ୍ଟ୍ରର ଜଳଗାଁଓ ଜିଲା ଅନ୍ତର୍ଗତ ଭୁସାଲ ଗ୍ରାମରୁ ଆସିଥିଲେ। ୨ ଦିନ ପୋଖରା ବୁଲିବା ପରେ ୩ଟି ବସ୍ ଶୁକ୍ରବାର ସକାଳୁ କାଠମାଣ୍ଡୁ ଅଭିମୁଖେ ବାହାରିଥିଲା। ବସ୍‌ର ଅଧିକାଂଶ ଯାତ୍ରୀ ପରିବାର ସଦସ୍ୟ ଓ ସମ୍ପର୍କୀୟ ଥିଲେ। ଉଦ୍ଧାରକାରୀ ଟିମ୍ ନଦୀରୁ ୨୭ ମୃତଦେହ ବାହାର କରିଥିବାବେଳେ ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବସ୍‌ଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଉତ୍ତରପ୍ରଦେଶ ସରକାର ଦୁର୍ଘଟଣାସ୍ଥଳକୁ ଏସ୍‌ଡିଏମ୍‌ଙ୍କୁ ପଠାଇଛନ୍ତି।


**जिला परिषद कार्यालय, पूर्वीसिंहभूम, जमशेदपुर**

अतिअल्पकाली नई–निविदा आमंत्रण सूचना
(Through E-Procurement Mode only – www.jharkhandtenders.gov.in)
Notice Inviting e-Tender No : ESZP/JSR/Epro-07/2024-25

| क्र0सं0 | कार्य का विवरणी | प्राक्कलित राशि | परिमाण विपत्र का मुल्य | कार्य पूर्णक रने की अवधि |
|---|---|---|---|---|
| 1 | जमशेदपुर प्रखण्ड अन्तर्गत दक्षिण मध्य छोटा गोविंदपुर पंचायत में पंचायत भवन का निर्माण। | 9989000.00 | 10000.00 | 6माह |
| 2 | जमशेदपुर प्रखण्ड अन्तर्गत हितकु पंचायत में पंचायत भवन का निर्माण। | 9989000.00 | 10000.00 | 6माह |

1. निविदा आमंत्रित करने वाले पदाधिकारी का नाम :- सचिव, जिला परिषद, पूर्वीसिंहभूम, जमशेदपुर।
2. वेवसाईड पर निविदा प्रकाशन की तिथि :- 28.08.2024 को पूर्वाह्न 11:00 बजे।
3. निविदा प्राप्त करने की अंतिम तथि :- 31.08.2024 को अपराह्न 5:00 बजे तक।
4. निविदा खोलने की तिथि एवं समय :-02.09.2024 को पूर्वाह्न 11:00 बजे।
5. ई–मेल पता :- ddcjsr01@gmail.com
6. निविदा से संबंधित जानकारी हेतु दुरभाष सं0 :- 7979761314, 8969990645
7. जिला परिषद, पूर्वीसिंहभूम, जमशेदपुर के अन्तर्गत समूचित श्रेणी या एक श्रेणी उपर निबंधित संवेदक ही निविदा में भाग ले सकेगें।
8. विस्तृत जानकारी वेवसाईट http://jharkhandtenders.gov.in एवं कार्य दिवस में कार्यालय अवधि में जिला परिषद, पूर्वीसिंहभूम के सूचना पट्ट पर देखा जा सकता है।

सहायक अभियंता, जिला परिषद, पूर्वीसिंहभूम, जमशेदपुर। जिला अभियंता, जिला परिषद, पूर्वीसिंहभूम, जमशेदपुर। कार्यपालक पदाधिकारी, जिला परिषद, पूर्वीसिंहभूम, जमशेदपुर। सचिव, जिला परिषद, पूर्वीसिंहभूम, जमशेदपुर।

PR.NO.333518 Panchayati Raj(24-25):D

**झारखण्ड सरकार**
**ग्रामीण कार्य विभाग ,कार्यपालक अभियंता का कार्यालय**
**कम्बाइंड बिल्डींग, ओल्ड चास कोट एरिया, बोकारो**

ई– अल्पकालीन निविदा आमंत्रण सूचना
ई– अल्पकालीन निविदा संख्या :- 16/2024-25/RWD/EE/BOKARO दिनांक – 23.08.2024

कार्यपालक अभियंता, ग्रामीण कार्य विभाग, कार्य प्रमंडल, बोकारो द्वारा निम्न विवरण के अनुसार e-procurement पद्धति से पैकेज के रुप में निविदा आमंत्रित की जाती है।

| क्र0 सं0 | आईडेन्टीफिकेशन संख्या / पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1 | RWD/EE/BOKARO/22/2024-25 | ग्राम पंचायत गांगजोरी में बिरसा भवन तिलैया से डोमटांड आर0ई0ओ0 रोड तक पथ निर्माण कार्य (लम्बाई– 1.235 कि0मी0)। | 1,32,35,500.00 | एक करोड़ बत्तीस लाख पैंतीस हजार पॉच सौ रू0 मात्र | 09 माह | प्रथम |
| 2 | RWD/EE/BOKARO/23/2024-25 | ग्राम पंचायत अरालडीह में सिमलडीह कुल्ही मुड़ा से लेकर सेकरगोड़ा होते हुए पोखरघुटू तक पथ निर्माण कार्य (लम्बाई– 3.698 कि0मी0)। | 4,18,27,800.00 | चार करोड़ अठारह लाख सत्ताईस हजार आठ सौ रू0 मात्र | 18 माह | प्रथम |
| 3 | RWD/EE/BOKARO/24/2024-25 | ग्राम पंचायत गांगजोरी में जोरिया पार मध्य विधालय से काशीडीह तक पथ निर्माण कार्य (लम्बाई– 1.928 कि0मी0)। | 2,03,56,600.00 | दो करोड़ तीन लाख छप्पन हजार छः सौ रू0 मात्र | 12 माह | प्रथम |
| 4 | RWD/EE/BOKARO/25/2024-25 | ग्राम पंचायत गायछन्दा स्थित चेटरगोड़ा के आदिवासी धुमकुड़िया से ललन खान के घर तक पथ निर्माण कार्य (लम्बाई– 1.560 कि0मी0)। | 1,47,08,900.00 | एक करोड़ सैंतालीस लाख आठ हजार नौ सौ रू0 मात्र | 09 माह | प्रथम |
| 5 | RWD/EE/BOKARO/26/2024-25 | बांधडीह दक्षिणी पंचायत में डाहीटांड पी0डब्लू0डी0 रोड से भंडारगोड़ा तक पथ निर्माण कार्य (लम्बाई– 1.100 कि0मी0)। | 1,03,61,700.00 | एक करोड़ तीन लाख इकसठ हजार सात सौ रू0 मात्र | 09 माह | प्रथम |
| 6 | RWD/EE/BOKARO/27/2024-25 | गायछन्दा पंचायत में हरि मंदिर से लेकर रामुटुंगरी तक पथ निर्माण कार्य (लम्बाई– 1.144 कि0मी0)। | 1,48,17,000.00 | एक करोड़ अड़तालीस लाख सत्रह हजार रू0 मात्र | 09 माह | प्रथम |
| 7 | RWD/EE/BOKARO/28/2024-25 | आरजु पंचायत चालमुण्डरी आर0ई0ओ0 रोड से लेकर बुढ़ा बाबा होते हुए नदी तक पथ निर्माण कार्य (लम्बाई– 1.174 कि0मी0)। | 1,35,15,100.00 | एक करोड़ पैंतीस लाख पन्द्रह हजार एक सौ रू0 मात्र | 09 माह | प्रथम |

2. वेबसाईट में निविदा प्रकाशन की तिथिः– 28.08.2024
3. ई–निविदा प्राप्ति की अंतिम तिथि एवं समय :– 06.09.2024 अपराह्न 5.00 बजे तक।
4. निविदा खोलने की तिथि एवं समय :– 09.09.2024 अपराह्न 03.30 बजे।
5. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण कार्य विभाग, कार्य प्रमंडल, बोकारो, कम्बाइंड बिल्डींग, सिविल एस0डी0ओ0, ऑफिस ओल्ड चास कोट एरिया, चास बोकारो, झारखंड, पिन– 827013
6. ई–निविदा प्रकोष्ठ का दूरभाष सं0– 9431060119
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग,कार्य प्रमंडल, बोकारो

PR 333496 Rural Work Department(24-25).D

**OFFICE OF THE ROURKELA MUNICIPAL CORPORATION : ROURKELA**
**INVITATION FOR BID**
No. 10280 Dated : 20.08.2024
**Bid Identification No. : MC/RMC/19/2024**

No.C-464 : The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification **No. MC/RMC/19/2024** for **10** Nos. Civil work with value of **Rs. 5.44 lakh to 37.86 Lakh**.
1. Bid documents will be available in website www.tendersorissa.gov.in from **21.08.2024**.
2. Bids must be submitted on "online" on or before **02.09.2024 by 17.00 hours**.
3. Bids shall be opened at 11.00 hours on **03.09.2024** in the office of the undersigned in the presence of the bidders or their authorized agents.
4. Other details will be available in the website tendersorissa.gov.in

Sd./-Municipal Commissioner,
Rourkela Municipal Corporation

OIPR-13131/11/0018/2425

**AUCTION NOTICE**

More than 300 buses (Force, Tata & Ashok Leyland ) belonging to M.P. Enterprises and Associates Ltd. in liquidation, at Pune and Mumbai are under public auction.
Details are available at the *https://ncltauction. auctiontiger.net.*
*or Email at mpent.cirp@gmail.com*
8591095341/9223230576

**GOVERNMENT OF ODISHA**
**PANCHAYATI RAJ & DRINKING WATER DEPTT.**
**OFFICE OF THE PANCHAYAT SAMITI, SOHELA**
At-Sohela, PO-Sohela, Dist.-Bargarh, Pin-768033
E-mail : ori-sohella@nic.in

No. 1898 Dt. 22.08.2024

**National Competitive Bidding through e-procurement**
**Bid Identification No. 03/2024-25**

No.i-89 : The BDO, SOHELA on behalf of PANCHAYAT SAMITI, SOHELA invites Percentage bid through e-procurement in single cover system according to norm of e-Procurement system in on-line mode. Bid documents consisting of work, Cost of Tender Paper, EMD, Time of Completion, Class of Contractor and the set of Terms and conditions and other necessary documents can be seen in Govt. website i.e www.tendersodisha.gov.in

| | | | |
|---|---|---|---|
| 1 | Nature of Work | : | Building Construction work as mentioned in DTCN |
| 2 | No. of works | : | 1 (One No.) |
| 3 | Estimate Cost | : | Rs. 22,86,317/- |
| 4 | Period of Completion | : | 150 Days |
| 5 | Class of Contractor | : | "B" or "C" Class |
| 6 | Date & Time of availability of Bid Documents in the portal for Bidding | : | 11.00 AM on dt. 28.08.2024 up to 05.00 PM on dt.13.09.2024 |
| 7 | Last date & time for receipt of Bids in the portal | : | 13.09.2024 at 05.00 PM |
| 8 | Bid opening Date | : | Dt. 18.09.2024 at 11.00 AM |

The bidders have to participate in online bidding only. Further details can be seen from the website https://www.tendersodisha.gov.in

Sd./- Block Development Officer
SOHELA

OIPR-19411/11/0004/2425

**SHORT ADVERTISEMENT**
**INVITATION OF APPLICATION FOR RECRUITMENT TO THE POST OF GRAM ROZGAR SEVAK (GRS) UNDER MGNREGS IN THE DISTRICT OF BALASORE**
No. 4166/Date : 22.08.2024

No.CAD-912 : Applications are invited from eligible candidates to fill up 327 posts of Gram Rozgar Sevaks (GRS) to be engaged in different Gram Panchayats in Balasore District on a contractual basis under MGNREGA. The newly engaged GRS will receive a consolidated monthly remuneration of Rs. 7,000/-. After successfully working for more than 1 year and less than 6 years, the remuneration will increase to Rs. 8,500 per month, and after successfully working for more than 6 years, it will increase to Rs. 8,880/- per month. The last date for submission of applications is 21.09.2024 (Saturday). The detailed advertisement, including the number of vacancies, remuneration, age, eligibility criteria and other terms & conditions, is available on the District's official website : www.balasore.odisha.gov.in.

Sd./-Collector-cum-DPC, MGNREGA
Balasore

OIPR-19229/11/0003/2425

**OFFICE OF THE SUPERINTENDENT**
**SCB MEDICAL COLLEGE HOSPITAL, CUTTACK**
E-mail: scbsuperintendent@gmail.com
No. 18835/Dt.23.8.24

**TENDER CALL NOTICE**

No. E-233:- Sealed tenders are invited from the interested Manufacturer/ Authorized Dealers/Suppliers for supply of Spare parts (ACP Mechanic Sec.), Regional Work Shop in SCB Medical College & Hospital, Cuttack. The detailed of tender papers along with terms and conditions can be obtained from Central Store Section (NTSK Sec.), Office of the Superintendent, SCB Medical College Hospital, Cuttack during office hours from 11 AM to 4 PM on all working days on payment of Rs. 1000/- (Rupees One Thousand) only in the Accounts Section(Govt.) and also obtained from website i.e. "http://www.scbmch.in" from **27.08.24.** The tender paper should reach the office of the undersigned through Speed Post/Regd. Post only **by 12.9.24 by 4 PM.** The authority reserves the right to cancel or reject any or all the tenders without assigning any reason thereof.

Sd./- Medical Superintendent
SCB Medical College Hospital, Cuttack

OIPR-10186/11/0005/2425

**GOVERNMENT OF ODISHA**
**PANCHAYATI RAJ & DRINKING WATER DEPTT.**
**OFFICE OF THE PANCHAYAT SAMITI, ATTABIRA**
At-Attabira, PO-Attabira, Dist-Bargarh, Pin-768027
E-mail : ori-attabira@nic.in

No. 2829 Dt. 17.08.2024

**National Competitive Bidding through e-procurement**
**Bid Identification No. 01/2024-25**

No.i-91 : The BDO, ATTABIRA on behalf of PANCHAYAT SAMITI, ATTABIRA invites Percentage bid through e-procurement in single cover system according to norm of e-Procurement system in on-line mode. Bid Documents consisting of work, Cost of Tender Paper, EMD, Time of Completion, Class of Contractor and the set of Terms and conditions and other necessary documents can be seen in Govt. website i.e www.tendersodisha.gov.in

| | | |
|---|---|---|
| Nature of Work | : | Building Construction work as mentioned in DTCN |
| No. of works | : | 6+1=7 (Seven Nos.) |
| Estimate Cost | : | 6 Nos @ Rs. 22,74,201/& 1 No @ Rs. 11,99,145/- |
| Period of Completion | : | 180 Days |
| Class of Contractor | : | "B" or "C" Class |
| Date & Time of availability of Bid Documents in the portal for Bidding | : | **11.00 AM on dt. 20.08.2024 up to 05.00 PM on dt.03.09.2024** |
| Last date & time for receipt of Bids in the portal | : | **03.09.2024 at 05.00 PM** |
| Bid opening Date | : | **Dt.05.09.2024 at 11.00 AM** |

The bidders have to participate in online bidding only. Further details can be seen from the website https://www.tendersodisha.gov.in

Sd./- Block Development Officer
ATTABIRA

OIPR-19385/11/0001/2425

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, ANANDAPUR**
e-Mail ID - mianandapur@yahoo.co.in
"e" Procurement Notice
Identification No.-03 MID (ANP/2024-25)

No.A-236: The Superintending Engineer, Minor Irrigation Division, Anandapur on behalf of Governor of Odisha invites percentage rate bids in double cover system through e-procurement to be received in online mode only for the works as detailed in the table below.

| | | |
|---|---|---|
| 1 | Name of the works | Civil Construction works |
| 2 | Total No. of works | 01 no. |
| 3 | Estimated Cost | 52.25 Lakhs (Detail list of work Annexed) |
| 4 | Class of Contractor | As mentioned against work |
| 5 | Period of completion | As mentioned against work |
| 6 | Date & time of Availability of on-line Bid Document in the Portal | 27.08.2024 at 10.00 AM to 10.09.2024 upto 5.00 PM |
| 7 | Last date/Time for online receipt of Bid in the Portal | 10.09.2024 up to 5.00 PM |
| 8 | Date/Time of Opening of Technical Bid | 11.09.2024 at 11.00 AM Onwards at Office of the S.E.M.I.Divn. Anandapur |
| 9 | Date/Time of opening of Financial Bid | 18.09.2024 at 11.00 AM Onwards at office of the S.E.M.I.Divn. Anandapur |
| 10 | Date/Time of lottery if required | 23.09.2024 at 11.00 AM at Office of the S.E.M.I.Divn. Anandapur |
| 11 | Name & Address of the Officer Inviting Bid | Superintending Engineer, M.I.Division, Anandapur |
| 12 | Mode of Payment of Bid Cost & Bid Security | Online |
| 13 | Further details can be seen from the "e"Procurement Portal https://tendersorissa.gov.in | |

Sd./- Superintending Engineer,
M.I.Division, Anandapur

OIPR-32108/11/0004/2425

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ODISHA**
**C-71, SECTOR-7, CDA, CUTTACK, ODISHA**
**O.A No. 15 of 2024**

**Bank of Maharashtra, Bhubaneswar Branch, N.B. Tower, Plot No.: 2260, Nayapalli, Bhubaneswar, Dist.: Khurda** ....Applicant
... Versus ...
**M/s. Blue Berry Hotel & Resorts and others** ...Defendants

To
1. **M/s. Blue Berry Hotel and Resorts, Prop.: Bimohan Parhi** of Plot No.: 42, Unit No.: IV, Madhusudan Nagar, Bhubaneswar, Dist.: Khurda-751002.
2. **Bimohan Parhi,** S/o.: Kishore Kant Parhi, Flat No.: C/22, Utkal Royal Residency, Goutam Nagar, Bhubaneswar, Dist.:Khurda-751001.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **OA No. 15/2024** in the Court of the Debts of Recovery Tribunal, Cuttack for recovery of **Rs.72,11,831/-** only together with current interest, costs and other reliefs. The above mentioned defendants is therefore, directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the publication or on **18/10/2024** at **10.30 A.M.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **14th day of August 2024.**

Sd/- (Nikhila Ranjan Pati)
REGISTRAR

# ରତ୍ନଭଣ୍ଡାରରୁ ପୁରୁଣା ସିନ୍ଦୁକ, ଆଲମିରା ସ୍ଥାନାନ୍ତର

## ବାହାର ରତ୍ନଭଣ୍ଡାର କବାଟ କଟାଗଲା

ପୁରୀ, ୨୩।୮ (ଅଜିତ୍ କୁମାର ମହାନ୍ତି)

ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ବା ଏସ୍‌ଓପି ଅନୁଯାୟୀ ଶୁକ୍ରବାର ଶ୍ରୀମନ୍ଦିର ବାହାର ଓ ଭିତର ରତ୍ନଭଣ୍ଡାରରେ ଥିବା ପୁରୁଣା ସିନ୍ଦୁକ ଓ ଆଲମିରାକୁ ସ୍ଥାନାନ୍ତର କରାଯାଇଛି। ପ୍ରାୟ ୩ ଘଣ୍ଟାରୁ ଅଧିକ ସମୟ ଧରି ଏହି ସ୍ଥାନାନ୍ତର ପ୍ରକ୍ରିୟା ଚାଲିଥିଲା। ବାହାର ରତ୍ନଭଣ୍ଡାରରୁ ୨ଟି ଆଲମିରା ଓ ଗୋଟିଏ ଲୁହା ସିନ୍ଦୁକ ଏବଂ ଭିତର ଭଣ୍ଡାରରୁ ୨ଟି କାଠ ଆଲମିରା ଓ ୩ଟି ଲୁହା ସିନ୍ଦୁକକୁ ନୀଳାଦ୍ରିବିହାର ମ୍ୟୁଜିୟମ୍ ନିକଟ ଅସ୍ଥାୟୀ ଭଣ୍ଡାରଘରକୁ ସ୍ଥାନାନ୍ତର କରାଯାଇଛି। ତେବେ ବାହାର ରତ୍ନଭଣ୍ଡାରରୁ ଲୁହା ସିନ୍ଦୁକ ନ ଆସିପାରିବାରୁ କାଠ କବାଟ କଟାଯାଇଛି। ଉଭୟ ଭଣ୍ଡାରର ସିନ୍ଦୁକ, ଆଲମିରାକୁ ଅଲଗା ଗୃହରେ ନମ୍ବରିଂ କରାଯାଇ ରଖାଯାଇଛି। ସ୍ଥାନାନ୍ତର ପ୍ରକ୍ରିୟା ସରିଥିବାବେଳେ ଖୁବ୍‌ଶୀଘ୍ର ଭିତର ରତ୍ନଭଣ୍ଡାରକୁ ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ଯାଞ୍ଚ କରାଯିବ ବୋଲି ସୂଚନା ମିଳିଛି। ସ୍ଥାନାନ୍ତର ପ୍ରକ୍ରିୟା ସମୟରେ ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ, ଅପରାହ୍ନ ୧ଟାରୁ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଥିଲା। ସ୍ଥାନାନ୍ତର କାର୍ଯ୍ୟ ସରିବା ପରେ ଅପରାହ୍ନ ୫ଟା ୩୦ରେ ପୁନର୍ବାର ଦର୍ଶନ ବ୍ୟବସ୍ଥା ସ୍ୱାଭାବିକ ହୋଇଥିଲା।

### ନୀଳାଦ୍ରିବିହାର ମ୍ୟୁଜିୟମ୍ ପାଖ ଅସ୍ଥାୟୀ ଭଣ୍ଡାର ଘରେ ରଖାଗଲା

ସୂଚନା ଅନୁଯାୟୀ, ଦୀର୍ଘବର୍ଷ ପରେ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ଅଧିକୃତ ଟିମ୍ ଗତ ଜୁଲାଇ ୧୪ରେ ଶ୍ରୀମନ୍ଦିରରେ ପ୍ରବେଶ କରି ବାହାର ରତ୍ନଭଣ୍ଡାର ଖୋଲି ଅଳଙ୍କାରଗୁଡ଼ିକୁ ସ୍ଥାନାନ୍ତର କରିଥିଲା। ପରେ ଜୁଲାଇ ୧୮ରେ ଉକ୍ତ ଟିମ୍ ଭିତର ରତ୍ନଭଣ୍ଡାରରୁ ଅଳଙ୍କାର ସ୍ଥାନାନ୍ତର କରିଥିଲା। ତେବେ ଉଭୟ ରତ୍ନଭଣ୍ଡାରରେ ପୁରୁଣା ଆଲମିରା ଓ ସିନ୍ଦୁକ ପଡ଼ିରହିଥିଲା। ଆଗକୁ ରତ୍ନଭଣ୍ଡାରର ସ୍କାନିଂ ଓ ମରାମତି କାର୍ଯ୍ୟକ୍ରମ ଥିବାରୁ ସରକାରଙ୍କ ପକ୍ଷରୁ ସିନ୍ଦୁକ ଓ ଆଲମିରା ସ୍ଥାନାନ୍ତର ନିମନ୍ତେ ଏସ୍‌ଓପି ଜାରି କରାଯାଇଥିଲା। ଏହି ଏସ୍‌ଓପି ମୁତାବକ ଶୁକ୍ରବାର ଅଧିକୃତ ଟିମ୍ ରତ୍ନଭଣ୍ଡାରକୁ ଯାଇ ସିନ୍ଦୁକ ଓ ଆଲମିରା ସ୍ଥାନାନ୍ତର କରିଛି। କୋଠ ସୁଆଁସିଆ ସେବକମାନେ କାନ୍ଧରେ ଐତିହ୍ୟ ସିନ୍ଦୁକ ଓ ଆଲମିରାଗୁଡ଼ିକୁ ବୋହି ନେଇ ପଶ୍ଚିମଦ୍ୱାର ନିକଟସ୍ଥ ନୀଳାଦ୍ରି ବିହାର ମ୍ୟୁଜିୟମ ପାଖ ଅସ୍ଥାୟୀ ଭଣ୍ଡାର ଘରେ ରଖିଥିଲେ। ମୋଟ ୪ଟି ଲୁହା ସିନ୍ଦୁକ ଓ ୪ଟି ଆଲମିରା ସ୍ଥାନାନ୍ତର କରାଯାଇଛି।

### ରତ୍ନଭଣ୍ଡାରରେ ଗୁପ୍ତ ସୁଡ଼ଙ୍ଗ କି ରାସ୍ତା ଦେଖିବାକୁ ମିଳିଲାନି: ଜଷ୍ଟିସ୍ ରଥ

କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ କହିଛନ୍ତି, ରତ୍ନଭଣ୍ଡାର ଖାଲି କରିବାର ଆବଶ୍ୟକତା ରହିଥିଲା। ଏବେ ମରାମତି ପାଇଁ ଏଏସ୍‌ଆଇକୁ ତୁରନ୍ତ ହସ୍ତାନ୍ତର କରାଯିବ। ରତ୍ନଭଣ୍ଡାରରେ ଗୁପ୍ତ ସୁଡ଼ଙ୍ଗ କି ରାସ୍ତା ଥିବା ସେ ଦେଖିନାହାନ୍ତି। ସାପ, ଝିଟିପିଟି କି ଅନ୍ୟ କିଛି ସରୀସୃପ ସେ ଦେଖିବାକୁ ପାଇନାହାନ୍ତି। ମହାପ୍ରଭୁଙ୍କ କାର୍ଯ୍ୟ ନିମନ୍ତେ ସମସ୍ତେ ପ୍ରାର୍ଥନା କରିବା ସହ ଦୀପ ବସାନ୍ତୁ ବୋଲି ରଥ କହିଛନ୍ତି।


ସ୍ଥାନାନ୍ତର କାର୍ଯ୍ୟ ପାଇଁ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିଥିବା କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ ଏବଂ ଅନ୍ୟ ସଦସ୍ୟମାନେ।


ଯାଞ୍ଚ ପାଇଁ ଆସୁଥିବା ଫୋରେନ୍‌ସିକ୍ ଟିମ୍।

ଅନ୍ୟପକ୍ଷରେ ଭିତର ରତ୍ନଭଣ୍ଡାରରେ ବ୍ୟାପକ ଫାଟ ରହିଥିବା ଓ ପଥରଖଣ୍ଡ ପଡ଼ିଥିବା କମିଟି ସଦସ୍ୟ ତଥା ଛତିଶାନିଯୋଗ ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର କହିଛନ୍ତି। ପୂର୍ବରୁ ନୀଳାଦ୍ରି ବିହାର ମ୍ୟୁଜିୟମରେ ଅନେକ ଐତିହ୍ୟ କୀର୍ତ୍ତିରାଜି ରହିଥିବାରୁ ଉକ୍ତ ସିନ୍ଦୁକ ଓ ଆଲମିରାକୁ ଭକ୍ତଙ୍କ ଦର୍ଶନ ପାଇଁ ଉନ୍ମୁକ୍ତ କରିବାକୁ ଶ୍ରୀମନ୍ଦିର ପ୍ରଶାସନକୁ ବରିଷ୍ଠ ଦଇତାପତି ସେବାୟତ ବିନାୟକ ଦାସ ମହାପାତ୍ର ଅନୁରୋଧ କରିଛନ୍ତି।

### ପ୍ରକ୍ରିୟା ସରିବା ପର୍ଯ୍ୟନ୍ତ ବନ୍ଦ ରହିଲା ସର୍ବସାଧାରଣ ଦର୍ଶନ

ସିନ୍ଦୁକ ଓ ଆଲମିରା ସ୍ଥାନାନ୍ତର ହେବା ପୂର୍ବରୁ ପ୍ରଥମେ ଓଡ୍ରାଫ ଟିମ୍, ମେଟାଲ ଡିଟେକ୍ଟର ମେସିନ୍ ଓ ଶେଷରେ ସ୍ନେକ୍ ହେଲପ୍ ଲାଇନ୍ ଟିମ୍ ଶ୍ରୀମନ୍ଦିର ଭିତରକୁ ଯାଇଥିଲେ। ସେହିପରି ପୂର୍ବ ନିଷ୍ପତ୍ତି ମୁତାବକ ଓ ଚୂଡ଼ାନ୍ତ ନୀତିନିର୍ଘଣ୍ଟ ଅନୁଯାୟୀ, ଗୁରୁବାର ରାତି ୨.୪୦ରୁ ଶ୍ରୀମନ୍ଦିର ସିଂହଦ୍ୱାର ଫିଟିଥିବାବେଳେ ଶୁକ୍ରବାର ଅପରାହ୍ନ ୧ଟାରୁ ସର୍ବସାଧାରଣ ଦର୍ଶନ ଉପରେ ରୋକ୍ ଲାଗିଥିଲା। କିନ୍ତୁ ମହାପ୍ରସାଦ କ୍ରୟ ଉପରେ କୌଣସି କଟକଣା ନ ଥିଲା। ଭକ୍ତମାନେ ସିଂହଦ୍ୱାର ବାଇଶିପାହାଚ ଓ ଡାହାଣପାର୍ଶ୍ୱସ୍ଥ ଆନନ୍ଦବଜାର ଗେଟ୍ ଦେଇ ମହାପ୍ରସାଦ ଆଣି ଉତ୍ତରଦ୍ୱାରରେ ପ୍ରସ୍ଥାନ କରିଥିଲେ। ଦକ୍ଷିଣ ଓ ପଶ୍ଚିମ ଦ୍ୱାର ବନ୍ଦ ରହିଥିଲା।

### ଖୁବ୍‌ଶୀଘ୍ର ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ଯାଞ୍ଚହେବ ଭିତର ରତ୍ନଭଣ୍ଡାର

ଶୃଙ୍ଖଳିତ ଭାବେ ସ୍ଥାନାନ୍ତର ପ୍ରକ୍ରିୟା ସରିଥିବାରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ମହାପ୍ରଭୁଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିବା ସହ ତଦାରଖ କମିଟିର ଅଧ୍ୟକ୍ଷଙ୍କ ସମେତ ସେବାୟତମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପାଢ଼ୀ କହିଛନ୍ତି, ପୂର୍ବରୁ ରତ୍ନଅଳଙ୍କାର ସ୍ଥାନାନ୍ତର ହୋଇଥିବାବେଳେ ଶୁକ୍ରବାର ଖାଲିପଡ଼ିଥିବା ପୁରୁଣା ସିନ୍ଦୁକ ଓ ଆଲମିରାକୁ ସ୍ଥାନାନ୍ତରିତ କରାଯାଇଛି। ଅପରାହ୍ନ ପ୍ରାୟ ୨ଟାରେ ପ୍ରାଧିକୃତ ୧୨ଜଣିଆ କମିଟି ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ପ୍ରଥମେ ବାହାର ରତ୍ନଭଣ୍ଡାରରେ ଥିବା ସିନ୍ଦୁକ ଓ ଆଲମିରା ସ୍ଥାନାନ୍ତର କରାଯାଇଥିଲା। ଏହି ସମୟରେ ଲୁହା ସିନ୍ଦୁକ ବାହାର କରିବାରେ ସମସ୍ୟା ଦେଖାଯାଇଥିଲା। ଫଳରେ ବାହାର ରତ୍ନଭଣ୍ଡାରର କାଠ କବାଟକୁ କଟାଯାଇ ସିନ୍ଦୁକ ବାହାରକୁ କଢ଼ାଯାଇଥିଲା। ପରେ ଅନ୍ୟ ସିନ୍ଦୁକ ଓ ଆଲମିରା ବାହାରକୁ ଅଣାଯାଇଥିଲା। ସମସ୍ତ ଘଟଣା ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଭିଡିଓଗ୍ରାଫି କରାଯାଇଛି। ଭିତର ରତ୍ନଭଣ୍ଡାରକୁ ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ଯାଞ୍ଚ କରିବା ପାଇଁ ଏଏସ୍‌ଆଇ ଡିଜିଙ୍କୁ ଚିଠି ଲେଖାଯିବ। ଏଏସ୍‌ଆଇ ପକ୍ଷରୁ ଲେଜର ସ୍କାନିଂ ଏବଂ ଅନୁଧ୍ୟାନ ପରେ ମରାମତି କାର୍ଯ୍ୟ ହେବ। ଏହାପରେ ଅଳଙ୍କାରଗୁଡ଼ିକୁ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯାଇ ଗଣତିମଣତି କରାଯିବ। ସାମଗ୍ରୀ ସ୍ଥାନାନ୍ତର ପରେ ଭିତର ରତ୍ନଭଣ୍ଡାରରେ ଚାବି ଦିଆଯାଇ ସିଲ୍ କରାଯାଇଛି। ଚାବି ଜିଲା ଟ୍ରେଜେରିରେ ରହିବ। ସେହିପରି ବାହାର ରତ୍ନଭଣ୍ଡାରର ୩ଟି ଚାବି ଅଛି। ଗୋଟିଏ ଚାବି ଭଣ୍ଡାର ମେକାପଙ୍କ ପାଖରେ, ଆଉ ଗୋଟିଏ ଗଜପତି ମହାରାଜ ଏବଂ ତୃତୀୟଟି ଶ୍ରୀମନ୍ଦିର ପ୍ରଶାସନ ନିକଟରେ ରଖାଯାଇଛି। ଏପରିକି ଭଣ୍ଡାର ଘରୁ ଯେଉଁ ଧୂଳି ବାଲି ବାହାରିଛି ତାକୁ ମଧ୍ୟ ସୁରକ୍ଷିତ ଭାବେ ରଖାଯାଇଛି। ସେହିପରି ଆଲମିରା ଓ ସିନ୍ଦୁକଗୁଡ଼ିକରେ ତାଲା ପକାଯାଇଛି। ଆଗାମୀ ଦିନରେ କମିଟି ବସି ନିଷ୍ପତ୍ତି ନେବା ସହ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରାଯିବ।

## ହରିହର ହତ୍ୟାକାଣ୍ଡ: ଫେରାର ୪ ଅଭିଯୁକ୍ତ ଗିରଫ

ପୁରୀ, ୨୩।୮ (ଅଜିତ୍ କୁମାର ମହାନ୍ତି)

ଟାଉନ ଥାନା ଅନ୍ତର୍ଗତ ରାଧାଗୋବିନ୍ଦ ଲେନ୍‌ଠାରେ ହରିହର ସାହୁଙ୍କୁ ହତ୍ୟା କରିବା ଘଟଣାରେ ଫେରାର ଥିବା ୪ ଅଭିଯୁକ୍ତଙ୍କୁ ଶୁକ୍ରବାର ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୂର୍ଯ୍ୟକାନ୍ତ ସେନାପତି, ରାହୁଲ ଦାଶ, ସୂର୍ଯ୍ୟ କାଣ୍ଡି ଏବଂ ଚିନ୍ମୟ କୁମାର ଦାସ। ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଗତ ୧୯ ତାରିଖ ସନ୍ଧ୍ୟାରେ ହରିହରଙ୍କୁ ଗୋଡ଼ାଇ ଗୋଡ଼ାଇ ହତ୍ୟା କରାଯାଇଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ. ୩୦୫/୨୪) ରୁଜୁ କରି ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ବାପ, ପୁଅଙ୍କ ସମେତ ୭ଜଣ ନାବାଳକଙ୍କୁ ଧରିଥିଲା।

## ଆଜି ମହାପ୍ରଭୁଙ୍କ ରାହୁରେଖା ନୀତି: ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ, ୨୩।୮ (ଅଜିତ୍ କୁମାର ମହାନ୍ତି)

ରେଖା ପଞ୍ଚମୀ ତିଥି ଅବସରରେ ଶୁକ୍ରବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ରାହୁରେଖା ଲାଗି ନୀତି ସମ୍ପନ୍ନ ହେବ। ଶ୍ରୀବିଗ୍ରହ ଶ୍ରୀମୁଖ ସରସ ଓ ସୁନ୍ଦର ଦେଖାଯିବା ପାଇଁ ସୁନା ଲାଗିଥିବା ପଟିରେ ପ୍ରସ୍ତୁତ ଏହି ରାହୁରେଖାକୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଲାଗି କରାଯିବ। ଏହା ଏକ ଗୁପ୍ତ ନୀତି। ତେଣୁ ଏହି ଗୁପ୍ତନୀତି ନିମନ୍ତେ ଅପରାହ୍ନ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ସ୍ନାନପୂର୍ଣ୍ଣିମାରେ ୧୦୮ ଗରା ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହେବା ପରେ ଅଣସର ପିଣ୍ଡିରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖରୁ ରାହୁରେଖାକୁ କାଢ଼ି ଦିଆଯାଇଥିଲା। ତେବେ ପୁନର୍ବାର ରେଖା ପଞ୍ଚମୀ ଅବସରରେ ଦେଉଳକରଣ, ତଢଉ କରଣ, ଭଣ୍ଡାର ମେକାପଙ୍କ ଉପସ୍ଥିତିରେ ଭଣ୍ଡାରଘରୁ ରାହୁରେଖାକୁ କଢାଯିବ। ପ୍ରଥମ ଭୋଗମଣ୍ଡ ସରିବା ପରେ ପୁଷ୍ପାଳକ ସେବାୟତ ଖୋବାକଣ୍ଠି, ମଇଲମ କରିବା ସହ ମହାଜନ ସେବାୟତ ମାନେ ଭୂଦେବୀ ଏବଂ ଶ୍ରୀଦେବୀଙ୍କୁ ଖଟଶେଜ ଘରେ ବିରାଜମାନ କରାଇବେ। ପତିମହାପାତ୍ର ସେବାୟତ ଏହି ରାହୁରେଖାକୁ ସଂସ୍କାର କରିସାରିବା ପରେ ୪ ବାଡ଼ଗ୍ରାହୀ ଦଇତାପତି ସେବାୟତମାନେ ଓଷୁଅ ଏବଂ କନା ଦ୍ୱାରା ଚତୁର୍ଦ୍ଧାମୂର୍ତ୍ତିଙ୍କ ଶ୍ରୀମୁଖରେ ରାହୁରେଖାକୁ ଲାଗି କରାଇବେ।

## ଚଳିତ ବର୍ଷରୁ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳନ ହେବ


ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହ ଅଧିକାରୀମାନେ।

ଭୁବନେଶ୍ୱର, ୨୩।୮ (ବନ୍ଦନା ସେଠୀ)

ଚଳିତ ବର୍ଷଠାରୁ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯିବ। ଏ ନେଇ ଶୁକ୍ରବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିଧାନସଭାସ୍ଥିତ ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆସନ୍ତା ୩୧ ତାରିଖରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପରିପ୍ରେକ୍ଷୀରେ ପ୍ରଥମଥର ପାଇଁ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ଆୟୋଜନ କରିବା ନିମନ୍ତେ ବିଧିବଦ୍ଧ ପ୍ରସ୍ତୁତିର ଶୁଭାରମ୍ଭ ହୋଇଛି। ବୈଠକରେ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ସ୍ଥିର କରାଯାଇଛି। ବିକଶିତ ଓଡିଶା ଗଠନ କ୍ଷେତ୍ରରେ ବିକଶିତ ସହରାଞ୍ଚଳ ଉପରେ ଗୁରୁତ୍ୱ ଦେଇ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସହରାଞ୍ଚଳବାସୀଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବ। ତେବେ ଏହି ଦିନଟିକୁ ଚିରାଚରିତ ଢଙ୍ଗରେ ପାଳନ ନ କରି ଭିନ୍ନ ଭାବେ ପାଳନ କରାଯିବାକୁ ମନ୍ତ୍ରୀ ଡା. ମହାପାତ୍ର ପରାମର୍ଶ ଦେଇଛନ୍ତି।

ଉକ୍ତଦିନ ରାଜ୍ୟର ସମସ୍ତ ୧୧୫ ପୌରାଞ୍ଚଳରେ ଏକ ସାଙ୍ଗରେ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ, ପ୍ରତିଯୋଗିତା ଆୟୋଜନ ପୂର୍ବକ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ। ଏଥିସହ ସଭା ସମିତି ଆୟୋଜନ କରାଯାଇ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯିବ। ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢୀ, ସ୍ୱତନ୍ତ୍ର ଶାସନ ସଚିବ ଦେବାଶିଷ ସିଂହ ଓ ଅତିରିକ୍ତ ଶାସନ ସଚିବ ରବୀନ୍ଦ୍ର କୁମାର ସାହୁ, ବିଏମ୍‌ସି ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁଙ୍କ ସମେତ ବିଭାଗୀୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପରେ ପ୍ରମୁଖ ଶାସନ ସଚିବ ଆଭାସି ମାଧ୍ୟମରେ ୫ଟି ମହାନଗର ନିଗମ କମିଶନର, ସମସ୍ତ ପୌରସଂସ୍ଥାର ନିର୍ବାହୀ ଅଧିକାରୀଙ୍କ ସହ ସ୍ୱାୟତ୍ତ ଶାସନ ଦିବସ ପାଳନ ସଂକ୍ରାନ୍ତରେ ଆଲୋଚନା କରି ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଯୁକ୍ତ୩ ନାମଲେଖା: ବଦଳିଲା ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ନିୟମ

ଭୁବନେଶ୍ୱର, ୨୩।୮ (ଅସମାପିକା ସାହୁ)

୨୦୨୪-୨୫ ଶିକ୍ଷାବର୍ଷରେ ଯୁକ୍ତ୩ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ପ୍ରକ୍ରିୟା ଗତ ୧୨ ତାରିଖରୁ ଆରମ୍ଭ ହୋଇଛି। ଏହି ଆବେଦନ ପ୍ରକ୍ରିୟା ୨୬ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଚାଲିବ। ତେବେ ଏହି ଆବେଦନ ନିୟମରେ ଉଚ୍ଚ ଶିକ୍ଷା ବିଭାଗ କେତେକ ପରିବର୍ତ୍ତନ ଆଣିଛନ୍ତି। ଏନେଇ ପୂର୍ବରୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଗାଇଡ୍‌ଲାଇନ ଜାରି ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଯେଉଁମାନେ ନାମଲେଖାଇ ସାରିଛନ୍ତି, ସେମାନେ ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ ନାହିଁ ବୋଲି ସେଥିରେ ଉଲ୍ଲେଖ ରହିଥିଲା। ତେବେ ବିଭାଗ ପକ୍ଷରୁ ଏଥିରେ ପରିବର୍ତ୍ତନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଯେଉଁ ଛାତ୍ରଛାତ୍ରୀ ପ୍ରଥମ ପର୍ଯ୍ୟାୟରେ ନାମଲେଖାଇ ସାରିଛନ୍ତି, ସେମାନେ ବି ଦ୍ୱିତୀୟ ପର୍ଯ୍ୟାୟରେ ଅଂଶଗ୍ରହଣ କରିପାରିବେ ବୋଲି ଶୁକ୍ରବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ 'ଏକ୍ସ' ଜରିଆରେ ସୂଚନା ଦିଆଯାଇଛି। ରାଜ୍ୟର ୧,୦୫୬ଟି ଡିଗ୍ରୀ କଲେଜରେ ଯୁକ୍ତ୩ ନାମଲେଖା ପାଇଁ ମୋଟ ୨,୭୪,୧୫୧ଟି ସିଟ୍ ରହିଛି। ପ୍ରଥମ ପର୍ଯ୍ୟାୟ ନାମ ଲେଖା ପରେ ୯୬,୪୭୮ଟି ସିଟ୍ ଖାଲି ପଡ଼ିଛି। ସେପ୍ଟେମ୍ବର ୨ରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରଛାତ୍ରୀ ୩ତାରିଖ ସକାଳ ୧୦ଟାରୁ ୬ତାରିଖ ଅପରାହ୍ନ ୫ଟା ଭିତରେ ନାମଲେଖାଇବେ।

## ୯୦୮ ବର୍ଷ ପୁରୁଣା ଅଭିଲେଖଯୁକ୍ତ ପଥର ଖମ୍ବ ଆବିଷ୍କାର

ଭୁବନେଶ୍ୱର, ୨୩।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଆନ୍ଧ୍ରପ୍ରଦେଶର ଭିଜିୟାନଗରମ୍ ଜିଲା ଜାମି ଗ୍ରାମର ତ୍ରିପୁର୍ନଟକ ସ୍ୱାମୀ ଶିବ ମନ୍ଦିରରୁ ୯୦୮ ବର୍ଷ ପୁରୁଣା ଏକ ଅଭିଲେଖଯୁକ୍ତ ପଥର ଖମ୍ବ ମିଳିଛି। ଆନ୍ଧ୍ରପ୍ରଦେଶରେ କଳିଙ୍ଗ କୀର୍ତ୍ତିରାଜିର ସର୍ବେକ୍ଷଣ ପ୍ରକଳ୍ପ ପାଇଁ ଇନ୍‌ଟାକ୍‌ର ଓଡ଼ିଶା ଟିମ୍ ଯାଇଛନ୍ତି। ପ୍ରକଳ୍ପର ସଂଯୋଜକ ଦୀପକ କୁମାର ନାୟକ ଏହି ଲେଖାଥିବା ଖମ୍ବର ଫଟୋ ଓ ସୂଚନାକୁ ଶିଳାଲେଖର ନିର୍ଦ୍ଦେଶକ କେ.ମୁନିରାଥନ୍ ରେଡ୍ଡୀ, ମହୀସୁର ଏଏସ୍‌ଆଇର ମୁନିରଥନମ୍‌ଙ୍କୁ ପଠାଇଛନ୍ତି। ଦୀପକଙ୍କ ସହିତ ବିଷ୍ଣୁମୋହନ ଅଧିକାରୀ ଓ ବିକ୍ରମ କୁମାର ନାୟର ଏହି କୀର୍ତ୍ତିରାଜି ସର୍ବେକ୍ଷଣ କାମରେ ନିୟୋଜିତ ଅଛନ୍ତି। ଦୀପକଙ୍କ କହିବା ଅନୁସାରେ, ଏହି ଖମ୍ବରେ ତେଲୁଗୁ ଓ ସଂସ୍କୃତ ଭାଷାର ବ୍ୟବହାର କରାଯାଇଛି। ଏହା ନଷ୍ଟ ହୋଇଯିବା ସହ ଏଥିରେ ଥିବା ଲେଖା ଦର୍ଶାଉଛି ଯେ, ରାଜା ଅନନ୍ତବର୍ମାଦେବ ତାଙ୍କ ୪୦ତମ ଶାସନ ବର୍ଷରେ ଈଶ୍ୱରଙ୍କ ନିକଟରେ ନିରନ୍ତର ପ୍ରଦୀପ ପ୍ରଜ୍ୱଳନ ପାଇଁ ବ୍ରାହ୍ମଣ ଜନଶର୍ମାଙ୍କ ପୁତ୍ରଙ୍କୁ ଏହି ଭୂମି ଉପହାରରେ ଦେଇଥିଲେ। ଏହି ଜମିର ରକ୍ଷଣାବେକ୍ଷଣ ଦାୟିତ୍ୱ ଉକ୍ତ ଗ୍ରାମର ମହାଜନଙ୍କ ଉପରେ ନ୍ୟସ୍ତ ଥିବା ନେଇ ଏଥିରେ ଲେଖାଯାଇଛି। ଏହି ଶିଳାଲେଖ ୧୦୭୭ରୁ ୧୧୫୦ ଖ୍ରୀଷ୍ଟାବ୍ଦରେ କଳିଙ୍ଗର ଶାସନ କରୁଥିବା ମହାନ ପୂର୍ବାଞ୍ଚଳ ଗଙ୍ଗ ରାଜା ଅନନ୍ତବର୍ମନ ଚୋଡଗଙ୍ଗ ଦେବଙ୍କ ସମୟର ବୋଲି ବିଷ୍ଣୁମୋହନ ଅଧିକାରୀ କହିଛନ୍ତି।



ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସନ୍ଧ୍ୟାରାଣୀ


@ ବିବୁନା


@ ନରେଶ


@ ସମୀର


@ ଉମର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୪ ଦିନ ପରେ ଆଖିବୁଜିଲେ ବ୍ୟବସାୟୀ

### ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ ଘଟଣା

ନିଶ୍ଚିନ୍ତକୋଇଲି, ୨୩।୮ (ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ ଗୋପପୁର ଗ୍ରାମର ଜଣେ ଯୁବ ବ୍ୟବସାୟୀଙ୍କ ଦେହରେ ମଙ୍ଗଳବାର ରାତିରେ ପେଟ୍ରୋଲ ଢାଳି ନିଆଁ ଲଗାଇ ପୋଡ଼ିଦେବାକୁ ଉଦ୍ୟମ କରାଯାଇଥିଲା। ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବଡ଼କ୍ଷୀର ପଞ୍ଚାୟତ ଗୋପପୁର ଗ୍ରାମର ଆତ୍ମାରାମ ସାହୁ (୪୩)। ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ଗୋପପୁର ଗ୍ରାମର ଅନାଦି ଚରଣ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

ମିଳିଥିବା ସୂଚନା ଅନୁଯାୟୀ, ଆତ୍ମାରାମ ନିଶ୍ଚିନ୍ତକୋଇଲି ବଜାରରେ କଂସାବାସନ, ସ୍ୱର୍ଣ୍ଣ ଅଳଙ୍କାର ଓ ଜମି କ୍ରୟ ବିକ୍ରୟ କରି ନିଜ ପରିବାର ପ୍ରତିପୋଷଣ କରନ୍ତି। ମଙ୍ଗଳବାର ରାତିରେ ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟ ପରେ ନିଜର ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରି ଆତ୍ମାରାମ ଘରକୁ ଯାଉଥିଲେ। ଏହି ସମୟରେ ନିଶ୍ଚିନ୍ତକୋଇଲି ବଜାରରେ ଜଣେ ଯୁବକଙ୍କ ସହ ତାଙ୍କର କୌଣସି ଘଟଣାକୁ ନେଇ ବଚସା ହୋଇଥିଲା। ଏହାପରେ ଆତ୍ମାରାମ ତାଙ୍କର ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ସ୍ଥାନୀୟ ଗୋପପୁର ଭଗବତୀ ଛକ ନିକଟରେ କେତେଜଣ ଦୁର୍ବୃତ୍ତ ଆତ୍ମାରାମଙ୍କୁ ମାଡ଼ମାରି ତାଙ୍କ ପକେଟରେ ଥିବା ଟଙ୍କା, ସୁନାଚେନ ଓ ସୁନାମୁଦି ଆଦି ଛଡ଼ାଇନେବା ସହ ତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଆତ୍ମାରାମଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏହାପରେ ପରିବାର ଲୋକେ ପହଞ୍ଚି ଆତ୍ମାରାମଙ୍କୁ ନେଇ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ନିଆଁରେ ତାଙ୍କ ଦେହର ୫୦ ଭାଗରୁ ଊର୍ଦ୍ଧ୍ୱ ପୋଡ଼ିଯାଇଛି। ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏ ସମ୍ପର୍କରେ ତାଙ୍କ ବଡ଼ଭାଇ ଅନିରୁଦ୍ଧ ସାହୁ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନାରେ ମାମଲା (ନଂ. ୧୯୬/୨୪ )ରୁଜୁ ହୋଇଛି।


ଆତ୍ମାରାମ ସାହୁ

# ବିନା କାଉନସିଲ୍ ନିଷ୍ପତ୍ତିରେ ଭାଙ୍ଗିଦେଲେ

**ଖୋର୍ଦ୍ଧା,୨୩ା୮(ପ୍ରଭାତ ପାଣିଗ୍ରାହୀ)**

### ପୌର ପ୍ରଶାସନ କୋଠା ଭାଙ୍ଗିବା ଘଟଣା
- ୨୦୦୮ରୁ ନିର୍ମାଣ ହୋଇଥିବା ନୂତନ କୋଠା ଅବ୍ୟବହୃତ
- ବିଦ୍ୟାଳୟ କୋଠାରେ ଚାଲିଛି ୩ ଦୋକାନ ଘର

ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରେ ବରୁଣେଇ ସଙ୍ଗୀତ ବିଦ୍ୟାଳୟ ଅଧୀନରେ ୨୮ବର୍ଷ ଧରି ଅକ୍ତିଆରରେ ରହିଥିବା ସଂସ୍କୃତ ଟୋଲର କୋଠାକୁ ପୌର ପ୍ରଶାସନ ପକ୍ଷରୁ ଗୁରୁବାର ଡୋଜର ମାଧ୍ୟମରେ ଭାଙ୍ଗିଦିଆଯାଇଛି। ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ବିନା କାଉନସିଲ୍ ଅନୁମୋଦନରେ କିପରି ଏହି କୋଠାକୁ ମାଟିରେ ମିଶାଇ ଦିଆଗଲା ବୋଲି ସ୍ଥାନୀୟ କାଉନସିଲର ତଥା ପୌର ଉପାଧ୍ୟକ୍ଷ ସୌମ୍ୟରଞ୍ଜନ ମହାନ୍ତି ପ୍ରଶ୍ନ ଉଠାଇଛନ୍ତି। ସେହିପରି ଏହି କୋଠା ଭାଙ୍ଗିବା ପୂର୍ବରୁ କୌଣସି ଆଗୁଆ ସୂଚନା ଦିଆଯାଇନଥିବା ପ୍ରଧାନଶିକ୍ଷକ ବ୍ରଜନାଥ ରଥ ଗଣମାଧ୍ୟମକୁ ଜଣାଇଛନ୍ତି। ରାତିରେ ଜଣାଇଲେ, ସକାଳେ ଆସବାବପତ୍ର ଓ ଅନ୍ୟାନ୍ୟ କାଗଜପତ୍ର ବାହାର କରିବା ପରେ ଭାଙ୍ଗିଦେଲେ। ପୌର ପ୍ରଶାସନ ମନମୁଖି କାର୍ଯ୍ୟକୁ ନେଇ କଳା ପ୍ରେମୀ ଏବଂ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପୌର ପ୍ରଶାସନ ଚେତା ପଶିଛି। ଏହି ଘଟଣାକୁ ଚାପି ଦେବାକୁ ଉଦ୍ୟମ ଚାଲିଥିବା ଜଣାପଡିଛି।

ପ୍ରକାଶ ଯେ, ପୂର୍ବରୁ ଖୋର୍ଦ୍ଧା-ନୟାଗଡ଼ ରୋଡରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଧୀନରେ ସଂସ୍କୃତ ଟୋଲ ଚାଲିଥିଲା। କୌଣସି କାରଣରୁ ଏହା ବନ୍ଦ ହୋଇଗଲା। ୧୯୯୦ ମସିହାରେ ପୌର ପରିଷଦ ପକ୍ଷରୁ ନେହେରୁ ଯୋଜନାରେ ସଂସ୍କୃତ ଟୋଲର ଏକ କୋଠା ନିର୍ମାଣ କରାଯାଇଥିଲା। ଏହି ସମୟରେ ଜିଲାରେ କଳାର ବିକାଶ ପାଇଁ ଗଢ଼ିଉଠିଥିଲା ବରୁଣେଇ ସଙ୍ଗୀତ ବିଦ୍ୟାଳୟ। ଏହା ପ୍ରଥମେ ମହିଳା ମହାବିଦ୍ୟାଳୟ ପରେ କର୍ମଜୀବୀ ମହିଳା ନିବାସରେ ଚାଲିଥିଲା। ୧୯୯୬ ମସିହାରେ ଏହି ବିଦ୍ୟାଳୟ ଖୋର୍ଦ୍ଧା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନକୁ ଆସିଥିଲା। ତତ୍କାଳୀନ ଉପଜିଲାପାଳ ବିଜୟ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଏହି ବିଦ୍ୟାଳୟ ସମ୍ପୂର୍ଣ୍ଣ ଭାବେ ଏନ୍‌ଏସିର ପ୍ରଶାସକ ଓ ଅଧ୍ୟକ୍ଷଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇ ସଂସ୍କୃତ ଟୋଲ ପରିସରକୁ ଆସିଥିଲା। ଟୋଲର ଉକ୍ତ କୋଠା ସମେତ ପୁରୁଣା କୋଠରିରେ ବିଦ୍ୟାଳୟ ଚାଲିଥିଲା। ୧୯୯୯ ମହାବାତ୍ୟା ପରେ ବିଦ୍ୟାଳୟ ପରିସର ଜରାଜୀର୍ଣ୍ଣ ଅବସ୍ଥା ତଥା ମୁକୁଳା ପରିବେଶରେ ବିଦ୍ୟାଳୟ ଚାଲିଥିବା ବେଳେ ୨୦୦୮ରେ ପ୍ରାକ୍ଟିସିଙ୍ଗ ସ୍କୁଲକୁ ଲାଗି ଏକ କୋଠା ନିର୍ମାଣ କରାଯାଇଥିଲା। ଅଦ୍ୟାବଧି ଏହି କୋଠା ବିଦ୍ୟାଳୟ ଉଦ୍‌ଘାଟନ ହୋଇ ନ ଥିବା ବେଳେ ଦୁଇ ବର୍ଷ ପୂର୍ବେ ଜିଲା ପ୍ରଶାସନ ସହଯୋଗରେ ବିଧାୟକଙ୍କ ପାଣ୍ଠିରେ ଏହାର ଉପର ମହଲା ନିର୍ମାଣ ଚାଲିଛି। ତେବେ ଏହା କେଉଁ ଯୋଜନାରେ ଅର୍ଥ ମଞ୍ଜୁର କରାଯାଇଛି, କିଏ ଏହି କୋଠା ନିର୍ମାଣ କରୁଛି, ତାହାର ଖବର ପୌର ପ୍ରଶାସନ କିମ୍ବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ନାହିଁ। ଏହି କୋଠା ନୟାଗଡ଼ ରୋଡ ରାସ୍ତା ପଟ ମୁହଁ କରି ୩ଟି ଦୋକାନ ଘର ମଧ୍ୟ ଚାଲିଛି। ତେବେ ଏହି ଦୋକାନ ଘର କାହା ଅକ୍ତିଆରରେ ରହିଛି ତାହା ରହସ୍ୟ ଘେରରେ ରହିଛି।

### ଏମାନେ ଯାହା କୁହନ୍ତି...

" ସଂସ୍କୃତ ଟୋଲର ପୁରୁଣା କୋଠାକୁ ମାଟିରେ ମିଶାଇ ଦେବା ନିନ୍ଦନୀୟ ଘଟଣା। ଏହି ଜମି ସଂସ୍କୃତ ଟୋଲ ନାଁରେ ରହିଥିବା ବେଳେ ଏଠାରେ ନିର୍ମାଣ ହୋଇଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ମଧ ବେଆଇନ। ଶିକ୍ଷାର ମନ୍ଦିରରେ ଡୋଜର ଚଳାଇବା ସଂସ୍କୃତି ପ୍ରତି କୁଠାରାଘାତ କରାଯାଇଛି।

**- ଶିଶିର ପରିଡ଼ା, ବରିଷ୍ଠ ଆଇନଜୀବୀ**

" ଖୋର୍ଦ୍ଧାର ଅନେକ ସରକାରୀ ଜମି ଜବରଦଖଲରେ ରହିଥିବା ବେଳେ ପ୍ରଶାସନ ତାହାକୁ ମୁକ୍ତ କରିପାରୁନାହିଁ। କଳାକୁ ନେଇ ଗଢ଼ିଉଠିଥିବା ବିଦ୍ୟାଳୟକୁ ମାଟିରେ ମିଶାଇଦେବା ଏକପ୍ରକାର ଷଡ଼ଯନ୍ତ୍ର।

**- ପ୍ଲାବନ ପଟ୍ଟନାୟକ, କଂଗ୍ରେସ ନେତା**

" ଜିଲାର ଏକମାତ୍ର ବିଦ୍ୟାଳୟରେ ବିଭିନ୍ନ ବିଷୟରେ ପିଲାମାନେ କଳା ଶିକ୍ଷାଲାଭ କରୁଛନ୍ତି। ଏହି ବିଦ୍ୟାଳୟର ନିଜସ୍ୱ କୋଠା ନିର୍ମାଣ ପାଇଁ ଗୁରୁତ୍ୱ ଦେବା ପରିବର୍ତ୍ତେ ପୌର ପ୍ରଶାସନ ପୁରୁଣା କୋଠାକୁ ଭାଙ୍ଗିଦେବା ନିନ୍ଦନୀୟ ଘଟଣା। ପିଲାମାନେ କେଉଁଠି ପାଠ ପଢ଼ିବେ, ତାହା ପ୍ରଶାସନ ସୁନିଶ୍ଚିତ କରୁ।

**- ରଣଜିତ ମହାପାତ୍ର, ଖୋର୍ଦ୍ଧା ଜନଜାଗରଣ ମଞ୍ଚ ଆବାହକ**

" ଜିଲାର ଏକମାତ୍ର କଳା ଅନୁଷ୍ଠାନ ଭାବେ ଓଡ଼ିଶୀ କଣ୍ଠ ସଙ୍ଗୀତ, ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ହିନ୍ଦୁସ୍ଥାନୀ ବେହେଲା, ବଂଶୀ, ତବଲା ବିଭାଗରେ ଜିଲାର ବିଭିନ୍ନ ଅଞ୍ଚଳର ଛାତ୍ରୀଛାତ୍ର ଅଧ୍ୟୟନ କରିଛନ୍ତି। ଅଦ୍ୟାବଧି ୧୫ହଜାର ଛାତ୍ରୀଛାତ୍ର ପାସ କରିଛନ୍ତି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଏହି ବିଦ୍ୟାଳୟ ଅନୁମୋଦନ ଲାଭ କରିଛି। ଏହି ବିଦ୍ୟାଳୟ ନିଜସ୍ୱ ଜମି ନିମନ୍ତେ ସ୍କୁଲ କର୍ତ୍ତୃପକ୍ଷ ପୌର ପ୍ରଶାସନ ଏବଂ ତହସିଲଦାରଙ୍କ ନିକଟରେ ବାରମ୍ବାର ଆବେଦନ ସତ୍ତ୍ୱେ ଗୁରୁତ୍ୱ ଦିଆଯାଇନାହିଁ।

**- ବ୍ରଜନାଥ ରଥ, ପ୍ରଧାନ ଶିକ୍ଷକ**

# ୨୭ରୁ ନର୍ସିଂ କର୍ମଚାରୀଙ୍କ ସିରିଞ୍ଜ ଛାଡ଼ ଆନ୍ଦୋଳନ



**ଭୁବନେଶ୍ୱର,୨୩ା୮(ଅନୁରାଧା ମହାରଣା)**

ଓଡ଼ିଶା ନର୍ସ କର୍ମଚାରୀ ସଂଘ ପକ୍ଷରୁ ୧୦ ଦଫା ଦାବି ନେଇ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୨୭ ତାରିଖ ମଧ୍ୟରେ ଦାବି ପୂରଣ ନ ହେଲେ ହସ୍ପିଟାଲରେ ତାଲା ବନ୍ଦ କରି ସିରିଞ୍ଜ ଛାଡ଼ ଆନ୍ଦୋଳନକୁ ଓହ୍ଲାଇବେ ନର୍ସ କର୍ମଚାରୀ। ୨୦୧୩ ନଭେମ୍ବର ୧୨ ପୂର୍ବରୁ ନିଯୁକ୍ତି ପାଇଥିବା ନର୍ସ ଅଫିସରଙ୍କର ୬ବର୍ଷ ଚୁକ୍ତିଭିତ୍ତିକ ଅବଧିକୁ ମୂଳ ଚାକିରିରେ ମିଶାଇ ପଦୋନ୍ନତି ଏବଂ ସମସ୍ତ ଆର୍ଥିକ ସୁବିଧା ଯୋଗାଇ ଦେବାକୁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି। ଏହାସହ ଯୋଗ୍ୟ ନର୍ସ ଅଫିସରଙ୍କୁ ବରିଷ୍ଠତା ଭିତ୍ତିରେ ସିନିୟର ନର୍ସ ଅଫିସର ପଦବୀରେ ତୁରନ୍ତ ପଦୋନ୍ନତି, ସହକାରୀ ନର୍ସିଂ ଅଧୀକ୍ଷକ ପଦବୀକୁ ପଦୋନ୍ନତି ପାଇଁ ସ୍ୱୀକୃତ ଅବଧିକୁ କମ୍ କରି ୧୬ ବର୍ଷରୁ ଅଧିକ ସମୟ ଧରି ସେବା ଯୋଗାଇ ଆସୁଥିବା ବରିଷ୍ଠ ନର୍ସ ଅଫିସରଙ୍କର ଏକ ସମୟରେ ୨ଟି ପଦୋନ୍ନତି କରିବାକୁ ଦାବି କରାଯାଇଛି।

# କୌଶଳ ଦେଖାଇଲେ ଅଗ୍ନିଶମ କର୍ମଚାରୀ



**ବେଗୁନିଆ,୨୩ା୮(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ସ୍ଥିତ ରଘୁନାଥ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅଗ୍ନିଶମ କାର୍ଯ୍ୟାଳୟ ପକ୍ଷରୁ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଅଗ୍ନିଶମ କାର୍ଯ୍ୟାଳୟ ଅଧିକାରୀ ତପନ କୁମାର ମହାନ୍ତିଙ୍କ ନେତୃତ୍ୱରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ବନ୍ୟା, ବାତ୍ୟା ଓ ନିଆଁ ଲାଗିଯିବା ସମୟରେ କିଭଳି ଧନଜୀବନ ରକ୍ଷା କରାଯାଇ ପାରିବ ଅଗ୍ନିଶମ କର୍ମଚାରୀମାନେ ସେ ସଂକ୍ରାନ୍ତରେ ସଚେତନ କରିଥିଲେ। ଗ୍ୟାସ ଟାଙ୍କିରେ ନିଆଁ ଲାଗିବା, ବନ୍ୟା ଓ ବାତ୍ୟା ସମୟରେ କିଭଳି ଧନ ଜୀବନ ରକ୍ଷା କରିବା, ବିଦ୍ୟୁତ୍ ଶର୍ଟ ସର୍କିଟ ହେଉ କିମ୍ବା କୌଣସି ଅଘଟଣ ଯୋଗୁ ଘରେ ନିଆଁ ଲାଗିଥିବା ବେଳେ କେଉଁ ପଦକ୍ଷେପ ନିଆଯିବ ଏହା ଉପରେ କୌଶଳ ପ୍ରଦର୍ଶନ କରି ଦେଖାଇଥିଲେ।

# ଦୁର୍ଘଟଣା: ଓଭରବ୍ରିଜ୍‌ରୁ ଖସି ମା'ମୃତ, ପୁଅ ଗୁରୁତର

**ଟାଙ୍ଗୀ,୨୩ା୮(ରଘୁନାଥ ସାହୁ):** ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅନ୍ତର୍ଗତ ଶନି ମନ୍ଦିର ନିକଟ ଓଭରବ୍ରିଜରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଓଭରବ୍ରିଜ୍‌ରୁ ତଳକୁ ଖସିପଡ଼ିବାରୁ ମା'ଙ୍କର ମୃତ୍ୟୁ ଘଟିଥିବା ବେଳେ ବାଇକ ଚାଳକ ପୁଅ ଗୁରୁତର ଆହତ ହୋଇଛି। ମୃତା ହେଲେ ମଳିପଡ଼ା ଗ୍ରାମର ମମତା ବଡଜେନା(୪୦)। ତାଙ୍କ ପୁଅ ଶୁଭମ୍‌ଙ୍କୁ ଗୁରୁତର ଅବସ୍ଥାରେ ଚାନ୍ଦପୁରର ଏକ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଏକ ଶୁଦ୍ଧିକ୍ରିୟାରେ ଯୋଗଦେବା ପାଇଁ ମମତା ଏବଂ ତାଙ୍କ ପୁଅ ଶୁଭମ୍ ବାଇକ୍‌ରେ ନାଚୁଣୀ ଅଭିମୁଖେ ଯାଉଥିଲେ। ଚାନ୍ଦପୁର ଥାନା ଅଧୀନ ଶନି ମନ୍ଦିର ନିକଟ ଓଭରବ୍ରିଜରେ ଦୁଇଟି ଟ୍ରକ ଓଭରଟେକ କରୁଥିବାରୁ ଶୁଭମ ଭାରସାମ୍ୟ ହରାଇ ଓଭରବ୍ରିଜର ସାଇଡୱାଲକୁ ଧକ୍କା ଦେଇଥିଲେ। ଫଳରେ ମମତା ଓଭରବ୍ରିଜ ଉପରୁ ୩୦ ଫୁଟ ତଳକୁ ଖସିପଡିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଯୁବକମାନେ ଗୁରୁତର ଅବସ୍ଥାରେ ଶୁଭମ୍‌ଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ଚାନ୍ଦପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି।

GOVERNMENT OF ODISHA
**OFFICE OF THE SUPERINTENDING ENGINEER, P.H.DIVISION, BHANJANAGAR, AT-CHATRAPUR**
E-mail- eephchpr@gmail.com
No.C-483:
NATIONAL COMPETITIVE BIDDING THROUGH e-Procurement
**Invitation for Bids (IFB)**

| SL. No. | Name of Work | Bid Identification No. | Estimated Cost (Rs. in Lakh) | Period of Completion | Availability of Bid Document for online bidding | | Name & Address of office inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Procurement of 100 mm to 300 mm dia DI pipes inconnection with the work- improvement of water supply to Digapahandi NAC and Balliguda NAC under AMRUT 2.0 SWAP-III | Identification No.32/03/ SPH(C)/ 2024-25 dt.23.08.2024 | 540.73 | 3 (Three) Calendar Months | 11.00 Hrs. of 29.08.2024 | 17.30 Hrs. of 12.09.2024 | Superintending Engineer, P.H. Division, Bhanjanagar at Chatrapur |

The Technical Bid Shall be opened on **dt.13.09.2024 at 11.00 AM**
Further details can be seen from the e-Procurement portal https://www.tenderorissa.gov.in.
**Sd./- Superintending Engineer (PH)**
OIPR-13256/11/0001/2425 **P.H. Division, Bhanjanagar at Chatrapur**

**OFFICE OF THE DEPUTY DIRECTOR CONSOLIDATION BHUBANESWAR**
No. 419 Date. 23.08.2024
**ADVERTISEMENT FOR CONTRACTUAL ENGAGEMENT OF RETIRED GROUP-C EMPLOYEES AS OSDs**
No. D-116:- Applications in prescribed form are invited from eligible retired Group-C employees for re-engagement as OSD against vacant post of 1 one no. of Section Officer & 1 no. of Amin as OSD on contractual basis under Khordha and Banpur Circle Office.The details information regarding recruitment process are available in Official website **www.khordha.odisha.gov.in** vide Advertisement No. **419** Dated **23.08.2024**.The last date of receipt of application through Speed Post/ Regd. Post is **13.09.2024**.
**Sd./- DY Director**
OIPR-24407/11/0001/2425 **Consolidation, Bhubaneswar**

**OFFICE OF THE CHIEF CONSTRUCTION ENGINEER DHENKANAL (R&B) CIRCLE, DHENKANAL**
**Corrigendum to**
**Bid Identification No. C.C.E. DKL (R&B) 03/2024-25**
**Letter No.1659/ Dtd.16.08.2024**
**No.B-:**The Bids invited vide Bid Identification No. C.C.E. DKL (R&B) 03/2024-25 vide letter No.1575, dt.07.08.2024 has been modified are as follows.
1. The Bid document for the above notice will be available in the website: www.tendersodisha.gov.in from Dt.04.09.2024 to 5.00 PM of Dt.18.09.2024 for online bidding and shall be opened at 11.30 AM on Dt.19.08.2024.
All other terms and conditions of the above tender call notice will remain unchanged.
**Sd./- C.E. Dhenkanal (R&B) Circle, Dhenkanal**
OIPR-34132/11/0006/2425

# ସବୁଜ ସପ୍ତାହ ପାଳିତ

**ଟାଙ୍ଗୀ,୨୩ା୮(ରଘୁନାଥ ସାହୁ)**

କୁହୁଡି ଡିଏଭି ଗୁରୁକୂଳ ବିଦ୍ୟାଳୟରେ ସବୁଜ ସପ୍ତାହ ପାଳନ କରାଯାଉଛି। ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯାଇ କୁହୁଡି ବଜାରରେ ଜନସାଧାରଣଙ୍କୁ ପାଣିର ଉପଯୁକ୍ତ ବ୍ୟବହାର, ଚାରାରୋପଣ, ପ୍ଲାଷ୍ଟିକ ବର୍ଜନ, ବର୍ଜ୍ୟବସ୍ତୁର ପୁନଃ ବ୍ୟବହାର, ପରିବେଶ ସ୍ୱଚ୍ଛତା ସମ୍ପର୍କରେ ସଚେତନ କରାଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଏହି ସଚେତନତା କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଥିଲା।

# ଧର୍ମପରାୟଣା ମହିଳାଙ୍କ ପରଲୋକ

**ଟାଙ୍ଗୀ,୨୩ା୮(ରଘୁନାଥ ସାହୁ)**

ଟାଙ୍ଗୀର ବିଶିଷ୍ଟ ବ୍ୟବସାୟୀ ହାଡୁବନ୍ଧୁ ପୃଷ୍ଟିଙ୍କ ସ୍ତ୍ରୀ ଯାଜ୍ଞସେନୀ ପୃଷ୍ଟି(୬୫)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ, ମେଳାପି, ଧର୍ମପରାୟଣ ମହିଳାଭାବେ ପରିଚିତ ଥିଲେ। ଅବସରପ୍ରାପ୍ତ ବିଚାରପତି ନାରାୟଣ ମହାପାତ୍ର, ଅକ୍ଷୟ ପଟ୍ଟନାୟକଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଚେତନା ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନ ପରିଦର୍ଶନ କଲେ ବିଷ୍ଣୁପଦ ସେଠୀ

**ଭୁବନେଶ୍ୱର, ୨୩ା୮ (ବନ୍ଦନା ସେଠୀ)**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଶୁକ୍ରବାର ଚେତନା ସ୍ୱତନ୍ତ୍ର ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନ ପରିଦର୍ଶନ କରିଥିଲେ। ପ୍ରଶିକ୍ଷଣ ଅନୁଷ୍ଠାନ ଓ ସ୍ୱତନ୍ତ୍ର ବିଦ୍ୟାଳୟର ହଷ୍ଟେଲ, ଶ୍ରେଣୀଗୃହ ଏବଂ ପାଠାଗାର ବୁଲି ଦେଖିବା ପରେ ପ୍ରମୁଖ ଶାସନ ସଚିବ ସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ଅବସରରେ ଚେତନା ଅନୁଷ୍ଠାନ ପକ୍ଷରୁ ଏକ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱତନ୍ତ୍ର ଶିକ୍ଷା ବିଭାଗୀୟ ମୁଖ୍ୟ ଡ. ଭାଗୀରଥି ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭାଗର ନିର୍ଦ୍ଦେଶକ ନିୟତି ପଟ୍ଟନାୟକ, ଚେତନା ଅନୁଷ୍ଠାନର ସଭାପତି ଡ. ଅଜୟ କୁମାର ମିଶ୍ର, ଅଧ୍ୟକ୍ଷ ଡ. ବିନୟ ଭୂଷଣ ମହାପାତ୍ର, ସାଧାରଣ ସମ୍ପାଦକ ଡ. ନାରାୟଣ ଚନ୍ଦ୍ର ପତି, ଯୁଗ୍ମ ସମ୍ପାଦିକା ଡ. ନିବେଦିତା ଜେନା ପ୍ରମୁଖ ଯୋଗାଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ରାଇଜିଙ୍ଗ ଫାଉଣ୍ଡେଶନ ପକ୍ଷରୁ ପ୍ରମୁଖ ଶାସନ ସଚିବଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନୁଷ୍ଠାନର ଉପାଧ୍ୟକ୍ଷ ଲଲାଟେନ୍ଦୁ କର ଧନ୍ୟବାଦ ଅର୍ପଣ କରିଥିଲେ।

**Government of Odisha**
**Higher Education Department**
**Timeline for e-admission into 3 year Integrated B.Ed- M.Ed. courses in the Higher Education Institutions for the Academic Session 2024-25 under SAMS**

**No. N-86:-** It is for information of all concerned that admission into 3 year integrated B.Ed.-M.Ed. course at the below mentioned HEIs has been newly included under SAMS for the Academic Session: - 2024-25. Accordingly, the candidates are hereby instructed to fill-up the Common Application Form by Visiting the SAMS Portal as per the timeline mentioned below. The Information Brochure for the said course is available on the SAMS portal. Please refer to the Information Brochure before filling up the CAF. The key points for admission into 3 Year Integrated B.Ed.-M.Ed. course for the current Academic Year 2024-25 are as follows.
1. The following HEIs have been included under SAMS for admission into 3 Year Integrated B.Ed.-M.Ed. Course for the academic session: - 2024-25.
   **a. Maharaja Sriram Chandra Bhanjadeo University, Baripada, Mayurbhanj – 50 seats (Regular Mode)**
   **b. Sambalpur University, Sambalpur- 50 seats (Self-Financing Mode)**
   **c. Rajendra University, Bolangir- 50 seats (Self-Financing Mode)**
   **d. Fakir Mohan University, Balasore- 50 seats (Self-Financing Mode)**
2. Provisional allotment of seats will be prepared through centralized selection process (i.e. Freeze and slide) on the basis of the Career marks (%) and reservation, details are provided in the Information Brochure. No Entrance Examination will be held for admission into the said course.
3. The applicants who have passed the **Post Graduate (P.G.) examination only in Science/ Social Science & Humanities subjects** from a recognized Institution shall be eligible for admission into this 3 year Integrated B.Ed.-M.Ed. program.

Any change in the timeline will be published on the website **https://te.samsodisha.gov.in/** . The applicants are request to read the Information Brochure carefully.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) on the website www.samsodisha.gov.in | 26-Aug-2024 (12:00 NOON) |
| 2 | Last date for applying online CAF through www.samsodisha.gov.in | 05-Sep-2024 (11:45 PM) |
| 3 | Editing of the CAF in Online Mode (If required) for the CAF submitted earlier (No fresh CAF will be allowed on this day) | 06-Sep-2024 (10.00 AM to 11.45 PM) |
| 4 | Publication of Provisional Allotment of Seats (For First Round Selection) | 12-Sep-2024 (Thursday) (02.00 PM) |
| 5 | Selection of Slide/ Freeze Option and Online payment of admission fees by the selected students through SAMS [Student's Account] portal | 12-Sep-2024 (04.00 PM) to 17-Sep-2024 (03.00 PM) |
| 6 | Reporting of applicants at allotted institutions for taking admission (for First Round Selection) | 13-Sep-2024, 14-Sep-2024 & 17-Sep-2024 (10.00 AM to 05.00 PM) |
| 7 | Data updation of admitted students in the e-space (for First Round Admission) by the respective Institutions | 13-Sep-2024, 14-Sep-2024 & 17-Sep-2024 (10.00 AM to 07.00 PM) |
| 8 | Publication of Provisional Allotment of Seats (for Second Round Selection) | 23-Sep-2024 (Monday) (02.00 PM) |
| 9 | Online payment of admission fees by the selected students through SAMS ( Student's login) portal | 23-Sep-2024 (04.00 PM) to 26-Sep-2024 (03.00 PM) |
| 10 | Reporting of applicant at allotted institutions for taking admission (for Second Round Selection) | 24-Sep-2024 (10.00 AM) to 26-Sep-2024 (05.00 PM) |
| 11 | Data updation of admitted students in the e-space (for Second Round Admission) by the respective Institutions | 24-Sep-2024 (10.00 AM) to 26-Sep-2024 (07.00 PM) |
| 12 | Publication of merit wise waiting list among the remaining applicants as per the actual vacancy as on 26.09.2024 in HEI's e-space as well as in the Student's login | 28-Sep-2024 (Saturday) (02.00 PM) |
| 13 | Publication of list of selected as well as waitlisted applicants by the HEI's at their Notice Board/ Website and also communicate them via Call/SMS by the HEIs. | 30-Sep-2024 (Monday) (10.00 AM) |
| 14 | Reporting of selected applicants and data updation to take admission in one of the selected HEIs, where the admission fees will be deposited directly at the HEIs (Directly to HEI via any mode) | 30-Sep-2024, 01-Oct-2024 & 03-Oct-2024 (10.00 AM to 05.00 PM) |
| 15 | Reporting of waitlisted applicants and data updation to take admission in one of the selected HEIs, where the admission fees will be deposited directly at the HEIs (Directly to HEI via any mode. | 04-Oct-2024 (10.00 AM) & 05-Oct-2024 (05.00 PM) |
| 16 | Timeline for commencement of 1st year classes for 3 year Integrated B.Ed.-M.Ed. for the AY 2024-25 | 26-Sept-2024 (Thursday) |

**For more details please contact: e-Admission Helpline (Toll Free) Number 155335 / 1800-345-6770**
**Sd./- Deputy Director**
OIPR-11001/11/0024/2425 **PTC Section**

**ADVERTISEMENT FOR PROVIDING COMMERCIAL VEHICLES (PETROL) INCLUDING DRIVER TO THE BHIMA BHOI MEDICAL COLLEGE & HOSPITAL, BALANGIR**
**No.E-232:**Sealed Tender is invited from Service Providers/ Travel Agencies/ Tour Operator/ Individuals for Providing Commercial Vehicles (Petrol) including Driver to the Bhima Bhoi Medical College & Hospital, Balangir. The Tender Paper completed in all respect should be submitted separately for the services to the undersigned on or before dt.17.09.2024 up to 02.00 P.M. in the office of the Superintendent, BBMC&H, Balangir. The details and terms & conditions can be downloaded from https://bbmchbalangir.nic.in., www.dmetodisha.gov.in. & https//Balangir.nic.in.
**Sd./- Superintendent**
**Bhima Bhoi Medical College & Hospital, Balangir**
OIPR-10141/11/0009/2425

GOVERNMENT OF ODISHA No.O-220
**OFFICE OF THE SUPERINTENDING ENGINEER RURAL WORKS DIVISION, SUNDARGARH**
E-mail : rw_sundargarh@yahoo.co.in
**E-PROCUREMENT NOTICE**
**BID IDENTIFICATION NO. ONLINE-SESNG-04 OF 2024-25**
1. Name of the Work : Building Work
2. Total No. of works : 03 nos Building
3. Estimated cost : Varies from Rs. 71.15 Lakhs to Rs. 73.17 Lakhs
4. Class of contractor : Only 'B'
5. Period of completion : 09 calendar months
6. Type of Tender : Double Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh | On-line-SESNG-04 of 2024-25 | 27.08.2024 10.00 A.M. | 19.09.2024 5.00 P.M. |

Further details can be seen from the website www.tendersorissa.gov.in
**Sd./- Executive Engineer**
OIPR-25046/11/0004/2425 **Rural Works Division, Sundargarh**

# ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବାର୍ଷିକୋତ୍ସବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

**ନିରାକାରପୁର,୨୩ା୮(ମାନସ ଚନ୍ଦ୍ର ପଟ୍ଟନାୟକ):** ନିରାକାରପୁର ପଞ୍ଚାୟତ ପାଣ୍ଡବପାଟଣାଠାରେ ଥିବା ଓଁ ଶାନ୍ତି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଉପଶାଖା କେନ୍ଦ୍ର ପରିସରରେ ଶୁକ୍ରବାର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ରାଜଯୋଗିନୀ ବି.କେ. ଜ୍ୟୋତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ଅତିଥିଭାବେ ଟାଙ୍ଗୀ ଚେୟାରମ୍ୟାନ ରିଷ୍ଟା ମାନ୍ଧାତା, ବି.କେ. ଅନୁ ଭଉଣୀ, ବି.କେ. ଅଭିମନ୍ୟୁ ଭାଇ, ବି.କେ. ଜୟକୃଷ୍ଣ ଭାଇ ଓ ସଚିନ ବଳିୟାରସିଂ ଭାଇ ପ୍ରମୁଖ ଯୋଗଦେଇଥିବା ବେଳେ ଶିକ୍ଷାବିତ୍ ରମାକାନ୍ତ ପୁରହିତ ମଞ୍ଚ ପରିଚାଳନା କରିଥିଲେ। ବି.କେ. ଅଭିମନ୍ୟୁ ଭାଇ, ଊର୍ମିଳା ଭଉଣୀ, ଇସ୍‌ୱାର୍ଡ ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନ, ବାଇଧର ପ୍ରଧାନ, ଶଙ୍କର୍ଷଣ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

**DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA**
Nayapalli, Bhubaneswar-751 012
Ph:2394336, 2395338, 2396072 (Hostel) Fax:2391954
Email:sihfwodisha@nic.in & sihfwodisha@gmail.com
Tender Notice No- SIHFW-OE-OE-0022-2022 3047/ Dt.22.08.24
**RE-TENDER NOTICE**
**No.E-228:**The State Institute of Health and Family Welfare, Odisha (SIH&FW, Odisha) invites Tenders under Two Bids System for "Supply of Stationery articles, Sundry Items & Binding etc. on Annual Rate Contract Basis" to the Offset Printing Press of SIH&FW (O). Requirement will be as per the order placed from time to time. The detailed tender form can also be downloaded from the official website https://www.sihfwodisha.nic.in & https://www.odisha.gov.in/tender from 28.08.2024 to 18.09.2024.
**Sd./- Director, State Institute of Health & Family Welfare, Odisha**
OIPR-10003/11/0062/2425

# ସରକାରଙ୍କ ନିୟନ୍ତ୍ରଣରେ ନାହାନ୍ତି ଅଫିସର: ବିଜେଡି

**ମହିଳାଙ୍କୁ ସମ୍ମାନ ଶିଖାଇଲେନି ବିରୋଧୀ ଦଳ ନେତା: ଭାଜପା**



ଭୁବନେଶ୍ୱର,୨୩।୮ (ଅନିଲ ଦାସ)

ଚିକିଟି ମଦମୃତ୍ୟୁକୁ ନେଇ ଶୁକ୍ରବାର ବିଧାନସଭା ଶୂନ୍ୟକାଳରେ ବିରୋଧୀ ଓ ଶାସକ ଦଳ ସଭ୍ୟମାନେ ମୁହାଁମୁହିଁ ହୋଇଥିଲେ। ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ବାଚସ୍ପତି ବିଜେଡି ସଭ୍ୟ ବ୍ୟୋମକେଶ ରାୟଙ୍କୁ କହିବାକୁ ଅନୁମତି ଦେଇଥିଲେ। ସେ କହିଥିଲେ, ଭାଜପା ସରକାର ଗଢ଼ିବା ପୂର୍ବରୁ କହି ଆସୁଥିଲା ରାଜ୍ୟକୁ ମଦମୁକ୍ତ କରାଯିବ। ଜଣେ କ୍ୟାବିନେଟ୍ ମନ୍ତ୍ରୀ କହିଲେ, ଅଗଷ୍ଟ ୧୫ସୁଦ୍ଧା ଓଡ଼ିଶା ମଦମୁକ୍ତ ହେବ। ଅବକାରୀ ମନ୍ତ୍ରୀ କହିଲେ, ଚୋରା ମଦ କାରବାର ସମ୍ପୂର୍ଣ୍ଣ ବନ୍ଦ କରାଯିବ। ସରକାରଙ୍କର କୌଣସି ବିଭାଗ କିମ୍ବା ଅଫିସରଙ୍କ ଉପରେ ନିୟନ୍ତ୍ରଣ ନାହିଁ। ସରକାରଙ୍କ ହାଲ୍‌କା ମନ୍ତବ୍ୟ ଯୋଗୁ ରାଜ୍ୟରେ ବେଆଇନ ମଦ କାରବାର ବଢ଼ିଛି। ମଦମୃତ୍ୟୁ ଘଟଣାରେ ପୂର୍ବତନ ଅବକାରୀ ମନ୍ତ୍ରୀ କାଳନ୍ଦୀ ବେହେରା ଏବଂ ଏ.ୟୁ. ସିଂଦେଓ ଇସ୍ତଫା ଦେଇଥିଲେ। ଅବକାରୀ ମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ଦରକାର। ସରକାର ନ ଚେତିଲେ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀ କହିଛନ୍ତି, ଯେଉଁମାନେ ୨୪ ବର୍ଷ ଧରି ଶାସନରେ ରହିଲେ, ବିରୋଧୀ ଦଳର ଭୂମିକା ଶିଖିଲେ ନାହିଁ। ମହିଳା ସଶକ୍ତୀକରଣ କଥା କହୁଥିଲେ। ଜଣେ ମହିଳା ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢ଼ି ଯେଉଁଭଳି ଆଚରଣ ଦେଖାଇଲେ ତାହା କ'ଣ ମାଆକୁ ସମ୍ମାନ। ବିରୋଧୀ ଦଳ ନେତା କ'ଣ ଏଇଆ ଶିଖାଇଛନ୍ତି। ବିରୋଧୀ ଆଲୋଚନା ପାଇଁ ଆସନ୍ତୁ ବୋଲି ସେ କହିଛନ୍ତି।

ବିଜେଡି ସଦସ୍ୟ ଧ୍ରୁବ ସାହୁ କହିଲେ, ସମଗ୍ର ରାଜ୍ୟ ପାଇଁ ମଦମୃତ୍ୟୁ ଏକ ସମ୍ବେଦନଶୀଳ ଘଟଣା। ଚୋରା ମଦ କାରବାରରେ ଶାସକ ଦଳର ସଦସ୍ୟମାନଙ୍କର ସମ୍ପୃକ୍ତି ରହିଛି। ଏହା କହିବା ମାତ୍ରେ ଶାସକ ଦଳର ସଦସ୍ୟମାନେ କଡ଼ା ବିରୋଧ କରିଥିଲେ। କେଉଁ ବିଧାୟକଙ୍କର ସମ୍ପୃକ୍ତି ରହିଛି ତା'ର ପ୍ରମାଣ ଦିଅନ୍ତୁ। ନଚେତ ଏହାକୁ ଗୃହ ବିବରଣୀରୁ ବାଦ୍ ଦିଆଯାଉ ବୋଲି ସେମାନେ ଦାବି କରିଥିଲେ। ଭାଜପା ସଭ୍ୟ ଜୟ ନାରାୟଣ ମିଶ୍ର ଏହା ଉପରେ ଆପତ୍ତି ଉଠାଇ କହିଲେ, ମଦ ମାଫିଆଙ୍କ ସହ କେଉଁ ଶାସକ ଦଳର ନେତାଙ୍କର ସମ୍ପୃକ୍ତି ରହିଛି ତାହା ଏଠାରେ ପ୍ରମାଣିତ କରନ୍ତୁ। ନଚେତ୍ ବିବରଣୀରୁ ବାଦ୍ ଦିଆଯାଉ ବୋଲି ସେ କହିଥିଲେ। ଭାଜପା ସଭ୍ୟ ସନାତନ ବିଜୁଳି କହିଥିଲେ, ପୂର୍ବ ସରକାର ସମୟରେ ଅଧିକ ମଦ ବିକ୍ରି କଲେ ପୁରସ୍କାର ମିଳୁଥିଲା। ବିଜେଡି ସରକାର ଲୋକଙ୍କୁ ପିଇବା ପାଣି ଯୋଗାଇପାରିଲେ ନାହିଁ। ମଦ ବନ୍ୟା ସୃଷ୍ଟି କରିଛନ୍ତି।

ବିଜେଡି ସଭ୍ୟ ଗୌତମ ବୁଦ୍ଧ ଦାସ କହିଥିଲେ, ଚିକିଟି ମଦମୃତ୍ୟୁ ରାଜ୍ୟ ପାଇଁ ଏକ କଳଙ୍କିତ ଅଧ୍ୟାୟ। ଦୀର୍ଘବର୍ଷ ଧରି ଏହାକୁ ରୋକାଯାଇ ପାରିଥିଲା। ଏବେ ପୁଣି ମଦମୃତ୍ୟୁ ଘଟଣା ଘଟିଛି। ଏହି ଘଟଣାରେ ଅବକାରୀ ବିଭାଗ ମଦମାଫିଆଙ୍କ ମଧ୍ୟରେ ସମ୍ପର୍କ ରହିଛି। ଭାଜପା ସଭ୍ୟ ଇରାଶିଷ ଆଚାର୍ଯ୍ୟ କହିଥିଲେ, ଧାନଗାଡ଼ି ଧରାଯିବ, ମାତ୍ର ମଦଗାଡ଼ି ଧରାଯିବ ନାହିଁ। ସମସ୍ତ ବିଧାୟକଙ୍କୁ ମଦ ମାଫିଆଙ୍କ ସହ ସମ୍ପୃକ୍ତି ଅଛି ବୋଲି କହି ନ ଥିବା ଧ୍ରୁବ ସଫେଇ ଦେଇଥିଲେ। ତେବେ ଧ୍ରୁବଙ୍କ ମନ୍ତବ୍ୟକୁ ବାଚସ୍ପତି ଗୃହର ବିବରଣୀରୁ ବାଦ୍ ଦେଇଥିଲେ।

କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ଓ ନୀଳମାଧବ ହିକ୍କା ଗୁଣପୁର, ବିଷମ କଟକରେ ହୋଇଥିବା ଝାଡ଼ାବାନ୍ତି ପ୍ରସଙ୍ଗ ଉଠାଇଥିଲେ। ସରକାର ତୁରନ୍ତ ଘଟଣା ସ୍ଥଳକୁ ଏକ ଡାକ୍ତରୀ ଟିମ୍ ପଠାଇବାକୁ ସେମାନେ ଦାବି କରିଥିଲେ।

## ମଦ ପିଇବାକୁ ଦେଇ ବିଏସ୍‌କେୱାଇ କାର୍ଡ ଦେଲେ କିଛି ଲାଭ ନାହିଁ: କଂଗ୍ରେସ

ଭୁବନେଶ୍ୱର,୨୩।୮ (ଅନିଲ ଦାସ)

**ମୁଲତବୀ ଆଲୋଚନା**

ଚିକିଟି ମଦମୃତ୍ୟୁକୁ ନେଇ ମୁଲତବୀ ଆଲୋଚନା ବେଳେ ଶାସକ ଓ ବିରୋଧୀ ଦଳ ପରସ୍ପରକୁ ଦୋଷ ଠେଲାଠେଲି କରିଛନ୍ତି। ବିଜେଡି ସରକାର ସମୟରେ ଲୋକଙ୍କୁ ପିଇବା ପାଣି ଯୋଗାଇବା ବଦଳରେ ମଦର ବନ୍ୟା ସୃଷ୍ଟି କରାଯାଇଛି। ବୁଣାଯାଇଥିବା ବିଷ ମଞ୍ଜି ଆଜି ଫଳ ଦେଉଛି। ବେଆଇନ ମଦ କାରବାରକୁ ପ୍ରୋତ୍ସାହନ ମିଳିବାରୁ ଆଜି ଏଭଳି ଦୁର୍ଦ୍ଦଶା ଦେଖିବାକୁ ମିଳିଥିବା ଶାସକ ଦଳ ସଦସ୍ୟମାନେ ଅଭିଯୋଗ କରିଛନ୍ତି।

କଂଗ୍ରେସ ଦ୍ୱାରା ଆଗତ ଚିକିଟି ମଦମୃତ୍ୟୁ ମାମଲା ସମ୍ପର୍କିତ ମୁଲତବୀ ଆଲୋଚନା ଆରମ୍ଭ କରି କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି କହିଲେ, ଦଳିତ, ଖଟିଖିଆ ଆଦିବାସୀ ଯେଉଁଠି ଅଛନ୍ତି ସେଠାରେ ବେଆଇନ ମଦ ବିକ୍ରି ହେଉଛି। ମଦ ପିଇବାକୁ ଦେଇ ବିଏସ୍‌କେୱାଇ କାର୍ଡ ଦେଲେ କିଛି ଲାଭ ନାହିଁ। ବିଜେଡି ସଭ୍ୟ ଅରୁଣ ସାହୁ କହିଛନ୍ତି, ମଦମୃତ୍ୟୁ ପରେ ମୃତକଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ କେହି ଭେଟି ନାହାନ୍ତି। ରାଜ୍ୟବାସୀଙ୍କୁ ଅନେକ ପ୍ରତିଶ୍ରୁତି ଦେଇ ସରକାରକୁ ଆସିଛନ୍ତି। ମାତ୍ର ସରକାର ନିଜକୁ ୩ ମାସର ଶିଶୁ କହିବା ଦ୍ୱାରା ଲୋକମାନଙ୍କର ଭରସା ତୁଟିବାରେ ଲାଗିଛି। ସରକାର କେବେ ଶିଶୁ ନୁହେଁ। ନିଜକୁ ଶିଶୁ କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ମୁଲତବୀ ପ୍ରସ୍ତାବକୁ ବିରୋଧ କରି ଭାଜପା ସଭ୍ୟ ପ୍ରତାପ ଚନ୍ଦ୍ର ନାୟକ କହିଛନ୍ତି, ବିରୋଧୀ ଦଳ ନେତା ବିଷାକ୍ତ ମଦର ଯେଉଁ ମଞ୍ଜି ବୁଣିଥିଲେ ତାହା ଆଜି ଫଳୁଛି। ଚିକିଟି ମଦମୃତ୍ୟୁକୁ ନେଇ ବିରୋଧୀଙ୍କ ଦ୍ୱାରା ଆଗତ ମୁଲତବୀ ଆଲୋଚନାର ଜବାବ ଦେଇ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ମଦମୃତ୍ୟୁକୁ ନେଇ ସରକାର କୌଣସି ସତ୍ୟ କି ତଥ୍ୟ ଲୁଚାଇ ନାହାନ୍ତି। ବିରୋଧୀଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ। ଗତ ୧୯ ତାରିଖରେ ବିଷାକ୍ତ ମଦ ପିଇ ପେଟ ଯନ୍ତ୍ରଣା ହେବାରୁ ୧୯ ଜଣ ମେଡିକାଲରେ ଭର୍ତ୍ତି ହୋଇଥିଲେ। ବର୍ତ୍ତମାନ ୪ ଆଇସିୟୁରେ, ୨ ଭେଣ୍ଟିଲେଟରରେ ଏବଂ ୭ ଜଣ ୱାର୍ଡରେ ଅଛନ୍ତି। ୨୧ରେ ଲୋକନାଥ ବେହେରା ଓ ଜୁଡା ବେହେରାଙ୍କ ଏହି ବିଷାକ୍ତ ମଦ ପିଇବା ଦ୍ୱାରା ମୃତ୍ୟୁ ହୋଇଛି। ଏମ୍‌ପିଙ୍କ ନେତୃତ୍ୱରେ ଡାକ୍ତର ଟିମ୍ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛି। ଏହି ଘଟଣାରେ ମିଳିତ ଅବକାରୀ ଚଢ଼ାଉ ପରେ ୨୦ ଲିଟର ମଦ ଜବତ ହେବା ସହ ୬ ଗିରଫ ଓ ୨ଜଣ ଅଟକ ଅଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

## ୭ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ

**କଂଗ୍ରେସର ଷ୍ଟିୟରିଂ କମିଟି**

**ଦ୍ୱିତୀୟ ତାଲିକାରେ ତାରାଙ୍କ ନାଁ ନାହିଁ**

ଭୁବନେଶ୍ୱର,୨୩।୮ (ସୁନିତ୍ ମିଶ୍ର)

ଓଡ଼ିଶା ପାଇଁ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଗଠନ କରିଥିବା ଷ୍ଟିୟରିଂ କମିଟିରେ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ଆଉ ୭ ଜଣ ନେତାଙ୍କୁ ସାମିଲ କରାଯାଇଛି। ଏଆଇସିସି ପକ୍ଷରୁ ଷ୍ଟିୟରିଂ କମିଟି ତଥା ଓଡ଼ିଶା ପ୍ରଭାରୀ ଅଜୟ କୁମାରଙ୍କ ଦସ୍ତଖତରେ ଏନେଇ ଶୁକ୍ରବାର ଚିଠି ଜାରି କରାଯାଇଛି। ଏଥିରେ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ, ନିରଞ୍ଜନ ପୂଜାରୀ, ପ୍ରସାଦ ହରିଚନ୍ଦନ, ନରସିଂହ ମିଶ୍ର, ରାମଚନ୍ଦ୍ର ଖୁଣ୍ଟିଆ, ସନ୍ତୋଷ ସିଂ ସାଲୁଜା ଏବଂ ବରିଷ୍ଠ ନେତା ଶରତ ରାଉତଙ୍କୁ ସାମିଲ କରାଯାଇଛି। ହେଲେ ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ଏଥିରେ ସାମିଲ କରାଯାଇନାହିଁ।

ସୂଚନାଯୋଗ୍ୟ, କିଛିଦିନ ତଳେ ଏଆଇସିସି ପକ୍ଷରୁ ଓଡ଼ିଶା ପିସିସିକୁ ସମ୍ପୂର୍ଣ୍ଣ ଭାଙ୍ଗିଦିଆଯାଇଥିଲା। ଏହାର କିଛିଦିନ ପରେ ଏଆଇସିସି ଏକ ଷ୍ଟିୟରିଂ କମିଟି ଗଠନକରି ସେଥିରେ ୧୪ ଜଣ ସଦସ୍ୟଙ୍କୁ ରଖିଥିଲା। ସେଥିରେ ଅଜୟ କୁମାର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିଲେ। ହେଲେ ପ୍ରଥମ ତାଲିକାରେ ଓଡ଼ିଶା କଂଗ୍ରେସ କେତେଜଣ ବରିଷ୍ଠ ନେତାଙ୍କୁ ସାମିଲ କରାଯାଇ ନ ଥିଲା। ଗୁରୁବାର କଂଗ୍ରେସ ଭବନଠାରେ ପ୍ରଥମ ଷ୍ଟିୟରିଂ କମିଟି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏହାର ଦିନକ ପରେ କେତେଜଣ ନେତାଙ୍କୁ କମିଟିରେ ସାମିଲ କରାଯାଇଛି।

## ଧର୍ମେନ୍ଦ୍ରଙ୍କୁ ହାଇକୋର୍ଟ ନୋଟିସ

**ନିର୍ବାଚନ ଅନିୟମିତତା ମାମଲା**

କଟକ,୨୩।୮ (କାର୍ତ୍ତିକ ସାହୁ)

ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ହାଇକୋର୍ଟ ଶୁକ୍ରବାର ନୋଟିସ ଜାରି କରିଛନ୍ତି। ହାଇକୋର୍ଟ ବିଚାରପତି ସଞ୍ଜୟ କୁମାର ମିଶ୍ରଙ୍କ ଇଜିଲାସ ୨୦୨୪ ନିର୍ବାଚନରେ ଅନିୟମିତତା ନେଇ ଧର୍ମେନ୍ଦ୍ରଙ୍କ ନାମରେ ରୁଜୁ ମାମଲାରେ ଏହି ନୋଟିସ କରିଛନ୍ତି।

୨୦୨୪ ନିର୍ବାଚନରେ ସମ୍ବଲପୁର ଲୋକ ସଭା ଆସନରେ ପରାଜିତ ହୋଇଥିବା ନ୍ୟାଶନାଲ ଜନ ଦଳ ପ୍ରାର୍ଥୀ ସୁବାସ ମହାପାତ୍ର ଅନିୟମିତତା ନେଇ ହାଇକୋର୍ଟରେ ମାମଲା ଦାଏର କରିଛନ୍ତି। ଅଦାଲତ ତାଙ୍କ ଆବେଦନକୁ ବିଚାର ପାଇଁ ଗ୍ରହଣ କରିଛନ୍ତି। ଧର୍ମେନ୍ଦ୍ର ନାମାଙ୍କନପତ୍ର ଦାଖଲବେଳେ ତ୍ରୁଟିପୂର୍ଣ୍ଣ ତଥ୍ୟ ପ୍ରଦାନ କରିଛନ୍ତି। ସେ କେନ୍ଦ୍ର ସରକାରଙ୍କ ଅଧୀନରେ ଲାଭଜନକ ପଦବୀରେ ଥାଇ ନିର୍ବାଚନ ଲଢ଼ିବା ନିମନ୍ତେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ତେଣୁ ତାଙ୍କ ବିଜୟକୁ ଅସିଦ୍ଧ ଘୋଷଣା କରିବା ନିମନ୍ତେ ଆବେଦନକାରୀ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଛନ୍ତି। ଉଲ୍ଲେଖଯୋଗ୍ୟ, ସମ୍ବଲପୁର ଲୋକ ସଭା ଆସନ ପାଇଁ ୧୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଶେଷରେ ଧର୍ମେନ୍ଦ୍ର ପ୍ରଧାନ ବହୁମତରେ ବିଜୟ ଲାଭ କରିଥିଲେ।

# ସଦସ୍ୟତା ଅଭିଯାନ କର୍ମଶାଳାରେ ଭାଜପାର ଗୋଷ୍ଠୀ ବିବାଦ



କର୍ମଶାଳାରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

କୁଚିଣ୍ଡା,୨୩।୮ (ବିରଞ୍ଚି ଦର୍ଶୀ)

ଭାଜପା ସଙ୍ଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ଲକ୍ଷ୍ୟନେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସମ୍ବଲପୁର ଜିଲା କୁଚିଣ୍ଡା ଟାଉନହଲଠାରେ ଶୁକ୍ରବାର ଜିଲାସ୍ତରୀୟ ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ଗିରିଶ ପଟେଲଙ୍କ ଅଧ୍ୟକ୍ଷତାରେ ହୋଇଥିବା କର୍ମଶାଳାରେ ରାଜ୍ୟ ଉପସଭାପତି ତଥା ସମ୍ବଲପୁର ଜିଲା ପ୍ରଭାରୀ କୁସୁମ ଟେଟେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ଉପସଭାପତି ନାଉରୀ ନାଏକ, ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ଜିଲା ସାଧାରଣ ସମ୍ପାଦକ ଆଶିଷ ହୋତା, ସମ୍ପାଦକ ମିଲନ ମହାରଣା, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ରାଜ୍ୟ ମହିଳା ମୋର୍ଚ୍ଚା ନେତ୍ରୀ ସବିତା ନନ୍ଦ, ପୂର୍ବତନ ଜିଲା ସଭାପତି ରାମଚନ୍ଦ୍ର ମେହେର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ମଣ୍ଡଳ କାର୍ଯ୍ୟକର୍ତ୍ତାମାନେ ନିଜ ମଣ୍ଡଳର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ସମ୍ପର୍କରେ ଗ୍ରୁପ ଆଲୋଚନା କରୁଥିଲେ। ଏହି ସମୟରେ କେତେଜଣ ଯୁବକ ହଠାତ ଜିଲା ସଭାପତି ପଟେଲଙ୍କୁ ମଞ୍ଚ ବ୍ୟାନରରେ କାହିଁକି ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ଫଟୋ ରଖିଲେ ନାହିଁ ବୋଲି ପ୍ରଶ୍ନ କରିଥିଲେ। ପରେ ଗିରିଶ ଓ ଜୟନାରାୟଣ ସମର୍ଥକଙ୍କ ମଧରେ କଥା କଟାକଟି ଧସ୍ତାଧସ୍ତି ପର୍ଯ୍ୟନ୍ତ କଥା ଯାଇଥିଲା। ବରିଷ୍ଠ ପଦାଧିକାରୀଙ୍କ ହସ୍ତକ୍ଷେପ ପରେ ଅବସ୍ଥା ନିୟନ୍ତ୍ରଣାଧୀନ ହୋଇଥିଲା। ଏନେଇ ଜିଲା ସଭାପତି ଗିରିଶ ପଟେଲଙ୍କୁ ପଚାରିବାରେ ରାଜ୍ୟ ନେତୃତ୍ୱଙ୍କ ନିର୍ଦ୍ଦେଶ ମୁତାବକ ବ୍ୟାନର ନିର୍ମିତ ହୋଇଥିଲା। ଏଥିରେ ଜିଲା ସଭାପତିଙ୍କ ନାମ ନାହିଁ। ସମ୍ବଲପୁର ବିଧାୟକ ଜୟନାରାୟଣଙ୍କ ନାମ କାହିଁକି ଦେଲ ନାହିଁ ବୋଲି ତାଙ୍କ ସମର୍ଥକମାନେ ମୋତେ ବଦନାମ କରିବାକୁ ଏଭଳି ହୀନ ପ୍ରୟାସ କରିଥିବା କହିଥିଲେ।

## ପ୍ରତିଶ୍ରୁତି ପାଳନରେ ରାଜ୍ୟ ସରକାର ବିଫଳ

**ଜନଜାଗରଣ ସଭାରେ ବିଜେଡି ନେତାଙ୍କ ଅଭିଯୋଗ**

ପାଲଲହଡ଼ା,୨୩।୮ (ଦିବ୍ୟଜ୍ୟୋତି ଦାଶ)

ରାଜ୍ୟରେ ଭାଜପା ସରକାର ସମସ୍ତ ବୟସ୍କଙ୍କୁ ୩ ହଜାର ଟଙ୍କା ଭତ୍ତା ପ୍ରଦାନ କରିବା ପ୍ରତିଶ୍ରୁତି ପାଳନ କରୁନାହିଁ। ପ୍ରତି ମହିଳାଙ୍କୁ ୫୦ ହଜାର ଟଙ୍କାର କୁପନ ଦେବା ପାଇଁ ଦେଇଥିବା ପ୍ରତିଶ୍ରୁତି ମଧ୍ୟ ପାଳନ କରିବାରେ ବିଫଳ ହୋଇଛି। ବିଜୁଳି ବିଲ୍ ମାଗଣା ପରି ଅନେକ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ଭାଜପା ସରକାର ପ୍ରତିଶ୍ରୁତି ପାଳନ କରୁନାହିଁ ବୋଲି ଅନୁଗୋଳ ଜିଲା ପାଲଲହଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଅନୁଷ୍ଠିତ ଜନଜାଗରଣ ସଭାରେ ଉପସ୍ଥିତ ବିଜେଡି ନେତା ତଥା ପୂର୍ବତନ ବିଧାୟକ ମୁକେଶ କୁମାର ପାଳ ଅଭିଯୋଗ କରିଛନ୍ତି। ପାଳ କହିଛନ୍ତି, ଓଡ଼ିଶାବାସୀଙ୍କ ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅବହେଳା ଏବଂ ମିଥ୍ୟା ପ୍ରତିଶ୍ରୁତି ପ୍ରତିବାଦରେ ଏହି ସଭାର ଆୟୋଜନ କରାଯାଇଥିଲା। ସେହିପରି ବରିଷ୍ଠ ନେତା ଇନ୍ଦ୍ରମଣି ଗଡ଼ନାୟକ ଭାଜପା ସରକାର ମିଥ୍ୟା ପ୍ରତିଶ୍ରୁତିର ସରକାର ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ରୀନାରାଣି ନାୟକ ଯୋଗଦେଇ ଭାଜପା ସରକାରଙ୍କୁ ସମାଲୋଚନା କରିଥିଲେ।

## ସୁଭଦ୍ରା: ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ଭାଜପା

ଭୁବନେଶ୍ୱର, ୨୩।୮ (ସୁନିତ୍ ମିଶ୍ର)

ମହିଳା ସଶକ୍ତୀକରଣ କ୍ଷେତ୍ରରେ 'ସୁଭଦ୍ରା ଯୋଜନା' ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହି ଯୋଜନାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଘୋଷଣା କରିଛନ୍ତି। ନିର୍ବାଚନ ସମୟରେ ଭାଜପା ପ୍ରତିଶ୍ରୁତି ଦେଇଥିଲା ଏବଂ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ କ୍ୟାବିନେଟ୍‌ରେ ଓଡ଼ିଶାର ମହିଳାମାନଙ୍କ ପାଇଁ ସୁଭଦ୍ରା ଯୋଜନା ଅନୁମୋଦନ ହେଲା। ଏହି ଯୋଜନା ଦ୍ୱାରା ରାଜ୍ୟର ୧ କୋଟିରୁ ଉର୍ଦ୍ଧ୍ୱ ମହିଳା ଲାଭବାନ୍ ହେବେ ବୋଲି ଭାଜପା ରାଜ୍ୟ ଉପସଭାନେତ୍ରୀ କୁସୁମ ଟେଟେ କହିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

କୁସୁମ କହିଛନ୍ତି, ଏହି ଯୋଜନା ୨୦୨୮-୨୯ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଏଥିପାଇଁ ୫୫,୮୨୫ କୋଟି ଟଙ୍କାର ବଜେଟ ଧାର୍ଯ୍ୟ କରାଯାଇଛି। ଏହି ଯୋଜନାରେ ୨୧ରୁ ୬୦ ବର୍ଷ ପର୍ଯ୍ୟନ୍ତ ସମସ୍ତ ମହିଳାଙ୍କୁ ସାମିଲ କରାଯିବ। ପ୍ରତିବର୍ଷ ରାଖୀ ପୂର୍ଣ୍ଣିମା ଏବଂ ଅନ୍ତର୍ଜାତୀୟ ମହିଳା ଦିବସରେ ୫ ହଜାର ଟଙ୍କା ଲେଖାଏଁ ବାର୍ଷିକ ସମୁଦାୟ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ସୁଭଦ୍ରା ଯୋଜନାରେ ସ୍ୱଚ୍ଛତା ଆଣିବା ପାଇଁ ଆଧାର ପେମେଣ୍ଟ ବ୍ରିଜ୍ ସିଷ୍ଟମ ଦ୍ୱାରା ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆର୍ଥିକ ସହାୟତା ପଠାଯିବ। ଏଥିସହ ମହିଳାଙ୍କୁ 'ସୁଭଦ୍ରା' ଡେବିଟ୍ କାର୍ଡ ପ୍ରଦାନ କରାଯିବ। ସୁଭଦ୍ରା ଯୋଜନାରୁ ଯେପରି ଯୋଗ୍ୟ ମହିଳା ବଞ୍ଚିତ ନ ହୁଅନ୍ତି ସେଥିଲାଗି ଭାଜପା ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

## ବହୁ ଆଡ଼ମ୍ବରରେ ଲଘୁକ୍ରିୟା: ବିଜେଡି

ଭୁବନେଶ୍ୱର,୨୩।୮ (ଅନିଲଦାସ)



ସୁଲତା ଦେଓ

ବହୁ ଚର୍ଚ୍ଚିତ ସୁଭଦ୍ରା ଯୋଜନାର ଏସ୍‌ଓପି ଆସିବା ପରେ ଭାଜପା ସୁଭଦ୍ରା ଯୋଜନାକୁ ନେଇ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପୂରଣ ଦିଗରେ ଚଞ୍ଚକତା କରିଥିବା ଦେଖିବାକୁ ମିଳିଛି। ଏହି ଯୋଜନା ବହୁ ଆଡ଼ମ୍ବରରେ ଲଘୁକ୍ରିୟାରେ ପରିଣତ ହୋଇଛି ବୋଲି ବିଜେଡି ମୁଖପାତ୍ର ସୁଲତା ଦେଓ କହିଛନ୍ତି। ଶୁକ୍ରବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ସୁଲତା କହିଛନ୍ତି, ରାଜ୍ୟର ଭତ୍ତାଧାରୀମାନଙ୍କ ଭତ୍ତାକୁ ୩୦୦୦ରୁ ୩୫୦୦ ଟଙ୍କାକୁ ବୃଦ୍ଧି କରିବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ରାଜ୍ୟ ବଜେଟରେ କେବଳ ୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଓ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ବିକଳାଙ୍ଗଙ୍କ ଭତ୍ତା ବୃଦ୍ଧି କରିଥିଲେ ହେଁ ରାଜ୍ୟର ପ୍ରାୟ ୯୦ ପ୍ରତିଶତ ଭତ୍ତାଧାରୀମାନେ ଏହି ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ସୁଭଦ୍ରା ଯୋଜନାରେ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ୨ ବର୍ଷରେ ୫୦ ହଜାର ଟଙ୍କାର ଭାଉଚର ପ୍ରଦାନ କରାଯିବ ବୋଲି ଭାଜପା ତରଫରୁ କୁହାଯାଇଥିଲା। ଏହି ଯୋଜନାର ହିତାଧିକାରୀମାନେ୨ ବର୍ଷରେ ୫୦ ହଜାର ଟଙ୍କା ଅର୍ଥାତ୍ ମାସିକ ପ୍ରାୟ ୨୧୦୦ଟଙ୍କା ପାଇବେ ବୋଲି କୁହାଯାଇଥିଲା। ପ୍ରକାଶିତ ହୋଇଥିବା ଏସ୍‌ଓପିରେ ସ୍ପଷ୍ଟ ହୋଇଛି ଯେ, ୨ ବର୍ଷରେ ନୁହେଁ ୫ ବର୍ଷରେ ୫୦ ହଜାର ଟଙ୍କା ମିଳିବ; ଯାହାର ଅର୍ଥ ମାସକୁ ୨୧୦୦ ଟଙ୍କା ନୁହେଁ ବରଂ ମାତ୍ର ୮୩୩ ଟଙ୍କା ମିଳିବ। ଏସ୍‌ଓପି ପ୍ରକାଶ ପରେ ସ୍ପଷ୍ଟ ହୋଇଛି, ରାଜ୍ୟର ପ୍ରାୟ ୧ କୋଟି ମହିଳା ଏହି ଯୋଜନାରୁ ବଞ୍ଚିତ ହେବେ ବୋଲି ସୁଲତା କହିଛନ୍ତି।

# ପିଡିଏସ୍ ଚାଉଳ ବସ୍ତାରୁ ୭ରୁ ୮ କେଜି ଚୋରି ହେଉଛି: ମନ୍ତ୍ରୀ ପାତ୍ର

ଭୁବନେଶ୍ୱର, ୨୩।୮ (ସୁନିତ୍ ମିଶ୍ର)

ଏଟିଏମ୍ ଚାଉଳ ମେସିନ ଆଗ ଭୁବନେଶ୍ୱରରେ ଲଗାଯାଇଛି। ଆଗକୁ ଏହା ସବୁ ଜିଲାରେ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସଫଳ ହେଲେ ଆଗକୁ ସବୁ ଗ୍ରାମପଞ୍ଚାୟତସ୍ତରରେ ଲଗାଯିବ। ଡିଲରମାନଙ୍କ ପାଖରେ ଆଉ ଭରସା କରିବାକୁ ପଡିବ ନାହିଁ। ଚାଉଳ ଚୋରୀ ବିଷୟ ସତ। ମୟୂରଭଞ୍ଜ ଗସ୍ତ କରିବା ସମୟରେ ଗୋଟିଏ ପିଡିଏସ୍ ଚାଉଳ ଗାଡି ଅଟକାଇ ତଦନ୍ତ କରିବା ବେଳେ ଦେଖିବାକୁ ମିଳିଲା ଗୋଟିଏ ବସ୍ତାରୁ ପ୍ରାୟ ୭ରୁ ୮ କେଜି କମ୍ ରହୁଛି। ଗତ ୨୪ ବର୍ଷ ହେଲା ରାଜ୍ୟରେ ଏହା ଚାଲିଛି। ସେଥିରେ ରାଜନେତା, ଅଧିକାରୀ, ପରିବହନ ସଂସ୍ଥା ସମସ୍ତଙ୍କ ହାତ ରହିଛି। ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଗୋଟିଏ ଦାନା ଚୋରୀ ହେବାକୁ ଦେବୁନି। ଅଧିକାରୀମାନଙ୍କୁ କୁହାଯାଇଛି, ସେମାନେ ତାଙ୍କ ମାନସିକତା ବଦଳାନ୍ତୁ, ଏ ସରକାରରେ ସେସବୁ ଚଳିବନି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଶୁକ୍ରବାର ବିଧାନସଭାରେ ଉତ୍ତର ରଖିବା ବେଳେ କହିଛନ୍ତି।

# ଯୋଗାଣ ମନ୍ତ୍ରୀଙ୍କ କଥାରେ ତାଳମେଳ ନାହିଁ: ଅଶୋକ

ଭୁବନେଶ୍ୱର,୨୩।୮ (ସୁନିତ୍ ମିଶ୍ର)

- **କଥା କହିବା କାମ କରିବା ଭିତରେ ବହୁ ଫରକ: ପ୍ରତାପ**
- **ବିଜୁବାବୁ କି ସ୍ୱପ୍ନ ଦେଖିଥିଲେ ୨୪ ବର୍ଷରେ ବିଜେଡି ପୂରଣ କରିପାରିଲାନି: ଓମ୍**

ବିଧାନସଭାରେ ସମବାୟ ବିଭାଗ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଖର୍ଚ୍ଚଦାବି ସମ୍ପର୍କିତ ଆଲୋଚନାରେ ଭାଗନେଇ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଶାସକ ଦଳକୁ ଟାର୍ଗେଟ କରିଥିଲେ।

କଂଗ୍ରେସ ସଦସ୍ୟ ଅଶୋକ ଦାସ କହିଥିଲେ, ଯେଉଁ ଗରିବ ଲୋକମାନେ ଉପାସରେ ରହିବେନାହିଁ ବୋଲି ଖାଦ୍ୟ ସୁରକ୍ଷା ଆଇନ ଅଣାଯାଇଥିଲା ତାହା ଉପା ସରକାର ସମୟରେ ଆସିଥିଲା। ମାତ୍ର ଏହି ଆଇନରେ ଏ ପର୍ଯ୍ୟନ୍ତ ସୁଧାର ଅଣାଯାଇପାରିନାହିଁ। ଧନୀ ଲୋକମାନେ ନିଜକୁ ଗରିବ ଦର୍ଶାଇ ଏହି ସୁବିଧା ହାତଉଛନ୍ତି। ମନ୍ତ୍ରୀ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ସମ୍ପର୍କରେ ବାରମ୍ବାର ଭୁଲ୍ ତଥ୍ୟ ରଖୁଛନ୍ତି। ପ୍ରଥମେ କହିଲେ, ୨୫ ଲକ୍ଷ ଭୂତ ହିତାଧିକାରୀ ରାଜ୍ୟରେ ଅଛନ୍ତି। ତା'ପରେ ଗୃହରେ କହୁଛନ୍ତି, ୧୬ ଲକ୍ଷ ଅଛନ୍ତି। ତାଙ୍କ କଥାରେ ତାଳମେଳ ରହୁନାହିଁ। ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ଲାଗି ସରକାର କ'ଣ ନୀତି ନିର୍ଦ୍ଧାରଣ କରୁଛନ୍ତି ସେକଥା ମନ୍ତ୍ରୀ କୁହନ୍ତୁ।

ଶାସକ ଦଳ ସଦସ୍ୟ ଓମ୍ ପ୍ରକାଶ ମିଶ୍ର କହିଛନ୍ତି, ୨୦୦୦ ମସିହାରୁ ବିଜେଡି ନିର୍ବାଚନ ଆସିଲେ ଲେଖି ଆସିଛି ବିଜୁବାବୁଙ୍କ ଅଧୁରା ସ୍ୱପ୍ନ ପୂରଣ କରିବ। ୨୦୨୪ ପର୍ଯ୍ୟନ୍ତ ବିଜେଡି ସମାନ କଥା ଲେଖି ଆସିଛି। ତେବେ ବିଜୁବାବୁ ଏମିତି କି ସ୍ୱପ୍ନ ଦେଖିଥିଲେ ଆଉ କେତେବେଳେ ଦେଖିଥିଲେ, ବିଜେଡି ୨୪ ବର୍ଷରେ ତାଙ୍କ ସ୍ୱପ୍ନ ପୂରଣ କରିପାରିଲାନାହିଁ ତାହା ଜଣାପଡୁନାହିଁ।

ବିଜେଡି ସଦସ୍ୟ ପ୍ରତାପ ଦେବ କହିଛନ୍ତି, କଚ୍‌ନି ଛଚ୍‌ନି କିପରି ନ ହେବ ସେକଥା ପ୍ରତି ଏ ସରକାର ଧ୍ୟାନଦେବା ଦରକାର। ଅଯୋଗ୍ୟ ହିତାଧିକାରୀ କଥା ଯାହା ସରକାର କହୁଛି ସେକଥାକୁ ଗ୍ରହଣ କରିପାରୁନାହାନ୍ତି। ତେଣୁ ଯାହା ପ୍ରତିଶ୍ରୁତି ଦେଇଛ ତାକୁ ପୂରଣକର ବୋଲି ପ୍ରତାପ କହିଛନ୍ତି। ଏହାପରେ ସଦସ୍ୟ ପ୍ରକାଶ ଚନ୍ଦ୍ର ସେଠୀ, ସାରଦା ପ୍ରସାଦ ଜେନା, ସନ୍ତୋଷ ଖଟୁଆ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏହା ପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉତ୍ତର ରଖିବା ବେଳକୁ ବିରୋଧୀ ବିଜେଡି ଏବଂ କଂଗ୍ରେସ ସଦସ୍ୟମାନେ ବିରୋଧୀ ପଚାରିଥିବା ପ୍ରଶ୍ନର ଉତ୍ତର ମନ୍ତ୍ରୀ ଦେଉନାହାନ୍ତି କହି କକ୍ଷତ୍ୟାଗ କରିଥିଲେ।

# ବାଚସ୍ପତିଙ୍କୁ ବିଜେଡିର ବ୍ୟବହାର ଲଜ୍ଜାଜନକ: ଐଶ୍ୱର୍ଯ୍ୟା

ଭୁବନେଶ୍ୱର, ୨୩।୮ (ସୁନିତ୍ ମିଶ୍ର)



ଖବରଦାତା ସମ୍ମିଳନୀରେ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ ଓ ଦଳୀୟ ନେତ୍ରୀ।

ବିଧାନସଭାରେ ବାଚସ୍ପତିଙ୍କୁ ବିଜେଡି ବିଧାୟକଙ୍କ ବ୍ୟବହାର ଅତ୍ୟନ୍ତ ଲଜ୍ଜାଜନକ ଓ ଦୁର୍ଭାଗ୍ୟଜନକ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜଣେ ମହିଳା ବାଚସ୍ପତିଙ୍କୁ ସର୍ବାଧିକ ସମ୍ମାନ ଦେବା ବଦଳରେ ବିରୋଧୀ ଦଳର ଏପରି ବ୍ୟବହାର ସମଗ୍ର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ମହିଳାଙ୍କୁ ଅସମ୍ମାନ ଓ ଦୁର୍ବ୍ୟବହାର କରିବା ବିଜେଡିର ଚରିତ୍ର। ଗତ ୨୪ ବର୍ଷ ଶାସନରେ ମହିଳାଙ୍କ ପ୍ରତି ଅପରାଧ ସୀମା ଲଙ୍ଘିଥିଲା। ବିଜେଡି ସରକାର ସମୟରେ ମହିଳାଙ୍କ ପ୍ରତି ଯେଉଁଭଳି ଅପରାଧ ହୋଇଥିଲା, ବୋଧହୁଏ ଅନ୍ୟ କୌଣସି ରାଜ୍ୟରେ ସେପରି ହୋଇ ନ ଥିଲା। ଏହି ସରକାର ସମୟରେ ସାଇବର କ୍ରାଇମଠାରୁ ଆରମ୍ଭକରି ଅନ୍ୟାନ୍ୟ ମହିଳା ବିରୋଧୀ ଆପରାଧିକ କାର୍ଯ୍ୟକଳାପରେ ଓଡ଼ିଶା ୧ନମ୍ବର ଥିଲା। ବିଜେଡି ସବୁବେଳେ ମହିଳାଙ୍କୁ ଅସମ୍ମାନ କରିଛି। ସେଥିପାଇଁ ଲୋକେ ତାଙ୍କୁ ଜବାବ ଦେଇଛନ୍ତି ବୋଲି ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଐଶ୍ୱର୍ଯ୍ୟା କହିଛନ୍ତି, ଗତ ୨୪ ବର୍ଷ ଶାସନରେ ରହିବା ପରେ ଓଡ଼ିଶାକୁ ବିଜେଡି ନିଜର ଜାଗିର ବୋଲି ଭାବୁଥିଲା। କ୍ଷମତାଚ୍ୟୁତ ହେବା ପରେ ଦଳ ତାକୁ ସହଜରେ ଗ୍ରହଣ କରି ନ ପାରି ଗୃହରେ ନିଜର ହତାଶାଭାବ ପ୍ରଦର୍ଶିତ କରିଛି। ମହିଳାଙ୍କୁ ଅସମ୍ମାନ କରିବା ସେମାନଙ୍କ ସ୍ୱଭାବ ହୋଇଥିବାରୁ ବର୍ତ୍ତମାନ ମହିଳା ବାଚସ୍ପତିଙ୍କୁ ମାଡ଼ମାରିବା ପାଇଁ ବିଜେଡି ବିଧାୟକମାନେ ପୋଡିୟମ ଉପରକୁ ଚଢ଼ି ଆସିଥିଲେ। ସଭ୍ୟ ସମାଜରେ ଏଭଳି ବ୍ୟବହାରକୁ ସହଜରେ ଗ୍ରହଣ କରାଯାଇ ନ ପାରେ। ବିଧାନସଭା ଭିତରେ ମହିଳା ବାଚସ୍ପତିଙ୍କୁ ସମ୍ମାନ ଦେଉ ନ ଥିବା ଦଳ ନିଜ ବିଧାନସଭା କ୍ଷେତ୍ରରେ ମହିଳାଙ୍କୁ କିପରି ସମ୍ମାନ ଦେଉଥିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାକୁ ଭାଜପା ତୀବ୍ର ନିନ୍ଦା କରୁଛି। ମହିଳାଙ୍କୁ ଏପରି ଲଜ୍ଜାଜନକ ବ୍ୟବହାର କରିଥିବାରୁ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କ୍ଷମା ମାଗନ୍ତୁ ବୋଲି ଐଶ୍ୱର୍ଯ୍ୟା କହିଛନ୍ତି।

## ଅସମ୍ମାନ ଅଭିଯୋଗ ଭିତ୍ତିହୀନ: ବିଜେଡି

**ଭୁବନେଶ୍ୱର,୨୩।୮ (ଅନିଲଦାସ):** ଭାଜପା ରାଜ୍ୟ ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳଙ୍କ ଦ୍ୱାରା ବିଧାନସଭାରେ ମଦମୃତ୍ୟୁ ପ୍ରସଙ୍ଗରେ ବିଜେଡି ବିଧାୟକମାନେ ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସମୟରେ ବାଚସ୍ପତି ସୁରମା ପାଢ଼ୀଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ କରାଯାଇଥିବା ଅଭିଯୋଗ ଭିତ୍ତିହୀନ। ଭାଜପା ଦ୍ୱାରା ମହିଳାଙ୍କୁ ସମ୍ମାନ ପ୍ରଦାନ ନାମରେ ସ୍ୱର ଉତ୍ତୋଳନ କରିବା ସୈତାନର ବେଦପାଠ ସଦୃଶ ବୋଲି ଶୁକ୍ରବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ଇପ୍ସିତା ସାହୁ ଓ ସୋଫିଆ ଆଲାମ୍ କହିଛନ୍ତି।

# ଭାରତ-ଚାଇନା ବାଣିଜ୍ୟିକ କାରବାରରେ ସର୍ବାଧିକ ହ୍ରାସ

ଭୁବନେଶ୍ୱର,୨୩।୮(ଅନୁରାଧା ମହାରଣା)



ଚଳିତ କ୍ୟାଲେଣ୍ଡର ବର୍ଷର ପ୍ରଥମ ୬ମାସ (ଜାନୁଆରୀ-ଜୁନ)ରେ ଆମେରିକା ଭାରତର ସର୍ବୋଚ୍ଚ ବାଣିଜ୍ୟ ଭାଗିଦାରୀ ଭାବରେ ଉଭା ହୋଇଛି। ଅନ୍ୟପଟେ ଏ ଅବଧି ମଧ୍ୟରେ ଚାଇନା ସହିତ ଦେଶରେ ସର୍ବାଧିକ ୪୧.୬ ବିଲିୟନ ଡ଼ଲାରର ବାଣିଜ୍ୟିକ କାରବାର ହ୍ରାସ ହୋଇଥିବା ରେକର୍ଡ କରାଯାଇଛି। ଅନୁସନ୍ଧାନ ପ୍ରତିଷ୍ଠାନ ଗ୍ଲୋବାଲ ଟ୍ରେଡ ରିସର୍ଚ୍ଚ ଇନିସିଏଟିଭ ଏହାର ଏକ ରିପୋର୍ଟରେ କହିଛି ଯେ, ଚଳିତବର୍ଷ ଜାନୁଆରୀରୁ ଜୁନ ମଧ୍ୟରେ ଦେଶର ବାଣିଜ୍ୟିକ ରପ୍ତାନି ୫.୪୧% ବୃଦ୍ଧି ହୋଇ ୨୩୦.୫୧ ବିଲିୟନ ଡ଼ଲାରରେ ପହଞ୍ଚିଛି। ରିପୋର୍ଟ ଅନୁଯାୟୀ, ଚାଇନାର ରପ୍ତାନି ୮.୫ ବିଲିୟନ ଡ଼ଲାରରେ ପହଞ୍ଚିଥିବାବେଳେ ଜାନୁଆରୀରୁ ଜୁନ ମଧ୍ୟରେ ଆମଦାନୀ ୫୦.୧ ବିଲିୟନ ଡ଼ଲାରରେ ପହଞ୍ଚିଛି। ରିପୋର୍ଟର ବିଶ୍ଳେଷଣରୁ ଜଣାପଡିଛି ଯେ, ଭାରତ ୨୩୯ଟି ଦେଶକୁ ଉତ୍ପାଦ ରପ୍ତାନି କରୁଛି ଏବଂ ସେଥିମଧ୍ୟରୁ ୧୨୬ଟି ଦେଶ ରପ୍ତାନିରେ ସକରାତ୍ମକ ଅଭିବୃଦ୍ଧି ଦେଖାଇଛନ୍ତି। ଏହି ଦେଶଗୁଡ଼ିକର ରପ୍ତାନୀ ହାର ଭାରତର ମୋଟ ରପ୍ତାନୀର ୭୫.୩% ଅଟେ। ରପ୍ତାନିରେ ଅଭିବୃଦ୍ଧି ଥିବା ପ୍ରମୁଖ ଦେଶଗୁଡିକ ମଧ୍ୟରେ ଆମେରିକା, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ନେଦରଲ୍ୟାଣ୍ଡ, ସିଙ୍ଗାପୁର ଏବଂ ଚାଇନା ରହିଛି। ଅନ୍ୟପଟେ ଭାରତରୁ ୯୮ଟି ଦେଶକୁ ରପ୍ତାନିରେ ହ୍ରାସ ଘଟିଛି। ଏହି ଦେଶଗୁଡ଼ିକ ମଧ୍ୟରେ ଇଟାଲୀ, ବେଲଜିୟମ, ନେପାଳ ଏବଂ ହଂକଂ ମଧ୍ୟ ରହିଛି। ରିପୋର୍ଟ ଅନୁଯାୟୀ, ଆମେରିକା ହେଉଛି ଭାରତର ସର୍ବୋଚ୍ଚ ରପ୍ତାନି ଭାଗିଦାରୀ। ୨୦୨୩ ଜାନୁଆରୀରୁ ଜୁନ୍‌ରେ ଆମେରିକାକୁ ରପ୍ତାନି ୩୭.୭ ବିଲିୟନ ଡ଼ଲାର ଥିଲା, ଯାହା ଚଳିତ ବର୍ଷର ସମାନ ଅବଧିରେ ୧୦.୫ ପ୍ରତିଶତ ବୃଦ୍ଧି ପାଇ ୪୧.୬ ବିଲିୟନ ଡ଼ଲାରରେ ପହଞ୍ଚିଛି। ଚଳିତ ବର୍ଷର ପ୍ରଥମାର୍ଦ୍ଧରେ ଚାଇନା ଭାରତର ସର୍ବବୃହତ ଆମଦାନୀ ଯୋଗାଣକାରୀ ଭାବରେ ରହିଆସିଛି। ଚାଇନାରୁ ଆମଦାନୀ ୪୬.୨ ବିଲିୟନ ଡ଼ଲାରରୁ ୫୦.୧ ବିଲିୟନ ଡ଼ଲାରକୁ ବୃଦ୍ଧି ପାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଚାଇନା ଭାରତର ସର୍ବୋଚ୍ଚ ବାଣିଜ୍ୟ ଭାଗୀଦାରୀ ହୋଇ ରହିଥିଲା। ମାତ୍ର ଜାନୁୟାରୀରୁ ଜୁନ ୨୦୨୪ ମଧ୍ୟରେ ଆମେରିକା ଭାରତର ସର୍ବବୃହତ ବାଣିଜ୍ୟ ଭାଗିଦାରୀ ରହିଛି। ଏହାପଛକୁ ଦ୍ୱିତୀୟ ବୃହତ୍ତମ ବାଣିଜ୍ୟ ଭାଗିଦାରୀ ଭାବରେ ଚାଇନା ରହିଛି। ଏହିକ୍ରମରେ ମୋଟ ବାଣିଜ୍ୟ ୭.୭% ବୃଦ୍ଧି ହୋଇ ୫୪.୪ ବିଲିୟନ ଡ଼ଲାରରୁ ୫୮.୬ ବିଲିୟନ ଡ଼ଲାରରେ ପହଞ୍ଚିଛି। ଲୁହାପଥର, ଫାର୍ମାସ୍ୟୁଟିକାଲ୍ସ, ମୂଲ ବାନ ପଥର, ବାସମତି ଚାଉଳ, ରାସାୟନିକ ପଦାର୍ଥ ଏବଂ ସ୍ମାର୍ଟଫୋନ ଭଳି କ୍ଷେତ୍ର ଦ୍ୱାରା ରପ୍ତାନୀର ଅଭିବୃଦ୍ଧି ବୃଦ୍ଧି ହୋଇଥିବାବେଳେ ସେବା କ୍ଷେତ୍ରରେ ରପ୍ତାନି ୬.୯% ବୃଦ୍ଧି ହୋଇ ୧୭୮.୨ ବିଲିୟନ ଡ଼ଲାରରେ ପହଞ୍ଚିଛି। ଅନ୍ୟପଟେ ଆମଦାନୀ ୫.୭୯% ବୃଦ୍ଧି ହୋଇ ୯୫ ବିଲିୟନ ଡ଼ଲାରରେ ପହଞ୍ଚିଛି।

## ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୨୩।୮ (ଅଭୟ ଦାଶ)

କ୍ରମାଗତ ୪ର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୩ (୩୩.୦୨) ପଏଣ୍ଟ ବଢି ୮୧,୦୮୬ (୮୧,୦୮୬.୨୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୨ (୧୧.୬୫) ପଏଣ୍ଟ ବୃଦ୍ଧି ଘଟି ୨୪,୮୨୩ (୨୪,୮୨୩.୧୫) ଅଙ୍କରେ କାରବାର ଶେଷ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

## ଫାବିଓ ବିଲେଟ୍‌ର ନୂଆ ସିଇଓ

ନୂଆଦିଲ୍ଲୀ,୨୩।୮ (ଅଭୟ ଦାଶ)



ଫାବିଓ ରୋବର୍ଟୋ ମାର୍ଟିନ୍ସ

ବେଦାନ୍ତ ଆଲୁମିନିୟମର ପ୍ରମୁଖ ୟୁନିଟ୍ 'ବିଲେଟ୍'ର ନୂଆ ସିଇଓ ଭାବେ ଫାବିଓ ରୋବର୍ଟୋ ମାର୍ଟିନ୍ସଙ୍କୁ ନିକଟରେ ନିଯୁକ୍ତି ଦିଆଯାଇଛି। ଏପରିକି ସେ ଏହି ନୂତନ ଭୂମିକାରେ ବିଲେଟ୍ ଉତ୍ପାଦ ଗୋଷ୍ଠୀର ଦାୟିତ୍ୱ ନେବେ। ଉତ୍ପାଦନକୁ ତ୍ୱରାନ୍ୱିତକରି ଉତ୍ପାଦ ମୂଲ୍ୟ ବୃଦ୍ଧି ମାଧ୍ୟମରେ ମୂଲ୍ୟ ସୃଷ୍ଟି ଉପରେ ମଧ୍ୟ ସେ ବିଶେଷ ଧ୍ୟାନଦେବେ। ସେହିଭଳି କମ୍ପାନୀ ତା'ର ବିଲେଟ୍ କ୍ଷମତାକୁ ବାର୍ଷିକ ୧.୨ ମିଲିୟନ୍ ଟନ୍‌କୁ ବୃଦ୍ଧି କରିବାକୁ ଯୋଜନା କରିଛି। ଏହାକୁ ବିଶ୍ୱର ସର୍ବବୃହତ୍ ବିଲେଟ୍ ଉତ୍ପାଦକ ଭାବେ ପରିଣତ କରିବାକୁ ଫାବିଓ ଅଭିନବତା ଓ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର ଜରିଆରେ କାର୍ଯ୍ୟ ପରିଚାଳନାକୁ ତଦାରଖ କରିବେ।

ସେହିପରି ଫାବିଓଙ୍କର ଅଲକୋଆରୁ ୨୬ବର୍ଷର ଦୀର୍ଘ ଅଭିଜ୍ଞତା ରହିଛି, ଯେଉଁଠାରେ ସେ ବିଭିନ୍ନ ଦାୟିତ୍ୱ ଗ୍ରହଣ କରିଥିଲେ। ଏପରିକି ନିକଟରେ ସେ ଅପରେଶନ ନିର୍ଦ୍ଦେଶକ ମଧ୍ୟ ଥିଲେ। ତାଙ୍କର ପାରଦର୍ଶିତା ଓ ଅଭିଜ୍ଞତା ଆଲୁମିନିୟମ ବିଲେଟ୍ କ୍ଷେତ୍ରରେ ପ୍ରମୁଖ ଭୂମିକା ବହନ କରିବ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ କହିଛନ୍ତି,ବଜାରର ଚାହିଦା ପୂରଣକରିବା ଲାଗି ଆମେ (ବେଦାନ୍ତ) ମୂଲ୍ୟଯୁକ୍ତ ଉତ୍ପାଦଗୁଡ଼ିକର ପୋର୍ଟଫୋଲିଓ ବିସ୍ତାର କରୁଛି। ଏପରିକି ଆମେ ପୂର୍ବରୁ ଭାରତରେ ସର୍ବବୃହତ୍ ବିଲେଟ ଉତ୍ପାଦକ ଓ ରପ୍ତାନିକାରୀ ହୋଇଥିଲାବେଳେ ଆମର ସ୍ଥିତିକୁ ଅଧିକ ମଜଭୁତ କରିବା ଲାଗି ଆମେ ଫାବିଓଙ୍କୁ ଆମର ନେତୃତ୍ୱ ଦଳରେ ନିଯୁକ୍ତି ଦେଇ ବେଶ୍ ଉତ୍ସାହିତ ଅଛୁ।

## ବଜାରରେ 'ଫାର୍ମ ବି' ଉତ୍ପାଦ




ଭୁବନେଶ୍ୱର,୨୩।୮ (ଅଭୟ ଦାଶ)

ବିଶ୍ୱେଶ୍ୱର ଫୁଡ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରମୁଖ ବ୍ରାଣ୍ଡ୍ 'ଫାର୍ମ ବି'ର ଉତ୍ପାଦଗୁଡିକୁ ଶୁକ୍ରବାର ଆନୁଷ୍ଠାନିକ ଭାବେ ପଶ୍ଚିମ ଓଡ଼ିଶା ବଜାରରେ ଶୁଭାରମ୍ଭ କରାଯାଇଛି। ଏପରିକି ବ୍ରାଣ୍ଡ୍‌ର ସମସ୍ତ ଉତ୍ପାଦକୁ ବଜାର ପ୍ରବେଶ କରାଇବା ସହିତ କଳାହାଣ୍ଡି ଜିଲାର ଭବାନୀପାଟଣାରୁ ବ୍ରାଣ୍ଡ୍‌ର ଜୟଯାତ୍ରା ଆରମ୍ଭ ହୋଇଛି ବୋଲି ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଫାର୍ମ ବି'ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶିକା ରଶ୍ମି ସାହୁ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ବ୍ରାଣ୍ଡ୍ ପକ୍ଷରୁ ଭବାନୀପାଟଣାର ଏକ ଘରୋଇ ହୋଟେଲରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀ ତଥା ଫାର୍ମ ବି ଉତ୍ପାଦର ବଜାର ପ୍ରବେଶ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଫାର୍ମ ବି'ର ପ୍ରତିଷ୍ଠାତା ରଶ୍ମି ସାହୁଙ୍କ ସମେତ ବରିଷ୍ଠ ପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ର, ବରିଷ୍ଠ ସେଲ୍ସ ମୁଖ୍ୟ ମନୋରଞ୍ଜନ ପରିଡ଼ା ଏବଂ ଭାବନୀପାଟଣା ବିପଣନ ବିଭାଗ ମୁଖ୍ୟ ଜ୍ଞାନରଞ୍ଜନ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୭୦ ରୁ ଅଧିକ ଡିଷ୍ଟ୍ରିବ୍ୟୁଟର ଯୋଗଦେଇ ଫାର୍ମ ବି ଉତ୍ପାଦ ସମସ୍ତଙ୍କ ନିକଟରେ ଗ୍ରହଣୀୟ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ।

## ପୁରୀରେ ସ୍ୱସ୍ତି ପ୍ରିମିୟମ୍‌ର ବିଚ୍ ରିସୋର୍ଟ

**୨୫ରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୨୩।୮(ଅନୁରାଧା ମହାରଣା)



ସ୍ୱସ୍ତିଗ୍ରୁପ୍ ଦ୍ୱାରା ପୁରୀରେ ନିର୍ମିତ ସ୍ୱସ୍ତି ପ୍ରିମିୟମ୍ ବିଚ୍ ରିସୋର୍ଟ ଆସନ୍ତା ୨୫ ତାରିଖରେ ଖୋଲିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନବନିର୍ମିତ ରିସୋର୍ଟକୁ ଉଦ୍‌ଘାଟନ କରିବେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ କନକ ବର୍ଦ୍ଧନ ସିଂଦେଓ ମଧ୍ୟ ଉପସ୍ଥିତ ରହିବେ ବୋଲି ସ୍ୱସ୍ତି ଗ୍ରୁପ୍ ପକ୍ଷରୁ ସୂଚନା ଦିଆଯାଇଛି। ସ୍ୱସ୍ତି ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ଜେ.କେ. ମହାନ୍ତି କହିଛନ୍ତି, ସ୍ୱସ୍ତି ପ୍ରିମିୟମ୍ ବିଚ୍ ରିସୋର୍ଟ ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ହୋଇଛି। ଶକ୍ତି ସଂରକ୍ଷଣଠାରୁ ଆରମ୍ଭ କରି ଜଳ ସଂରକ୍ଷର ବ୍ୟବସ୍ଥା କରାଯାଇଛି। ବିଳାସପୂର୍ଣ୍ଣ ଏହି ରିସୋର୍ଟ ପକ୍ଷରୁ ପରିବେଶକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ସ୍ଥାନୀୟ ଉତ୍ପାଦ ତଥା ଖାଦ୍ୟକୁ ଗୁରୁତ୍ୱ ଦିଆଯାଇଥିବା ମହାନ୍ତି କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଭାରତ ମସଲା ଏମ୍‌ଡି

ଭୁବନେଶ୍ୱର,୨୩।୮(ଅନୁରାଧା ମହାରଣା)



ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ସୁଶାନ୍ତ କୁମାର ପଣ୍ଡା ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ରାଜ୍ୟରେ ଏମ୍‌ଏସ୍‌ଏମ୍‌ଇ ସେକ୍ଟର କିଭଳି କାର୍ଯ୍ୟକରୁଛି, ଉଦ୍ୟୋଗପତିମାନଙ୍କୁ ସହଯୋଗ ମିଳୁଛି କି ନାହିଁ ଓ ବିଶେଷକରି ଯୁବ ଉଦ୍ୟୋଗୀମାନଙ୍କୁ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ସରକାରଙ୍କ ଆନୁଷଙ୍ଗିକ ସୁବିଧା ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ସେହିପରି ଭାରତ ମସଲା ରାଜ୍ୟର ଏକ ଅଗ୍ରଣୀ ଶିଳ୍ପାନୁଷ୍ଠାନ ହୋଇଥିବାରୁ କମ୍ପାନୀର ବାର୍ଷିକ ଆୟବ୍ୟୟ ସହ କାର୍ଯ୍ୟରତ କର୍ମଚାରୀଙ୍କ ସଂଖ୍ୟା ବିଷୟରେ ମୁଖ୍ୟମନ୍ତ୍ରୀ ପଚାରି ବୁଝିଥିଲେ। ଏହି ଅବସରରେ କମ୍ପାନୀ ପକ୍ଷରୁ ପରିଚାଳନା ନିର୍ଦ୍ଦେଶକ ପଣ୍ଡା ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମୃତିଫଳକ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

## ଅକ୍ଟୋବରରେ ନୂଆ ଏମ୍‌ପିସି ସଦସ୍ୟ ଚୟନ

ଭୁବନେଶ୍ୱର,୨୩।୮(ଅନୁରାଧା ମହାରଣା)

ଅକ୍ଟୋବର ସୁଦ୍ଧା ଭାରତ ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ମୁଦ୍ରାନୀତି କମିଟି (ଏମ୍‌ପିସି)ରେ ନୂତନ ବାହ୍ୟ ସଦସ୍ୟ ନିଯୁକ୍ତ କରିବେ। ସୁଧ ହାର ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବୈଠକ ପୂର୍ବରୁ ଏହି ନିଯୁକ୍ତି ହେବ ବୋଲ ସୂଚନା ରହିଛି। ସୁଧ ହାର ହ୍ରାସ କରିବାକୁ ଏମ୍‌ପିସି ଉପରେ ଚାପ ରହିବ ବୋଲି ଆଲୋଚନା ହେଉଥିବାବେଳେ ଆସନ୍ତା ୨ ସପ୍ତାହ ମଧ୍ୟରେ ଚୟନ ପ୍ୟାନେଲ ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ସୁପାରିସ କରିବ ଏବଂ ସେପ୍ଟେମ୍ବର ଶେଷ କିମ୍ବା ଅକ୍ଟୋବର ପ୍ରାରମ୍ଭରେ ଘୋଷଣା କରାଯାଇପାରେ। ୩ଜଣ ବାହ୍ୟ ସଦସ୍ୟ ଏବଂ ୩ ଜଣ ଆର୍‌ବିଆଇ ଅଧିକାରୀଙ୍କୁ ନେଇ ଗଠିତ ଏହି ୬ଜଣିଆ ଏମ୍‌ପିସି ଗଭର୍ନର ଶକ୍ତିକାନ୍ତ ଦାସଙ୍କ ନେତୃତ୍ୱରେ ଗଠନ କରାଯିବ, ଯେଉଁମାନେ ସାଧାରଣତଃ ପ୍ରତିଷ୍ଠିତ ଅର୍ଥନୀତିଜ୍ଞ କିମ୍ବା ଅର୍ଥ ଏବଂ ମାକ୍ରୋକ୍ନୋମିକ ବିଶେଷଜ୍ଞଙ୍କୁ ବାହ୍ୟ ସଦସ୍ୟ ଭାବେ ମନୋନୀତ କରାଯିବ। ସେମାନଙ୍କୁ ୪ବର୍ଷର କାର୍ଯ୍ୟକାଳ ପାଇଁ ନିଯୁକ୍ତ କରାଯିବ। ଅକ୍ଟୋବର ୪ରେ ବର୍ତ୍ତମାନର ବାହ୍ୟ ସଦସ୍ୟ ଜୟନ୍ତ ଭର୍ମା, ଅସୀମା ଗୋୟଲ ଏବଂ ଶଶାଙ୍କ ଭୂଦେଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଅନ୍ୟପଟେ ସୁଧ ହାର ଉପରେ ପରବର୍ତ୍ତୀ ନିଷ୍ପତ୍ତି ଅକ୍ଟୋବର ୯ ପାଇଁ ଧାର୍ଯ୍ୟ କରାଯାଇଛି। ନୂତନ ଚୟନ ପ୍ୟାନେଲରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ, କ୍ୟାବିନେଟ୍ ସଚିବ ଟି.ଭି. ସୋମନାଥନ, ଅର୍ଥନୈତିକ ବ୍ୟାପାର ସଚିବ ଅଜୟ ସେଠ୍ ଏବଂ ଅନ୍ୟାନ୍ୟ ଅଧିକାରୀ ଅଛନ୍ତି। ସୂଚନା ଥାଉକି, ୨୦୨୦ ରେ ବାହ୍ୟ ସଦସ୍ୟଙ୍କ ନିଯୁକ୍ତିରେ ବିଳମ୍ବ ହେତୁ ଆର୍‌ବିଆଇକୁ ଏହାର ବୈଠକ ସ୍ଥଗିତ ରଖିବାକୁ ପଡିଲା। ଏହି କାରଣରୁ ନୀତି ହାରର ଅନିଶ୍ଚିତତା ବୃଦ୍ଧି ପାଇଲା ଏବଂ ବିଶ୍ଳେଷକଙ୍କ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଲା। ତେଣୁ ଚଳିତ ଥର ଏପରି ସମସ୍ୟା ଏଡ଼ାଇବାକୁ ଆର୍‌ବିଆଇ ଚେଷ୍ଟା କରିବ ବୋଲି ମତ ପ୍ରକାଶ ପାଇଛି।

## ସିଲ୍କ ଇଣ୍ଡିଆ ଏକ୍‌ଜିବିଶନ ଉଦ୍‌ଘାଟିତ

ଭୁବନେଶ୍ୱର,୨୩।୮ (ଅଭୟ ଦାଶ)



ପ୍ରତିବର୍ଷଭଳିଚଳିତବର୍ଷମଧ୍ୟଭୁବନେଶ୍ୱରର ହୋଟେଲ ନ୍ୟୁ ମାରିୟନଠାରେ ଏକ ୯ ଦିନିଆ ସିଲ୍କ ଇଣ୍ଡିଆ ସ୍ୱତନ୍ତ୍ର ପ୍ରଦର୍ଶନୀର ଆୟୋଜନ କରାଯାଇଛି। ଏପରିକି ଶୁକ୍ରବାର ସିଲ୍କ ଇଣ୍ଡିଆ ଏକ୍‌ଜିବିଶନ ଆଣ୍ଡ ସେଲ୍ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଲିଉଡ୍ ଅଭିନେତ୍ରୀ ଶିବାନୀ ସଙ୍ଗୀତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ପ୍ରଦର୍ଶନୀ ୨୦୨୪ ଅଗଷ୍ଟ ୨୩ ରୁ ୩୧ ପର୍ଯ୍ୟନ୍ତ ସକାଳ ୧୦ ଟା ୩୦ ରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବ । ସେହିଭଳି ଏହି ପ୍ରଦର୍ଶନୀ ଗ୍ରାହକମାନଙ୍କୁ ଭାରତର ରଙ୍ଗ, ବିବିଧତା ଓ ପ୍ରତିଭାର ଏକ ଉନ୍ନତ ସୁଯୋଗ ପ୍ରଦାନ କରିଛି। ୧୪ଟି ହସ୍ତତନ୍ତ ବୁଣାକାର ରାଜ୍ୟ ଯଥା ଆସାମ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, କର୍ଣାଟକ, ବିହାର, ଓଡ଼ିଶା, ଛତିଶଗଡ଼, ଗୁଜରାଟ, ଜମ୍ମୁ ଓ କଶ୍ମୀର, ପଶ୍ଚିମବଙ୍ଗ ସମେତ ବୁଣାକାରମାନଙ୍କ ସହ ସହଭାଗିତାରେ କାର୍ଯ୍ୟ କରୁଥିବା ୧୦୦ରୁ ଅଧିକ ଡିଜାଇନର ୫୦,୦୦୦ରୁ ଅଧିକ ବିବିଧତା ପୋଷାକ ପ୍ରଦର୍ଶନ କରିଛନ୍ତି। ଏଠାରେ ଦେଶର ପ୍ରତ୍ୟେକ ଅଞ୍ଚଳରୁ ଶାଢ଼ିଠାରୁ ଆରମ୍ଭକରି ଡ୍ରେସ୍ ମ୍ୟାଟେରିଆଲ, ସିଲ୍କ ଓ କଟନ ଶାଢ଼ି, ସୁଟ୍ ଡ୍ରେସ୍ ମ୍ୟାଟେରିଆଲ, ଫ୍ୟାଶନ ଜୁଏଲେରି, ହୋମ୍ ଫର୍ନିସିଂ ଡିଜାଇନର ପୋଷାକ ଆଦି ସାମିଲ କରାଯାଇଛି।

ଏ ସମ୍ପର୍କରେ ସିଲ୍କ ଇଣ୍ଡିଆର ଆୟୋଜକ ମାନସ ଆଚାର୍ଯ୍ୟ କହିଛନ୍ତି, ଏହି ହସ୍ତତନ୍ତ ପ୍ରଦର୍ଶନୀର ମୁଖ୍ୟ ସାମାଜିକ ଉଦ୍ଦେଶ୍ୟ ହେଉଛି, ବୁଣାକାରମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ହସ୍ତତନ୍ତ ଶିଳ୍ପକୁ ଏକ ବଜାର ପ୍ରଦାନ କରିବା। ଏହି ପ୍ରଦର୍ଶନୀ ମାଧ୍ୟମରେ ଆମେ ବୁଣାକାର ଓ ସେମାନଙ୍କୁ ହସ୍ତତନ୍ତ ବୁଣା ସାମଗ୍ରୀଗୁଡ଼ିକ ପାଇଁ ଯେଉଁଠାରେ ପ୍ରଦର୍ଶନୀ ସମ୍ଭବ ନୁହେଁ ସେଠାରେ ମଧ୍ୟ ଉନ୍ନତ ବଜାର ସୃଷ୍ଟି କରିବାକୁ ସକ୍ଷମ ହୋଇଛୁ। ପ୍ରଦର୍ଶନର ଉଦ୍ଦେଶ୍ୟ ହେଉଛି, ବ୍ୟବସାୟୀଙ୍କ ବିନା ଗ୍ରାହକଙ୍କ ନିକଟରେ ସିଧାସଳଖ ଶୁଦ୍ଧ ସିଲ୍କ ଓ କଟନ ଉତ୍ପାଦଗୁଡ଼ିକୁ ପହଞ୍ଚାଇବା। ପ୍ରଦର୍ଶିତ ହେଉଥିବା କଟନ ଓ ସିଲ୍କ ହସ୍ତତନ୍ତ ଉତ୍ପାଦଗୁଡ଼ିକର ମୂଲ୍ୟ ୫୦୦ଟଙ୍କାରୁ ଆରମ୍ଭକରି ସ୍ୱତନ୍ତ୍ର ହାତ ତିଆରି ଶାଢ଼ିଗୁଡିକ ପାଇଁ ୧,୫୦,୦୦୦ ଟଙ୍କା ମଧ୍ୟରେ ରହିଛି।

## ନୂତନ ୟୁପିଆଇ ସର୍ଭିସ୍ ପ୍ଲାଟ୍‌ଫର୍ମର ଶୁଭାରମ୍ଭ

ନୂଆଦିଲ୍ଲୀ,୨୩।୮ (ଅଭୟ ଦାଶ)

ବର୍ତ୍ତମାନ ବଜାରରେ ଏକ ନୂତନ କ୍ରେଡିଟ୍-ଫାଷ୍ଟ ୟୁପିଆଇ ସର୍ଭିସ୍ ପ୍ଲାଟ୍‌ଫର୍ମର ଶୁଭାରମ୍ଭ କରାଯାଇଛି। ଏପରିକି ସୁପର୍ ଡଟ୍ ମନି ପକ୍ଷରୁ ଏକ ସଫଳ ବିଟା ଫେଜ୍ ପରେ ଔପଚାରିକ ଭାବେ ଏହାର ଆପ୍ ଶୁଭାରମ୍ଭ କରାଯାଇଛି। ବିଟା ଫେଜ୍ ସମୟରେ ଏହି ଆପ୍‌ର ପ୍ରାୟ ୧ ମିଲିୟନ ଡାଉନଲୋଡ୍ ଦେଖିବାକୁ ମିଳିଛି, ଯାହା ୧୦ମିଲିୟନରୁ ଅଧିକ ଟ୍ରାଞ୍ଜାକ୍ସନକୁ ପରିଚାଳନା କରିଥିଲା। ସୁପର ଡଟ୍ ମନି ଏକ ପ୍ରଥମ ଧରଣର କ୍ରେଡିଟ୍ ଅନ୍ ୟୁପିଆଇ ସଲ୍ୟୁଶନର ପରୀକ୍ଷଣ ଶେଷ କରିଛି ଏବଂ ଏଥିପାଇଁ ୱେଟ୍‌ଲିଷ୍ଟ ପ୍ରୋଗ୍ରାମ ଆରମ୍ଭ କରିଛି। ସୁପର ଡଟ୍ ମନିର ପ୍ରଥମ ସମାଧାନ ହେଉଛି ଏକ ରୁପେ କ୍ରେଡିଟ୍ କାର୍ଡ ଯାହା ୟୁପିଆଇ ରେଲ୍‌ରେ ଏକ ସୁଧ ବହନକାରୀ ୱାଲେଟ ଭାବେ କାର୍ଯ୍ୟ କରିଥାଏ ଏବଂ ଏହା ବିଶ୍ୱରେ ପ୍ରଥମ ଧରଣର । ସୁପର ଡଟ୍ ମନି ଦୈନନ୍ଦିନ ଟ୍ରାଞ୍ଜାକ୍ସନଗୁଡିକ ପାଇଁ ରିୱାର୍ଡ ଓ ରଣ ଅନୁଭୂତିକୁ ଉନ୍ନତ କରିବା ଉପରେ ଏକ ମଜଭୁତ ଧ୍ୟାନ ସହ ଏହାର ୟୁପିଆଇ ଅଫରିଂ ଶୁଭାରମ୍ଭ କରିଛି। ଏହି ଆପ୍ ପ୍ରତ୍ୟେକ ମର୍ଚ୍ଚାଣ୍ଟ ଟ୍ରାଞ୍ଜାକ୍ସନ ଉପରେ ୫% ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ଏବଂ ଫ୍ଲିପ୍‌କାର୍ଟ ଓ ମିନ୍ତ୍ରା ସମେତ ପାର୍ଟନର ମର୍ଚ୍ଚାଣ୍ଟଗୁଡିକରୁ ସ୍ୱତନ୍ତ୍ର ଅଫର ପ୍ରଦାନ କରୁଛି। ଏ ସମ୍ପର୍କରେ ସୁପର୍ ଡଟ୍ ମନିର ପ୍ରତିଷ୍ଠାତା ତଥା ସିଇଓ ପ୍ରକାଶ ସିକାରିଆ କହିଛନ୍ତି, ସୁପର୍ ଡଟ୍ ମନି ଆପ୍ ଶୁଭାରମ୍ଭର ସମୟ ଅତ୍ୟନ୍ତ ଅନୁକୂଳ ଅଟେ, ଯାହା ୟୁପିଆଇରେ କ୍ରମାଗତ ଭାବେ ୩ୟ ମାସ ପାଇଁ ଟ୍ରାଞ୍ଜାକ୍ସନରେ ୨୦ଟ୍ରିଲିୟନ ଟଙ୍କା ଅତିକ୍ରମ କରିଛି। ଆମର ବିଟା ଫେଜ୍ ସୁପର୍ ଡଟ୍ ମନି ଅନୁଭୂତିକୁ ଉନ୍ନତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ବେଳେ ସୁପର୍ ଡଟ୍ ମନିରେ ଆମର ଲକ୍ଷ୍ୟ କେବଳ ଏକ ପେମେଣ୍ଟ ପ୍ଲାଟ୍‌ଫର୍ମ ହେବାରୁ ଆଗକୁ ବଢିଛି। ବର୍ତ୍ତମାନ ସୁପର୍ ଡଟ୍ ମନି ଆର୍ଥିକ ସେବାଗୁଡିକୁ ସଶକ୍ତ କରିବା ପାଇଁ ଏକ ବିସ୍ତୃତ ଶୃଙ୍ଖଳାର ଆର୍ଥିକ ଅନୁଷ୍ଠାନ ସହ ସହଭାଗିତା କରିଛି। ସୁପର୍ ଡଟ୍ ମନି ଆପ୍ ବର୍ତ୍ତମାନ ସମସ୍ତ ଆଣ୍ଡ୍ରଏଡ୍ ଉପଭୋକ୍ତାଙ୍କ ପାଇଁ ଉପଲବ୍ଧ ରହିଛି ଏବଂ ଖୁବ୍‌ଶୀଘ୍ର ଏହା ଆଇଓଏସ୍ ପ୍ଲାଟ୍‌ଫର୍ମରେ ଲଞ୍ଚ ହେବ।

## କେୟାର ହସ୍ପିଟାଲର ଦିନିକିଆ କର୍ମଶାଳା

ଭୁବନେଶ୍ୱର,୨୩।୮ (ଅଭୟ ଦାଶ)




ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ କେୟାର ହସ୍ପିଟାଲ ପକ୍ଷରୁ ଏକ ଦିନିକିଆ କର୍ମଶାଳାର ଆୟୋଜନ କରାଯାଇଥିଲା। ଏପରିକି ବର୍ତ୍ତମାନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ରୋବୋଟିକ୍ ପଦ୍ଧତିରେ କିଭଳି ବିଭିନ୍ନ ପ୍ରକାର ଆଣ୍ଠୁ ଅପରେଶନ କରାଯାଇପାରୁଛି ସେ ସମ୍ପର୍କରେ ନେଇ ଏକ ସଚେତନତା ସୃଷ୍ଟି କରିବା ପାଇଁ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ଅନେକ ବୁଦ୍ଧିଜୀବୀ, ଡାକ୍ତର ଏବଂ ଆଣ୍ଠୁ ଅପରେଶନ ହୋଇଥିବା ରୋଗୀମାନେ ଯୋଗଦାନ କରିଥିଲେ।

ଏହି ଅବସରରେ ଲୋକ ସଭା ସଦସ୍ୟ ତଥା ଭାଜପାର ଜାତୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଭବିଷ୍ୟତରେ ଭାରତର ସ୍ୱାସ୍ଥ୍ୟସେବା ଏଆଇ ଏବଂ ରୋବୋଟିକ୍ ପଦ୍ଧତି ଉପରେ ନିର୍ଭରକରିବ। ଫଳରେ ଅନେକ ଜଟିଳ ଅପରେଶନ କରାଯାଇପାରିବ। ସେହିଭଳି କେୟାର ହସ୍ପିଟାଲର ଏଚ୍‌ସିଓଓ କିସ୍‌ଲେ ଆନନ୍ଦ ଏହି ସଫଳତା ପାଇଁ ଡାକ୍ତର ସନ୍ଦୀପ ସିଂହ ଓ ତାଙ୍କ ପୂରା ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ଏହା ସହ ଏଆଇ ଏବଂ ରୋବୋଟିକ୍ ପଦ୍ଧତି ସାହାଯ୍ୟରେ ସଫଳତାର ସହିତ ଆଣ୍ଠୁ ଅପରେଶନ କରିବା କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତ ପାଇଁ ଏକ ଗୌରବର କଥା। ତା'ସହ କେୟାର ହସ୍ପିଟାଲରେ ଥିବା ଅତ୍ୟାଧୁନିକ ଅପରେଶନ ଥିଏଟର ଏବଂ ଅଭିଜ୍ଞ ଡାକ୍ତର ଓ ନର୍ସ ଟିମ୍ ଦ୍ୱାରା ଏହି ସଫଳତା ସମ୍ଭବ ହୋଇଛି। ସେହିପରି କେୟାର ହସ୍ପିଟାଲର ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ବିଭାଗୀୟ ମୁଖ୍ୟ ଡା. ସନ୍ଦୀପ ସିଂହଙ୍କ ମତରେ ପାରମ୍ପରିକ ସର୍ଜରି ତୁଳନାରେ ଏଆଇ ଏବଂ ରୋବୋଟିକ୍ ପଦ୍ଧତିରେ ଅପରେଶନ କଲେ ଏହାର ସଫଳତା ହାର ବେଶ୍ ଅଧିକ। ଏଥିରେ ରୋଗୀଙ୍କୁ ଅଧିକ ଦିନ ହସ୍ପିଟାଲରେ ରହିବାକୁ ପଡ଼ି ନ ଥାଏ ଏବଂ ଶୀଘ୍ର ପୂର୍ବ ଭଳି ନିଜର ସମସ୍ତ କାମ ନିଜେ କରି ପାରିବେ। ଆଣ୍ଠୁ ପ୍ରତିରୋପଣଠାରୁ ଆରମ୍ଭକରି କ୍ରୀଡ଼ାଜନିତ ଆଘାତର ସଫଳ ଚିକିତ୍ସା ଏଆଇ ଏବଂ ରୋବୋଟିକ୍ ପଦ୍ଧତିରେ କରାଯାଇପାରୁଛି।

## ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ସଚେତନତା ଶିବିର

ଭୁବନେଶ୍ୱର,୨୩।୮ (ଅଭୟ ଦାଶ)




ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାକୁ ପ୍ରୋତ୍ସାହନ ଦେବା ଏବଂ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି କରିବା ତଥା ଏହି ଯୋଜନାର ପ୍ରଚାର ପାଇଁ ୟୁକୋ ବ୍ୟାଙ୍କ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି (ଏସ୍‌ଏଲ୍‌ବିସି) ଓଡ଼ିଶା ଆନୁକୂଲ୍ୟରେ ସ୍ଥାନୀୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଭୁବନେଶ୍ୱରଠାରେ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଉପରେ ଏକ ଦିନିକିଆ ସଚେତନତା ଶିବିରର ଆୟୋଜନ କରାଯାଇଥିଲା। ଏହି ବୈଠକରେ ବ୍ୟାଙ୍କ ଅଧିକାରୀ, ଜିଲା ପ୍ରବନ୍ଧକ, ମହାପ୍ରବନ୍ଧକ ଜିଲା ଶିଳ୍ପକେନ୍ଦ୍ର, ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ପ୍ରଶିକ୍ଷକ ଆଣ୍ଡ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ହିତାଧିକାରୀ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମ୍ବନ୍ଧିତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଗୌତମ ପାତ୍ର, ମହାପ୍ରବନ୍ଧକ ତଥା ଆବାହକ, ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି (ଏସ୍‌ଏଲ୍‌ବିସି), ଓଡ଼ିଶା ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିବା ସହ ଯୋଜନାର ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ। ଡି. ପ୍ରଶାନ୍ତ କୁମାର ରେଡ୍ଡୀ (ଉପସଭାପତି) ତଥା ଶିଳ୍ପ ନିର୍ଦ୍ଦେଶକ ଏହି ଯୋଜନାର ଗୁରୁତ୍ୱ ଓ ଲାଭ ଉପରେ ଆଲୋକପାତ କରିଥିଲେ। କାରିଗରମାନଙ୍କୁ ସେମାନଙ୍କର ଉତ୍ପାଦ ଓ ସେବାର ଗୁଣବତ୍ତାରେ ଉନ୍ନତି ଆଣିବା ସହ ବିଶ୍ୱକର୍ମାଙ୍କୁ ଘରୋଇ ଏବଂ ବିଶ୍ୱସ୍ତରୀୟ ମୂଲ୍ୟ ଶୃଙ୍ଖଳାରେ ସମନ୍ୱିତ କରିବା ପାଇଁ ସହାୟତା କରିବା ସରକାରଙ୍କ ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ମହେଶ କୁମାର ଚୌଧୁରୀ, ସ୍ୱତନ୍ତ୍ର ସଚିବ,ଏମ୍‌ଏସ୍‌ଏମ୍‌ଇ ବିଭାଗ,ଡ. ପ୍ରଜ୍ଞାସ୍ମିତା ସାହୁ, ନିର୍ଦ୍ଦେଶିକା, ସଂସ୍ଥାଗତ ଋଣ, ଅର୍ଥ ବିଭାଗ, ଓଡ଼ିଶା ସରକାର, ପ୍ରିୟଙ୍କା ମଲ୍ଲିକ, ଉପ କମିଶନର, ବିଏମ୍‌ସି, ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓର ଯୁଗ୍ମ ନିର୍ଦ୍ଦେଶକ ତଥା କାର୍ଯ୍ୟାଳୟ ମୁଖ୍ୟ ପି.କେ. ଗୁପ୍ତା, ଆଞ୍ଚଳିକ ନିର୍ଦ୍ଦେଶାଳୟ, ଦକ୍ଷତା ବିକାଶ ଓ ଉଦ୍ୟୋଗ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ବି. ରବି ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର ମତ ରଖିଥିଲେ। କର୍ମଶାଳାରେ ଯୋଜନାର ବିବରଣୀ ଏବଂ ପଞ୍ଜୀକରଣ ପ୍ରକ୍ରିୟାକୁ ଅଡିଓ ଭିଜୁଆଲ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ହିତାଧିକାରୀଙ୍କ ପ୍ରଶ୍ନର ଉତ୍ତର ମଧ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଦେଇଥିଲେ। ୨୨।୦୮।୨୦୨୪ ସୁଦ୍ଧା ପ୍ରଶିକ୍ଷଣ ଶେଷ ହେବା ପରେ ବ୍ୟାଙ୍କଗୁଡ଼ିକୁ ମୋଟ୍ ୬୦୭୩ ଟି ଋଣ ଆବେଦନ ମିଳିଥିଲା। ବ୍ୟାଙ୍କଗୁଡିକ ୧୪୫୬ଟି ଋଣ ମଞ୍ଜୁର କରିଥିବା ବେଳେ ୯୧୨ଟି ମାମଲାରେ ବିତରଣ କରାଯାଇଛି। କାର୍ଯ୍ୟକ୍ରମ ଶେଷରେ ଲିଙ୍ଗରାଜ ନାୟକ, ପ୍ରଭାରୀ, ଏସ୍‌ଏଲ୍‌ବିସି ଓଡ଼ିଶା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୩୨ ହଜାର ଲୋକ, ୭ ହଜାର କୋଟିର ଜମା

## ଗୁଜରାଟର ଧନୀ ଗାଁ ମାଧାପୁର

ଗାନ୍ଧୀନଗର



ଗତ କିଛି ବର୍ଷ ଧରି ଭାରତର ଗ୍ରାମଗୁଡ଼ିକର ଜନସଂଖ୍ୟା କମୁଥିବାବେଳେ ସହରର ଜନସଂଖ୍ୟା ବଢ଼ିବାରେ ଲାଗିଛି। ଦାରିଦ୍ର୍ୟ ଏବଂ ବେକାରିରୁ ମୁକ୍ତି ପାଇବା ପାଇଁ ଗ୍ରାମର ଅନେକ ଯୁବକ ସହରମୁହାଁ ହେଉଛନ୍ତି। ତେବେ ଭାରତରେ ଏପରି ଏକ ଗ୍ରାମ ଅଛି ଯେଉଁଠି ଦେଶର ଶୀର୍ଷ ବ୍ୟାଙ୍କଗୁଡ଼ିକ ମଧ୍ୟରେ ନିଜର ଶାଖା ଖୋଲିବାକୁ ପ୍ରତିଯୋଗିତା ଚାଲିଛି।

ଗୁଜରାଟର କଚ୍ଛ ଜିଲା ମାଧାପୁର ଗ୍ରାମ ଏସିଆର ସବୁଠୁ ଧନୀ ଗ୍ରାମ ଭାବେ ଜଣାଶୁଣା। ଏହି ଗ୍ରାମର ଆର୍ଥିକ ସମୃଦ୍ଧି କୌଣସି ସହରଠାରୁ କମ୍ ନୁହେଁ। ଭୁଜ୍ ସହରର ଉପକଣ୍ଠରେ ଅବସ୍ଥିତ ମାଧାପୁର ଗ୍ରାମର ଲୋକଙ୍କ ନିକଟରେ ପ୍ରାୟ ୭ ହଜାର କୋଟିର ଫିକ୍ସଡ୍ ଡିପୋଜିଟ ରହିଛି। ୨୦୧୧ ଜନଗଣନା ଅନୁସାରେ ଏହି ଗ୍ରାମର ଜନସଂଖ୍ୟା ୧୭ ହଜାର ଥିବାବେଳେ ଏବେ ଏହା ବଢ଼ି ୩୨ ହଜାରରେ ପହଞ୍ଚିଛି। ଗ୍ରାମରେ ୧୭ଟି ବିଭିନ୍ନ ମୁଖ୍ୟ ପବ୍ଲିକ୍ ସେକ୍ଟର ଓ ପ୍ରାଇଭେଟ୍ ସେକ୍ଟର ବ୍ୟାଙ୍କ ରହିଛି। ମାଧାପୁରରେ ରହୁଥିବା ବହୁ ନନ୍ ରେସିଡେଣ୍ଟ ଇଣ୍ଡିଆନ୍ (ଏନ୍‌ଆର୍‌ଆଇ) ପରିବାର ଏଠାକାର ବ୍ୟାଙ୍କ ଏବଂ ଡାକଘରେ ବହୁ କୋଟି ଟଙ୍କା ଜମା କରି ରଖିଛନ୍ତି। ତେଣୁ ଏଠାରେ ଆହୁରି ଅନେକ ବ୍ୟାଙ୍କ ନିଜର ଶାଖା ଖୋଲିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ମାଧାପୁର ଗ୍ରାମରେ ୨୦ ହଜାର ଘର ରହିଥିବାବେଳେ ସେଥିମଧ୍ୟରୁ ୧୨ ହଜାର ପରିବାର ବିଦେଶରେ ବସବାସ କରନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଆଫ୍ରିକୀୟ ଦେଶରେ ରୁହନ୍ତି। ମଧ୍ୟ ଆଫ୍ରିକାର ନିର୍ମାଣ ବ୍ୟବସାୟରେ ଗୁଜରାଟୀମାନେ ପ୍ରାଧାନ୍ୟ ବିସ୍ତାର କରି ଆସୁଥିବାବେଳେ ସେମାନଙ୍କ ମଧ୍ୟରୁ ଏକ ବଡ଼ ଅଂଶ ମାଧାପୁର ଗ୍ରାମରୁ ରହିଛନ୍ତି। ସେହିପରି ଗ୍ରାମର ଅଧିକାଂଶ ଲୋକ ଆମେରିକା, ବ୍ରିଟେନ୍, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଭଳି ଦେଶରେ ବସବାସ କରୁଛନ୍ତି। ମାଧାପୁରର ପୂର୍ବତନ ସରପଞ୍ଚ ପାରୁଲବେନ୍ କାରା କହିଛନ୍ତି, ଏଠାକାର ବହୁ ସଂଖ୍ୟାରେ ଗ୍ରାମବାସୀ ବିଦେଶରେ ରହୁଥିଲେ ମଧ୍ୟ ସେମାନେ ମାଧାପୁରରେ ଥିବା ନିଜ ସମ୍ପର୍କୀୟ ଓ ପଡ଼ୋଶୀମାନଙ୍କ ସହ ଲଗାତର ସମ୍ପର୍କରେ ରହିଥାନ୍ତି। ସେହିପରି ସେମାନେ ଗ୍ରାମରେ ଥିବା ବ୍ୟାଙ୍କଗୁଡ଼ିକରେ ଟଙ୍କା ଜମା କରିବାକୁ ପସନ୍ଦ କରିଥାନ୍ତି। ଏହି ଗ୍ରାମରେ ଜଳ, ପରିଷ୍କାର ପରିଚ୍ଛନ୍ନତା, ସଡ଼କ ଆଦି ବିଭିନ୍ନ ମୌଳିକ ସୁବିଧା ରହିଛି। ସେହିପରି ଏଠାରେ ଅନେକ ବଡ଼ କୋଠା, ବିଭିନ୍ନ ସରକାରୀ ଏବଂ ବେସରକାରୀ ସ୍କୁଲ, ମନ୍ଦିର, ହ୍ରଦ ଆଦି ରହିଛି ବୋଲି ପାରୁଲ କହିଛନ୍ତି। ଏଠାକାର ଲୋକମାନେ ବ୍ୟାଙ୍କରେ ରଖୁଥିବା ଜମା ରାଶି ଏହି ଗ୍ରାମର ସମୃଦ୍ଧିର କାରଣ ପାଲଟିଛି ବୋଲି ମାଧାପୁରରେ ଥିବା ଏକ ବ୍ୟାଙ୍କ ଶାଖାର ମ୍ୟାନେଜର କହିଛନ୍ତି।

# ୨୫ କେଜି ସୁନା ପିନ୍ଧିଥିବା ଶ୍ରଦ୍ଧାଳୁ

ତିରୁପତି



ଭାରତର ସବୁଠୁ ଧନୀ ମନ୍ଦିର ଭାବେ ପ୍ରସିଦ୍ଧ ଆନ୍ଧ୍ରପ୍ରଦେଶ ତିରୁପତିର ତିରୁମାଲା ଭେଙ୍କଟେଶ୍ୱର ମନ୍ଦିରକୁ ଶୁକ୍ରବାର ୨୫ କେ.ଜି. ଓଜନର ସୁନା ଗହଣା ପିନ୍ଧି ୨ ପୁରୁଷ ଓ ଜଣେ ମହିଳା ଭକ୍ତ ଆସିଥିଲେ। ମହାରାଷ୍ଟ୍ରର ପୁଣେରୁ ଆସିଥିବା ଏହି ଶ୍ରଦ୍ଧାଳୁଙ୍କ ସହ ଜଣେ ଛୋଟ ପିଲା ଥିବା ଦେଖିବାକୁ ମିଳିଥିଲା। ସେମାନେ ପିନ୍ଧିଥିବା ସୁନାର ଦାମ୍ ୧୮୦ କୋଟି ଟଙ୍କା ହେବ। ସେମାନେ ଅନେକ ସୁନା ଚେନ୍, ସୁନାର ସନ୍‌ଗ୍ଲାସ୍, ଚୁଡ଼ି, ହାର ଓ ଆହୁରି ଅନେକ ଅଳଙ୍କାର ପିନ୍ଧି ମନ୍ଦିରକୁ ଆସିଥିଲେ। ମନ୍ଦିରରେ ପୂଜା କଲାବେଳେ ପୋଲିସ ସେମାନଙ୍କୁ ଜଗିରହିଥିଲେ। ପାହାଡ଼ ଉପରେ ଥିବା ଭେଙ୍କଟେଶ୍ୱର ମନ୍ଦିରକୁ ପ୍ରତ୍ୟହ ୭୫ରୁ ୯୦ ହଜାର ଶ୍ରଦ୍ଧାଳୁ ଆସିଥାନ୍ତି। ଭେଙ୍କଟେଶ୍ୱରଙ୍କୁ ବିଷ୍ଣୁଙ୍କ ଅବତାର କୁହାଯାଇଥାଏ, ଯିଏକି କଳିଯୁଗରେ ମାନବ ସମାଜକୁ ଅସୁବିଧାରୁ ରକ୍ଷା କରିବା ଓ ନ୍ୟାୟ ଦେବା ପାଇଁ ଆବିର୍ଭାବ ହୋଇଥିବା ବିଶ୍ୱାସ କରାଯାଏ। ଜୁଲାଇ ମାସରେ ମନ୍ଦିର ହୁଣ୍ଡିରୁ ୧୨୫ କୋଟି ଟଙ୍କା ରୋଜଗାର ହୋଇଥିବା ଏହାର ପରିଚାଳନା ଦାୟିତ୍ୱରେ ଥିବା ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି)ର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୟାମଳ ରାଓ କହିଛନ୍ତି। ୫ ହଜାର ବର୍ଷ ତଳୁ ଭେଙ୍କଟେଶ୍ୱର ବାଲାଜୀ ସେଠାରେ ପୂଜା ପାଇଆସୁଥିବା କୁହାଯାଏ। ୧୬.୨ ଏକର ଜମି ଉପରେ ଏହି ସ୍ୱର୍ଣ୍ଣଖଚିତ ମନ୍ଦିର ରହିଛି।


### ଯୁବ ଇଂଜିନିୟରଙ୍କ (Ph.D) ଲାଭ



ଶ୍ରୀମାନ୍ ଆଶୁତୋଷ ପତି, IIT Kharagpurରୁ (Water Resources)ରେ Prof. Bhabagrahi Sahoo, School of Water Resources, IIT, Kharagpurଙ୍କ ତତ୍ତ୍ୱାବଧାନରେ "A Novel Modelling Framework for Assessing Low impact development Strategies in Urban Flood Management under Scantily-Gauged Scenarios". ଉପରେ ସଫଳତାର ସହିତ ଗବେଷଣା ଓ ସନ୍ଦର୍ଭ ଉପସ୍ଥାପନା କରି ସମ୍ମାନ ସୂଚକ ଡକ୍ଟରେଟ ଉପାଧି ଲାଭ କରିଛନ୍ତି। ଉକ୍ତ ସନ୍ଦର୍ଭଟି Prof. A.K.Gosain, Emeritus Professor, IIT, Delhi ଏବଂ Prof. V.P.Singh, Distinguished Professor, Texas, A & M University, USAଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଅଛି। ଡ. ଆଶୁତୋଷ ଭୁବନେଶ୍ୱର ନୀଳାଦ୍ରିବିହାର ନିବାସୀ ଶ୍ରୀମତୀ ପ୍ରତିଭା ପତି ଏବଂ ଶ୍ରୀ କାଶୀନାଥ ପତିଙ୍କ ସୁପୁତ୍ର ତଥା ଭୁବନେଶ୍ୱର ଜାଗମରା ନିବାସୀ ଶ୍ରୀମତୀ ମିନାକୁମାରୀ ମହାପାତ୍ର ଏବଂ ଶ୍ରୀ ଚନ୍ଦ୍ରକାନ୍ତ ମହାପାତ୍ରଙ୍କର ଜାମାତା। ଏହି ସଫଳତା ପାଇଁ ଡ. ଆଶୁତୋଷ ଜଗତର ନାଥ ଶ୍ରୀଜଗନ୍ନାଥ, ଆଈ ସଂଯୁକ୍ତା ମିଶ୍ର, ପତ୍ନୀ ସ୍ମରଣୀକା ଏବଂ ସମସ୍ତ ବନ୍ଧୁ ଓ ପରିବାରବର୍ଗଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଧ-୧୧୦୬


# ପ୍ଲାଷ୍ଟିକ ସର୍ଜରୀ କରି ଟ୍ରୋଲ୍ ହେଲେ ଆୟେଶା

ମୁମ୍ବାଇ



ଲିଉଡ୍ ଅଭିନେତ୍ରୀ ଆୟେଶା ଟାକିଆଙ୍କୁ ଦର୍ଶକ ଖୁବ୍ ପସନ୍ଦ କରନ୍ତି। ଦିନ ଥିଲା ଯେତେବେଳେ ତାଙ୍କ ଅଭିନୟରେ ଦର୍ଶକ ନିଜକୁ ହଜାଇ ଦେଉଥିଲେ। ମାତ୍ର ହଠାତ୍ ସେ ନିଜକୁ ଲାଇମ୍‌ଲାଇଟ୍‌ରୁ ଦୂରେଇ ନେଇଥିଲେ। ତେବେ ସୋସିଆଲ ମିଡିଆରେ ସେ ବେଶ୍ ଆକ୍ଟିଭ ରହିଥିଲେ। ସେଥିରେ ସେ ତାଙ୍କର ସୁନ୍ଦର ଫଟୋ ଶେୟାର କରିଥାନ୍ତି। ହେଲେ କିଛିଦିନ ହେଲା ସେ ପ୍ଲାଷ୍ଟିକ ସର୍ଜରୀ କରିଥିବା ନେଇ ଚର୍ଚ୍ଚାରେ ରହିଥିଲେ। ନିକଟରେ ଅଭିନେତ୍ରୀ ତାଙ୍କର ସଦ୍ୟତମ ଫଟୋ ଶେୟାର କରିଥିଲେ, ଯେଉଁଥିରେ ତାଙ୍କ ମୁହଁରେ ପରିବର୍ତ୍ତନ ଦେଖାଯିବାରୁ ତାଙ୍କୁ ବହୁତ ଟ୍ରୋଲ୍ କରାଯାଇଥିଲା। ଟ୍ରୋଲ୍ ହେବା ପରେ ସେ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ଡିଲିଟ୍ କରିଥିବା ଜଣାପଡିଛି। ନେଟିଜେନ୍ସ ତାଙ୍କୁ ପ୍ଲାଷ୍ଟିକ ସର୍ଜରୀ କରିଥିବା ନେଇ କହିଥିଲେ। ଆୟେଶା ଏସବୁକୁ ସହ୍ୟ କରି ନ ପାରି ୨୩ ଅଗଷ୍ଟରେ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ଡିଲିଟ୍ କରିଦେଇଥିଲେ। ବଲିଉଡ୍ ସୁପରଷ୍ଟାର ସଲମାନ ଖାନ୍‌ଙ୍କ ଫିଲ୍ମ 'ୱାଣ୍ଟେଡ' ଏବଂ ଅଜୟ ଦେବଗନଙ୍କ ଫିଲ୍ମ 'ଟାର୍‌ଜନ ଦି ୱଣ୍ଡର କାର୍'ରେ ଆୟେଶା ନିଜ ଅଭିନୟ ଯାଦୁ ଦେଖାଇଥିଲେ।

୩୮ ବର୍ଷୀୟା ଆୟେଶାଙ୍କ ଲୁକ୍ ବିଷୟରେ ଜଣେ ୟୁଜର୍ସ ଲେଖିଛନ୍ତି, ଆପଣ ପ୍ଲାଷ୍ଟିକ ସର୍ଜରୀ କରିଛନ୍ତି କି? ଅନ୍ୟ ଜଣେ ଲେଖିଛନ୍ତି, ଆପଣ ନିଜ ଚେହେରା ସହିତ କ'ଣ କରିଛନ୍ତି, ପ୍ଲାଷ୍ଟିକ ସର୍ଜରୀର ଆବଶ୍ୟକତା କ'ଣ ଥିଲା। ଏଥିସହିତ ଆୟେଶାଙ୍କ ପ୍ରଶଂସକମାନେ ଲେଖିଛନ୍ତି, ଆପଣ ବାର୍ବି ଡଲ୍‌ଠାରୁ କମ୍ ନୁହଁନ୍ତି।


# Classified Everyday
0674-2580101, 2549949


REAL ESTATE

**SALE**

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9778832554, 9437226965.** D-1108

Highway facing plot near Pira Bazar for sale. Phone No- 9124915059. D-1107

Duplex project at Retang Medical, Station, CV Raman University, apartment near Sum Hospital, Bhubaneswar. 7008459987. D-75987

**2/3BHK Flat Uttara, Patia, KalingaNagar, Hanspal, Patrapada, BJB Nagar. 8270370007.** D-949

Ready to move 4BHK duplex Bunglow, Botanda, Sundarapada, Bhubaneswar, Sai Villa, Ranging- 1.10Cr. Contact- 9861125539, 9040521173. D-76020

**Demarcated gharabari plot for sale near Sudhanand Eng. College. 6K.M. from Hanspal Square. 7848939838.** D-75988

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

A gharabari plot in yellow zone with clear title, in and around Bhubaneswar is required which must be suitable for immediate construction. General caste Owners only may contact 6239688712. D-1115

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895.** D-1109

Antique Historical Oxford Dictionary Book of Great Britain 4 volume of 1936 sale. Mobile-6370057949. D-1111




Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75772

Newly open health benefits SPA special offer @ 999 Bapuji Nagar. 8018429809. D-76145

Newly open health benefits SPA by expert therapist. Contact- 6371861658. D-76146

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit Executed, before the Notary Public, Bhubaneswar, Prasanta Kumar Mohanty, vide Sl.No-22, dt-20.08.2024, Bhagirathi Pradhan, Aged about 72 years, S/o- Late Chakradhar Pradhan, Vill-Khadi Padar, P.O.-Kaluparaghat, P.S.-Tangi, Dist.-Khurdha, Odisha vide Aadhaar No.xxxxxxxx3632 but in the R.O.R it is wrongly mentioned as Bhagirathi Sahoo instead of Bhagirathi Pradhan. D-75560

I, Gopal Kumar Agrawal, S/o-Shyam Sundar Agrawal, resident of At-Near Bus Stand, P.O.-Bamara, P.S.-Govindpur, Dist.- Sambalpur, Odisha declared by this affidavit No.19711, date-01.08.2024, that now onwards I shall be known as Gopal Agrawal for all future purposes. D-75559

BEFORE THE NOTARY PUBLIC, MALKANGIRI I, Bijaya Panda, age 47 years, Son of Baikuntha Panda, resident High-tech Colony, Malkangiri, P.O./P.S./Dist.- Malkangiri do hereby solemnly affirm and state on oath as follows. That, my actual name is Bijaya Panda but I changed it from BIJAYA PANDA to BIJAY KUMAR PANDA. That, Bijaya Panda and Bijay Kumar Panda is one and same person and Bijay Kumar Panda is regularize in all purposes. That, I swear this affidavit in order to publicity my name as Bijay Kumar Panda in local daily newspaper. D-1114

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଡା. ସଂଯୁକ୍ତା ମହାନ୍ତି**
ବଇଣ୍ଡା ଛକ, ଅନୁଗୋଳ
ଆବିର୍ଭାବ- ୦୩।୦୭।୧୯୬୨
ତିରୋଧାନ- ୧୩।୦୮।୨୦୨୪

ଆପଣ ଜଣେ ମିଷ୍ଟଭାଷୀ, ସ୍ୱଷ୍ଟବାଦୀ, ଧର୍ମ ପରାୟଣ ମହିଳା ନେତ୍ରୀ ଥିଲେ। ଆପଣ ଯେଉଁଠି ବି ଥାଆନ୍ତୁ ଭଲରେ ଥାଆନ୍ତୁ। ଆପଣଙ୍କର ପରଲୋକକୁ ନେଇ ଆମେ ମର୍ମାହତ। ପ୍ରଭୁ ଶ୍ରୀଜଗନ୍ନାଥ ଭଲରେ ରଖନ୍ତୁ।

ଶୋକର ପରିବାର ପୁଅ ସ୍ୱୟମଦର୍ଶନ ପଟ୍ଟନାୟକ, ଝିଅ: ଦିଗ ବିଜୟନୀ ପଟ୍ଟନାୟକ, ସ୍ୱାମୀ: ରଣଜିତ ପଟ୍ଟନାୟକ, ମାୟାରାଣୀ, ସଂଘମିତ୍ରା, ଅରବିନ୍ଦ, ଜ୍ଞାନ୍‌ଜିତ୍, ବିଶ୍ୱଜିତ୍, ଅଜିତ୍, ସ୍ମିତାରାଣୀ ଓ ପଟ୍ଟନାୟକ ପରିବାରବର୍ଗ।

ଧ-୧୧୧୨

**ଏକାଦଶାହ ଉପଲକ୍ଷେ**



**୰ଶଶିକାନ୍ତ ଦାସ**
କନିକାପଡ଼ା, ମଙ୍ଗଳପୁର, ଯାଜପୁର
ଆବିର୍ଭାବ: ୦୨।୦୮।୧୯୬୭
ତିରୋଧାନ: ୧୪।୦୮।୨୦୨୪

ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲଗଲ। ତୁମର କର୍ତ୍ତବ୍ୟନିଷ୍ଠା, ସହନଶୀଳତା, ଅନାବିଳ ସ୍ନେହ, ଶ୍ରଦ୍ଧା, ଭକ୍ତି ଓ ଆଶୀର୍ବାଦ ଆମ ପାଇଁ ମାର୍ଗଦର୍ଶକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅଶ୍ରୁଳପୂର୍ଣ୍ଣ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ହତଭାଗ୍ୟ ବାପା: ଧନେଶ୍ୱର ଦାସ, ଅଭାଗିନୀ ସ୍ତ୍ରୀ: ମିନୁ, ପୁତ୍ର: ରିଷି, ପୁତ୍ରବଧୂ: ଟୁନ୍‌ଟୁନ୍, କନ୍ୟା: ସୁହାନା, ସାନଭାଇ: ଧରମା, ଭାଇବୋହୂ: ରୁନୁ, ପୁତୁରା, ଝିଆରୀ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୧୧୧୩

**ଏକାଦଶାହ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଭାରତୀ ବିଶ୍ୱାଳ**
ସ୍ଥାନ: ତରଡ଼ିପାଳ (ଦାଣ୍ଡିସାହି), ପଟ୍ଟାମୁଣ୍ଡାଇ
ଆବିର୍ଭାବ-୧୨।୦୮।୧୯୫୯
ତିରୋଧାନ- ୧୪।୦୮।୨୦୨୪

ଚାହୁଁ ଚାହୁଁ ଆଜିକୁ ତୁମେ ଆମକୁ ଛାଡ଼ି ଯିବାର ଏଗାର ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ପରଧାମକୁ ପ୍ରାପ୍ତ ହୋଇଯାଇଛ। ତୁମର ପ୍ରେରଣା, ସ୍ନେହ, ଶ୍ରଦ୍ଧା, ଦୂରଦୃଷ୍ଟି, କର୍ତ୍ତବ୍ୟ ପରାୟଣତା ଆମ ପାଇଁ ସଦା ପ୍ରେରଣା ଦାୟକ ହୋଇରହିବ। ଆଜିର ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ସ୍ୱାମୀ- ଅଦ୍ୱୈତ ପ୍ରସାଦ ବିଶ୍ୱାଳ, ପୁତ୍ର- ଅମିତ୍ କୁମାର ବିଶ୍ୱାଳ, ରାଜୀବ କୁମାର ବିଶ୍ୱାଳ, ବନ୍ଧୁ ଓ ବିଶ୍ୱାଳ ପରିବାରବର୍ଗ।

ଧ-୧୧୧୦

**ଧରିତ୍ରୀ DHARITRI**
**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅରଜି ନ ପାରେ ମୁଣ୍ଡ;**
**ଭଲ ଲୋଡୁଥାଏ ତୁଣ୍ଡ।**

ମଣିଷ ସ୍ୱାବଲମ୍ବୀ ହେବା ଉଚିତ। ଯିଏ ଆୟକ୍ଷମ ନ ହୋଇ ପର ଉପରେ ନିର୍ଭର କରି ଚଳୁଥାଏ ତାକୁ ଅନେକ ସମୟରେ କଟୁକଥା ଶୁଣିବାକୁ ପଡ଼ିଥାଏ, ବେଳ ଅବେଳରେ ନିନ୍ଦିତ ହେବାକୁ ମଧ୍ୟ ପଡିଥାଏ। ରୋଜଗାର କରିବାକୁ ସାମର୍ଥ୍ୟ ନାହିଁ ଅଥଚ ଭଲ ଖାଇବାକୁ ଆଗଭର। ଆୟକ୍ଷମ ନ ହୋଇ ସର୍ବଦା ଭଲ ଭଲ ଜିନିଷ ବା ଖାଦ୍ୟ ଖାଇବାକୁ ମନ ବଳାଉଥିବା ବ୍ୟକ୍ତି ପ୍ରତି ଏଭଳି କଟୁକ୍ତି ପ୍ରକାଶ କରାଯାଇଛି।

**ଅରୁଆ ଭାତରେ ଦହି,**
**ଅଦା ଲେମ୍ବୁରସ ତହିଁ ପକାଇ,**
**ପଥୁରି ଥାଳିରେ ଖାଇ।**

ପଥୁରି ଥାଳି ଲେମ୍ବୁରସଦିଆ ଅରୁଆ ଦହିପଖାଳ ଖାଇବା ପାଇଁ ଉପଯୁକ୍ତ ପାତ୍ର। ଏଥିରେ ଖଟା ଅଂଶ ମୋଟେ ଉକୁଟେ ନାହିଁ। ଏହି ଖାଦ୍ୟ ଖାଇବା ପାଇଁ ପାଟିକୁ ସୁଆଦ ଲାଗିବା ସଙ୍ଗେସଙ୍ଗେ ବୈଜ୍ଞାନିକ ମତରେ ଏହା ସ୍ୱାସ୍ଥ୍ୟକର ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କୋଟିପତି ରେଞ୍ଜରଙ୍କ ଗିରଫ

- ଫାର୍ମ ହାଉସରୁ ଉଦ୍ଧାର ହେଲା ୪ ମୟୂର
- ସ୍ତ୍ରୀଙ୍କ ନାମରେ ମାମଲା, ବନ ବିଭାଗ ରୁଜୁ କଲା ଆଉଏକ ମାମଲା

## ପ୍ରକୃତ ଆୟଠାରୁ ଆୟବହିର୍ଭୂତ ସମ୍ପତ୍ତି ୨୧୪% ଅଧିକ



ଗିରଫ ରେଞ୍ଜର ବିଭୁଦାନନ୍ଦ ମିଶ୍ର



ଫାର୍ମହାଉସ୍‌ରୁ ମୟୂର ଉଦ୍ଧାର କରାଯାଉଛି।

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ)/ ଢେଙ୍କାନାଳ(ରତନ ନାୟାର)/ ଖୁଣ୍ଟୁଣୀ, ୨୩।୮ (ସଚ୍ଚିଦାନନ୍ଦ ପଣ୍ଡା)

ଭିଜିଲାନ୍ସର ଯାଞ୍ଚ ପରେ ଢେଙ୍କାନାଳ ଫରେଷ୍ଟ ରେଞ୍ଜର ବିଭୁଦାନନ୍ଦ ମିଶ୍ର ବିପୁଳ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସ୍ପଷ୍ଟ ହୋଇଛି। ଠାବ ହୋଇଥିବା ଏହି ସମ୍ପତ୍ତି ବିଭୁଦାନନ୍ଦଙ୍କ ପ୍ରକୃତ ଆୟଠାରୁ ୨୧୪ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ଏହି ସମ୍ପତ୍ତି ସଂକ୍ରାନ୍ତରେ ବିଭୁଦାନନ୍ଦ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଭିଜିଲାନ୍ସ ସେଲ୍ ଥାନାରେ ବିଭୁଦାନନ୍ଦ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଏକ ମାମଲା (ନଂ.୯/୨୦୨୪) ରୁଜୁ କରାଯାଇଛି। ଅଭିଯୁକ୍ତ ବିଭୁଦାନନ୍ଦଙ୍କୁ ଗିରଫ କରାଯାଇ କଟକ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ କଟକ ଜିଲା ଆଠଗଡ଼ ଖୁଣ୍ଟୁଣୀସ୍ଥିତ ରାହାଙ୍ଗୁଲଠାରେ ବିଭୁଦାନନ୍ଦଙ୍କ ବିଳାସମୟ ଫାର୍ମହାଉସ୍‌ରୁ ଭିଜିଲାନ୍ସ ଫରେଷ୍ଟ ୱିଙ୍ଗ୍ ଓ ଢେଙ୍କାନାଳ ଫରେଷ୍ଟ ରେଞ୍ଜ କର୍ମଚାରୀମାନେ ୪ ମୟୂର ଉଦ୍ଧାର କରିଛନ୍ତି। ଏହି ମୟୂରକୁ ଭିଜିଲାନ୍ସ ପକ୍ଷରୁ ଆଠଗଡ ଫରେଷ୍ଟ ଡିଭିଜନକୁ ହସ୍ତାନ୍ତର କରାଯିବା ପରେ ଖୁଣ୍ଟୁଣୀ ବନାଞ୍ଚଳର ନୃସିଂହପୁରସ୍ଥିତ ରାଣୀବଣିଆ ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯାଇଛି। ଏହି ଘଟଣାରେ ଫରେଷ୍ଟ ଡିଭିଜନ୍ ପକ୍ଷରୁ ବିଭୁଦାନନ୍ଦଙ୍କ ବିରୋଧରେ ୱାଇଲ୍ଡ ଲାଇଫ୍ ପ୍ରୋଟେକ୍ସନ ଆକ୍ଟରେ ଏକ ମାମଲା (ନଂ.୨୦/୨୪)ରୁଜୁ କରାଯାଇଥିବା ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ କହିଛନ୍ତି।

ଗୁରୁବାର ଭିଜିଲାନ୍ସ ଟିମ୍ ବିଭୁଦାନନ୍ଦଙ୍କ ଘର ସମେତ ଢେଙ୍କାନାଳ, କଟକ ଓ ଭୁବନେଶ୍ୱରର ୮ଟି ସ୍ଥାନରେ ଚଢ଼ାଉ କରିଥିଲା। ଯାଞ୍ଚବେଳେ ଢେଙ୍କାନାଳ ଟାଉନ ରତ୍ନବଜାରରେ ଦୁଇମହଲା କୋଠା, ଭୁବନେଶ୍ୱର ରସୁଲଗଡ ଜିଜିପି କଲୋନୀସ୍ଥିତ ବ୍ରିନ୍ଦା ବସେରା ଆପାର୍ଟମେଣ୍ଟରେ ଏକ ଫ୍ଲାଟ୍ ଓ ହାଇଦ୍ରାବାଦ ନାନକରାମଗୁଡ଼ାସ୍ଥିତ କୌଶଲ୍ୟା ଇନ୍‌ଫ୍ରା ପ୍ରୋଜେକ୍ଟ ପ୍ରାଇଭେଟ୍ ଲିଃରେ ୨ ଫ୍ଲାଟ୍ ସମେତ ଫାର୍ମ ହାଉସ, ଭୁବନେଶ୍ୱର ଓ ଢେଙ୍କାନାଳର ମୁଖ୍ୟ ଅଞ୍ଚଳରେ ୮ଟି ପ୍ଲଟ୍ ଠାବ ହୋଇଥିଲା। ସେହିପରି ୧.୫ କୋଟିର ବିଭିନ୍ନ ଜମାରାଶି, ୫୫୭ ଗ୍ରାମ ସୁନା ଅଳଙ୍କାର, ଦୁଇଟି ହୀରା ହାର, ୫୦୦ ଗ୍ରାମ ରୁପା ଅଳଙ୍କାର, ଦୁଇଟି କାର୍, ୬ଟି ଦୁଇଚକିଆ ଯାନ ଏବଂ ୨୦.୦୮ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ସହ ୫ଲକ୍ଷ ୧୫ ହଜାର ୮୪୦ ନଗଦ ଟଙ୍କା ମିଳିଥିଲା।

# ସାଇବର ଠକ ଲୁଟିନେଲେ ୧୧.୭ ଲକ୍ଷ

## ଅନ୍‌ଲାଇନ୍ ଟ୍ରେଡିଂରେ ଫସିଲେ ବ୍ୟବସାୟୀ

କଟକ,୨୩।୮ (କାର୍ତ୍ତିକ ସାହୁ)

ଅନ୍‌ଲାଇନ୍ ଟ୍ରେଡିଂ ଆପ୍ଲିକେଶନରେ ଟଙ୍କା ନିବେଶ କରି କଟକର ଜଣେ ବ୍ୟବସାୟୀ ଫସିଛନ୍ତି। ଅଧିକ ସୁଧ ମିଳିବା ଲୋଭରେ ବ୍ୟବସାୟୀ ଜଣକ ହରାଇଛନ୍ତି ୧୧ ଲକ୍ଷ ୭ ହଜାର ୨୨ ଟଙ୍କା। ସାଇବର ଠକ ଏହି ବ୍ୟବସାୟୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଏତେ ପରିମାଣର ଟଙ୍କା ଲୁଟିନେବା ପରେ ସେ ଏନେଇ ସାଇବର୍ ଥାନାରେ ଏତଲା ଦେଇଛନ୍ତି।

ସୂଚନା ଅନୁସାରେ, ସାଇବର ଲୁଟ୍‌ର ଶିକାର ହୋଇଥିବା ବ୍ୟକ୍ତି ଜଣଙ୍କ ମର୍କତନଗର ଥାନା ଅନ୍ତର୍ଗତ ସିଡିଏ ଫେଜ୍-୨ ଅଞ୍ଚଳରେ ଏକ ଷ୍ଟେଶନେରି ଦୋକାନ ଦେଇଛନ୍ତି। ଗତ ୭ ତାରିଖରେ ସେ ଫେସ୍‌ବୁକ୍‌ରେ ଟଙ୍କା ନିବେଶ ନେଇ ଏକ ଆକର୍ଷଣୀୟ ବିଜ୍ଞାପନ ଦେଖିବାକୁ ପାଇଥିଲେ। ବିଜ୍ଞାପନରେ ଏକ ଯୋଗାଯୋଗ ନମ୍ବର ଓ ଏକ ଲିଙ୍କ୍ ଥିଲା। ଉକ୍ତ ନମ୍ବରରେ ବ୍ୟକ୍ତି ଜଣକ ଯୋଗାଯୋଗ କରି ନିଜର ଇଚ୍ଛା ଜଣାଇଥିଲେ। ଅପରପାର୍ଶ୍ୱରେ ଥିବା ବ୍ୟକ୍ତି ତାଙ୍କ ମୋବାଇଲ ନମ୍ବରକୁ ଏକ ଟେଲିଗ୍ରାମ ଗ୍ରୁପ୍‌ରେ ଯୋଡ଼ି ଦେଇଥିଲେ। ଏହି ଗ୍ରୁପ୍‌ରେ ୨ ଦିନିଆ ତାଲିମ ଦିଆଯାଇଥିଲା। ତାଲିମ ସରିବା ପରେ କ୍ରେଡ୍ କୋ ନାମକ ଆପ୍ଲିକେଶନ ଜରିଆରେ ଟ୍ରେଡିଂ କରିବାକୁ କୁହାଯାଇଥିଲା। ବ୍ୟକ୍ତି ଜଣକ ପ୍ରଥମେ ୧ ଲକ୍ଷ ଟଙ୍କା ନିବେଶ କରିଥିଲେ। ସେହିଦିନ ସେ ୧ ଲକ୍ଷ ୧୨ ହଜାର ଟଙ୍କା ପାଇଥିଲେ। ଗୋଟିଏ ଦିନରେ ୧୨ ହଜାର ଟଙ୍କା ମିଳିଯିବା ପରେ ତାଙ୍କର ବିଶ୍ୱାସ ବଢ଼ିଯାଇଥିଲା। ପୁଣି ସେ ବିଭିନ୍ନ ପର୍ଯ୍ୟାୟରେ ୧୧ ଲକ୍ଷ ୭ ହଜାର ୨୨ ଟଙ୍କା ଜମା କରିଥିଲେ। ଗତ ୧୭ ତାରିଖ ଭିତରେ ଏତେ ଟଙ୍କା ସେ ଜମା କରିଥିଲେ। ମାତ୍ର ସେ ଆଉ ନିବେଶ କରିଥିବା ଟଙ୍କା କ୍ରେଡ୍ କୋ ଆପ୍ଲିକେଶନରୁ ଉଠାଇ ପାରି ନ ଥିଲେ। ଫେସ୍‌ବୁକ୍‌ରୁ ପାଇଥିବା ନମ୍ବରରେ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ଏନେଇ ସେ ସାଇବର୍ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଲୁଟ୍ ହୋଇଥିବା ଟଙ୍କା ୪ଟି ବ୍ୟାଙ୍କ ଆକାଉଣ୍ଟକୁ ଯାଇଥିବା ତଦନ୍ତରୁ ଜଣାପଡ଼ିଛି। ସାଇବର୍ ଥାନା ପୋଲିସ ସମ୍ପୃକ୍ତ ଆକାଉଣ୍ଟ ସଂକ୍ରାନ୍ତ ତଥ୍ୟ ବ୍ୟାଙ୍କକୁ ମାଗିଥିବା ଜଣାପଡିଛି। ଏହି ତଥ୍ୟ ଆସିଲେ ସାଇବର ଠକଙ୍କ ନିକଟରେ ପହଞ୍ଚିବା ସହଜ ହେବ ବୋଲି ପୋଲିସ କହିଛି।

# ଭିଜିଲାନ୍ସ ଜାଲରେ ଓଏସ୍‌ଆର୍‌ଟିସି ଚିଫ୍ ଆକାଉଣ୍ଟ ଅଫିସର

## ୧.୪୭ କୋଟିରୁ ଅଧିକ ଜମା ରାଶି, ୫୦୦ ଗ୍ରାମ ସୁନା, ଫ୍ଲାଟ୍, କୋଠା ଠାବ







ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ଘସିପୁରା, ୨୩।୮(ନିରଞ୍ଜନ ସାହୁ)

ସରକାରୀ କ୍ଷମତାର ଦୁରୁପଯୋଗ କରି ବେଆଇନ ଭାବେ ଟଙ୍କା ହାତେଇ କୋଟିପତି ବନିଥିବା ଜଣଙ୍କ ପରେ ଜଣେ କୁବେର ବାବୁଙ୍କୁ ଧରୁଛି ଭିଜିଲାନ୍ସ। ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଢେଙ୍କାନାଳ ଫରେଷ୍ଟ ରେଞ୍ଜର ବିଭୁଦାନନ୍ଦ ମିଶ୍ର ଗିରଫ ହୋଇଥିବାବେଳେ ଶୁକ୍ରବାର ଆଉଜଣେ ସରକାରୀ ଅଧିକାରୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେ ହେଲେ ରାଜ୍ୟ ପରିବହନ ନିଗମ (ଓଏସ୍‌ଆର୍‌ଟିସି)ର ଉପଦେଷ୍ଟା ତଥା ଚିଫ୍ ଆକାଉଣ୍ଟ ଅଫିସର (ସିଏଓ) ବିଜୟ ମଙ୍ଗରାଜ। ତାଙ୍କ ନାଁରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ରହିଥିଲା। ଭୁବନେଶ୍ୱର ଭିଜିଲାନ୍ସ ସ୍ପେଶାଲ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଏକାଧିକ ଟିମ୍ ଭୁବନେଶ୍ୱର ସମେତ ମୟୂରଭଞ୍ଜ ଜିଲା ବାରିପଦା ଓ କେନ୍ଦୁଝର ଜିଲାର ଘସିପୁରାର ୭ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି।

ଭିଜିଲାନ୍ସର ସୂଚନା ଅନୁଯାୟୀ, ଚଢ଼ାଉ ବେଳେ ସିଏଓ ବିଜୟ ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ଥିବା ସମ୍ପତ୍ତି ଖୋଜି ବାହାର କରାଯାଉଛି। ମିଳିଥିବା ସମ୍ପତ୍ତି ମଧ୍ୟରେ ଭୁବନେଶ୍ୱର ନନ୍ଦନବିହାରସ୍ଥିତ ଆପାର୍ଟମେଣ୍ଟରେ ଥିବା ଫ୍ଲାଟ, ପଲାଶୁଣିରେ ଥିବା ଦୁଇଟି ଦୁଇମହଲା କୋଠା, ମଞ୍ଚେଶ୍ୱର ଓ ପାଣ୍ଡରାରେ ୨ଟି ପ୍ଲଟ୍ ରହିଛି। ସେହିଭଳି ସେ ରହୁଥିବା ନନ୍ଦନବିହାର ଫ୍ଲାଟ୍‌ରୁ ୫୦୦ ଗ୍ରାମ ସୁନା ଅଳଙ୍କାର, ବ୍ୟାଙ୍କ ଜମା ରାଶି ୧ କୋଟି ୪୭ ଲକ୍ଷ ୩୮ ହଜାର ୯୨୫ ଟଙ୍କା, ଦୁଇଟି ଚାରିଚକିଆ ଯାନ, ୧୭.୭୦ ଲକ୍ଷ ଟଙ୍କାର ଘରୋଇ ଉପକରଣ ଠାବ ହୋଇଛି। କେରଳର ଏର୍ନାକୁଲାମରେ ତାଙ୍କର ୨ ମହଲା ବିଶିଷ୍ଟ କୋଠା ରହିଥିବା ଜଣାପଡିବା ପରେ ଏନେଇ ଅଧିକ ଛାନଭିନ ଚଳାଇଛି ଭିଜିଲାନ୍ସ। ସେହିପରି ଘସିପୁରା ଥାନା ଖପରାଖାଇସ୍ଥିତ ବିଜୟଙ୍କ ଶ୍ୱଶୁର ଘରେ ମଧ୍ୟ ଚଢ଼ାଉ କରାଯାଇଥିଲା। ଭଦ୍ରକ ଭିଜିଲାନ୍ସ ବିଭାଗର ୫ ଜଣିଆ ଟିମ୍ ଗୋଟିଏ ନାଲି ସ୍କୁଟି ଜବତ କରିଥିବା ସୂଚନା ମିଳିଛି। ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିବାରୁ ସମ୍ପତ୍ତି ପରିମାଣ ବଢ଼ିବ ବୋଲି କୁହାଯାଇଛି। ଏହି ଚଢାଉରେ ୮ଜଣ ଡିଏସ୍‌ପି, ୮ଜଣ ଇନ୍ସପେକ୍ଟର, ୯ ଜଣ ଏଏସ୍‌ଆଇଙ୍କ ସମେତ ଅନ୍ୟ ଅଧିକାରୀ ସାମିଲ ଅଛନ୍ତି।

ସୂଚନାଯୋଗ୍ୟ, ୧୯୯୧-୯୨ରେ ଯନ୍ତ୍ରୀ ଭାବେ ସରକାରୀ ସେବାରେ ଯୋଗ ଦେଇଥିବା ବିଜୟ ପରେ ପଞ୍ଚାୟତିରାଜ ବିଭାଗ ଓ ପୂର୍ତ୍ତ ବିଭାଗରେ ଚାକିରି କରିଥିଲେ। ୧୯୯୭ରେ ସେ ଓଏଫ୍‌ଏସ୍ କ୍ୟାଡର୍ ଭାବେ ଅବସ୍ଥାପିତ ହୋଇ ୧୯୯୮ ଜାନୁଆରୀ ୨୨ରେ ଚିତ୍ରକୋଣ୍ଡା ବାଲିମେଳା ଡ୍ୟାମ୍ ପ୍ରୋଜେକ୍ଟ (ଜଏଣ୍ଟ)ର ଆସିଷ୍ଟାଣ୍ଟ ଫାଇନାନ୍ସିଆଲ୍ ଆଡଭାଇଜର୍ ଭାବେ କାମ କରିଥିଲେ। ପରବର୍ତ୍ତୀ ସମୟରେ ସେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିବା ସହ ୨୦୨୧ ଜାନୁଆରୀ ୨୫ରେ ସିଟି ଆଣ୍ଡ ଜିଏସ୍‌ଟି ବଲାଙ୍ଗୀର ଟେରିଟୋରିଆଲ ରେଞ୍ଜ୍‌ର ଅତିରିକ୍ତ କମିଶନର ଭାବେ କାମ କରିଥିଲେ। ୨୦୨୩ ଜାନୁଆରୀ ୧୬ରୁ ବାଣିଜ୍ୟ ଓ ପରିବହନ ବିଭାଗରେ ଯୋଗଦେଇ ଓଏସ୍‌ଆର୍‌ଟିସିର ସିଏଓ ଥିଲେ।

# ମହିଳାଙ୍କ ଟିପଚିହ୍ନ ନେଇ ବ୍ୟାଙ୍କରୁ ୧.୩୨ ଲକ୍ଷ ଉଠାଣ

ପାପଡ଼ାହାଣ୍ଡି, ୨୩।୮ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ମଇଦଲପୁର ଥାନା ଅଞ୍ଚଳରେ ଜଣେ ଯୁବକ ଗ୍ରୁପ୍ ଲୋନ୍ କରାଇଦେବା ଆଳରେ କେତେଜଣ ମହିଳାଙ୍କ କାଗଜପତ୍ର ଓ ଟିପଚିହ୍ନ ନେଇ ୧ ଲକ୍ଷ ୩୨ହଜାର ଟଙ୍କା ବ୍ୟାଙ୍କରୁ ଉଠାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି। ବୋରିପଦର ଗ୍ରାମର ଦେଈ ସାନ୍ତା ଏ ନେଇ ମଇଦଲପୁର ଥାନାରେ ଏତଲା ଦେଇଛନ୍ତି। ଗ୍ରାମର ଚମ୍ପା ସାନ୍ତା, ସବିତା ସାନ୍ତା, ଦୈମତି ସାନ୍ତା, କମଳା ସାନ୍ତା ଓ ତୁଳସା ସାନ୍ତାଙ୍କଠାରୁ ଟିପଚିହ୍ନ ନେଇ ଠକେଇ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ହେଲେ କଣ୍ଟାସାରୁ ଗ୍ରାମର ଜଲେଶ ହରିଜନ। ସେ ଋଣ ପ୍ରଦାନକାରୀ ସଂସ୍ଥା 'ପ୍ରଗତି'ରୁ ଗ୍ରୁପ୍ ଲୋନ୍ କରାଇଦେବେ କହି ମହିଳାଙ୍କଠାରୁ କାଗଜପତ୍ର ଓ ଟିପଚିହ୍ନ ନେଇଥିବା ଅଭିଯୋଗ ହୋଇଛି। କେସ୍ ନଂ. ୧୨୨/୨୪ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ସ୍କୁଲରେ ପଶି ଶିକ୍ଷୟିତ୍ରୀଙ୍କଠାରୁ ଲୁଟିନେଲେ ସୁନାଚେନ୍

କରଞ୍ଜିଆ(କବିତା ମହାନ୍ତ)/ ଠାକୁରମୁଣ୍ଡା (ତାରାକାନ୍ତ ପଟ୍ଟନାୟକ), ୨୩।୮

କରଞ୍ଜିଆ ଥାନା କୁଳିପୋଷି ଗ୍ରାମ ଭାଟିସାହି ପ୍ରାଥମିକ ବିଦ୍ୟାଳୟ ଭିତରେ ପଶି ଦୁର୍ବୃତ୍ତମାନେ ୨ ଶିକ୍ଷୟିତ୍ରୀଙ୍କ ବେକରୁ ୨ଟି ସୁନାଚେନ୍ ଲୁଟି ନେଇଛନ୍ତି। ଶୁକ୍ରବାର ଛାତ୍ରୀଛାତ୍ରମାନଙ୍କୁ ଶ୍ରେଣୀଗୃହରେ ଜଣେ ଶିକ୍ଷୟିତ୍ରୀ ଚନ୍ଦ୍ରୟାନ ସଫଳତା ବିଷୟରେ ଭିଡିଓ କ୍ଲିପ୍ ଦେଖାଉଥିଲେ। ଅପରାହ୍ନ ପ୍ରାୟ ଗୋଟାଏ ସମୟରେ ପଛପଟ ପାଚେରି ଡେଇଁ ୨ ଦୁର୍ବୃତ୍ତ ବିଦ୍ୟାଳୟ ଭିତରେ ପଶିଥିଲେ। ପ୍ରଥମେ ସହକାରୀ ଶିକ୍ଷୟିତ୍ରୀ ସାବିତ୍ରୀ ପାତ୍ରଙ୍କ ବେକକୁ ଚିପି ଧରି ସେମାନେ ସୁନାଚେନ୍ ଛିଣ୍ଡାଇ ନେବାକୁ ଚେଷ୍ଟା କରିଥିଲେ। ଶିକ୍ଷୟିତ୍ରୀ ପାତ୍ର ଚିତ୍କାର କରିବାରୁ ଛାତ୍ରୀଛାତ୍ରମାନେ ଭୟରେ ସେଠାରୁ ଦୌଡ଼ି ପଳାଇଥିଲେ। ପାଟି ଶୁଣି ଅନ୍ୟ ଏକ ଶ୍ରେଣୀଗୃହରେ ଥିବା ଶିକ୍ଷୟିତ୍ରୀ ରୁକ୍ମଣୀ ମହାନ୍ତ ଆସିବାରୁ ଦୁର୍ବୃତ୍ତଦ୍ୱୟ ଉଭୟ ଶିକ୍ଷୟିତ୍ରୀ ପିନ୍ଧିଥିବା ସୁନାଚେନ ଲୁଟିନେଇ ପାଚେରି ଡେଇଁ ଖସି ଯାଇଥିଲେ। ସ୍କୁଲ ସମ୍ମୁଖ ଦେଇ ଯାଇଥିବା କରଞ୍ଜିଆ-ଠାକୁରମୁଣ୍ଡା ମୁଖ୍ୟରାସ୍ତାରେ ବାଇକ ଧରି ଛିଡ଼ା ହୋଇଥିବା ଅନ୍ୟ ଜଣେ ଦୁର୍ବୃତ୍ତଙ୍କ ସହ ଠାକୁରମୁଣ୍ଡା ଆଡ଼କୁ ସେମାନେ ପଳାଇଥିଲେ। ଲୁଟ୍ ସମ୍ପର୍କରେ ଶିକ୍ଷୟିତ୍ରୀ ରୁକ୍ମଣୀ ମହାନ୍ତ କରଞ୍ଜିଆ ଥାନାରେ ଅଭିଯୋଗ କରିଛନ୍ତି।

# ନମ୍ବର ପ୍ଲେଟ୍ ବଦଳାଇ ଖଣିଜ ଚୋରି ଉଦ୍ୟମ

## ଟ୍ରକ୍ ଜବତ, ଡ୍ରାଇଭର ଗିରଫ

ଯୋଡ଼ା,୨୩।୮(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ଯୁରୁଡ଼ିସ୍ଥିତ ଓଡ଼ିଶା ଖଣି ନିଗମ(ଓଏମ୍‌ସି) ଜିଲିଂ ଖଣିରେ ଏକ ଟ୍ରକ୍‌ରେ ନମ୍ବର ପ୍ଲେଟ୍ ଜାଲିଆତି କରାଯାଇ ଖଣିଜ ଚୋରି ଉଦ୍ୟମ ଅଭିଯୋଗ ହୋଇଛି। ସୁରକ୍ଷାକର୍ମୀ ଦ୍ୱାରା ଯାଞ୍ଚ ସମୟରେ ଜାଲିଆତି ଧରାପଡ଼ିଥିଲା। ଘଟଣାରେ ବାମେବାରି ପୋଲିସ ଟ୍ରକ୍ ଡ୍ରାଇଭର କମାରଯୋଡ଼ା ଅଞ୍ଚଳର ରଘୁ ମୋଦକଙ୍କୁ ଶୁକ୍ରବାର ଗିରଫ କରିଛି। ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ପ୍ରକାଶ କରିଛି।

ସୂଚନା ଅନୁଯାୟୀ, ଜିଲିଂ ଖଣିରେ ଗୁରୁବାର ଏକ ଟ୍ରକ୍ ଅନ୍ୟ ଏକ ଟ୍ରକ୍‌ର ନମ୍ବର 'ଓଡି ୦୯ କେ ୦୮୫୬'କୁ ବ୍ୟବହାର କରି ପରିବହନ ଠିକାସଂସ୍ଥାରୁ ପରିବହନ ଅନୁମତି ସ୍ଲିପ୍ ହାତେଇଥିଲା। ଉକ୍ତ ସ୍ଲିପ୍‌ରେ ଲୁହାପଥର ପରିବହନ ପାଇଁ ଖଣିର ଫାଟକ ଦେଇ ପ୍ରବେଶ କରୁଥିବା ସମୟରେ ସୁରକ୍ଷାକର୍ମୀମାନେ କେବଳ ଗାଡ଼ିର ସମ୍ମୁଖରେ ନମ୍ବର ପ୍ଲେଟ୍ ଲଗା ଯାଇଥିବା ଦେଖିଥିଲେ। ପଛ, ବାମ କିମ୍ବା ଡାହାଣ ପାର୍ଶ୍ୱରେ ନମ୍ବର ଲେଖା ହୋଇ ନ ଥିବାରୁ ସନ୍ଦେହ କରି ଅଟକ ରଖିଥିଲେ। ପରବର୍ତ୍ତୀ ସମୟରେ ତାହା ସେହି ଗାଡ଼ିର ନମ୍ବର ହୋଇ ନ ଥିବା ଜଣାପଡ଼ିଥିଲା। ଧରାପଡ଼ିଥିବା ଟ୍ରକ୍‌ର ପ୍ରକୃତ ନମ୍ବର ଜଣାପଡ଼ି ନ ଥିବା ବେଳେ ଟ୍ରକ୍‌ର ଚେସିସ ଓ ଇଞ୍ଜିନ ନମ୍ବର ବଡ଼ବିଲ ଆର୍‌ଟିଓକୁ ଜଣାଇ ଦିଆଯାଇଥିବା ବାମେବାରି ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ କହିଛନ୍ତି। ଏ ନେଇ ଏକ ମାମଲା(ନଂ. ୨୧୧/୨୦୨୪) ରୁଜୁ ହୋଇଛି।

# ପୁଣି ୨ଦିନିଆ ରିମାଣ୍ଡରେ ବଙ୍ଗୀୟ ଏଜେଣ୍ଟ ରାଜୁ

ଭୁବନେଶ୍ୱର,୨୩।୮(ସତ୍ୟଜିତ୍ ରାଉତ)

ସିମ୍‌ବକ୍ସ ନେଟ୍‌ୱର୍କ ମାମଲାରେ କମିଶନରେଟ୍ ପୋଲିସ ବଙ୍ଗୀୟ ଏଜେଣ୍ଟ ରାଜୁ ମଣ୍ଡଳଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ଶୁକ୍ରବାର ୨ ଦିନିଆ ରିମାଣ୍ଡରେ ଆଣିଛି। ୭ ଦିନିଆ ରିମାଣ୍ଡ ଆବେଦନ ହୋଇଥିବା ବେଳେ କୋର୍ଟ ୨ ଦିନ ପାଇଁ ଅନୁମତି ଦେଇଥିଲେ। ଲକ୍ଷ୍ମୀସାଗର ଥାନା ପକ୍ଷରୁ ଝାରପଡ଼ା ଜେଲରୁ ରାଜୁଙ୍କୁ ଅଣାଯାଇ ମାରାଥନ୍ ଜେରା କରାଯାଉଛି। ଏପରିକି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଓ ଗୃହ ମନ୍ତ୍ରଣାଳୟର ଡିପାର୍ଟମେଣ୍ଟ ଅଫ୍ ଟେଲିକମ୍ୟୁନିକେଶନ୍ସ(ଡିଓଟି) ଟିମ୍ ରାଜୁଙ୍କୁ ଜେରା କରୁଛି। ଏହି ଦୁଇ ଦିନରେ ପୋଲିସ ରାଜୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିବାକୁ ଯୋଜନା ରଖିଛି। ଅନ୍ୟପକ୍ଷରେ ମାଷ୍ଟରମାଇଣ୍ଡ ବାଂଲାଦେଶର ଆଶାଦ୍ଦୁର ଜମାନ୍‌ଙ୍କ ବିଷୟରେ ମଧ୍ୟ ପୋଲିସ ଅଧିକ ତଥ୍ୟ ହାସଲ କରିବାରେ ଲାଗିପଡିଛି। ଆଶାଦ୍ଦୁର

### ସିମ୍‌ବକ୍ସ ନେଟ୍‌ୱର୍କ

ବାଂଲାଦେଶର ଢାକାରେ ରହି ସିମ୍‌ବକ୍ସ ସେଟ୍‌ଅପ୍‌କୁ ସ୍ମାର୍ଟ ସୁଇଚ୍ ଜରିଆରେ ଅପରେଟ୍ କରୁଥିଲେ। ଏପରିକି ପଶ୍ଚିମବଙ୍ଗରେ ମଧ୍ୟ ସିମ୍‌ବକ୍ସ ସେଟଅପ୍ ରହିଥିବା ସନ୍ଦେହ କରାଯାଉଥିବାରୁ ସେହି ଦିଗରେ ପୋଲିସ ଅଧିକ ଛାନ୍‌ଭିନ୍ ଚଳାଇଥିବା ଜଣାପଡିଛି। ଉଲ୍ଲେଖ୍ୟ ଯୋଗ୍ୟ, କମିଶନରେଟ୍ ପୋଲିସ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ମଙ୍ଗରାଜ ପଏଣ୍ଟ ନିକଟ ମହାଦେବ ନଗରସ୍ଥିତ କୋଠା (ଖାନ୍ ମଞ୍ଜିଲ୍)ରେ ଚଢ଼ାଉ କରିଥିଲା। ଗତ ୧୬ ତାରିଖରେ ରାଜୁଙ୍କୁ ଗିରଫ କରିବା ସହ ସେଠାରୁ ୭ଟି ସିମ୍‌ବକ୍ସ, ୫୦୦ରୁ ଉର୍ଦ୍ଧ୍ୱ ସିମ୍ ଆଦି ଜବତ କରିଥିଲା। ପରେ କଟକ ଓ ରାଉରକେଲାରେ ଏହି ନେଟ୍‌ୱର୍କର ଚେର ଲମ୍ବିଥିବା ଜଣାପଡିବା ପରେ ଏହି ଦୁଇ ସହରରେ ଥିବା ଭଡ଼ା ଘରୁ ବହୁ ସିମ୍ ବକ୍ସ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିଲା।


GOVERNMENT OF ODISHA
No.O-216:
OFFICE OF THE SUPERINTENDING ENGINEER, RURAL WORKS DIVISION, PATNAGARH
E-mail: eerw_ptng@yahoo.in, Phone No - 06658-222121
e-Procurement Notice
IFB IDENTIFICATION NO.EEPTNG-Online-02/2024-25

| | | | |
|---|---|---|---|
| 1. | Name of Work | : | Construction of Building Works |
| 2. | Total No. of Work | : | 01 (One) Building Work |
| 3. | Time for Completion | : | 06 (Six) Calendar Months |
| 4. | Approximate estimated cost | : | 60.41 Lakh |
| 5. | Mode of Submission of tender | : | Tender should be submitted online in www.tendersorissa.gov.in |
| 6. | **Other details are as follow** | : | |

| Procurement Officer | Bid Identification No. | Availability of Tender Online for Bidding | | Last date and time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Executive Engineer, R.W. Divn., Patnagarh | EEPT-NG-Online-02/2024-25 | 28.08.2024 at 11.00 A.M. | 10.09.2024 upto 5.00 P.M. | 09.09.2024 upto 5.00 P.M. | 11.09.2024 at 11.00 A.M. | The date will be intimated to the technically qualified bidders later |

- Further details can be seen from the website www.tendersorissa.gov.in
- Any Corrigendum/Addendum will be displayed in the above e tender website only.

OIPR-25154/11/0002/2425 Sd./- Executive Engineer, R.W.Division, Patnagarh



GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA
No.3346 email- serwsbd2003@yahoo.com Dt.22.08.2024
e- Procurement Notice for Bridge Work

No.O-217: 1.Name of the work : Construction of Bridge over Local nallah at 2.00 Km on Mahulabhata to Singhibandha (P.S.) Road in the District of Koraput under BSY for the year 2022-23. 2. Class of Contractor: "A" Class of (Odisha PWD) or relevant class of other licensing authority. 3. Estimated Cost: Rs.583.15 lakhs (Approximately). 4. Details projects as per Annexure attached:

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Engineer, Rural Works Circle, Sunabeda | CCERWCSBD-Online-09/2024-25 | 28.08.2024 at 11.00 A.M. | 11.09.2024 upto 5.00 P.M. | 10.09.2024 upto 2.00 P.M. | 12.09.2024 at 11.00 A.M. | To be intimated separately |

5. The details of works can be seen from the website **https://www.tendersodisha.gov.in.**
6. Any Corrigendum/Addendum will be displayed in the above e-tender website.

Sd./- Chief Engineer
Rural Works Circle, Sunabeda
OIPR-25182/11/0013/2425



कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, डालटनगंज

अति अल्पकालीन पुर्न ई–निविदा आमंत्रण सूचना संख्या – 01RIII/2024–25/EE/RWD/DALTONGANJ
दिनांक–23.08.2024

1. कार्य का नाम :

| क्र0 | आईडेन्टी फिकेशन संख्या/ पैकेज संख्या | प्रखंड | | कार्य का नाम | प्राक्कलित राशि (लाख में) अंक में | अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|---|---|
| 1 | RWD/DALTONGANJ/STPKG/16/24-25 | तरहसी | 1 | सिलदिलिया बाजार से कोसियारा तक पथ का सुदृढ़ीकरण कार्य । 2.20कि0मी0 | 1372.872 | तेरह करोड़ बहत्तर लाख सत्तासी हजार दो सौ रू0 मात्र | 15 माह | चतुर्थ |
| | | तरहसी | 2 | पी0डब्लू0डी0 पथ से रहेया भाया नावाडीह तक पथ का सुदृढ़ीकरण कार्य । 3.80कि0मी0 | | | | |
| | | तरहसी | 3 | पाठक पगार मोहन बैठा के घर से नहर तक पथ का सुदृढ़ीकरण कार्य। 1.00कि0मी0 | | | | |
| | | तरहसी | 4 | कसमार से परपेन तक पथ का सुदृढ़ीकरण कार्य । 1.70कि0मी0 | | | | |
| | | तरहसी | 5 | भालोगाड़ी से टरिया भाया छेछानी तक पथ का सुदृढ़ीकरण कार्य । 7.20कि0मी0 | | | | |
| | | तरहसी | 6 | बी0टी0 रोड से सिकनी तक पथ का सुदृढ़ीकरण कार्य । 3.20कि0मी0 | | | | |
| | | मनातु | 7 | पी0डब्लू0डी0 पथ जगराहा तक पथ का सुदृढ़ीकरण कार्य । 6.40कि0मी0 | | | | |
| | | मनातु | 8 | बी0टी0 पथ से सुरगुजा तक पथ का सुदृढ़ीकरण कार्य । 6.50कि0मी0 | | | | |

2. बेवसाईट में निविदा प्रकाशन की तिथि : 27.08.2024
3. ई–निविदा प्राप्ति की अंतिम तिथि एवं समय : 02.09.2024 up to 5.00 PM
4. निविदा खोलने की तिथि एवं समय 04.08.2024 पूर्वाह्न 3.30 बजे
5. निविदा आमंत्रित करने वाले पदाधिकारी का नाम एवं पता : कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज ।
6. ई–निविदा प्रकोष्ठ का दूरभाष सं0 –06562357595

विस्तृत जानकारी के लिए वेबसाईट Jharkhandtenders.gov.in में देखा जा सकता है ।

कार्यपालक अभियंता
ग्रामीण कार्य विभाग, कार्य प्रमंडल, डालटनगंज
PR 333576 (Rural Development)24-25*D



Government of Odisha
Office of the Superintending Engineer
Rural Works Division-II, Dhenkanal
No.O-219: Kamakhyanagar
E-mail: rw.kamakhyanagar@yahoo.co.in
e-Procurement Notice No.06 Building Work/2024-25

| | | | |
|---|---|---|---|
| 1. | Name of the Work | : | Building Works |
| 2. | Total No. of Works | : | 3 (Two) Nos. |
| 3. | Tender Cost | : | Rs.57.71 to 87.17 lakhs (Approx.) |
| 4. | Class of Contractor | : | "B" Class |
| 5. | Period of Completion | : | 12 Calendar Months |
| 6. | Availability of Tender online for bidding | : | 05.09.2024 at 11.00 AM to 19.09.2024 upto 5.00 PM |
| 7. | Last date & Time of seeking tender clarification | : | 18.09.2024 upto 4.00 PM |
| 8. | Date & Time of opening of Technical Bid | : | 20.09.2024 at 11.00 AM |
| 9. | Date & Time of opening of Financial Bid | : | Intimated Later on |

Other details can be seen from the website http://tendersorissa.gov.in

Sd./- Executive Engineer
R.W.Division-II, Dhenkanal
Kamakhyanagar
OIPR-25094/11/0007/2425



DIRECTORATE OF MEDICAL EDUCATION & TRAINING, ODISHA
Email- odishanursingboard1@gmail.com
NO. 725 /NEB-05/2024 BBSR, Dt- 21.08.2024
TENDER CALL NOTICE FOR HIRING VEHICLES FOR ON & MEB

No.E-225: Odisha Nurses & Midwives Examination Board **(ON&MEB)**, Odisha invites sealed Tender from intending reputed travel agencies having GST registration, for hiring to Odisha Nurses & Midwives Examination Board, Bhubaneswar. The details specification and terms & conditions are available in the official websites i.e., www.onmeb.in. Interested parties may submit their Tender in a sealed cover super-scribing **"Tender for hiring vehicles of ON&MEB"** at the top of the enveloped Should reach **"The Secretary, Odisha Nurses & Midwives Examination Board, O/o the DMET(O), Heads of the Department Building, Bhubaneswar, 751001"** through speed post / registered post only which should reach on or before **5:30 P.M. of 10.09.2024** positively. The tender received after the stipulated date and time shall not be entertained in any circumstance and shall be summarily rejected. The tender will be opened on **12.09.2024 at 3:00P.M**. The undersigned reserves the right to reject any or all the tender without assigning any reason thereof.

OIPR-10016/11/0014/2425 Sd./- Secretary, ONMEB



DIRECTORATE OF MEDICAL EDUCATION & TRAINING, ODISHA
Email- odishanursingboard1@gmail.com
NO. 723 /NEB-05/2024 BBSR, Dt- 21.08.2024
TENDER CALL NOTICE FOR PRINTING MATERIALS FOR ON & MEB

No.E-226 : Odisha Nurses & Midwives Examination Board **(ON&MEB)**, Odisha invites sealed Tender from interested / firms/ agencies having GST registration, adequate experience in taking up the works of print and supply of **Answer Booklet & Additional Answer Booklet for ON&MEB**. The detailed quantity, specifications and term & conditions are available in the official websites i.e. **www.onmeb.in**. Interested parties may submit their Tender in a sealed cover super-scribing **"Tender for Printing Materials for ON&MEB"** at the top of the enveloped Should reach **"The Secretary, Odisha Nurses & Midwives Examination Board, O/o the DMET(O), Heads of the Department Building, Bhubaneswar, 751001"** through speed post / registered post only which should reach on or before 5:30 P.M. of 10.09.2024 positively. The Tender received after the stipulated date and time shall not be entertained in any circumstance and shall be summarily rejected. The Tender will be opened on 12.09.2024 at 4:00P.M. The undersigned reserves the right to reject any or all the Tender without assigning any reason thereof.

OIPR-10016/11/0015/2425 Sd./- Secretary, ONMEB



Ref. No.: SO/I/2022-23/76/3530 Date : 23.08.2024
Startup Odisha (2nd Floor, Tower-A, Odisha Startup Incubation Centre (O-Hub), Special Economic Zone Road, Infocity, Patia, Bhubaneswar-751024)
ENGAGEMENT ON CONTRACT BASIS IN STARTUP ODISHA

No.CAD-923: Applications are invited from interested retired Govt./PSU professionals for selecting one Sr. Consultant (Admin), one Consultant (Admin & Operation), one Consultant (Finance & Accounts) and one Consultant (Building Management) for deployment on contract basis in Startup Odisha Office in Bhubaneswar. Interested candidates may send duly filled in application form along with their C.V. through e-mail to startup.odisha@gov.in and/or should appear in walk-in-interview on along with the biodata in the conference Hall of Startup Odisha Office on 30.08.2024 at 2.30 PM at 2nd floor, Tower-A Odisha Startup Incubation Centre, O-HUB, Special Economic Zone Road, Chandaka, Bhubaneswar-751024. No separate interview letter will be issued and no TA/DA will be paid for appearing in the walk-in-interview. Candidates should produce all the original documents including experience certificate and two passport size photographs along with one set of photocopies at the time of walk-in-interview. No interim correspondence will be entertained. Canvassing in any from will be treated as a ground for disqualification and Startup Odisha reserves the right either to cancel the notification or increase the number of posts including devising its own method of selecting the candidates. Interested candidates may download details of advertisement by visiting www.startupodisha.gov.in (career menu) and are further advised to keep referring Startup Odisha website (www.startupodisha.gov.in) for any updates in reference to this advertisement.

OIPR-43007/11/0002/2425 Sd./-Chief Administrative Officer/Link Officer

# ଜୁଲିଅସ୍‌ଙ୍କ ପରାମର୍ଶ କାମଦେଲା: ନୀରଜ

**ଲାଉସାନେ, ୨୩।୮ (ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଥିବା ଭାରତର ନୀରଜ ଚୋପ୍ରା ଏଠାରେ ଅନୁଷ୍ଠିତ ଡାଇମଣ୍ଡ ଲିଗ୍ ଜାଭେଲିନ୍ ଥ୍ରୋରେ ସେହି ପ୍ରଦର୍ଶନ ବଜାୟ ରଖିଛନ୍ତି। ମାତ୍ର ଏଠାରେ ତାଙ୍କର ଆରମ୍ଭ ଭଲ ହୋଇ ନ ଥିଲା। ୪ର୍ଥ ରାଉଣ୍ଡ ଶେଷ ବେଳକୁ ସେ ସର୍ବାଧିକ ୮୨.୩୪ ମିଟର ଥ୍ରୋ କରିଥିବାରୁ ୪ର୍ଥ ସ୍ଥାନରେ ବିପଦ ଘେରରେ ରହିଥିଲେ। ତାଙ୍କୁ ୬ଷ୍ଠ ରାଉଣ୍ଡରେ ଥ୍ରୋ କରିବାକୁ ଅନୁମତି ମିଳିବ କି ନାହିଁ ତାହାକୁ

## ଡାଇମଣ୍ଡ ଲିଗ୍‌ରେ ନିରଜଙ୍କ ସିଜନ ଶ୍ରେଷ୍ଠ ପ୍ରଦର୍ଶନ

ନେଇ ସେ ଆଶଙ୍କାରେ ଥିଲେ। କାରଣ ୫ ରାଉଣ୍ଡ ଶେଷରେ ଷ୍ଟାଣ୍ଡିଂର ଶ୍ରେଷ୍ଠ ୩ ଆଥ୍‌ଲେଟ୍‌ଙ୍କୁ ହିଁ ଫାଇନାଲ ଅର୍ଥାତ୍ ୬ଷ୍ଠ ରାଉଣ୍ଡ ଥ୍ରୋ ପାଇଁ ଅନୁମତି ମିଳିଥାଏ। ମାନସିକ ଚାପରେ ରହିଥିବା ଏହି ୨୬ ବର୍ଷୀୟ ଆଥ୍‌ଲେଟ୍‌ଙ୍କୁ ତାଙ୍କ ସାଥୀ କେନୀୟ ଜାଭେଲିନ୍ ଥ୍ରୋ ତାରକା ଜୁଲିଅସ୍ ୟେଗୋଙ୍କ ପରାମର୍ଶ ଟନିକ୍ ଭଳି କାମ ଦେଇଥିଲା। ଏହାକୁ ପରେ ନିଜେ ସ୍ୱୀକାର କରିଛନ୍ତି ନୀରଜ। ୫ମ ରାଉଣ୍ଡ ପୂର୍ବରୁ ନିରଜଙ୍କୁ ଜୁଲିଅସ୍ 'ଷ୍ଟେ ରିଲାକ୍ସଡ୍' ଅର୍ଥାତ୍ ଶାନ୍ତ ରହିବାକୁ ପରାମର୍ଶ ଦେଇଥିଲେ।


ଜୁଲିଅସ୍ ୟେଗୋ



ନୀରଜ ଚୋପ୍ରା

ଏହି ରାଉଣ୍ଡରେ ସେ ୮୫.୫୮ ମିଟର ଥ୍ରୋ କରିଥିଲେ। ଫଳରେ ସେ ୬ଷ୍ଠ ତଥା ଅନ୍ତିମ ରାଉଣ୍ଡରେ ଥ୍ରୋ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ନିଜର ୬ଷ୍ଠ ତଥା ଶେଷ ଉଦ୍ୟମରେ ସେ ସିଜନ ଶ୍ରେଷ୍ଠ ୮୯.୪୯ ମିଟର ଥ୍ରୋ କରିଥିଲେ ; ଯାହାକି ତାଙ୍କୁ ଦ୍ୱିତୀୟ ସ୍ଥାନରେ ରହି ପ୍ରତିଯୋଗିତା ଫିନିଶ୍ କରିବାରେ ସହାୟକ ହୋଇଥିଲା। ଗ୍ରେନେଡାର ପିଟର ଆଣ୍ଡରସନ ୯୦.୬୧ ମିଟର ସହ ପ୍ରଥମ ଓ ଜର୍ମାନୀର ଜୁଲିଆନ ୱେବର ୮୨.୩୩ ମିଟର ଥ୍ରୋ କରି ତୃତୀୟ ସ୍ଥାନ ହାସଲ କରିଥିଲେ। ନୀରଜଙ୍କ ପ୍ରଥମ ୩ ଥ୍ରୋ ଯଥାକ୍ରମେ ୮୨.୧୦, ୮୩.୨୧ ଓ ୮୩.୧୩ ମିଟର ରହିଥିଲା।

ପ୍ରକାଶଯୋଗ୍ୟ, ନୀରଜ ପ୍ୟାରିସ୍ ଅଲିମ୍ପିକ୍ସରେ ୮୯.୪୫ ମିଟର ଥ୍ରୋ କରି ରୌପ୍ୟ ପଦକ ହାସଲ କରିଥିଲେ। ଏଠାରେ ସେ ଏହି ଦୂରତ୍ୱରେ ସାମାନ୍ୟ ଉନ୍ନତି ଆଣିଥିଲେ। "ଆଣ୍ଡରସନ ଆରମ୍ଭରୁ ଭଲ ଥ୍ରୋ କରିଥିଲେ। ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅନୁଭବ କରୁ ନ ଥିଲେ ହେଁ ଫାଇଟିଂ ସ୍ପିରିଟ୍ ଉତ୍ତମ ଥିଲା। ପ୍ରଥମ କିଛି ଉଦ୍ୟମରେ ଶ୍ରେଷ୍ଠ ପ୍ରଦର୍ଶନ କରିପାରି ନ ଥିଲି। ଜୁଲିଅସ୍ ମୋତେ କହିଥିଲେ, ଶାନ୍ତ ରୁହ। ତୁମେ ଅଧିକ ଦୂର ଥ୍ରୋ କରିପାରିବ। ମୁଁ ଅଧିକ କିଛି ନ ଭାବି ଶାନ୍ତ ରହିବାକୁ ଚେଷ୍ଟା କରିଥିଲି। ଅନ୍ତିମ ଥ୍ରୋ ସବୁଠୁ ଭଲ ରହିଥିଲା" ବୋଲି ନୀରଜ ପ୍ରକାଶ କରିଛନ୍ତି। ଜୁଲିଅସ୍ ୮୩ ମିଟର ଥ୍ରୋ କରି ପ୍ରତିଯୋଗିତାରେ ୬ଷ୍ଠ ସ୍ଥାନରେ ରହିଥିଲେ।

ଏଠାରେ ଦ୍ୱିତୀୟ ସ୍ଥାନରେ ରହି ୭ ପଏଣ୍ଟ ପାଇଥିବାରୁ ନୀରଜ ଡାଇମଣ୍ଡ ଲିଗ୍ ଷ୍ଟାଣ୍ଡିଂରେ ୧୫ ପଏଣ୍ଟ ସହ ୱେବରଙ୍କ ସହ ଯୁଗ୍ମ ତୃତୀୟ ସ୍ଥାନରେ ରହିଛନ୍ତି। ୨୧ ପଏଣ୍ଟ ସହିତ ପିଟର୍ସ ଶୀର୍ଷ ସ୍ଥାନକୁ ଲମ୍ଫ ମାରିଛନ୍ତି। ଚେକ୍ ରିପବ୍ଲିକର ଜାକୁବ ଭାଡଲେଚ୍ ୧୬ ପଏଣ୍ଟ ସହ ଦ୍ୱିତୀୟରେ ରହିଛନ୍ତି। ଲାଉସାନେ ଡାଇମଣ୍ଡ ଲିଗ୍‌ରେ ସେ ୮୨.୦୩ ମିଟର ଥ୍ରୋ କରି ୭ମ ସ୍ଥାନରେ ରହିଥିଲେ। ଚଳିତ ସିଜନର ଡାଇମଣ୍ଡ ଲିଗ୍ ଫାଇନାଲ୍ସ ବ୍ରସେଲ୍ସରେ ସେପ୍ଟେମ୍ବର ୧୪ରେ ଅନୁଷ୍ଠିତ ହେବ। ଡାଇମଣ୍ଡ ଲିଗ୍ ସିରିଜଗୁଡ଼ିକର ଷ୍ଟାଣ୍ଡିଂର ଶୀର୍ଷ ୬ ସ୍ଥାନରେ ଥିବା ଆଥ୍‌ଲେଟ୍ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ।

## ଜୟ ଶାହା ଆଇସିସି ଚେୟାରମ୍ୟାନ ହେଲେ...

# କିଏ ହେବେ ବିସିସିଆଇ ସମ୍ପାଦକ

**ନୂଆଦିଲ୍ଲୀ, ୨୩।୮ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ଚେୟାରମ୍ୟାନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ମାତ୍ର ଯଦି ତାହା ହୁଏ ତେବେ ତାଙ୍କ ସ୍ଥାନରେ ବିସିସିଆଇର ସମ୍ପାଦକ ପଦ ପାଇଁ କେହି କ୍ଲିୟର ଫେଭରାଇଟ ନାହାନ୍ତି। ଆଇସିସି ବୋର୍ଡରେ ୧୬ ସଦସ୍ୟଙ୍କ ମଧ୍ୟରୁ ଶାହାଙ୍କ ପ୍ରତି ୧୫ ଜଣଙ୍କର ସମର୍ଥନ ରହିଛି। ମାତ୍ର ୯୬ ଘଣ୍ଟାରୁ କମ୍ ସମୟ ମଧ୍ୟରେ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିବ। କ୍ରମାଗତ ଦ୍ୱିତୀୟ ଥରପାଇଁ ବିସିସିଆଇ ସମ୍ପାଦକଭାବେ ତାଙ୍କ କାର୍ଯ୍ୟକାଳ ଆଉ ୧ ବର୍ଷ ରହିଛି। ଆଇସିସିର ନୂଆ ଚେୟାରମ୍ୟାନ ଡିସେମ୍ବର ୧ରେ ଦାୟିତ୍ୱ ଗ୍ରହଣ କରିବେ। ତେଣୁ ଏହି ପଦପାଇଁ ମନୋନୟନ ପତ୍ର ଦାଖଲର ଶେଷ ତାରିଖ ଅଗଷ୍ଟ ୨୭କୁ ଧାର୍ଯ୍ୟ କରାଯାଇଛି। ମାତ୍ର ଏଠାରେ ପ୍ରଶ୍ନ ଉଠୁଛି ଯଦି ଜୟ ଶାହା ଆଇସିସିକୁ ଯିବେ ତେବେ ବିସିସିଆଇ ସମ୍ପାଦକ କିଏ ହେବେ। ଏହି ପଦପାଇଁ ଉପଯୁକ୍ତ ମନେ ହେଉଥିବା କେତେଜଣ ସମ୍ଭାବ୍ୟ ବ୍ୟକ୍ତିଙ୍କ ସମ୍ପର୍କରେ ଆଲୋଚନା କରାଯାଇପାରେ।

**ରାଜୀବ ଶୁକ୍ଲା:** ବର୍ତ୍ତମାନର ବିସିସିଆଇ ଉପ-ସଭାପତି ରାଜୀବ ଶୁକ୍ଲାଙ୍କୁ ୧ ବର୍ଷ ପାଇଁ ଏହି ପଦଲାଗି ମନୋନୀତ କରାଯାଇପାରେ। ରାଜ୍ୟ ସଭାରେ କଂଗ୍ରେସ ଏମ୍‌ପି




ଥିବା ଶୁକ୍ଲା ସମ୍ଭବତଃ ଏଥିରେ ଅମଙ୍ଗ ହେବେନାହିଁ। କାରଣ ଉପ-ସଭାପତି ଦଳ କେବଳ ଏକ ରବର ଷ୍ଟାମ୍ପ।

**ଆଶିଷ ଶେଲର:** ମହାରାଷ୍ଟ୍ର ଭାଜପା ହେଭିଓ୍ୱେଟ ଆଶିଷ ଶେଲର ଏବେ ବିସିସିଆଇ କୋଷାଧ୍ୟକ୍ଷ ଅଛନ୍ତି। ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ପ୍ରଶାସନର ସେ ଜଣେ ବଡ଼ ନାମ। ପ୍ରଭାବଶାଳୀ ହୋଇଥିବାରୁ ତାଙ୍କ ନାମ ବିଚାରକୁ ନିଆ ଯାଇପାରେ।

**ଅରୁଣ ଧୁମାଲ:** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଚେୟାରମ୍ୟାନ ଅରୁଣ ଧୁମାଲଙ୍କର ବୋର୍ଡ ପରିଚାଳନାରେ ବହୁ ଅଭିଜ୍ଞତା ରହିଛି। ସେ ପୂର୍ବରୁ ବିସିସିଆଇ କୋଷାଧ୍ୟକ୍ଷ ଥିଲେ ଏବଂ ବର୍ତ୍ତମାନ ବ୍ୟୟବହୁଳ ଆଇପିଏଲ୍‌ର ମୁଖ୍ୟ ଅଛନ୍ତି। ଏହା ବ୍ୟତୀତ ଯୁଗ୍ମ ସମ୍ପାଦକ ଦେବଜିତ ସାଇକିଆ ଏବଂ ବିଭିନ୍ନ ଆସୋସିଏଶନ ଦାୟିତ୍ୱରେ ଥିବା ରୋହନ ଜେଟଲି, ଅଭିଷେକ ଡାଲମିଆ, ଦିଲଶେର ଖାନ୍ନା, ଭିପୁଲ ଫାଡ୍‌କେ ଓ ପ୍ରଭତେଜ ଭାଟିଆଙ୍କ ନାମ ମଧ୍ୟ ଆଲୋଚନା ପରିସରକୁ ଆସିପାରେ।

# ପାରାଲିମ୍ପିକ୍ସରେ ପ୍ରଥମ ଟ୍ରାନ୍ସଜେଣ୍ଡର ଆଥଲେଟ

**ବୋଲୋଗ୍ନା (ଇଟାଲୀ), ୨୩।୮ (ଏପି)**

ଭାଲେଣ୍ଟିନା ପେଟ୍ରିଲୋ ପ୍ରଥମ ମହିଳା ଟ୍ରାନ୍ସଜେଣ୍ଡର ଆଥଲେଟଭାବେ ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାଗ ନେବାକୁ ଯାଉଛନ୍ତି। ସେ ଇଟାଲୀରୁ ପ୍ରତିନିଧିତ୍ୱ କରିବେ। ୫୦ବର୍ଷୀୟା ଏହି ସ୍ପ୍ରିଣ୍ଟର ମହିଳା ଟି୧୨ କ୍ଲାସିଫିକେଶନରେ ଭାଗ ନେବେ, ଯାହାକି ଦୃଷ୍ଟିବାଧିତଙ୍କ ଲାଗି ଉଦ୍ଦିଷ୍ଟ। ପେଟ୍ରିଲୋ ଟି୧୨ ଶ୍ରେଣୀରେ ୨୦୦ମିଟର ଓ ୪୦୦ମିଟର ରେସ୍‌ରେ ଅଂଶଗ୍ରହଣ କରିବେ। କିନ୍ତୁ ଜଣେ ଓକିଲ ତଥା ଆଥଲେଟ ମାରିଉସିଆ କ୍ୱିଲେରି ଓ ଅନ୍ୟ କେତେଜଣ ଆଥଲେଟ ମହିଳା ରେସ୍‌ରେ ପେଟ୍ରିଲୋଙ୍କ ଅଂଶଗ୍ରହଣକୁ ବିରୋଧ କରୁଛନ୍ତି। ପେଟ୍ରିଲୋ




ଗତବର୍ଷ ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଦୁଇଟି ବ୍ରୋଞ୍ଜ ପଦକ ଜିତିଥିଲେ। ପାରାଲିମ୍ପିକ୍ସ ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୮ପର୍ଯ୍ୟନ୍ତ ହେବ। ସୂଚନାଯୋଗ୍ୟ, ୧୯୮୦ ମସ୍କୋ ଅଲିମ୍ପିକ୍ସରେ ଇଟାଲିଆନ ସ୍ପ୍ରିଣ୍ଟର ପିଟ୍ରୋ ମେନିଆ ଯେତେବେଳେ ୨୦୦ ମିଟରରେ ସ୍ୱର୍ଣ୍ଣ ଜିତିଲେ ସେ ତାହାକୁ ଦେଖିଛନ୍ତି। ସେତେବେଳେ ତାଙ୍କୁ ମାତ୍ର ୭ ବର୍ଷ ବୟସ ହୋଇଥିଲା। ଆଥ୍‌ଲେଟିକ୍ସ ପ୍ରତି ତାଙ୍କର ଆଗ୍ରହ ବୃଦ୍ଧି ପାଇଥିଲା। ମେନିଆଙ୍କ ଭଳି ଅଲିମ୍ପିକ୍ସରେ ଭାଗ ନେଇ ସେ ପଦକ ଜିତିବାକୁ ଚାହିଁଥିଲେ। ପେଟ୍ରିଲୋ କହିଛନ୍ତି, ପିଲାଦିନରୁ ସେ କେବେ ନିଜକୁ ଜଣେ ପୁରୁଷ ବୋଲି ମନେ କରୁ ନ ଥିଲେ। ଜଣେ ମହିଳା ଭାବେ ସେ ଏହି ସଫଳତା ହାସଲ କରିବା ଲାଗି ମନସ୍ଥ କରିଥିଲେ। ୪ ଦଶନ୍ଧି ପରେ ୫୦ବର୍ଷ ବୟସରେ ସେ ତାଙ୍କ ସ୍ୱପ୍ନ ପୂରଣ କରିପାରିବେ ବୋଲି ଆଶା କରିଛନ୍ତି।

ସୂଚନାଯୋଗ୍ୟ, ପେଟ୍ରିଲୋ ବାଲ୍ୟକାଳରେ ଏକ ଚକ୍ଷୁ ରୋଗରେ ପୀଡ଼ିତ ହୋଇ ଆଂଶିକ ଦୃଷ୍ଟି ଶକ୍ତି ହରାଇଥିଲେ। ସେ ତାଙ୍କ ଜୀବନର ଅଧିକାଂଶ ସମୟ ଜଣେ ପୁରୁଷ ଭାବେ ଅତିବାହିତ କରିଛନ୍ତି। ସେ ବିବାହ କରିଥିଲେ। ୨୦୧୭ରେ ପୁତ୍ର ସନ୍ତାନ ଜନ୍ମ ହେବାର ଦୁଇ ବର୍ଷ ପରେ ସେ ହରମୋନ ଥେରାପି କରି ମହିଳା ଟ୍ରାନ୍ସଜେଣ୍ଡର ପାଲଟି ଯାଇଥିଲେ। ୱାର୍ଲ୍ଡ ଆଥଲେଟିକ୍ସ ଗତବର୍ଷ ଇଣ୍ଟରନ୍ୟାଶନାଲ ଇଭେଣ୍ଟଗୁଡ଼ିକରେ ମହିଳା ଟ୍ରାନ୍ସଜେଣ୍ଡରମାନଙ୍କୁ ଅଂଶଗ୍ରହଣରେ କଟକଣା ଜାରି କରିଥିଲା। କିନ୍ତୁ ୱାର୍ଲ୍ଡ ପାରା ଆଥଲେଟିକ୍ସ ଏହି ନିୟମକୁ ଅନୁସରଣ କରୁ ନାହିଁ।

# ଶ୍ରୀଲଙ୍କା-ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ ୬ ଦିନିଆ

**ଦୁବାଇ, ୨୩।୮ (ପି.ଟି.)**

ଗାଲେଠାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଆୟୋଜକ ଶ୍ରୀଲଙ୍କାର ଓପନିଂ କ୍ରିକେଟ ଟେଷ୍ଟ ମ୍ୟାଚରେ ଗୋଟିଏ ବିଶ୍ରାମ ଦିବସ ରହିଥିବାରୁ ଏହା ୬ଦିନ ବିଶିଷ୍ଟ ହେବ। ଦେଶର ରାଷ୍ଟ୍ରପତି ନିର୍ବାଚନ ଦୃଷ୍ଟିରୁ ଏହା କରାଯାଇଛି। ମ୍ୟାଚ ସେପ୍ଟେମ୍ବର ୧୮ରୁ ଆରମ୍ଭ ହେବ। ସେପ୍ଟେମ୍ବର ୨୧ରେ ଡେମୋକ୍ରାଟିକ୍ ସୋସିଆଲିଷ୍ଟ ରିପବ୍ଲିକ ଅଫ୍ ଶ୍ରୀଲଙ୍କାର ରାଷ୍ଟ୍ରପତି ନିର୍ବାଚନ ଦୃଷ୍ଟିରୁ ସେଦିନକୁ ମ୍ୟାଚର ବିଶ୍ରାମ ଦିବସ ଘୋଷଣା କରାଯାଇଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି। ଦୁଇ ଦଶନ୍ଧିରୁ ଅଧିକ ସମୟ ବ୍ୟବଧାନରେ ଶ୍ରୀଲଙ୍କା ଏକ ୬ଦିନ ବିଶିଷ୍ଟ ଟେଷ୍ଟ ମ୍ୟାଚ ଆୟୋଜନ କରିବାକୁ ଯାଉଛି। ଏହାପୂର୍ବରୁ ୨୦୦୧ରେ ଶ୍ରୀଲଙ୍କା କଲମ୍ବୋରେ ଜିମ୍ବାୱେ ବିପକ୍ଷରେ ଖେଳିଥିବା ଏକ ଟେଷ୍ଟ ମ୍ୟାଚ ୬ ଦିନ ବିଶିଷ୍ଟ ଥିଲା। ପୋୟା ଡେ (ପୂର୍ଣ୍ଣ ଚନ୍ଦ୍ର) ପାଇଁ ଗୋଟିଏ ଦିନ ବିଶ୍ରାମ ଦିବସ ରହିଥିଲା। ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ଦୁଇ ମ୍ୟାଚ ବିଶିଷ୍ଟ ସିରିଜ ହେଉଛି ଆଇସିସି ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍‌ର ଏକ ଅଂଶବିଶେଷ। ସମାନ ଭେନ୍ୟୁରେ ଦ୍ୱିତୀୟ ଟେଷ୍ଟ ସେପ୍ଟେମ୍ବର ୨୬ରୁ ୩୦ ପର୍ଯ୍ୟନ୍ତ ଖେଳାଯିବ। ଗତ ଶତାବ୍ଦୀରେ ଟେଷ୍ଟ କ୍ରିକେଟରେ ବିଶ୍ରାମ ଦିବସ ଏକ ସାଧାରଣ କଥା ଥିଲା। ବିଶ୍ୱ କ୍ରିକେଟରେ ବହୁ ମ୍ୟାଚ ୬ଦିନ ବିଶିଷ୍ଟ ଥିଲା। ବିଶେଷ କରି ରବିବାରକୁ ଅଫ୍ ଡେ ବିବେଚନା କରାଯାଉଥିଲା। ନିକଟ ଅତୀତରେ ବାଂଲାଦେଶ ୨୦୦୮ ଡିସେମ୍ବରରେ ଶ୍ରୀଲଙ୍କା ବିପକ୍ଷରେ ଏକ ଟେଷ୍ଟ ସିରିଜ ଖେଳିଥିଲା। ସଂସଦୀୟ ନିର୍ବାଚନ ପାଇଁ ଓପନିଂ ମ୍ୟାଚକୁ ୬ଦିନ ବିଶିଷ୍ଟ କରାଯାଇଥିଲା। ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ବର୍ତ୍ତମାନ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ଷ୍ଟାଣ୍ଡିଂରେ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ଅଛନ୍ତି।

# ଶକିବଙ୍କ ବିରୋଧରେ ହତ୍ୟା ଅଭିଯୋଗ

**ନୂଆଦିଲ୍ଲୀ, ୨୩।୮ (ପି.ଟି.)**

ଚାକିରିରେ ସଂରକ୍ଷଣ ପ୍ରସଙ୍ଗକୁ ନେଇ ନିକଟରେ ବାଂଲାଦେଶରେ ଦେଶବ୍ୟାପୀ ହିଂସାତ୍ମକ ଆନ୍ଦୋଳନ ବେଳେ ଶତାଧିକ ଲୋକ ପ୍ରାଣ ହରାଇଛନ୍ତି। ଏହି ସମୟରେ ଘଟିଥିବା ଏକ ହତ୍ୟାକାଣ୍ଡ ସହ ବାଂଲାଦେଶର ଷ୍ଟାର କ୍ରିକେଟ ଅଲରାଉଣ୍ଡର ଶକିବ ଅଲ ହସନ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ୩୭ ବର୍ଷୀୟ ବାଂଲାଦେଶର ପୂର୍ବତନ ଅଧିନାୟକ ଶେଖ ହସିନାଙ୍କ ନେତୃତ୍ୱାଧୀନ ଆୱାମି

## ବାଂଲାଦେଶ ହିଂସା


ଶକିବ ଅଲ ହସନ

ଲିଗ୍ ସରକାରର ଜଣେ ପୂର୍ବତନ ଏମ୍‌ପି। ଅଗଷ୍ଟ ପ୍ରାରମ୍ଭରେ ବିକ୍ଷୋଭ ପ୍ରଦର୍ଶନ ବେଳେ ହିଂସା ଓ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅଭିଯୋଗରେ ଯେଉଁ ୧୪୭ଜଣ ଲୋକଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ ହୋଇଛି, ସେମାନଙ୍କ ମଧ୍ୟରେ ଶକିବ ଅନ୍ୟତମ। ଶେଖ୍ ହାସିନା ପ୍ରଧାନମନ୍ତ୍ରୀ ପଦବୀରୁ ଇସ୍ତଫା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଦେଶ ଛାଡ଼ି ପଳାୟନ କରିଛନ୍ତି। ତାଙ୍କ ସ୍ଥାନରେ ବାଂଲାଦେଶରେ ଏକ କାମଚଳା ସରକାର ଗଠନ କରାଯାଇଛି। ନୋବେଲ ବିଜେତା ମହମ୍ମଦ ୟୁନୁସ ଏହି ସରକାରର ମୁଖ୍ୟ ପରାମର୍ଶଦାତା ଅଛନ୍ତି। ରଫିକୁଲ ଇସ୍‌ଲାମ ନାମକ ବ୍ୟକ୍ତି ଜଣକ ଶକବିଙ୍କ ବ୍ୟତୀତ ପ୍ରଧାନମନ୍ତ୍ରୀ ଶେଖ ହାସିନା ଓ ବହୁ ପୂର୍ବତନ ମନ୍ତ୍ରୀ ଏବଂ ଦଳର ବହୁ ଏମ୍‌ପିଙ୍କ ବିରୋଧରେ ଢାକାସ୍ଥିତ ଆଦାବୋର ପୋଲିସ ଥାନାରେ ଏତଲା ଦେଇଛନ୍ତି। ଇସ୍‌ଲାମଙ୍କ ପୁତ୍ର ରୁବେଲଙ୍କୁ ଅଗଷ୍ଟ ୭ରେ ହତ୍ୟା କରାଯାଇଛି। ବିକ୍ଷୋଭ ପ୍ରଦର୍ଶନ କ୍ରମେ ରାଜନୈତିକ ହିଂସାରେ ପରିଣତ ହୋଇଥିଲା। ଏଫ୍‌ଆଇଆର୍‌ରେ ଶକିବଙ୍କୁ ୨୭ତମ ଅବା ୨୮ତମ ଅଭିଯୁକ୍ତ ଦର୍ଶାଯାଇଛି। କୁହାଯାଉଛି ଶକିବ ଅଗଷ୍ଟ ୫ କିମ୍ବା ବିକ୍ଷୋଭ ପ୍ରଦର୍ଶନ ସମୟରେ ଉପସ୍ଥିତ ନ ଥିଲେ। ପୂର୍ବତନ ଅଧିନାୟକ ବ୍ରାମ୍ପଟନଠାରେ ଜୁଲାଇ ୨୬ରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଗ୍ଲୋବାଲ ଟି୨୦ କାନାଡାରେ ବାଂଲାଦେଶ ଟାଇଗର୍ସ ତରଫରୁ ଖେଳିଥିଲେ। ଏହାପୂର୍ବରୁ ସେ ଜୁଲାଇ ମଧ୍ୟଭାଗ ପର୍ଯ୍ୟନ୍ତ ଆମେରିକାରେ ମେଜର କ୍ରିକେଟ ଲିଗ୍‌ରେ ଖେଳିଥିଲେ। ଏକ ଦୈନିକ ଖବରକାଗଜର ରିପୋର୍ଟ ଅନୁସାରେ ଅଗଷ୍ଟ ୫ରେ ଆଦାବୋର ଅଞ୍ଚଳରେ ଥିବା ରିଙ୍ଗରୋଡ୍‌ରେ ରୁବେଲଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ସେମାନଙ୍କ ଉପରକୁ ଗୁଳିଚାଳନା କରାଯାଇଥିଲା। ଏହି ଘଟଣାରେ କେତେକେ ସିଧାସଳଖ ଜଡ଼ିତ ଥିବା ବେଳେ ଅନ୍ୟ କେତେକେ ପରୋକ୍ଷରେ ସମ୍ପୃକ୍ତ ବୋଲି ଅଭିଯୋଗ କରାଯାଇଛି। ଗୁଳିକାଣ୍ଡରେ ରୁବେଲ ଗୁରୁତର ଆହତ ହୋଇଥିଲେ। ଦୁଇ ଦିନ ପରେ ତାଙ୍କର ହସ୍ପିଟାଲରେ ମୃତ୍ୟୁ ଘଟିଥିଲା ବୋଲି ଏଫ୍‌ଆଇଆର୍‌ରେ ଉଲ୍ଲେଖ କରାଯାଇଛି। ଶେଖ୍ ହାସିନା ସରକାରଙ୍କ ପତନ ପରେ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି)ରେ ବ୍ୟାପକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି। ବୁଧବାର ନାଜମୁଲ ହସନ ପାପନଙ୍କ ଇସ୍ତଫା ପରେ ତାଙ୍କ ସ୍ଥାନରେ ପୂର୍ବତନ ଜାତୀୟ ଅଧିନାୟକ ଫାରୁକୀ ଅହମଦଙ୍କୁ ନୂଆ ସଭାପତି କରାଯାଇଛି।


ବରଗଡ଼ଠାରେ ଶୁକ୍ରବାର ସିନିୟର ମହିଳା ଆନ୍ତଃ ଜିଲା ପି.ସି. ବେହେରା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ ଅବସରରେ ଖେଳାଳିଙ୍କ ସହ ଅତିଥି ଓ କର୍ମକର୍ତ୍ତା।

# ଝାରସୁଗୁଡ଼ା, ଯାଜପୁର, ଓଡ଼ିଶା ପୋଲିସ, କେନ୍ଦୁଝର ବିଜୟୀ

**ବରଗଡ/ସୋହେଲା/ବରପାଲି, ୨୩।୮: (ପ୍ରେମାନନ୍ଦ ଖମାରୀ/ଅଶ୍ୱିନୀ ପାତ୍ର/ଚିତ୍ତରଞ୍ଜନ ସାହୁ)**

ବରଗଡ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଆନ୍ତଃ ଜିଲା ସିନିୟର ମହିଳା ପି.ସି. ବେହେରା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ-୨୦୨୪ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା (ଫାଓ) ଓ ଜିଲା କ୍ରୀଡ଼ା ସଂସଦ ବରଗଡର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ସେପ୍ଟେମ୍ବର ୧ତାରିଖ ପର୍ଯ୍ୟନ୍ତ ଚାଲିବ। ବରଗଡ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ବରଗଡ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜିଲା କ୍ରୀଡ଼ା ସଂସଦ ସମ୍ପାଦକ କିଶୋର କୁମାର ମିଶ୍ରଙ୍କ ପୌରୋହିତ୍ୟ ଓ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ବରଗଡ ଜୋନ୍‌ର ଉଦ୍‌ଘାଟନୀ ଉତ୍ସବରେ ବରଗଡ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ଫୁଟ୍‌ବଲ ଆସୋସିଏଶନ ଅଫ ଓଡ଼ିଶାର ଉପସଭାପତି ସହଦେବ ରାଉତ, ଉପସଭାପତି ରବି ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦିକା ତଥା ଅନ୍ତର୍ଜାତୀୟ ମହିଳା ଫୁଟ୍‌ବଲ ଖେଳାଳି ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଜିଲା କ୍ରୀଡ଼ା ସଂସଦର ପ୍ରାକ୍ତନ ସମ୍ପାଦକ ପ୍ରଭାତାଦିତ୍ୟ ମିଶ୍ର, ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ର, କ୍ରୀଡ଼ା ସଂସଦର ଫୁଟବଲ ସମ୍ପାଦକ ସେକ୍ ସବଦର, କୋଷାଧ୍ୟକ୍ଷ ଡ. ଶୁଭ୍ରାଂଶୁ ଶେଖର ମହାପାତ୍ର, ଆଉଟଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ, କ୍ରିକେଟ ସମ୍ପାଦକ ଅମିୟ ଭୂଷଣ ସାହୁ, କାଉନ୍‌ସିଲ ସଦସ୍ୟ ବିଷ୍ଣୁ ପ୍ରସାଦ ଧାନୁକା, ମହେନ୍ଦ୍ର ଦାଶ, ପ୍ରଦୀପ ସାହୁ, ଦିଲୀପ ସାୱଡ଼ିଆ, ରଜତ ଦାଶ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଖେଳାଳି ପ୍ରେମନାଥ ଗିରି, କମଳ ଲୋଚନ ନାୟକ, ଜ୍ଞାନରଞ୍ଜନ ପୂଜାରୀ, ଅତିଶ ପଣ୍ଡା, ମନୋରଞ୍ଜନ କୁମାର, ହରିହର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜନ କମିଟି ତରଫରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ବରଗଡଠାରେ ଅନୁଷ୍ଠିତ ଜୋନ୍-୧ର ପ୍ରଥମ ମ୍ୟାଚ୍ ଖୋର୍ଦ୍ଧା ଓ ଝାରସୁଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାରସୁଗୁଡ଼ା ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଝାରସୁଗୁଡ଼ା ଦଳ ପକ୍ଷରୁ ଦଶମୀ ଓରାମ ଏକମାତ୍ର ଗୋଲ୍ ଦେଇ ପ୍ରଥମ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବରେ ପୁରସ୍କୃତ ହୋଇଥିଲେ। ଏହି ଖେଳକୁ ଶୁଭମ ପାତ୍ର ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସହଯୋଗ କରିଥିଲେ ସୀତା ମାରାଣ୍ଡି ଓ ବାଳମତି ଓରାମ। ଚତୁର୍ଥ ରେଫରି ଥିଲେ ଆଦିତ୍ୟ ନାୟକ। ବରଗଡ ଜୋନ୍ -୨ର ମ୍ୟାଚ୍ ବାଲେଶ୍ୱର ଓ ଯାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚରେ ଯାଜପୁର ଦଳ ୨-୧ ଗୋଲରେ ବିଜୟୀ ହୋଇଥିଲା। ଦଳର ୮ ନମ୍ବର ଖେଳାଳି ଲିପି କିଷାନ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଏହି ମ୍ୟାଚକୁ ସଞ୍ଜନ କୁଦେଇ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ମାଧବ କାଲା ଓ ରାଜେନ୍ଦ୍ର ଭୁଏ ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ପିଙ୍କି ହଂସ। ଏହି ଜୋନରେ ମ୍ୟାଚ କମିଶନର ଅଛନ୍ତି ଦୁର୍ଗା ମାଧବ ନାୟକ। ସେହିପରି ସୋହେଲା ଷ୍ଟାଡିୟମରେ ଅନୁଷ୍ଠିତ ସେହି ଜୋନ୍‌ର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ପୋଲିସ ଦଳ ସୁନ୍ଦରଗଡ଼(କ) ଦଳକୁ ୧୦-୦ ଗୋଲରେ ହରାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ସୁଭଦ୍ରା ସାହୁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆଜିର ମ୍ୟାଚ୍‌କୁ ଫାଓ ରେଫରି ବୀଣାପାଣି ବିରୁଆ, ଆସିଷ୍ଟାଣ୍ଟ ରେଫରି ଶୀତଲ ଗୁରୁଙ୍ଗ ଓ ବବିଲି ଗଡନାୟକ ତଥା ଚତୁର୍ଥ ରେଫରି ଭାବେ ଆରତୀ ମହାନ୍ତି ଦାୟିତ୍ୱ ତୁଲାଇଥିଲେ। ଶିବଶଙ୍କର ପଣ୍ଡା ମ୍ୟାଚ୍ କମିଶନର ଥିଲେ। ଉଦ୍‌ଘାଟନୀ ଉତ୍ସବରେ ଫାଓ କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ପୂର୍ବତନ ବିଧାୟକ ମହମ୍ମଦ ରଫିକ, ଜିଲା କ୍ରୀଡ଼ା ସଂସଦ ଉପ ସଭାପତି ଯୁଗଳ କିଶୋର ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜନ କମିଟି ସମ୍ପାଦକ ସତ୍ୟ ନାରାୟଣ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଅଶ୍ୱିନୀ କୁମାର ପାତ୍ର। ଶନିବାର ଦେବଗଡ଼ ଓ ଜଗତସିଂପୁର ଜିଲା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଅନ୍ୟପକ୍ଷେ କଦଳୀପାଲି ଆନନ୍ଦ ଗ୍ରାଉଣ୍ଡରେ କେନ୍ଦୁଝର ଦଳ ବଲାଙ୍ଗୀର ଦଳକୁ ୧୩- ୦ ଗୋଲରେ ହରାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି।

## ଆନ୍ତଃ ଜିଲା ମହିଳା ପି.ସି. ବେହେରା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ


ସୋହେଲାରେ ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

# ଗାଥା କବିତାର ଛନ୍ଦୋମୟ କବି ରାଧାମୋହନ

## ଅବଲୋକନ

**ପଞ୍ଚାନନ ଅଗ୍ରୱାଲା**

କବି ରାଧାମୋହନ ଗଡ଼ନାୟକ ଆଧୁନିକ ଓଡ଼ିଆ କାବ୍ୟ ଜଗତର ଗାଥା କବି ରୂପେ ସୁପରିଚିତ। ତାଙ୍କ ଗାଥା କବିତାରେ ଓଡ଼ିଶାର ଇତିହାସ, କିମ୍ବଦନ୍ତୀ, ଜନଶ୍ରୁତି ଓ ଲୋକକଥା ପ୍ରାଣବନ୍ତ ହୋଇ ଉଠିଥିଲା। ଗାନ୍ଧୀ, ଗୋପବନ୍ଧୁ, କପିଳେନ୍ଦ୍ର, ଶୁକଦେଈଠାରୁ ଆରମ୍ଭ କରି ବାଇମୁଣ୍ଡି ପର୍ଯ୍ୟନ୍ତ ବହୁ ଜାତୀୟ ଚିତ୍ର ଓ ଚରିତ୍ର ତାଙ୍କ କବିତ୍ୱର ଯାଦୁସ୍ପର୍ଶରେ ପାଠକ ହୃଦୟର ମର୍ମ ଦେଶକୁ ଛୁଇଁପାରିଛି। ପଣ୍ଡିତ ଗୋଦାବରୀଶଙ୍କ ପରେ କବି ରାଧାମୋହନ ଗାଥା କବିତା ରଚନା କରିବାରେ ସିଦ୍ଧହସ୍ତ ଥିଲେ। ଚମତ୍କାର ଭାଷାଶୈଳୀ, ଛନ୍ଦୋମୟ ଶବ୍ଦ ସଂଯୋଜନା ଯୋଗୁଁ କବିତା ତାଙ୍କର ଅଧିକ ପ୍ରାଣବନ୍ତ ହୋଇପାରିଥିଲା। ତାଙ୍କ କାବ୍ୟଗ୍ରନ୍ଥ, ଉତ୍କଳିକା, ସ୍ମରଣିକା, ପଶୁପକ୍ଷୀର କାବ୍ୟ ଓ ଶାମୁକାର ସ୍ୱପ୍ନ ଆଦି ବିଶେଷ ଉଲ୍ଲେଖଯୋଗ୍ୟ।

ଅନୁଗୋଳ ସହର ନିକଟବର୍ତ୍ତୀ ଲିଙ୍ଗରା ନଦୀ କୂଳରେ କଲଣ୍ଡାପାଳର ଏକ ଅଖ୍ୟାତ ପଲ୍ଲୀରେ ବିଖ୍ୟାତ ବାଘସିଂହ ପରିବାରରେ ରାଧାମୋହନ ଜନ୍ମଗ୍ରହଣ କରିଥିଲେ। ପିତା ମହାଦେବ ଗଡ଼ନାୟକଙ୍କ ଔରସରୁ ମାତା ଗୋଲକମଣିଙ୍କ ଗର୍ଭରୁ ୧୯୧୧ ମସିହା ଅଗଷ୍ଟ ୨୫ ତାରିଖରେ ସେ ଭୂମିଷ୍ଠ ହୋଇଥିଲେ। ୧୯୧୯ ମସିହାରେ ସେ 'ତାରା' ଶୀର୍ଷକ କବିତା ଲେଖିଥିଲେ, କିନ୍ତୁ ତାହା ତାରା ଭଳି ମିଞ୍ଜିମିଞ୍ଜି ଜଳି ଲୋକଲୋଚନରୁ ଅପସରି ଯାଇଥିଲା। ୧୯୨୫ ମସିହାରେ ତାଙ୍କ କବିତା 'ଗଡ଼ଜାତ ବାସିନୀ'ରେ ପ୍ରକାଶ ପାଇଲା ପରେ ସେ କବି ରୂପେ ଆତ୍ମପ୍ରକାଶ କଲେ। କବିଙ୍କୁ କବିତା ଲେଖିବା ପାଇଁ ଗାନ୍ଧୀବାଦୀ ନେତା ଲକ୍ଷ୍ମୀନାରାୟଣ ସାହୁ ପ୍ରଥମେ ପ୍ରେରଣା ଦେଇ ତାଙ୍କ ସମ୍ପାଦିତ 'ସହକାର'ରେ ପ୍ରକାଶ କରିଥିଲେ। ପରେ ଉତ୍କଳ ସାହିତ୍ୟରେ ବାଗ୍ମୀ ବିଶ୍ୱନାଥ କର ତାଙ୍କ କବିତାଗୁଡ଼ିକ ଆଗ୍ରହ ସହ ପ୍ରକାଶ କରିଥିଲେ। ୧୯୩୦ ମସିହାରେ ସେ କବି ହୃଷୀକେଶ ରାଉତଙ୍କ କନ୍ୟା ଚକୋରୀ ଦେବୀଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୁଅନ୍ତି। ୧୯୩୪ ଗାନ୍ଧିଜୀଙ୍କ ସତ୍ୟାଗ୍ରହ ଆନ୍ଦୋଳନରେ ସାମିଲ ହୋଇଥିବା ପ୍ରଜାମଣ୍ଡଳ ଆନ୍ଦୋଳନର ପୁରୋଧା ପବିତ୍ର ମୋହନ ପ୍ରଧାନ, ସାରଙ୍ଗଧର ଦାସ, ନବକୃଷ୍ଣ ଚୌଧୁରୀ ପ୍ରମୁଖଙ୍କ ଗହଣରେ ମିଶି ଦେଶସେବାରେ ମନ ବଳାଇଥିଲେ। କିଛିବର୍ଷ ପରେ ଅନୁଗୋଳ ଛାଡ଼ି ବାରିପଦାରେ ଅବସ୍ଥାନ କରିଥିଲେ। ଅନୁଗୋଳର ପୋଲିସ ଅଫିସର ରାମଚନ୍ଦ୍ର ଦାଶ ସେଠାରେ ଥାଆନ୍ତି ପୋଲିସ ସୁପରିଣ୍ଟେଣ୍ଡେଣ୍ଟ। ତାଙ୍କ ଘରେ ପିଲାଙ୍କୁ ଟ୍ୟୁସନ କରି ବଳକା ସମୟ ଗବେଷଣାରେ ମୁଣ୍ଡ ପୂରାନ୍ତି ଐତିହାସିକ ପରମାନନ୍ଦ ଆଚାର୍ଯ୍ୟଙ୍କ ପାଠାଗାରରେ।







ବାରିପଦାରୁ ପୁଣି ଚାଲିଆସିଲେ କଟକ। କଟକରେ ନବଯୁଗ ସାହିତ୍ୟ ସଂସଦ ପକ୍ଷରୁ କୁନ୍ତଳା କୁମାରୀଙ୍କ ପରେ 'ସ୍ମରଣିକା' ପ୍ରକାଶ କରିବା ଦାୟିତ୍ୱ ନେଲେ। ୧୯୪୬ ମସିହାରେ ଭାରତ ଇଣ୍ଡଷ୍ଟ୍ରିଆଲ ଅନୁଗୋଳ ଶାଖାରେ ଶାଖା ପରିଚାଳନା ଦାୟିତ୍ୱ ନେଲେ। ୧୯୪୭ ମସିହାରେ ପରିଣତ ବୟସରେ କଟକ ଖ୍ରୀଷ୍ଟ କଲେଜରେ ଆଇ.ଏ. ଶ୍ରେଣୀରେ ଯୋଗ ଦେଲେ।

ଏହି ସମୟରେ ତାଙ୍କ କାବ୍ୟ ନାଟିକା– କାଳିଦାସ(୧୯୪୦), ବିପ୍ଲବୀ ରାଧାନାଥ (୧୯୪୪), କାବ୍ୟ ନାୟିକା (୧୯୪୫), ଉତ୍କଳିକା (୧୯୪୫), ସ୍ମରଣିକା (୧୯୫୦), ମୌସୁମୀ (୧୯୫୧), କୈଶରିକା (୧୯୫୩), ମେଘଦୂତ (୧୯୫୪) ପ୍ରଭୃତି ପୁସ୍ତକ ପ୍ରକାଶ ପାଇଲା। ୧୯୬୧ରେ ଶାମୁକାର ସ୍ୱପ୍ନ ପ୍ରକାଶ ପାଇଲା। ତାଙ୍କ ରଚିତ 'ସୂର୍ଯ୍ୟ ଓ ଅନ୍ଧକାର' କାବ୍ୟ ପୁସ୍ତକ ୧୯୭୫ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲା। ୧୯୮୪ରୁ ୧୯୮୭ ମସିହା ପର୍ଯ୍ୟନ୍ତ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ଉପ–ସଭାପତି ଦାୟିତ୍ୱ ତୁଲାଇଥିଲେ। ୧୯୯୦ ମସିହାରେ କେନ୍ଦ୍ର ସରକାର ତାଙ୍କୁ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରିଥିଲେ।

### ଜୟନ୍ତୀ ଉପଲକ୍ଷେ



୯୦ ଦଶକରେ କବିଙ୍କ ସହିତ ମୋର ଆନ୍ତରିକ ଆଳାପ ଆଲୋଚନା ହୋଇଥିଲା ବାଣୀବିତାନରେ। କବିଙ୍କ ବାସଭବନ 'ବାଣୀବିତାନ'ଠାରେ ସେ ଗପିଚାଲିଥିଲେ ତାଙ୍କ କାବ୍ୟ ଅନୁରାଗ ଶୈଳୀରେ ଜୀବନସ୍ମୃତିର ବିଜଡ଼ିତ ଗାଥା। ଭାଷା ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନର ସ୍ମୃତି ଗାନ୍ଧିଜୀଙ୍କ ଓଡ଼ିଶା ଆଗମନ କଥା ଶୁଣାଇଥିଲେ। ମନେଅଛି ତାଙ୍କ ମୁଖନିଃସୃତ କାବ୍ୟ ପାଠ "ଜନ୍ମଦାତା ମୋର ଭାରତ ଭୂଇଁରେ ବହୁଦୂରେ ସାଥୀ, ବହୁ ଦୂରେ, ବନ୍ଦୀ ମୁଁ ଆଜି ଉଦାମସିଂହ, ଏଇ ଲଣ୍ଡନର କାରାପୁରେ, ସମ୍ମୁଖେ ମୋର ଫାଶିକାଠ, ଶିଖ୍ ସନ୍ତାନ ଶୁଣାଉଛି ମୁହିଁ ଜନ୍ମମାଟିର ଜୟପାଠ।"

ତାଙ୍କ କବିତା ଶୁଣି ଯେତିକି ଆମୋଦିତ ହେଲି, ସେତିକି ରୋମାଞ୍ଚିତ ମଧ୍ୟ ହେଲି। କବିଙ୍କ ପ୍ରାଣପ୍ରିୟା ପ୍ରେରଣାଦାତ୍ରୀ ଚକୋରୀ ଦେବୀଙ୍କୁ ଦେଖିବାର ସୁଯୋଗ ପାଇ ପ୍ରଣାମ କଲି। ମନେପଡ଼ିଲା ତାଙ୍କ ରଚିତ 'କବିବଧୂର ଗୌରବ', 'ହେ ପ୍ରିୟ ଦେଖୁଚି ଦିନ ରାତି ବଜାଇ ଦୂରଦେଶ ଗରବ ଭରେ ଫୁଲାଇ ମୋର ଛାତି, ଅଭାବ ଜ୍ୱାଳା ଲାଗଇ ନାହିଁ ଲେଶ, ତୁମେ ତ କବି, ମୁହିଁ ତ କବିବଧୂ, ଭୁଞ୍ଜେ ନିତି ଆନନ୍ଦର ମଧୁ, ଚାହେଁନି ଧନ, ଚାହେଁ ବଇଭବ, ତୁମେ ଯେ କବି ସେହି ମୋ ଗଉରବ।' ଶିଳ୍ପ ସଭ୍ୟତାର ଅଭ୍ୟୁଦୟ ପରିପ୍ରେକ୍ଷୀରେ କୃଷି ସଂସ୍କୃତିର ବିପର୍ଯ୍ୟୟର କରୁଣ ଚିତ୍ର ଓଡ଼ିଆ କବିତାରେ ଅଙ୍କନ କରିଛନ୍ତି କବି ରାଧାମୋହନ ଗଡ଼ନାୟକ, ତାଙ୍କର ଏହି 'ମାଟିର ମଣିଷ' କବିତାରେ। ସେ ଲେଖିଛନ୍ତି "ଯନ୍ତ୍ର ତୋତେ କି ମନ୍ତ୍ର ଦେଇଛି ମାଟିର ମଣିଷ ଆରେ, ମୁଗ୍ଧ ତୋହର ଚିତ୍ତ ଗହନେ ଚିନ୍ତି ପାରୁନୁ ବାରେ... ଯନ୍ତ୍ର ତଳେ ତ ପରାଣ ନାହିଁରେ ମରଣର ତହିଁ ଘର, ଦିନରାତି ଏହି ଚିତାର କୁହେଳି ହେଉଅଛି ଉତ୍ଥଳ।"

ରାଧାମୋହନ କେବଳ ରୋମାଣ୍ଟିକ କବି ନ ଥିଲେ, ସେ ଥିଲେ ମାଟି, ପାଣି, ପବନକୁ ଭଲ ପାଉଥିବା ପ୍ରକୃତିପ୍ରେମୀ କବି। ସେ ମାଟି କବିତାରେ ଲେଖିଛନ୍ତି: 'ସ୍ରଷ୍ଟାର ନିକଟେ ତେବେ ଯେ ଚାହିଁଲେ ଯାହା, ଚକ୍ଷୁର ପଲକ ପାତେ ସେ ପାଇଲେ ତାହା' ତୁମେ କିନ୍ତୁ ମୌନାବତୀ ଆଗୋ ମାଟି ସେତେବେଳେ କାହିଁ ପଦଟିଏ ଉଚ୍ଚାରିଲ ନାହିଁ? ଏଡ଼ିଦେଇ ସୁବର୍ଣ୍ଣ ସୁଯୋଗ ମାଗିନେଲ ନାହିଁ କିଛି ସଂଭ୍ରମ, ସଂଭୋଗ। ଗଡ଼ନାୟକ ମାଟିର ଜୟଗାନ କରି କହିଛନ୍ତି– "ସଲିଳ ହିଲ୍ଲୋଳେ କଲେ ଚାମର ବ୍ୟଜନ।/ ସେବା–ଦାସ ପରି ସର୍ବେ ଚରଣେ ତୁମରି/ ସେବିଲେ ପରମାନନ୍ଦେ ଦିବସ ଶର୍ବରୀ/ ଉତ୍ତୋଳିଲେ ମୁଗ୍ଧ ଜୈତ୍ରବାଣୀ/ ଜୟମାଟି, ଜଗତର ରାଣୀ।"

କବିଙ୍କ କବିତାଗୁଡ଼ିକ ଅତ୍ୟନ୍ତ ଛନ୍ଦୋମୟ, ପଦ୍ୟମୟ ଓ ହୃଦୟଛୁଆଁ। ୨୦୦୦ ମସିହା ଫେବୃଆରୀ ୨୧ ତାରିଖ ଦିନ ସେ ପରଲୋକ ଗମନ କଲେ। ତାଙ୍କ ସାହିତ୍ୟ କୃତି ଚିରକାଳ ପାଇଁ ଓଡ଼ିଆ ସାହିତ୍ୟରେ ଅମୂଲ୍ୟ ସମ୍ପଦ ହୋଇ ରହିଥିବ।

ମୋ: ୯୭୭୭୭୪୦୭୧

# ଭଗବତ ଦର୍ଶନ

## ମିନିଗଳ୍ପ

**ଶିବ ମିଶ୍ର**

ସେଇ ଛୋଟ ଗାଁଟିର ଜଣେ ବଡ଼ ମହାଜନ କଳ ବଳ ଲଗାଇ, ଧସେଇ ପଶି, ଗାଁରେ ହେବାକୁ ଥିବା ପ୍ରବଚନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମଞ୍ଚରେ ଆସ୍ଥାନ ଜମେଇ ବସିଲେ। ତା'ପରେ ନିମନ୍ତ୍ରିତ ସାଧୁ ମହାଶୟ ପ୍ରବଚନ ଆରମ୍ଭ କରି କହିଲେ– ଏହି ସୁନ୍ଦର ସୃଷ୍ଟିର ସୁରକ୍ଷା ପାଇଁ ଯୁଗେ ଯୁଗେ ଭଗବାନ ଅବତାର ଗ୍ରହଣ କରି ଦୁଷ୍କୃତମାନଙ୍କୁ ଦଳନ କରନ୍ତି। ଜଣେ ଶ୍ରୋତା ପଚାରିଲେ– ଏହି କଳିଯୁଗରେ ଭଗବାନ ଅବତରୀ ନାହାନ୍ତି, ତେବେ କେଉଁଠାରେ ରହି ଦୁଷ୍ଟମାନଙ୍କୁ ବିନାଶ କରୁଛନ୍ତି? ସାଧୁ କହିଲେ– ଭଗବାନ ପ୍ରାଣୀମାନଙ୍କ ହୃଦ କମଳରେ ଅବସ୍ଥାନ କରୁଛନ୍ତି। ତାଙ୍କ କଥା ଶୁଣି ଶ୍ରୋତାମାନେ ନିଜ ନିଜର ଛାତି ଉପରେ ନଜର ବୁଲାଇଲା ବେଳେ ସାଧୁ କହିଲେ– ଏମିତି ଆଖି ବୁଲାଇଲେ ଭଗବାନ ଦେଖାଯିବେ ନାହିଁ। ଯେତେବେଳେ ଯେଉଁ ଦୁଷ୍କୃତର ପାଳି ପଡ଼ିବ, ସେତେବେଳେ ତାକୁ ଦର୍ଶନ ଦେବେ, ଦଳନ କରିବେ।

ଏତିକିବେଳେ ସେହି ବଡ଼ ମହାଜନ ବସିଥିବା ଚଉକିଟା ହଠାତ୍ ଭାଙ୍ଗିଗଲା, ସିଏ ମଞ୍ଚରୁ ତଳକୁ ଖସିପଡ଼ିଲେ। ତାଙ୍କୁ ଉଠାଇଲା ବେଳକୁ ତାଙ୍କ ପ୍ରାଣ ପକ୍ଷୀ ପଞ୍ଜୁରି ଛାଡ଼ି ଉଡ଼ି ଯାଇଥିଲା। ଉପସ୍ଥିତ ଲୋକମାନେ ଏମିତି କାହିଁକି ହେଲା ବୋଲି ପରସ୍ପରକୁ ପ୍ରଶ୍ନ କଲା ବେଳେ କିଏ ଜଣେ କହିଲେ– ବୋଧହୁଏ ମହାଜନଙ୍କ ହୃଦ କମଳରେ ଥିବା ଭଗବାନ ତାଙ୍କୁ ଦର୍ଶନ ଦେଲେ।

ମୋ: ୯୮୫୩୦୭୦୦୧୮

## କାଳକାଳକୁ



"ଲଗାତର ଉପଯୋଗ ଦ୍ୱାରା ବନ୍ଧୁତ୍ୱର ଡୋରି ଛିଣ୍ଡେ ନାହିଁ"
– ଡରୋଥୀ ପାର୍କର

**ଡରୋଥୀ ପାର୍କର**ଙ୍କ ଜନ୍ମ ୨୨ ଅଗଷ୍ଟ ୧୮୯୩ରେ ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁଜର୍ସିରେ ଓ ପରଲୋକ ୭ ଜୁନ୍ ୧୯୬୭ରେ, ନ୍ୟୁୟର୍କ ସହରରେ। ଏହି ଆମେରିକୀୟ ଲେଖିକା ଏକାଧାରରେ କବିତା, କଥା ସାହିତ୍ୟ, ସମାଲୋଚନା ଓ ଚଳଚ୍ଚିତ୍ର ପଟକଥା ରଚନାରେ ନିପୁଣା। ତାଙ୍କର ବହୁଚର୍ଚ୍ଚିତ ଗ୍ରନ୍ଥ ମଧ୍ୟରେ 'ଏ ଟେଲିଫୋନ୍ କଲ୍', 'ହିଅର୍ ଉଇ ଆର୍', 'ଦ ସେକ୍ସେସ୍', 'ଜଷ୍ଟ ଏ ଲିଟିଲ୍ ୱାନ୍', 'ଦ ଲାଷ୍ଟ ଟି', 'ଏନାଫ୍ ରୋପ୍', 'ସନ୍‌ସେଟ୍ ଗନ୍' ଓ 'ଏ ଷ୍ଟାର୍ ଇଜ୍ ବର୍ନ' ଆଦି ପ୍ରଧାନ। ପାର୍କର କହନ୍ତି: "ସୁନ୍ଦରତା ତ୍ୱଚାରେ ସୀମିତ, କିନ୍ତୁ କୁରୂପତା ଅସ୍ଥିଭେଦୀ।" ଏହି ଲେଖିକାଙ୍କର ଉଦୟ ସମ୍ଭବ ହୋଇଥିଲା 'ଦ ନ୍ୟୁୟୋର୍କର'ରେ ଲେଖା ପ୍ରକାଶ ଦ୍ୱାରା। ଆମେରିକୀୟ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ୧୯୨୯ରେ ସେ 'ଓ.ହେନ୍‌ରୀ ପୁରସ୍କାର'ରେ ସମ୍ମାନିତା।

## ପୁସ୍ତକ ପରିଚୟ

### ଓଡ଼ିଆ ଶିଶୁ ସାହିତ୍ୟର ସାମାଜିକ ଇତିହାସ




**ଲେଖକ:** ଡ. ମହେଶ୍ୱର ମହାନ୍ତି
**ପ୍ରକାଶକ:** ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ–୨
**ନୂତନ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୪୫୦/–

ଆଲୋଚ୍ୟ ଗବେଷଣାଗ୍ରନ୍ଥର ମୁଖବନ୍ଧରେ ଗବେଷକ ଡ. ମହାନ୍ତି ଲେଖିଛନ୍ତି: "ମତ୍‌ପ୍ରଣୀତ ଏହି ନିବନ୍ଧରେ ପ୍ରାଚୀନ ଓଡ଼ିଆ ଲୋକ ସାହିତ୍ୟଠାରୁ ଆରମ୍ଭ କରି ଭାରତର ସ୍ୱାଧୀନତାପ୍ରାପ୍ତି ପର୍ଯ୍ୟନ୍ତ ବିଭିନ୍ନ ସମୟରେ ରଚିତ ଓଡ଼ିଆ ଶିଶୁପାଠ୍ୟ ରଚନାବଳୀର ବିକାଶଧାରା ତଥା ତା'ର ସାମାଜିକ, ଐତିହାସିକ, ରାଜନୈତିକ ଓ ସାଂସ୍କୃତିକ ପୃଷ୍ଠପଟ ଇତ୍ୟାଦି ସମ୍ପର୍କରେ ସମ୍ୟକ୍ ଆଲୋଚନା କରାଯାଇଛି। X X ଶିଶୁ ସାହିତ୍ୟ ସହିତ ପାଠ୍ୟପୁସ୍ତକକୁ ଏକତ୍ର ମିଶାଇ ଆଲୋଚନା କରିବାର ଅଭିପ୍ରାୟ ହେଉଛି, ଏ ଦୁଇଟି ପରସ୍ପର ସହିତ ନିବିଡ଼ ଭାବରେ ସମ୍ପୃକ୍ତ।" ବହିଟିର ମୋଟ ୭ଟି ପରିଚ୍ଛେଦ ରହିଛି, ଯଥା: ୧ମ ପରିଚ୍ଛେଦ– ଶିଶୁର ଶାରୀରିକ ଓ ମାନସିକ ବିକାଶ ଦିଗରେ ସମାଜର ଭୂମିକା, ୨ୟ ପରିଚ୍ଛେଦ– ଓଡ଼ିଆ ଶିଶୁ ସାହିତ୍ୟର ଆଦ୍ୟ ଝଙ୍କାର: ଲୋକଗୀତି, ୩ୟ ପରିଚ୍ଛେଦ– ଶିଶୁ ସାହିତ୍ୟର ବିକାଶଧାରାରେ ଲୋକଗପର ଭୂମିକା, ୪ର୍ଥ ପରିଚ୍ଛେଦ– ଊନବିଂଶ ଶତାବ୍ଦୀର ନବଜାଗରଣ, ପାଠ୍ୟପୁସ୍ତକ ଆନ୍ଦୋଳନ ଓ ଆଧୁନିକ ଓଡ଼ିଆ ଶିଶୁସାହିତ୍ୟର ପ୍ରାଣ ପ୍ରତିଷ୍ଠା, ୫ମ ପରିଚ୍ଛେଦ– ଊନବିଂଶ ଶତାବ୍ଦୀର ଭାଷା ସଂଘର୍ଷ, ନୀତିମୂଳକ, ଧର୍ମଭିତ୍ତିକ ଓ ରାଜପ୍ରଶସ୍ତିମୂଳକ ଶିଶୁ ସାହିତ୍ୟ, ଯୁଗସ୍ରଷ୍ଟା ମଧୁସୂଦନ, ୬ଷ୍ଠ ପରିଚ୍ଛେଦ– ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଓଡ଼ିଆ ଶିଶୁସାହିତ୍ୟର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା ଓ ୭ମ ପରିଚ୍ଛେଦ– ଉପସଂହାର। ପରିଶିଷ୍ଟରେ ୧୮୫୮–୫୯ଠୁଁ ଆରମ୍ଭ କରି ସାଂପ୍ରତିକ କାଳଖଣ୍ଡ ପର୍ଯ୍ୟନ୍ତ ରଚିତ କେତେକ ପତ୍ରପତ୍ରିକା ଓ ଶିଶୁସାହିତ୍ୟର ନମୁନା ପେଶ୍ କରାଯାଇଛି। ଆଶା, ଗ୍ରନ୍ଥଟି ପରବର୍ତ୍ତୀ ଗବେଷକ, ବିଦ୍ୟାର୍ଥୀ ଓ ସାଧାରଣ ପାଠିକାପାଠକଙ୍କ ପାଇଁ ସହାୟକ ବିବେଚିତ ହେବ।

### ଛଳପୁରୁଷ




**ଲେଖିକା:** ସୁଚିତ୍ରା ପାଣିଗ୍ରାହୀ
**ପ୍ରକାଶକ:** ଅଗ୍ରଦୂତ, ବାଙ୍କାବଜାର, କଟକ–୨
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୨୫/–

ଆଲୋଚ୍ୟ କବିତା ପୁସ୍ତକରେ ମୋଟ ୩୮ଟି କବିତା ସ୍ଥାନିତ ଓ ସୂଚନାରୁ ଜଣାଯାଏ ଯେ ଏହା କବିଙ୍କର ୯ମ କବିତା ସଂକଳନ। ପୁସ୍ତକର ଆଦ୍ୟଭାଗରେ ସ୍ଥାନିତ ଗଦ୍ୟଲେଖରେ କବି କହନ୍ତି: "ଜୀବନର ଯେତେ ରୂପ, ଯେତେ ଛବି ମୁଁ ଅନୁଭବ କରୁଛି ପ୍ରତିକ୍ଷଣରେ ସେଇ ସବୁ ତ ରୂପପାଏ ମୋ' କବିତାରେ। ତେଣୁ କବିତାମାନେ ମୋର ପ୍ରତିରୂପ। ପ୍ରତିଟି କବିତାର ପ୍ରତିଟି ଶବ୍ଦ ଭିତରେ କୋଉଠି ନା କୋଉଠି ମୁଁ ହିଁ ଛପି ବସିଛି। ପ୍ରତିଟି କବିତାକୁ ପଢ଼ିଲାବେଳେ ଜଣେ ନିଶ୍ଚୟ ମୋତେ ହିଁ ଭେଟିବ, ମୋ ସହ ମୁହାଁମୁହିଁ ହେବ।" ବହିର ସାତ ନମ୍ବର କବିତାଟି ହେଉଛି ଗ୍ରନ୍ଥର ଶୀର୍ଷକ 'ଛଳପୁରୁଷ'। ଛଳପୁରୁଷ ଏଠାରେ ଶ୍ରୀକୃଷ୍ଣ, କାରଣ 'ମୟୂର ଚନ୍ଦ୍ରିକା'ରୁ ଏ ପରିଚୟ ଅସ୍ପଷ୍ଟ ରହେନାହିଁ। ଆଧ୍ୟାତ୍ମିକ ଅପୂର୍ଣ୍ଣତା ଓ ପୂର୍ଣ୍ଣତାର ଯେଉଁ ଲୁଚକାଳି ଖେଳ କବି ତାଙ୍କ ଜୀବନରେ ଅନୁଭବ କରନ୍ତି, ତାକୁ ନିଜ ଭାଷାରେ, ନିଜର ସାମର୍ଥ୍ୟ ଅନୁଯାୟୀ ବ୍ୟକ୍ତ କରନ୍ତି। "ହାତ ବଢ଼େଇଲେ ତୁମକୁ ଛୁଇଁବା ଲାଗି/ ତୁମେ ମିଳେଇଯାଅ/ ଥରକୁ ଥର,/ ମୁଁ ବାରମ୍ବାର ପ୍ରୟାସରେ/ ଲହୁଲୁହାଣ ହୁଏ ଯା' ଖାଲି/ ହାୟ... ହାୟ.../ ମୋ କପାଳେ ଏଇୟା ଅଛି ବୋଲି।" ରମାକାନ୍ତ ରଥଙ୍କ 'ଶ୍ରୀରାଧା' ବା 'ସୀମାନ୍ତବାସ'ର ଛାୟାରୁ 'ଛଳପୁରୁଷ' ନିଜକୁ ମୁକ୍ତ କରିପାରିଥିଲେ ତାଙ୍କର ନିଜସ୍ୱ ଏକ ପରିଚୟ ନିର୍ମିତ ହୋଇପାରିଥାନ୍ତା, ଯାହାର ଅବକାଶ କବିଙ୍କର ସାମର୍ଥ୍ୟ ସତ୍ତ୍ୱେ ଏଥିରେ ବିଡ଼ମ୍ବିତ ହୋଇଛି। ତେବେ ଗ୍ରନ୍ଥସ୍ଥ ବହୁ କବିତା ଜୀବନବୋଧର ଯେଉଁ ସ୍ୱାତନ୍ତ୍ର୍ୟ ନେଇ ଉଭା, ତାହା ସମକାଳର ପାଠକଙ୍କୁ ଯେ ଆକୃଷ୍ଟ କରିବ, ଏଥିରେ ସନ୍ଦେହ ନାହିଁ।

## କବିତା

### ପ୍ରେମମୁଗ୍ଧା

**ହରିଶ୍ଚନ୍ଦ୍ର ବେହେରା**

ସେ ନଈପଠାରେ ବସିଲେ
ଆଖି ଆଗରେ ଚହଲିଯାଏ
କେତେ କାହାଣୀ
ଜଳ ଦେହରେ କେତେ ଆଞ୍ଚୁଡ଼ା ଦାଗ
ଦରିଆରେ ଜୁଆର ଉଠିଲେ କେମିତି
ପ୍ରେମମୁଗ୍ଧା ହୋଇଯାଏ ସେ

ରିମ୍‌ଝିମ୍ ସ୍ୱର ତୋଳି
ବର୍ଷା ନାଚେ କେବେକେବେ
ଏଇ ଶ୍ରାବଣରେ
ଅଙ୍ଗରେ ଭରା ଶିହରଣ
କଦମ୍ବ ରୋମାଞ୍ଚ
ପାଗଳ ବତାସ କାନ ପାଖେ
କ'ଣ ସବୁ କହେ ସେ ଜାଣେ

କିଏ ଜଣେ ବଂଶୀ ବଜାଉଛି କି କେଉଁଠି
ନା ଝାଉଁବଣରୁ ସୁସୁରି ଶୁଭୁଛି!

ନଈଠୁଁ ବଳି ଚିରନ୍ତନ ପ୍ରେମିକା କିଏ ଅଛି
ଦିନରାତି ଧାଉଁଥାଏ ମିଳନ ପିୟାସୀ
ଆହ୍ଲାଦରେ କୋଳେଇନିଏ ସମୁଦ୍ର
ଅସରନ୍ତି ଲୋଡ଼ିବାପଣ ଚହଟୁଥାଏ
ମୋଟେ ସରେ ନାହିଁ।

କେବେ ବିପ୍ରଲବ୍ଧା ତ କେବେ ବାସକ ସଜ୍ଜା
କେବେ କଳହାନ୍ତରିତା ତ
କେବେ ଅଭିସାରିକା
କେବେ ପ୍ରୋଷିତଭର୍ତ୍ତୃକା ସାଜି
ଜୁଆରକୁ ଟାଣି ଆଣେ
ଛାତି ଉପରକୁ ମୋହିନୀ ମାୟାରେ।

କେତେ ଭଙ୍ଗାରୁଜା ଜାହାଜର ଡେକ୍
ପଡ଼ିଛି ପଠାରେ ସ୍ମୃତି ହୋଇ
ନଈ ଦେଖି ହସିଦିଏ
ଝୁରେ ନାହିଁ ଅତୀତକୁ
ସେ ତ ଆଡ଼ପାଗଳୀ ଝିଅଟିଏ
ତା' ମଥାରୁ କେବେ ଲିଭିବ ନାହିଁ ସିନ୍ଦୂର
ଭାଙ୍ଗିବ ନାହିଁ ହାତରୁ ଶଙ୍ଖା
ଏମିତି ପ୍ରେମମୁଗ୍ଧା ହୋଇ
ବହୁଥିବ ଚିରକାଳ
ଋତୁ ପରେ ଋତୁର ଚୌକାଠ ଡେଇଁ।

ମୋ: ୯୪୩୭୮୧୩୭୦୮

### ବଣଫୁଲର କବିତା

**ଅୟସ୍‌କାନ୍ତ**

ଚରିତ୍ରହୀନାର ଋତୁ ଏଇମିତି
ଆସେ ଆଉ ଯାଏ
ଆଗପରି ହସାଏନା କନ୍ଦାଏନା
ଲାଜାଏନା ଭିଜାଏନା ଖାଲି ଜାଳିଦିଏ
ତମେ ତ ଜାଣନା ପ୍ରିୟ
ମୋ' ଭିତରେ ମୁହୁର୍ମୁହୁଃ
କବିତାର ଗର୍ଭପାତ ହୁଏ!

ମୋ: ୮୭୬୩୧୯୩୧୧୬

### ପାହାନ୍ତି ରାତି

**ଭବାନୀ ଶଙ୍କର ଦାଶ**

ରାତିସାରା ନିଦ ନାହିଁ
ସ୍ୱପ୍ନ ପାଇଁ,
ଦିନସାରା ଡର ନାହିଁ ମୃତ୍ୟୁ ପାଇଁ।
ତମାମ ଜୀବନ ତ କଟିଲା
ତୁମ ପାଇଁ।
ହା ଦୁର୍ଭାଗ୍ୟ
କେହି ଜଣେ ହେଲେ ବି ଆସିଲେ ନାହିଁ
ଗୋଟିପଣେ ମୋର ହେଇ
ରାତି ଆସିଲାଣି ପାହି।

ମୋ: ୮୯୧୭୬୨୪୩୮୬

### ଗୀତି–କବିତା

### ଭିଜା ଶ୍ରାବଣ

**ଶରତ କୁମାର ଦାସ**

ଶ୍ରାବଣ ଭିଜାଏ ମାଟିର ଛାତିକୁ
ମାଟି ହସେ କିରିକିରି,
ସେଇ ଶ୍ରାବଣ ମୋ ଦେହକୁ ଛୁଇଁଲେ
କୋହ ଆସେ ବୁକୁ ଚିରି ।୦।
ଇନ୍ଦ୍ରଧନୁ ଯେବେ ଆଙ୍କିଦିଏ ଛବି
ଭିଜା ଆକାଶର ପଥେ
ସ୍ମୃତି ନଇଁଆସେ ସାତରଙ୍ଗ ନେଇ
ଜହର ବୋଳେ ମୋ ହାତେ
କଳାମେଘ ଯେବେ
ଆକାଶେ ଢାଙ୍କଇ
ଛାତି ମୋର ଯାଏ ଥରି
ଶ୍ରାବଣ ଭିଜାଏ ମାଟିର ଛାତିକୁ
ମାଟି ହସେ କିରିକିରି ।୧।

ଝରା ଶ୍ରାବଣର ଶୀତଳ ପରଶେ
ପୁଲକିତ ହୁଏ ଧରା,
ମୋ ମନ ଆକାଶେ ଅସରନ୍ତି ତାତି
ସତେ ବୈଶାଖର ଖରା
ସ୍ୱପ୍ନ ମୋର ଯେତେ ବିଳପି ଉଠନ୍ତି
ଆଶା ମୋର ଯାଏ ମରି
ଶ୍ରାବଣ ଭିଜାଏ ମାଟିର ଛାତିକୁ
ମାଟି ହସେ କିରିକିରି ।୨।

ଏଇ ଶ୍ରାବଣ ତ କାହାକୁ ଭିଜାଏ
କାହାକୁ ଲଗାଏ ନିଆଁ
ନିତି ବିଜନରେ ପଚାରେ ନିଜକୁ
ଏମିତି ହେଉଛି କିଆଁ
ଖୋଜି ପାଉନାହିଁ କେବେ ମୁଁ ଉତ୍ତର
ନୀରବେ ମରୁଛି ଝୁରି
ଶ୍ରାବଣ ଭିଜାଏ ମାଟିର ଛାତିକୁ
ମାଟି ହସେ କିରିକିରି ।୩।

ମୋ: ୮୨୪୯୧୩୭୦୯୧

### ବର୍ଷା

**ସନ୍ନ୍ୟାସୀ ନାୟକ**

ଝିପିଝିପି ବର୍ଷାରେ
ରିମ୍‌ଝିମ୍ ଶାସ୍ତ୍ରୀୟ ସଂଗୀତ,
ଓଦା ମାଟିର ଗନ୍ଧରେ
ମନ ମୋର ହୁଏ ମଦମତ୍ତ।

ହସ ଖେଳେ
ଫୁଲ ଆଉ ପତ୍ରର ଓଠରେ,
ଅଲଗା ଅଲଗା ଭାବ
ମୋ' ଛାତିର
ନିଭୃତ କୋଣରେ।

ପବନ ଛୁଆଁରେ
କେମିତି କେମିତି
ଖେଳେ ଶିହରଣ,
ଯୌବନଟା ଛାଟିପିଟି ହୁଏ
ଭିଜିଗଲେ ଅଙ୍ଗ ଆଭରଣ।

କେହି ଜଣେ ଓହ୍ଲାଉଛି
ତୁମ ସହ ମୋ' ଅଗଣାରେ,
ଚିଠି ସବୁ କାଗଜ ଡଙ୍ଗା କରି
ଭସାଇ ଦେଉଛି
କାହା ପ୍ରତୀକ୍ଷାରେ।

ମୋ: ୯୪୩୭୩୫୨୫୬୦

## ଲଘୁଗଳ୍ପ

# ଦେବଦୂତ

**ଶୁଭ୍ରାଂଶୁ ଶେଖର ପାଢ଼ୀ**

ଆଜିକୁ ପ୍ରାୟ ତିରିଶ ବର୍ଷ ତଳର ଘଟଣା। ଭଉଣୀ ଅପରେଶନ ପାଇଁ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଥାଏ। ସେତେବେଳର କଟକ ମେଡିକାଲ ବର୍ତ୍ତମାନ ପରି ନଥିଲା। ଅନେକ ଅବ୍ୟବସ୍ଥା ମଧ୍ୟରେ ଚାଲୁଥିଲା ଏହି ଡାକ୍ତରଖାନା। ଦିନ ପାଖାପାଖି ଦଶଟା ହେବ। ଡାକ୍ତରଖାନା ପରିସରରେ ଆସ୍ତେ ଆସ୍ତେ ଗହଳି ବଢ଼ୁଥାଏ। ମୁଁ ଚୌକିଟିଏ କିଣିବା ପାଇଁ ୱାର୍ଡରୁ ବାହାରକୁ ବାହାରିଲି। ଚଉକି କେଉଁଠି ମିଳିବ ମୋତେ ଜଣା ନଥିଲା। ଲୋକଙ୍କୁ ପଚାରି ଏଣେତେଣେ ଖୋଜିବାକୁ ଲାଗିଲି, କାଳେ କେଉଁ ଦୋକାନରେ ମିଳିଯିବ ଭାବି। ଯେତିକି ଲୋକଙ୍କୁ ପଚାରିଲି ସମସ୍ତେ ରୋଗୀ ଅଥବା ରୋଗୀଙ୍କ ସମ୍ପର୍କୀୟ। ସମସ୍ତେ ତ ବାହାରୁ ଆସିଛନ୍ତି; ସେମାନେ ବା ଜାଣିବେ କେମିତି, କେଉଁଠି କ'ଣ ମିଳେ!

ନିରାଶ ହୋଇ ଶେଷରେ ଡାକ୍ତରଖାନା ଫେରିବା ସମୟରେ ଦେଖାହେଲା ଜଣେ ଯୁବକଙ୍କ ସହ। ଦେଖିବାକୁ ସାଦାସିଧା। ବୟସରେ ମୋ'ଠାରୁ ଅନେକବର୍ଷ ସାନ ହେବେ ବୋଧହୁଏ! ବାଇକ୍ ଅଟକାଇ ମୋତେ ଦେଖି ପଚାରିଲେ, ଭାଇ! ବ୍ୟସ୍ତ ଜଣାପଡୁଛ। କ'ଣ ଖୋଜୁଛ ବୋଧହୁଏ! ହଁ ଭାଇ! ମୋ ଅସୁବିଧା ସମ୍ପର୍କରେ ତାଙ୍କୁ ଜଣାଇ ଚଉକି ଖୋଜିବା କଥା କହିଲି। ସେ କହିଲେ, ଏଠାରେ ମିଳିବନି। ଯଦିବା କେଉଁଠି ମିଳିବ, ତାହେଲେ ଅଧିକ ଦାମ୍। ମୋ ସହିତ ଚାଲ, ଗୋଦାମକୁ ଯିବା। ସେଠାରେ ମନପସନ୍ଦର ଜିନିଷ କମ୍ ମୂଲ୍ୟରେ ପାଇପାରିବେ। ବସନ୍ତୁ ମୋ' ପଛରେ। ମୁଁ ଆପଣଙ୍କୁ ଗୋଦାମକୁ ନେଇଯିବି। ଏମିତି ଅଚିହ୍ନା ସ୍ଥାନରେ ଅପରିଚିତ ବ୍ୟକ୍ତିଙ୍କ ସହ ଯିବାକୁ ସାହସ ହେଲାନି। ତେଣୁ ତାଙ୍କୁ ଭିନ୍ନ କଥା କହି ମନା କରିଦେଲି। କିନ୍ତୁ ସେ ଏତେ ବାଧ କଲେ, ଶେଷରେ ବାଧ ହୋଇ ତାଙ୍କ ବାଇକ୍ ପଛରେ ବସିପଡ଼ିଲି। ବାଇକ୍ ଯେତିକି ଯେତିକି ଆଗକୁ ଯାଉଥାଏ, ମୋ' ମନରେ ଏକ ଅଜଣା ଭୟ ସେତେ ପରିମାଣରେ ବଢ଼ୁଥାଏ। ତଥାପି ମୁଁ ନାଚାର ହୋଇ ତାଙ୍କ ପଛରେ ବସିଥାଏ ଓ ମନେମନେ ଭଗବାନଙ୍କୁ ଡାକୁଥାଏ। ଏ ଗଳିରୁ ସେ ଗଳି ହୋଇ ପାଖାପାଖି ତିନି କିଲୋମିଟର ଯିବା ପରେ ଏକ ଗୋଦାମରେ ପହଞ୍ଚିଲୁ। ସେଠାରେ ଯଦିଓ ଅନେକ ପ୍ରକାର ଚଉକି ଥିଲା, ତଥାପି ମୋ' ଦରକାର ମୁତାବକ ଚଉକି ନ ପାଇ ପୁଣି ସେହି ବାଇକ୍‌ରେ ଫେରିଆସିଲୁ।



ଡାକ୍ତରଖାନାରେ ପହଞ୍ଚିବା ବେଳକୁ ପାଖାପାଖି ଦିନ ବାରଟା। ସକାଳୁ ଜଳଖିଆ କରି ନ ଥିବାରୁ ଭୋକ ହେଉଥାଏ। ତା'ପରେ ଅଚିହ୍ନା ଲୋକ ଜଣେ ନିଃସ୍ୱାର୍ଥପର ଭାବରେ ମୋତେ ଏତେ ସାହାଯ୍ୟ କଲେ। ତେଣୁ ମାନବିକତା ଦୃଷ୍ଟିରୁ ତାଙ୍କୁ କହିଲି, ଚାଲ ଭାଇ, ଜଳଖିଆ ଟିକିଏ କରିନେବା। ସେ କିନ୍ତୁ ମୋତେ ମନାକଲେ। କହିଲେ "ଦେଖ ଭାଇ! ତୁମ ଅସୁବିଧା ସମୟରେ ମୁଁ ତୁମକୁ ସାହାଯ୍ୟ କଲି। ଏଇଥିପାଇଁ ଯେ, କାଲି ମୋ' ଅସୁବିଧା ସମୟରେ ମୋତେ କେହି ସାହାଯ୍ୟ କରିବ। ଆପଣ ତ ସେତେବେଳେ ସାହାଯ୍ୟ କରିବାକୁ ମୋ' ପାଖରେ ନଥିବେ! କିନ୍ତୁ ଭଗବାନ୍ ନିଶ୍ଚୟ କାହାକୁ ନା କାହାକୁ ମୋତେ ସାହାଯ୍ୟ କରିବାକୁ ପଠାଇବେ। ଆଉ ଆପଣଙ୍କ ହାତରୁ ମୁଁ ଯଦି ଚା' କପ୍‌ଟେ ବି ପିଇବି, ତାହେଲେ ମୋ' ସାହାଯ୍ୟ ବିକ୍ରି ହୋଇଯିବ। ମୋତେ କ୍ଷମା କରନ୍ତୁ ଭାଇ। ଭଗବାନ୍‌ଙ୍କୁ ଡାକୁଛି ଆପଣଙ୍କ ଭଉଣୀ ଶୀଘ୍ର ଭଲ ହୋଇଯାଆନ୍ତୁ!" ଏତିକି କହି ସେ ବାଇକ୍ ଧରି ବାହାରିଗଲେ। ମୁଁ ତାଙ୍କ କଥାର କୌଣସି ଉତ୍ତର ଦେଇ ନ ପାରି ସେ ମୋ' ଦୃଷ୍ଟିରୁ ଯିବା ପର୍ଯ୍ୟନ୍ତ କେବଳ ତାଙ୍କୁ ଅନେଇ ରହିଲି ଏବଂ ଭାବୁଥିଲି ଭଗବାନ୍ ବୋଧହୁଏ ଅସୁବିଧା ସମୟରେ ସାହାଯ୍ୟ କରିବା ପାଇଁ ଏଭଳି କେତେକ ଲୋକଙ୍କୁ ଦେବଦୂତ କରି ପଠାଇଥାଆନ୍ତି।

ମୋ: ୯୬୬୮୦୦୧୧୫୫

ଧରିତ୍ରୀ 50 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଅଗଷ୍ଟ ୨୪/୨୦୨୪ Bhubaneswar, Saturday, August 24/ 2024

# କିଶୋରଙ୍କ ବିରଳ କୃତିତ୍ୱ

## ଏସିଆନ ସର୍ଫିଙ୍ଗ୍ ଚାମ୍ପିୟନଶିପ୍

ଥୁଲୁସ୍ଧୁ (ମାଲଦିଭ୍ସ), ୨୩।୮

ଏଠାରେ ଚାଲିଥିବା ଏସିଆନ ସର୍ଫିଙ୍ଗ୍ ଚାମ୍ପିୟନଶିପ୍‌ରେ ଚମତ୍କାର ପ୍ରଦର୍ଶନ କରି ଇତିହାସ ରଚିଛନ୍ତି ଭାରତର କିଶୋର କୁମାର। ପ୍ରଥମ ଭାରତୀୟ ଭାବେ ଏହି ଟିନ୍ ଏଜ୍ ସେନ୍‌ସେଶନ କୌଣସି ଏସୀୟ ସର୍ଫିଙ୍ଗ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏକାଧିକ ଥର ଜାତୀୟ ଚାମ୍ପିୟନଶିପ୍‌ରେ ଚମତ୍କାରିତା ଦେଖାଇଥିବା କିଶୋର ଏବେ ଅନ୍ତର୍ଜାତୀୟ ସ୍ତରରେ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। ତାମିଲନାଡୁର କିଶୋର ଚଳିତ ଏସିଆନ ଚାମ୍ପିୟନଶିପ୍‌ର ୧୮ ବର୍ଷରୁ କମ୍ ବାଳକ ବର୍ଗରେ ଅଂଶଗ୍ରହଣ କରୁଛନ୍ତି। ପ୍ରତିଯୋଗିତାରେ ମୋଟ ୮ ଭାରତୀୟ ୪ ବର୍ଗରେ ଅଂଶଗ୍ରହଣ କରୁଛନ୍ତି। ଏସିଆନ ଗେମ୍ସ ୨୦୨୬ ପାଇଁ ଏହି ପ୍ରତିଯୋଗିତା କ୍ୱାଲିଫାୟର ବିବେଚିତ ହେଉଛି। ତେବେ କିଶୋର ଏକମାତ୍ର ଭାରତୀୟ ଭାବେ ଏସିଆନ ଗେମ୍ସ ଯୋଗ୍ୟତା ଆଶା ଉଜ୍ଜୀବିତ ରଖିଛନ୍ତି।

କ୍ୱାର୍ଟର ଫାଇନାଲର ହିଟ୍-୩ରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କିଶୋର ନିଜର କୌଶଳ ଦ୍ୱାରା ଜଜ୍‌ଙ୍କୁ ପ୍ରଭାବିତ କରି ସର୍ବାଧିକ ୧୧.୫୦ ପଏଣ୍ଟ ପାଇଥିଲେ। ଚାଇନିଜ୍ ତାଇପେର ଜନ୍ ଚାନ୍ ଓ ମାଲଦିଭ୍ସର ସୟିଦ ସଲାହୁଦ୍ଦିନ ଯଥାକ୍ରମେ ୮.୭୬ ଓ ୭.୯୦ ପଏଣ୍ଟ ପାଇ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଚଳିତ ପ୍ରତିଯୋଗିତାରେ କିଶୋର ସ୍ଥିର ପ୍ରଦର୍ଶନ କରିବାରେ ସକ୍ଷମ ହୋଇଛନ୍ତି। ସେ ରାଉଣ୍ଡ-୧ରେ ୧୨.୮୬, ରାଉଣ୍ଡ-୩ରେ ୧୪.୩୩ ଓ କ୍ୱାର୍ଟର ଫାଇନାଲରେ ୧୧.୫୦ ପଏଣ୍ଟ ପାଇଛନ୍ତି। ସେ ରାଉଣ୍ଡ-୩ରେ ପାଇଥିବା ସ୍କୋର କୌଣସି ଭାରତୀୟ ସର୍ଫରଙ୍କ କ୍ଷେତ୍ରରେ ଏହି ପ୍ରତିଯୋଗିତାରେ ସର୍ବାଧିକ। କିଶୋରଙ୍କ ବ୍ୟତୀତ ଭାରତର ହରିଶ ମୁଥୁ ପୁରୁଷ ଓପନ ବିଭାଗର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର କଡ଼ା ସଂଘର୍ଷ ସତ୍ତ୍ୱେ ସେ ଅଳ୍ପକେ ସେମିଫାଇନାଲ ପ୍ରବେଶରୁ ବଞ୍ଚିତ ହୋଇଥିଲେ। ଏସିଆର ଶ୍ରେଷ୍ଠ ସର୍ଫରଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାର ଥିଲେ ମଧ୍ୟ ସେମିଫାଇନାଲରେ ସେ ଭଲ ପ୍ରଦର୍ଶନ କରିବାନେଇ ଆଶାବାଦୀ ଅଛନ୍ତି ବୋଲି କିଶୋର ପ୍ରକାଶ କରିଛନ୍ତି। ଭାରତୀୟ ଦଳର ମୁଖ୍ୟ କୋଚ୍ ସମାଇ ରେବୋଲ ମଧ୍ୟ କିଶୋରଙ୍କ ଉପରେ ଦୃଢ଼ ଆସ୍ଥା ସ୍ଥାପନ କରିଛନ୍ତି।


ଏସିଆନ ସର୍ଫିଙ୍ଗ୍ ଚାମ୍ପିୟନଶିପ୍‌ରେ କୌଶଳ ପ୍ରଦର୍ଶନ କରୁଛନ୍ତି ଭାରତର କିଶୋର କୁମାର।

# କାଜଲଙ୍କୁ ସ୍ୱର୍ଣ୍ଣ

ଅମନ (ଜୋର୍ଡାନ), ୨୩।୮ (ପି.ଟି.): ଏଠାରେ ଅନୁଷ୍ଠିତ ୧୭ ବର୍ଷରୁ କମ୍ ବିଶ୍ୱ ରେସଲିଂ ଚାମ୍ପିୟନଶିପ୍‌ରେ ଭାରତର କାଜଲ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୬୯ କେଜି ଓଜନ ବର୍ଗରେ ସେ ୟୁକ୍ରେନର ଓଲେକସାଣ୍ଡ୍ରା ରିବକ୍‌ଙ୍କୁ ୯-୨ରେ ପରାସ୍ତ କରିଛନ୍ତି। ପ୍ରତିଯୋଗିତାରେ ଭାରତୀୟ ମହିଳାମାନେ ୫ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୩ ବ୍ରୋଞ୍ଜ ସହ ୮ ପଦକ ପାଇଛନ୍ତି। କାଜଲଙ୍କ ବ୍ୟତୀତ ଅଦିତି କୁମାରୀ (୪୩ କେଜି), ନେହା (୫୭ କେଜି), ପୁଲକିତ (୬୫ କେଜି) ଓ ମାନ୍‌ସି ଲାଥର (୭୩ କେଜି) ନିଜ ନିଜ ବର୍ଗରେ ଟାଇଟଲ ଜିତିଛନ୍ତି।

# ଭାରତ ଏ' ବୋଲରଙ୍କ ଦୃଢ଼ ପ୍ରତ୍ୟାବର୍ତ୍ତନ

ଗୋଲ୍ଡ କୋଷ୍ଟ, ୨୩।୮ (ପି.ଟି.)

ଏଠାରେ ଚାଲିଥିବା ଏକମାତ୍ର ଅନ୍‌ଅଫିସିଆଲ ମହିଳା କ୍ରିକେଟ ଟେଷ୍ଟ ମ୍ୟାଚରେ ଭାରତ 'ଏ' ଦଳର ବୋଲରମାନଙ୍କ ଦୃଢ଼ ପ୍ରତ୍ୟାବର୍ତ୍ତନ ସତ୍ତ୍ୱେ ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ 'ଏ' ଦଳ ଓଭର ଅଲ ୧୯୨ରନ ଅଗ୍ରଣୀ ଲାଭ କରିପାରିଛି। ଘରୋଇ ଦଳର ପ୍ରଥମ ଇନିଂସ ସ୍କୋର ୨୧୨ ରନ୍ ଜବାବରେ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୨ଉଇକେଟ ବିନିମୟରେ ୧୦୦ ରନ କରିଥିବା ଭାରତ ଏ' କେଟ୍ ପିଟରସନ (୧୨-୫-୧୬-୫)ଙ୍କ ପ୍ରଭାବୀ ବୋଲିଂ ଯୋଗୁ ଶୁକ୍ରବାର ୧୮୪ ରନରେ ଅଲଆଉଟ ହୋଇଯାଇଥିଲା। ଜବାବରେ ପ୍ରଥମ ଇନିଂସରେ ୨୮ ରନରେ ଅଗ୍ରଣୀ ଲାଭ କରିଥିବା ଅଷ୍ଟ୍ରେଲିଆ 'ଏ' ଏହାର ଦ୍ୱିତୀୟ ଇନିଂସରେ ୭ ଉଇକେଟ ବିନିମୟରେ ୧୬୪ରନ କରିଛି। ଉଇକେଟକିପର ମ୍ୟାଡି ଡ୍ରେକ୍ ୫୪ ରନ କରି ଅପରାଜିତ ରହିଥିଲେ।

# କିପ୍‌ଗେନ୍‌ଙ୍କ ଗୋଲରେ ଭାରତ ସେମିରେ


ଗୋଲ ଦେବାପରେ ସାଥୀ ଖେଳାଳିଙ୍କ ସହ ଖୁସି ମନାଉଛନ୍ତି ମନଗ୍ଲେନଥାଙ୍ଗ କିପଗେନ୍ (ଡାହାଣ)।

## ୨୦ ବର୍ଷରୁ କମ୍ ସାଫ୍ ଫୁଟବଲ

କାଠମାଣ୍ଡୁ, ୨୩।୮

ଭାରତ ୨୦ ବର୍ଷରୁ କମ୍ ସାଫ୍ ଫୁଟବଲ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ନେପାଳର ଲଳିତପୁରସ୍ଥିତ ଏଏନ୍‌ଏଫ୍‌ଏ କମ୍ପ୍ଲେକ୍ସରେ ଶୁକ୍ରବାର ଅନୁଷ୍ଠିତ ଗ୍ରୁପ୍ 'ବି'ର ଅନ୍ତିମ ମ୍ୟାଚ୍‌ରେ ଭାରତ ୧-୦ ଗୋଲରେ ମାଲଦିଭ୍ସକୁ ପରାସ୍ତ କରିଛି। ନିର୍ଦ୍ଧାରିତ ୯୦ ମିନିଟ୍ ଏବଂ ଇଞ୍ଜୁରି ଟାଇମ୍‌ର ୪ ମିନିଟ୍ ପର୍ଯ୍ୟନ୍ତ ଖେଳ ଗୋଲଶୂନ୍ୟ ରହିଥିଲା। ତେବେ ୯୫ତମ ମିନିଟ୍‌ରେ ମନଗ୍ଲେନଥାଙ୍ଗ କିପଗେନ୍ ଏକ ଗୋଲ ସ୍କୋର କରି ଭାରତକୁ ରୋମାଞ୍ଚକ ବିଜୟ ପ୍ରଦାନ କରିଥିଲେ। ଗତ ସୋମବାର ପ୍ରଥମ ମ୍ୟାଚରେ ଭୁଟାନକୁ ୧-୦ ଗୋଲରେ ହରାଇଥିବା ଭାରତ ମାଲଦିଭ୍ସକୁ ପରାସ୍ତ କରିବା ଦ୍ୱାରା ଗ୍ରୁପ୍ 'ବି'ରେ ଶୀର୍ଷସ୍ଥାନ ଅଧିକାର କରିଛି। ଆସନ୍ତା ସୋମବାର ହେବାକୁଥିବା ସେମିଫାଇନାଲରେ ଭାରତ ଗ୍ରୁପ୍ 'ଏ' ରନରଅପ୍ ବାଂଲାଦେଶକୁ ଭେଟିବ।

ଗତବର୍ଷ ୧୯ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍‌ର ପାକିସ୍ତାନ ବିପକ୍ଷ ଫାଇନାଲରେ ୨ଟି ଗୋଲଦେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା କିପଗେନ ଏଠାରେ ଦ୍ୱିତୀୟାର୍ଦ୍ଧରେ ଜଣେ ବଦଳ ଖେଳାଳିଭାବେ ପଡ଼ିଆକୁ ଆସିଥିଲେ। ସାଥୀ ଖେଳାଳିଙ୍କ ସହ ଉତ୍ତମ ସମନ୍ୱୟ ରକ୍ଷା କରି ସେ ୯୫ତମ ମିନିଟରେ ୨୫ ଗଜ ଦୂରରୁ ବାମ ପାଦରେ ଶଟ୍ ମାରି ଗୋଲ ସ୍କୋର କରିବାରେ ସକ୍ଷମ ହୋଇଥିଲେ। ପୁରା ମ୍ୟାଚରେ ଚମତ୍କାର ସେଭ୍‌କରି ୯୦ ମିନିଟ୍ ମଧ୍ୟରେ ଭାରତୀୟ ଖେଳାଳିଙ୍କ ଦ୍ୱାରା ହୋଇଥିବା ଏକାଧିକ ଆକ୍ରମଣାତ୍ମକ ଉଦ୍ୟମକୁ ପଣ୍ଡ କରିଥିବା ମାଲଦିଭ୍ସ ଗୋଲକିପର ମହମଦ ୟାମିନଙ୍କ ନିକଟରେ କିନ୍ତୁ କିପ୍‌ଗେନ୍‌ଙ୍କ ଶଟ୍‌ର କୌଣସି ଜବାବ ନ ଥିଲା।

# ଆକାଶ-ରାକେଶ ଫାଇନାଲ

## ଅଲ୍ ଓଡ଼ିଶା ଓପନ ସ୍ନୁକର

ଭୁବନେଶ୍ୱର, ୨୩।୮ (ତପନ ସ୍ୱାଇଁ)

ସ୍ଥାନୀୟ ଭିନ୍‌ଟେଜ୍ କ୍ଲବ ପରିସରରେ ଚାଲିଥିବା 'ଗ୍ରୀନ୍ ବାଇଜେ କ୍ଲାସିକ୍' ଅଲ୍ ଓଡ଼ିଶା ସ୍ନୁକର ଚାମ୍ପିୟନଶିପ୍‌ର ସେମିଫାଇନାଲ ପର୍ଯ୍ୟାୟ ଶୁକ୍ରବାର ଶେଷ ହୋଇଛି। ଏଥିରେ ବିଜୟୀ ହୋଇ ଆକାଶ ମହାପାତ୍ର ଓ ରାକେଶ ରୋଶନ ପ୍ରଧାନ ଫାଇନାଲରେ ପ୍ରବେଶ କରିଛନ୍ତି। ୨ଟି ଯାକ ସେମିଫାଇନାଲ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମ ସେମିରେ ଆକାଶ ୫-୩ ଫ୍ରେମ୍‌ରେ ନିଶାନ୍ତ ବିଶ୍ୱାଳକୁ ପରାସ୍ତ କରିଛନ୍ତି। ଆକାଶ ହେଉଛନ୍ତି, ୨୦୧୮ ରାଜ୍ୟ ସିନିୟର ସ୍ନୁକର ଚାମ୍ପିୟନ। ସେହିପରି ଦ୍ୱିତୀୟ ସେମିରେ ରାକେଶ ୫-୪ରେ ସିଦ୍ଧାର୍ଥ ସେନ୍‌ଙ୍କୁ ହରାଇ ଦେଇଛନ୍ତି। ସ୍ଥିତି ଏକଦା ୪-୪ରେ ରହିବା ପରେ ଅନ୍ତିମ ଫ୍ରେମ୍ ଜିତି ବାଜି ମାରିଥିଲେ ରାକେଶ। ଆକାଶ ଓ ରାକେଶଙ୍କ ମଧ୍ୟରେ ଫାଇନାଲ ଶନିବାର ଅନୁଷ୍ଠିତ ହେବ।


ରାକେଶ ରୋଶନ ପ୍ରଧାନ ଓ ଆକାଶ ମହାପାତ୍ର।

# ବାଂଲାଦେଶ ୩୧୬/୫

ରାୱଲପିଣ୍ଡି, ୨୩।୮: ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟର ତୃତୀୟ ଦିବସ ଖେଳ ଶୁକ୍ରବାର ଶେଷ ହୋଇଛି। ଷ୍ଟମ୍ପ ପ୍ରତ୍ୟାହୃତ ବେଳକୁ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୫ ଉଇକେଟ ହରାଇ ୩୧୬ ରନ କରିଛି। ପାକିସ୍ତାନ ଏହାର ପ୍ରଥମ ଇନିଂସକୁ ୪୪୮/୬ରେ ଘୋଷଣା କରିଥିଲା। ତେଣୁ ବାଂଲାଦେଶ ଏବେ ମଧ୍ୟ ପାକିସ୍ତାନ ପ୍ରଥମ ଇନିଂସଠାରୁ ୧୩୨ ରନ ପଛରେ ରହିଛି। ବାଂଲାଦେଶ ଓପନର ଶଦମାନ ଇସଲାମ ଶତକର ନିକଟତର ହୋଇଥିଲେ ୯୩ ରନ କରି ଆଉଟ ହୋଇଥିଲେ। ମୁଶଫିକର ରହିମ ୫୫ ଓ ଲିଟନ ଦାସ ୫୨ ରନକରି ଅପରାଜିତ ରହିଥିବାବେଳେ ମୋମିନୁଲ ହକ୍ ୫୦ ରନ କରିଥିଲେ।

# ଟେଷ୍ଟ କ୍ରିକେଟ ପାଇଁ ଆଇସିସିର ପାଣ୍ଠି ଯୋଜନା

ସିଡ୍‌ନୀ, ୨୩।୮ (ପି.ଟି.)

ଆଜିକାଲି ପ୍ରତିଭାସମ୍ପନ୍ନ କ୍ରିକେଟରମାନେ ଟେଷ୍ଟ କ୍ରିକେଟ ଛାଡ଼ି ଲୋଭନୀୟ ଟି୨୦ ଫ୍ରାଞ୍ଚାଇଜ ଲିଗ୍ ପ୍ରତି ଟାଣି ହୋଇଯାଉଛନ୍ତି, ଯାହାକି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପାଇଁ ଏହା ବଡ଼ ଚିନ୍ତାର କାରଣ ହୋଇଛି। ଟେଷ୍ଟ କ୍ରିକେଟ କିପରି ବଞ୍ଚାଇ ରଖାଯାଇପାରିବ ସେ ନେଇ ଆଇସିସି ପକ୍ଷରୁ ଏକ ଯୋଜନା ପ୍ରସ୍ତୁତ କରାଯାଇଛି। ଏଥିଲାଗି ଅତିକମ୍‌ରେ ୧୫ ନିୟୁତ ଡଲାରର ଏକ ପାଣ୍ଠି ସୃଷ୍ଟି କରାଯିବ। କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ତରଫରୁ ପ୍ରଥମେ ଏହି ପ୍ରସ୍ତାବ ଅଣାଯାଇଥିବା ବେଳେ ପରବର୍ତ୍ତୀ ଆଇସିସି ଚେୟାରମ୍ୟାନ ପଦବୀ ପାଇଁ ଦୌଡ଼ରେ ସର୍ବାଗ୍ରେ ରହିଥିବା ବିସିସିଆଇ ସମ୍ପାଦକ ଜୟ ଶାହା ଏବଂ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି)ର ଏହି ପ୍ରସ୍ତାବ ପ୍ରତି ସମର୍ଥନ ରହିଥିବା ଏକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ଟେଷ୍ଟ ଖେଳାଳିଙ୍କ ସର୍ବନିମ୍ନ ପାଉଣାରେ ବୃଦ୍ଧି ଏବଂ ବିଦେଶ ଟୁର୍‌ରେ ଯିବା ଲାଗି ଦଳର ଯାତାୟାତ ଖର୍ଚ୍ଚ ଏହି ପାଣ୍ଠିରୁ ଯୋଗାଇ ଦିଆଯିବ। ବିଶେଷ କରି ଆର୍ଥିକ ସଙ୍କଟ ଦେଇ ଗତିକରୁଥିବା ୱେଷ୍ଟଇଣ୍ଡିଜ ଭଳି ଜାତୀୟ କ୍ରିକେଟ ବୋର୍ଡଗୁଡ଼ିକ ସେମାନଙ୍କ ପ୍ରତିଭାସମ୍ପନ୍ନ ଖେଳାଳିମାନଙ୍କୁ ଧରି ରଖିପାରୁ ନାହାନ୍ତି। କାରଣ ଏହାର ଖେଳାଳିମାନଙ୍କୁ ଫ୍ରାଞ୍ଚାଇଜ କ୍ରିକେଟରେ ଅଧିକ ପରିମାଣରେ ପାଉଣା ମିଳୁଛି। ରିପୋର୍ଟ ଅନୁସାରେ ସମସ୍ତ ଟେଷ୍ଟ ଖେଳାଳିଙ୍କ ଲାଗି ସର୍ବନିମ୍ନ ପାଉଣା ୧୦,୦୦୦ ଆମେରିକୀୟ ଡଲାର ରହିବ। ଆର୍ଥିକ ସଂଘର୍ଷ କରୁଥିବା ଦେଶଗୁଡ଼ିକୁ ବିଦେଶ ଟୁର୍ ପାଇଁ ଖର୍ଚ୍ଚ ପ୍ରଦାନ କରାଯିବ। ପ୍ରସ୍ତାବିତ ପାଣ୍ଠିରୁ ୩ ଧନଶାଳୀ କ୍ରିକେଟ ବୋର୍ଡ ଭାରତ, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଉପକୃତ ହୋଇ ନ ପାରନ୍ତି କାରଣ ସେମାନେ ସେମାନଙ୍କ ଖେଳାଳିମାନଙ୍କୁ ଉନ୍ନତ ବେତନ ଦେଉଛନ୍ତି। ତେବେ ବ୍ରଡକାଷ୍ଟର ଷ୍ଟାର ସହିତ ଚାଲିଥିବା ବିବାଦର ସମାଧାନ ଉପରେ ଟେଷ୍ଟ କ୍ରିକେଟ ପାଇଁ ପାଣ୍ଠି ପରିମାଣ ନିର୍ଭର କରୁଛି। ଷ୍ଟାର ନେଟ୍‌ୱର୍କ ୨୦୨୨ରେ କରିଥିବା ପ୍ରସାରଣ ଚୁକ୍ତିର ପୁନଃ ବୁଝାମଣା କରିବାକୁ ଚାହୁଁଛି। ଅର୍ଥାତ୍ ଏହାର ମୂଳ ମୂଲ୍ୟକୁ ୩ ବିଲିୟନ ଡଲାରର ଅଧାକୁ ହ୍ରାସ କରିବାକୁ ଚାହୁଁଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଇତିମଧ୍ୟରେ ଭାରତର ପୁରୁଷ ଟେଷ୍ଟ କ୍ରିକେଟରଙ୍କ ଲାଗି ପ୍ରୋତ୍ସାହନମୂଳକ ସ୍କିମ୍ ଲାଗୁ କରିସାରିଛି। ଏହି ନୂଆ ସ୍କିମ୍ ଅନୁସାରେ ଜଣେ ଖେଳାଳି ଯଦି ଅକ୍ଟୋବରରୁ ସେପ୍ଟେମ୍ବର ଏହାର ବାର୍ଷିକ ସାଇକେଲ (ଚକ୍ର)ରେ ଭାରତ ତରଫରୁ ୭୫ ପ୍ରତିଶତ ଟେଷ୍ଟ ମ୍ୟାଚ ଖେଳେ ତେବେ ସମ୍ପୃକ୍ତ ଖେଳାଳି ମ୍ୟାଚ ପିଛା ୪୫ ଲକ୍ଷ ଟଙ୍କା ସହ ଟେଷ୍ଟ ମ୍ୟାଚ ଫି' ବାବଦରେ ୧୫ ଲକ୍ଷ ଟଙ୍କା ପାଇବେ। ଯେଉଁ ଖେଳାଳି ୫୦ରୁ ୭୫ ପ୍ରତିଶତ ମ୍ୟାଚ ଖେଳିବେ ସେମାନେ ମ୍ୟାଚ ପିଛା ୩୦ଲକ୍ଷ ଟଙ୍କା ଲେଖାଏ ବୋନସ ପାଇବେ। ଯଦି ଅଣଖେଳାଳି ସଦସ୍ୟ ଦଳ ପାଇଁ ମନୋନୀତ ହୁଅନ୍ତି ତେବେ ଧାର୍ଯ୍ୟ ପାଉଣାର ଅଧା ପାଇବେ।


କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଥିବା ରାଜ୍ୟ ସବ୍‌ଜୁନିୟର ବାସ୍କେଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଖେଳାଳିମାନେ। (ଫଟୋ: ରାଜକିଶୋର ମହାନ୍ତି)




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ